ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar




ରାତିରେ ଦିନ ଦେଖିଲା ପାକିସ୍ତାନ | ୬



କାନ୍ସରେ 'ଲାପାତା ଲେଡିଜ' ଫେମ୍‌ଙ୍କ ମକଦାର ପ୍ରଦର୍ଶନ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୬ | Vol. 22 No-46 | 17 MAY 2025 SATURDAY, BHUBANESWAR | ଶନିବାର, ୧୭ ମଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଜ୍ଞାନପୀଠ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି




ନୂଆଦିଲ୍ଲୀ, ୧୬।୫: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନୂଆଦିଲ୍ଲୀରେ ସଂସ୍କୃତ ପଣ୍ଡିତ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ୨୦୨୩ ବର୍ଷ ପାଇଁ ୫୮ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରିଛନ୍ତି। ୨୦୨୩ ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇବାପାଇଁ ରାମଭଦ୍ରାଚାର୍ଯ୍ୟ ଏବଂ ବିଶିଷ୍ଟ ଉର୍ଦ୍ଦୁକବି ତଥା ଗୀତିକାର ଗୁଲଜାରଙ୍କୁ ମନୋନୀତ କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ବିଶିଷ୍ଟ ବ୍ୟକ୍ତିଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଛି।

### ଦୋକାନୀ, ଗ୍ରାହକଙ୍କୁ ଗୁଳିମାଡ଼

ବଣାଇଁ, ୧୬।୫(ଭାସ୍କର ନ୍ୟୁଜ): ଶୁକ୍ରବାର ସନ୍ଧ୍ୟାରେ ଚାନ୍ଦିପୋଷ ଥାନା ତାମଡ଼ାରେ ଉଭୟ ଦୋକାନୀ ଓ ଗ୍ରାହକଙ୍କୁ ଗୁଳିମାଡ଼ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ତେବେ ଗୁଳିକାଣ୍ଡର କାରଣ ସ୍ପଷ୍ଟ ହୋଇପାରି ନାହିଁ। ପୋଲିସ ତଦନ୍ତ ଆରମ୍ଭ କରିଛି।

## ପୁଣି ଫେରିଲା କୋଭିଡ-୧୯ ମହାମାରୀ

# ଚିନ୍ତା ବଢାଉଛି ନୂଆ ଲହର



- ପୁଣି ଆତଙ୍କିତ କଲାଣି ମହାମାରୀ କୋଭିଡ
- ଏସିଆ ମହାଦେଶରେ ନୂଆ ଲହରୀ
- ହଂକଂରେ କୋଭିଡ ସଂକ୍ରମଣ ବହୁ ଅଧିକ
- ଅନ୍ୟ କିଛି ଏସୀୟ ଦେଶରେ ମଧ୍ୟ ସଂକ୍ରମଣ ବୃଦ୍ଧି
- ସଚେତନ ରହିବାକୁ ଭାରତକୁ ପରାମର୍ଶ

ନୂଆଦିଲ୍ଲୀ, ୧୬।୫: ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ମହାମାରୀ ପୁଣିଥରେ ଏସିଆ ମହାଦେଶକୁ ଲେଉଟିଛି। ହଂକଂ ଓ ସିଙ୍ଗାପୁର ଭଳି ଦେଶମାନଙ୍କରେ କୋଭିଡ-୧୯ ମାମଲାରେ ଅଚାନକ ବୃଦ୍ଧି ଘଟିଛି। ଫଳରେ ସ୍ୱାସ୍ଥ୍ୟ ଏଜେନ୍ସିମାନେ ସତର୍କ ହେବା ସହ ସଚେତନ ହୋଇଯାଇଛନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହ ସମ୍ଭବତଃ ନୂଆ ଲହରର ଚେତାବନୀ ହୋଇପାରେ। ଏ ନେଇ ବିଶେଷଜ୍ଞମାନେ ମଧ୍ୟ ଭାରତକୁ ସତର୍କ କରାଇ ଦେଇଛନ୍ତି। ହଂକଂ ସ୍ୱାସ୍ଥ୍ୟ ସଂରକ୍ଷଣ କେନ୍ଦ୍ରର ସଂକ୍ରାମକ ରୋଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ସହରରେ କୋଭିଡ ସଂକ୍ରମଣ ସ୍ତରରେ ଦ୍ରୁତ ବୃଦ୍ଧି ଘଟୁଛି। ପଜିଟିଭିଟି ହାର ବର୍ଷକ ମଧ୍ୟରେ ଉଚ୍ଚତମ ସ୍ତରକୁ ପହଞ୍ଚିଯାଇଛି ଓ ଜଟିଳ ମାମଲା ସହିତ ମୃତ୍ୟୁହାର ମଧ୍ୟ ବୃଦ୍ଧି ପାଇଛି। ଗତ ୩ ତାରିଖରେ ସମାପ୍ତ ସପ୍ତାହରେ ୩୧ଟି ମାମଲା ସାମ୍ନାକୁ ଆସିଥିଲା, ଯାହା ଗତମାସ ତୁଳନାରେ ସର୍ବାଧିକ ରହିଥିଲା। ସ୍ୱାସ୍ଥ୍ୟ ବିଭାଗ ଏହାକୁ ସତର୍କତା ସଂକେତ ବୋଲି ମନେ କରୁଛନ୍ତି। କରୋନାର ବଢୁଥିବା ସଂକ୍ରମଣ ମାମଲାର ପ୍ରଭାବ ସାଂସ୍କୃତିକ ଆୟୋଜନ ଉପରେ ମଧ୍ୟ ଦେଖା ଦେଲାଣି। ସେହିପରି ସିଙ୍ଗାପୁର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚଳିତମାସରେ ପ୍ରଥମଥର ସଂକ୍ରମଣ ନେଇ ରିପୋର୍ଟ ଜାରି କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୩ ତାରିଖରେ ସମାପ୍ତ ସପ୍ତାହରେ କୋଭିଡ ମାମଲାରେ ୨୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ଫଳରେ ସେଠାରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୧୪,୨୦୦ରେ ପହଞ୍ଚିଛି। ଏହାଛଡ଼ା ହସ୍ପିଟାଲଗୁଡ଼ିକରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟାରେ ୩୦ ପ୍ରତିଶତ ବୃଦ୍ଧି ଘଟିଛି। ତେବେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହା ପୂର୍ବ ଭାରିଏଣ୍ଟ ଅପେକ୍ଷା ଅଧିକ ବିପଜ୍ଜନକ ନୁହେଁ। ସାଧାରଣତଃ ନିଃଶ୍ୱାସପ୍ରଶ୍ୱାସ ସମ୍ବନ୍ଧିତ ସଂକ୍ରମଣ ଥଣ୍ଡା ଋତୁରେ ଅଧିକ ବ୍ୟାପିଥାଏ। ହେଲେ ଏଥର ବିପରୀତ ଘଟଣା ଦେଖାଦେଇଛି। ଗ୍ରୀଷ୍ମଋତୁ ପ୍ରାରମ୍ଭରେ କୋଭିଡ ସଂକ୍ରମଣ ବଢିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ଏହି ସଂକେତ ଦେଉଛି ଯେ କରୋନା ଋତୁକାଳୀନ ପ୍ରଭାବରୁ ମୁକ୍ତ ହୋଇ ବର୍ଷତମାମ ସକ୍ରିୟ ରହିବାର କ୍ଷମତା ହାସ କରିସାରିଛି। ତେବେ ଭାରତରେ ଏବେ କରୋନା ସଂକ୍ରମଣ ନେଇ କୌଣସି ସୂଚନା ମିଳିନାହିଁ । କିନ୍ତୁ ସତର୍କ ରହିବା ପାଇଁ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ଯେହେତୁ ପଡ଼ୋଶୀ ଦେଶରେ ଭୂତାଣୁ ସଂକ୍ରମଣ ଚିନ୍ତାଜନକ ସ୍ଥିତିରେ ରହିଛି, ତେଣୁ ଏଥିପାଇଁ ସତର୍କତା ଅବଲମ୍ୱନ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ମହାମାରୀ ସମୟରେ ସାରା ବିଶ୍ୱ ଆତଙ୍କିତ ହୋଇପଡ଼ିଥିଲା। ସେଥିରୁ ଭାରତ ମଧ୍ୟ ବାଦ୍ ପଡ଼ିନଥିଲା। ବହୁଲୋକ ମୃତ୍ୟୁବରଣ କରିବା ସହ ଅନେକ ଲୋକ ଚିକିତ୍ସିତ ହୋଇ ଘରକୁ ମଧ୍ୟ ଫେରିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ମାଗଣାରେ କରୋନା ଟିକା ଯୋଗାଇ ଦିଆଯାଇଥିଲା।

## କାଳ ସାଜିଲା କାଳବୈଶାଖୀ

# ବଜ୍ରାଘାତ ନେଲା ୧୩ ଜୀବନ



ଭୁବନେଶ୍ୱର, ୧୬।୫(ଭାସ୍କର ନ୍ୟୁଜ): କାଳ ସାଜିଲା କାଳବୈଶାଖୀ। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଘଟି ୧୩ଜଣଙ୍କର ମୃତ୍ୟୁ ଘଟିଛି। ୬ ଜଣ ଗୁରୁତର ଆହତ ହୋଇଛନ୍ତି। କୋରାପୁଟରେ ୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଗଞ୍ଜାମରେ ୨, ଗଜପତିରେ ଜଣେ ଓ ଢେଙ୍କାନାଳରେ ୨ଜଣ, ସୋରରେ ଜଣେ ଏବଂ ଯାଜପୁରରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। କୋରାପୁଟ ଜିଲ୍ଲା ଓଡ଼ିଆପେଣ୍ଠ ପଞ୍ଚାୟତ ପର୍ଡିଗୁଡ଼ା ଗାଁରେ ବିଲରେ କାମ କରୁଥିବାବେଳେ ହଠାତ୍ ବଜ୍ରପାତ ହେବାରୁ ଜେଜେମା, ନାତୁଣୀଙ୍କ ସହ ଅନ୍ୟ ଜଣକର ମୃତ୍ୟୁ ଘଟିଛି। ଏଥିରେ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ସୂଚନା ଦିଆଯାଇଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ସେହିପରି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବେଲଗୁଣ୍ଠା କେବିରିବରପୁର ଗାଁରେ ବଜ୍ରପାତ ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେହିପରି ପୋଲସରା କବିସୂର୍ଯ୍ୟନଗର କେ.ବରିଡ଼ା ଗାଁରେ ଜଣେ ନାବାଳକର ବଜ୍ରପାତରେ ମୃତ୍ୟୁ ହୋଇଛି। ଗଜପତି ଜିଲ୍ଲା ମୋହନା ଆର.ଉଦୟଗିରି କାନକଟା ଗାଁରେ ବଜ୍ରପାତରେ • ପୃଷ୍ଠା ୫ ଦେଖନ୍ତୁ

## ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି

# ଜିରୋ କାଜୁଆଲିଟିକୁ ଗୁରୁତ୍ୱ

ଭୁବନେଶ୍ୱର, ୧୬।୫(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ତେବେ ଏଥିରେ ବଲାଙ୍ଗୀର ଜିଲ୍ଲାରେ ଜଣକର ସମ୍ଭାବ୍ୟ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟ ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି। କିନ୍ତୁ ଅନ୍ୟ କୌଣସି ଜିଲ୍ଲାରୁ ମୃତ୍ୟୁଜନିତ ରିପୋର୍ଟ ଆସିନଥିବା ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ରାଜ୍ୟ ସରକାର ଜିରୋ କାଜୁଆଲିଟି ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଗ୍ରୀଷ୍ମପ୍ରବାହରେ ବିଗତ ବର୍ଷମାନଙ୍କରେ ମୃତ୍ୟୁସଂଖ୍ୟା ଅଧିକ ରହୁଥିଲା। ଝାରସୁଗୁଡ଼ା ଜିଲ୍ଲାରେ କେବଳ ୨୬ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଚଳିତବର୍ଷ ସେହି ଜିଲ୍ଲାରୁ କୌଣସି ମୃତ୍ୟୁ ରିପୋର୍ଟ ମିଳିନାହିଁ । ଏସଓପିର ସଠିକ ପାଳନ ଓ ସଚେତନତା କାରଣରୁ କୌଣସି ଅଘଟଣ ଘଟିନଥିବା ସୂଚନା ଦେଇ ଶ୍ରୀ ପୂଜାରୀ କହିଥିଲେ ଯେ ଗ୍ରୀଷ୍ମପ୍ରବାହ ପାଇଁ ପ୍ରାକ୍ ପ୍ରସ୍ତୁତି ରାଜ୍ୟ ସରକାର ଶେଷ କରିଛନ୍ତି।




ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ୨୦୨୫ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜିଲ୍ଲାର ଟପ୍ପରମାନଙ୍କୁ ଶ୍ରୀବଳଦେବଜୀଉଙ୍କ ଯାତ୍ରୀ ନିବାସରେ ସମ୍ବର୍ଦ୍ଧିତ କରାଯାଇଛି । ସଂଘ ସଭାପତି ଶରତ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ପହଲଗ୍ରାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ବ୍ୟକ୍ତିବିଶେଷ ଓ ଅପରେସନ ସିନ୍ଦୁରର ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାରେ ଏ-ୱାନ୍ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଜିଲ୍ଲାର ୪୨ ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ଜିଲ୍ଲା ଟପ୍ପର ଶୁଭମଜ୍ୟୋତି ରାଉତ, ସୌମ୍ୟା ରାଉତରାୟ, ସୁସ୍ମିତା ସାହୁ, ସ୍ୱାତୀଲଗ୍ନା ସାହୁ, ରାକେଶ ମଲ୍ଲିକ, ଅନନ୍ୟା ପାତ୍ର, ଦେବେନ୍ଦ୍ର ପାତ୍ର, ଭାଗ୍ୟଲକ୍ଷ୍ମୀ ସାହୁ, ଦିବ୍ୟସ୍ମିତା ସାହୁ, ଶ୍ରଦ୍ଧା ପ୍ରିୟଦର୍ଶିନୀ, ଅମିତ ମଲ୍ଲ, ଦିବ୍ୟସାଇ ପରିଜା, ସ୍ୱାତୀ ନାୟକ, ସ୍ମୃତି ରଞ୍ଜନ ଲେଙ୍କା, କାଜଲ ତ୍ରିପାଠୀ, ସାୟମ ପ୍ରୀତିପର୍ଣ୍ଣା, ଦିବ୍ୟରଞ୍ଜନ ରାଉତ, ରୁଦ୍ରମାଧବ ଶତପଥୀ, ବୈଭବ ବେହୁରା, ଯୋଗେଶ କୁମାର ସ୍ୱାଇଁ, ନିତିଶ ପରିଡ଼ା, ଗାୟତ୍ରୀ ବେହେରା, ସଞ୍ଜନା ସାହୁ, ଆଦିତ୍ୟ ଶଙ୍କର ବାରିକ, ସାଇ ଚନ୍ଦନ ଜେନା, ମନସ୍ୱିନୀ ନାୟକ, ସୁଦର୍ଶନ ପରିଡ଼ା, ଶୁଭଙ୍କର ମନ୍ତ୍ରୀ, ପ୍ରୀତିସନ୍ଧ୍ୟା ସାହୁ, ଆଦିତ୍ୟ ନାରାୟଣ ରାଉତ, ସୁଭାଷିନୀ ଲେଙ୍କା, ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ । ସମ୍ବର୍ଦ୍ଧନା ସଭାରେ ମହାସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଡ଼ିଆରି, ଉପସଭାପତି ଡା. ଚୈତନ୍ୟ ଚରଣ ପରିଡ଼ା, ସମ୍ପାଦକ ସୁମନ୍ତ ରାଉତ, ସଂଯୋଜକ ଚନ୍ଦନ ପରିଡ଼ା, ନଗର ସଭାପତି ସଂଗ୍ରାମ କୁମାର ଜେନା, ଭାଗିରଥୀ ଜେନା ଓ ଗଙ୍ଗାଧର ପରିଡ଼ା, ତରୁଣ ରଞ୍ଜନ ପ୍ରଧାନ, ରଶ୍ମୀରଞ୍ଜନ ରାଉତ, ଦିଲିପ୍ କୁମାର ରାଉତ, ଦୁର୍ଯ୍ୟୋଧନ ମଲ୍ଲିକ, ନରୋତ୍ତମ ପରିଡ଼ା, ରାଜକିଶୋର ମହାନ୍ତି, ଚିତ୍ତରଞ୍ଜନ ବଳ, ରଞ୍ଜନ କୁମାର ନାୟକ, ପିତବାସ ବେହେରା, ଧ୍ରୁବ କିଶୋର ନାୟକ, କଳ୍ପନା ଲେଙ୍କା, ସୁରେନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ତେଲକୋଇ ଅଞ୍ଚଳରେ ପୂର୍ତ୍ତ ବିଭାଗ ରାସ୍ତା ଖଣ୍ଡିଆ

- କେଉଁଠି ଆରମ୍ଭ ହୋଇନି ତ, କେଉଁଠି ଅଧା
- ଲୋକେ ଭୋଗୁଛନ୍ତି ଯମ ଯନ୍ତ୍ରଣା
- ଆଖି ବୁଜିଦେଇଛନ୍ତି ନେତା ଓ ଅଧିକାରୀ



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ବିମଳା-କାଳିଆ ହାତ ପୂର୍ତ୍ତ ବିଭାଗ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ଉକ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଓ ଭୂମି ପୂଜା ସରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଉକ୍ତ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଦୀର୍ଘ ୬ ମାସ ହେବ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାପଡ଼ିଛି । ମାତ୍ର ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ତେଲକୋଇ - କାଞ୍ଜିପାଣି, ତେଲକୋଇ - କୁତ୍ତଳା ଓ ତେଲକୋଇରୁ ବିମଳାକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତା ଦୀର୍ଘ ଦିନ ହେବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡ଼ି ରହିଛି । ଯାହାକି ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦାୟିତ୍ୱ ହୀନତା ଓ ଉଦାସୀନତାକୁ ପଦାରେ ପକାଇଛି । ତେଲକୋଇ ବଜାର ଅଞ୍ଚଳ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାବେଳେ ଡ୍ରେନେଜ ବ୍ୟବସ୍ଥା ସୁଗମ ନଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ନାଳ ଓ ପୋଖରୀର ଭ୍ରମ ସୃଷ୍ଟି କରୁଛି । ବ୍ୟାପକ କର୍ଦ୍ଦମ ପାଣି ରାସ୍ତାରେ ଯାଉଥିବାରୁ ଲୋକେ ଯିବା ଆସିବାରେ ବହୁ ସମସ୍ୟା ଭୋଗୁଛନ୍ତି । ଏଭଳି ନିକଟରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ତେଲକୋଇ ଗସ୍ତରେ ଆସିଥିବାବେଳେ ଲୋକେ ରାସ୍ତା ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମନ୍ତ୍ରୀ ସ୍ଥାନୀୟ ବିଧାୟକଙ୍କୁ ରାସ୍ତା ସମସ୍ୟା ତୁରନ୍ତ ଦୂର କରିବା ପାଇଁ ତାଗିଦ୍ କରିଥିଲେ । ତେବେ ତେଲକୋଇ ମୁଖ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକ ଅବହେଳିତ ହୋଇ ପଡ଼ି ରହିଥିବା ବେଳେ ଗ୍ରାମାଞ୍ଚଳରେ ରାସ୍ତା ସମସ୍ୟା କିଭଳି ଥିବ ଏଥିରୁ ସ୍ପଷ୍ଟ ଅନୁମେୟ ବୋଲି ଅଭିଯୋଗ ହୋଇଛି । ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଯୋଗାଯୋଗ କରୁଥିବା ଚାରି ପଟେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଥିବାରୁ ଯାତାୟତରେ ଜନସାଧାରଣ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏକ ଗୋଷ୍ଠୀ ସଂପୃକ୍ତ ଠିକା ସଂସ୍ଥା ମାନଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିବାରୁ ରାସ୍ତା ନିର୍ମାଣ ଆଗଉ ନଥିବା ଅଭିଯୋଗ ହୋଇଛି । ନେତାଙ୍କ ଛତ୍ରଛାୟାରେ ରହି ଠିକା ସଂସ୍ଥା ଲୋକଙ୍କ ସ୍ୱାର୍ଥକୁ ଦଳି ମକଚି ନିଜ ମର୍ଜିରେ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ରାଜନୈତିକ ଦଳ ଓ ପୂର୍ତ୍ତ ବିଭାଗର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ରାସ୍ତାର ଏପରି ଅବସ୍ଥା ହୋଇଛି ।ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ହୋଲି ଜେଶସ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ): ବଡଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ଧାନମଣ୍ଡଳ ସ୍ଥିତ ହୋଲି ଜେଶସ ପବ୍ଲିକ ସ୍କୁଲ ଚଳିତ ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଚଳିତ ବର୍ଷ ଦଶମ ଶ୍ରେଣୀରେ ୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଅମିତା ପି ସେଠୀ ୯୪ଶତକଡା ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ବୈଭବ ବିଶ୍ୱାଳ ୯୨ଶତକଡା ଓ ଶୁଭମ ପାତ୍ର ୯୨ଶତକଡା ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଅନ୍ୟ ଛାତ୍ର ଛାତ୍ରୀମାନେ ୮୦ରୁ ୯୦ଶତକଡା ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା କାମିନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। ଜଣେ ୬୦ ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ହଠାତ ହସ୍ପିଟାଲ ପରିସରକୁ ପ୍ରବେଶ କରିଥିଲେ ଆଉ ନିକଟରେ ଥିବା କର୍ମଚାରୀଙ୍କୁ ଡାକିଥିଲେ ଓ କହିଥିଲେ ମୋ ଦେହ କେମିତି ହେଇଯାଉଛି। ଉପସ୍ଥିତ ଡାକ୍ତରଙ୍କ ପରାମର୍ଶରେ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ନେବାକୁ ବନ୍ଦୋବସ୍ତ କରିବା ପରେ ସେଇଠି ହଠାତ ବ୍ୟକ୍ତି ଜଣଙ୍କ ଟଳି ପଡିଥିଲେ। ଯାହାକୁ ନେଇ ସେଠାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ହସ୍ପିଟାଲ ତରଫରୁ କାକଟପୁର ପୋଲିସକୁ ଡକାଯିବା ପରେ ଘଟଣା ସ୍ଥଳରେ ପୋଲିସ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ବ୍ୟକ୍ତିଙ୍କର ଠିକଣା ସମ୍ପୂର୍ଣ୍ଣ କେହି ଜାଣିନଥିବା ବେଳେ ବ୍ୟକ୍ତି ଜଣଙ୍କ ଲୁଙ୍ଗି ପିନ୍ଧିଥିଲେ । ତାଙ୍କ ବେକରେ ଅନେକ ମାଳି ପଡିଥିଲା, ଅନୁମାନ କରାଯାଉଛି କୌଣସି ବାବାଜୀ ବେଶରେ ବାହାରୁ ଭିକ୍ଷା ବୃତ୍ତି ନିମନ୍ତେ ଆସିଥାଇପାରନ୍ତି। ଏହି ଘଟଣା ଉପରେ ବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ କରିବାକୁ କାର୍ଯ୍ୟରେ ଥିବା ଡାକ୍ତର ପ୍ରିୟବ୍ରତ ସାହୁ ପୋଲିସକୁ ସୁପାରିସ କରିଛନ୍ତି । ଅନ୍ୟ ପକ୍ଷରେ କାକଟପୁର ଥାନା ପକ୍ଷରୁ ୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି ବୋଲି ଥାନା ଆଇଆଇସି ଉମେଶ ସାହୁ ପ୍ରକାଶ କରିଛନ୍ତି ।

## ନିମାପଡା-ଗୋପ-କୋଣାର୍କ ରାସ୍ତାରୁ ହେବ ଜବରଦଖଲ ଉଚ୍ଛେଦ

### ■ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ଆରମ୍ଭ



ଗୋପ (ଭାସ୍କର ନ୍ୟୁଜ): ନିମାପଡା-କୋଣାର୍କ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଜବରଦଖଲରେ ଥିବା ସରକାରୀ ଜମି, ନୟନଜୋରି ଓ ରାସ୍ତା ଉଚ୍ଛେଦ ହେବ । ସରକାରଙ୍କ ନିର୍ଦ୍ଦେଶ ପରେ ଗୋପ ତହସିଲ ପ୍ରଶାସନ ତତ୍ପର ହୋଇ ଉଠିଛି । ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହେବା ସହ ଆଜି ବିଭିନ୍ନ ସ୍ଥାନ ମାପଚୁପ ଆରମ୍ଭ ହୋଇଛି । ରାଜସ୍ୱ ପରିଦର୍ଶକ ସୁଶାନ୍ତ କୁମାର ଧଳ, ଗୋପ ରାଜସ୍ୱ ନିରିକ୍ଷିକା ରଶ୍ମିତା ପ୍ରଧାନ, ଅମିନ ସୁଶାନ୍ତ ବେହେରା, ସୌମ୍ୟ ରଂଜନ ପ୍ରଧାନ ପ୍ରମୁଖ ଗୋପ-କୋଣାର୍କ ରାସ୍ତାର ବିଭିନ୍ନ ସ୍ଥାନ ମାପଚୁପ କରିଥିବା ବେଳେ ଖୁବ୍ ଶିଘ୍ର ନିମାପଡା-ଗୋପ-କୋଣାର୍କ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି । ବିଶେଷ କରି ପ୍ଲଟ୍ ନଂ ୨୪୫୦ ରୁ ୩୧୩୫ ପର୍ଯ୍ୟନ୍ତ ୨୪ ଗୋଟି ପ୍ଲଟ୍‌ରେ ଏହି ମାପଚୁପ ହେବା ସହ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ପୁରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରତ୍ୟହ ଏହି ରାସ୍ତା ଦେଇ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଯାତାୟତ କରିଥାନ୍ତି । ମାତ୍ର ବିଭିନ୍ନ ସ୍ଥାନ ଜବରଦଖଲ କରି ଗୋପ ବଜାରରେ ଉଠା ଦୋକାନୀ ଓ ବ୍ୟବସାୟୀ ଏବଂ କେତେକ ବ୍ୟକ୍ତି ନୟନଜୋରି ପୋତି ଘର କରିବା ସହ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ କରି ରଖିଥିବାରୁ ସର୍ବଦା ରାସ୍ତା ଜାମ୍ ହେବା ସହ ବିଭିନ୍ନ ସମସ୍ୟା ଉପୁଜୁଛି। ଏପରିକି ଘଣ୍ଟାଘଣ୍ଟା ଧରି ପର୍ଯ୍ୟଟକଙ୍କ ଗାଡି ଅଟକି ରହିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏନେଇ ପୂର୍ବ ସରକାରଙ୍କ ଠାରୁ ଆରମ୍ଭ କରି ନୂଆ ବିଜେପି ସରକାର ଏବଂ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ବିଭିନ୍ନ ଦପ୍ତରରେ ଅଭିଯୋଗ ହେବା ପରେ ସରକାରଙ୍କ ନିଦ ଭାଙ୍ଗିଛି। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରକିୟା ଆରମ୍ଭ ହୋଇଛି ।

## ଫୁଲନଖରା -ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଜବରଦଖଲ ଯୋଗୁ ଘଟୁଛି ଦୁର୍ଘଟଣା



ନିଆଳି (ଭାସ୍କର ନ୍ୟୁଜ): ନିଆଳି ଫୁଲନଖରା ୬୦ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରାଯାଉଥିବାବେଳେ ଏହି ଦୋକାନ ଗୃହ ଗୁଡିକ ଯୋଗୁ ରାସ୍ତା ଅବରୋଧ ହେଉଛି। ଏଥିସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଗୋଡି, ରଡ, ଟାଇଲ, ଗଦା କରି ବିକ୍ରିକରୁଥିବା ବେଳେ ରାସ୍ତା ଅବରୋଧ ହେଉଛି। ସେହିପରି ବଡ଼ବଡ଼ ଦୋକାନମାନଙ୍କର ଚୋକଡ, ଆଲୁ, ସିମେଣ୍ଟ, ଟାଇଲ ଭଳି ଛ'ଚକିଆରୁ ଅଠରଚକିଆ ପର୍ଯ୍ୟନ୍ତ ଗାଡିରେ ଅଣାଯାଉଥିବାରୁ ଏହାକୁ ଖାଲିକରିବା ନିମନ୍ତେ ରାସ୍ତା ଅବରୋଧ କରାଯାଉଛି। ଯାହା ପାଇଁ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାରେ ପନିମାଳ ଛକରୁ ସାଳେଇ ଛକ ପର୍ଯ୍ୟନ୍ତ ଆଠରୁ ଊର୍ଦ୍ଧ୍ୱ କଲ୍ୟାଣ ମଣ୍ଡପ ଥିବାରୁ ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଉଥିବାରୁ ଶତାଧିକ ଗାଡି ରାସ୍ତା ଉପରେ ରଖାଯାଇଥାଏ। ଯାହାଫଳରେ ଦୁର୍ଘଟଣା ଘଟୁଛି। ଏହିଭଳି ସଳେଇ ଛକରେ ରାସ୍ତା ଉପରେ ରଡ, ଗୋଡି, ଗଦା ଯାଇ ରାସ୍ତା ଅବରୋଧ କରାଯାଇଥିବାରୁ ମିନିଟ୍ରକ ଓଆର୍୦୫ ଡି୩୧୨୯ କୁ ଅନ୍ୟ ଏକ ବଡ ଟ୍ରକଟି ଧକ୍କା ଦେଇଥିଲା। ଗାଡ଼ିରେ ଥିବା ହେଲ୍ପର ପଦ ଭୋଇ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଥିବାବେଳେ ଅଳ୍ପକେ ଡ୍ରାଇଭର ବର୍ଞ୍ଚିଯାଇଛି। ଜବରଦଖଲ ଯୋଗୁ ଏହିଭଳି ଦୁର୍ଘଟଣା ଘଟୁଥିବା ଜବରଦଖଲକାରୀ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଉଚ୍ଛେଦ ହଟେଇବାକୁ ଦାବିହେଉଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଓ ବିଗ୍ରହ ପ୍ରତିଷ୍ଠା

ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିଆଳ ପଞ୍ଚାୟତର ଶାଳିଅଞ୍ଜ ଗ୍ରାମରେ ଏକାଦଶତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀ ହନୁମାନ ଜୀଉଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଧାତ୍ମିକ ବାତାବରଣରେ କଳସ ଶୋଭାଯାତ୍ରା ତ୍ରିଦିନାତ୍ମକ ଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ପ୍ରତ୍ୟେହ ସାମୂହିକ ପ୍ରସାଦ ସେବନ ସହିତ ଗ୍ରୀଷ୍ମ ପ୍ରବାହ ନିମନ୍ତେ ପାନୀୟ ଜଳ ବଣ୍ଟନ କରାଯାଇଥିଲା । ଯଜ୍ଞକର୍ତ୍ତା ଜିତେନ୍ଦ୍ର ସାମଲ ସପତ୍ନୀ ଅନ୍ନପୂର୍ଣ୍ଣା ନିଷ୍ଠାର ସହିତ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ ।

## ବୀର ସୈନିକଙ୍କ 'ପରାକ୍ରମ' ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା




ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ): ପହଲଗାମ୍‌ରେ ନିରୀହ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିଲେ ଆତଙ୍କବାଦୀ। ସେହି ଆତଙ୍କିଙ୍କ ଆତ୍ମାକୁ ପୋଛି ଦେବାପାଇଁ ବଡ ଧରଣର ଆକ୍ରମଣ କରିଥିଲା ଭାରତ । 'ଅପରେସନ ସିନ୍ଦୂର' ନାଁରେ ମାପିଚୁପି କେବଳ ଆତଙ୍କ ବାଦୀଙ୍କ ଗୁପ୍ତ ଠିକଣା ଉପରେ ମିଜାଇଲ ମାଡ କରିଥିଲା ଭାରତୀୟ ସେନା । ଭରତୀୟ ସେନାଙ୍କ 'ପରାକ୍ରମକୁ' ସମ୍ମାନ ଜଣାଇ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହରରେ ତ୍ରିରଙ୍ଗା ମୋଟର ସାଇକେଲ ରାଲି ବାହାରିଥିଲା । ସ୍ଥାନୀୟ ପ୍ରଶାସନ ତରଫରୁ ଆୟୋଜିତ 'ପରାକ୍ରମ ଶୋଭା ଯାତ୍ରା ରାଲି'କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପିଙ୍କି ବେହେରା ଓ ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇ ରାଲିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ତହସିଲଦାର ବିନୋଦ କୁମାର ବେହେରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ଏସଡ଼ିପିଓ ଡ଼.ଦୀପକ କୁମାର ମିଶ୍ର, ଏବିଡିଓ ନିରାକାର ଜେନା, ଥାନା ଅଧିକାରୀ ରାଜେଶ କୁମାର ନାୟକ, ବ୍ଲକ ଏଇଇ ସରୋଜ କୁମାର ସାବତ, ସହକାରୀ ଯନ୍ତ୍ରୀ ନାଗଭୂଷଣ ଯାଦବ, ଜିଲ୍ଲାପରିଷଦ ସଦସ୍ୟ ଭଜମନ ବେହେରା, ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, କାଉନସିଲର ଭାସ୍କର ବେହେରା, ସରପଞ୍ଚ ଭାସ୍କର ଦୋରା, ସମିତି ସଭ୍ୟ ଆଭା ପରିଡ଼ାଙ୍କ ସହ ସମସ୍ତ ସରପଞ୍ଚ ସମିତି ସଭ୍ୟ ୱାର୍ଡ ସଭ୍ୟ, କାଉନସିଲର ବୃନ୍ଦ ବରିଷ୍ଠ ବିଜେପି ନେତା ଗଣ, ଯୁବ, ଛାତ୍ର, ତହସିଲ,ବ୍ଲକ ଓ ଏନ୍‌ଏସି ଅଫିସ ମାନଙ୍କର ସମସ୍ତ କର୍ମଚାରୀ ଶହ ଶହ ବାଇକ ଧରି ଶୋଭା ଯାତ୍ରାରେ ଯୋଗ ଦେଇଥିଲେ । ହାତରେ ଜାତୀୟ ତ୍ରିରଙ୍ଗା ପତାକା ଧରି ଯବାନ ମାନଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇ ଆଛୁଲି, କୁମାରୀ, କଲେଜ ଛକ, କାଳୀ ମନ୍ଦିର ଛକ, ସ୍ୱପ୍ନେଶ୍ୱର୍ ମନ୍ଦିର ଛକ, ଗଡସାହି ଛକ ଦେଇ ମୁଖ୍ୟ ସଡ଼କ ପଥରେ ପାଣ୍ଡିଆ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ମୀନକେତନ ବେହେରା, ବିଏସଏସଓ କାହ୍ନୁ ଚରଣ ସୋରେନ୍, ଏନ୍‌ଏସି ସାନିଟେସନ ଅଧିକାରୀ ସତିଶ ପାଣିଗ୍ରାହୀ, ମୁଖ୍ୟ କିରାଣି ରାକେଶ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ପିପିଲିରେ ଲଜ୍ଜ୍ୟା | ନାବାଳିକା ଝିଆରୀକୁ ଦୁଷ୍କର୍ମ କଲା ସଂପର୍କୀୟ ଦାଦା



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ପିପିଲି ଥାନା ଅଂଚଳରେ ଗୋଟିକ ପରେ ଗୋଟିଏ ନାବାଳିକା ଦୁଷ୍କର୍ମର ଶୀକାର ହେଉଥିବା ବେଳେ ସଂପର୍କୀୟ ଦାଦା ଜଣେ ୧୬ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବା ଘଟଣାକୁ ନେଇ ଅଭିଯୁକ୍ତକୁ ପୋଲିସ ଉଠାଇ ଆଣି ପଚରା ଉଚରା କରିଛି । ବେଳକୁ ବେଳ ଏପରି ଘଟୁଥିବା ବେଳେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୀଡ଼ିତାଙ୍କ ପରିବାର ଦାବି କରାଯାଉଛି । ଗତ ଦୁଇମାସ ମଧ୍ୟରେ ଚାରିଥର ଦୁଷ୍କର୍ମ ମାମଲା ପିପିଲି ଅଂଚଳରେ ହୋଇଥିବା ଜଣାପଡ଼ିଛି । ନାବାଳିକାଙ୍କ ଅଶ୍ଳୀଳ ଫଟୋ ଉଠାଇ ଭାଇରାଲ କରି ଦେବା ପାଇଁ ସଂପର୍କୀୟ ଦାଦା ଧମକ ଦେଇଥିବା ଘଟଣାକୁ ନେଇ ପୋଲିସ ବିଭିନ୍ନ ଦିଗ ଉପରୁ ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ପିପିଲି ଥାନା ସାତଶଙ୍ଖ ଅଂଚଳରେ ଏକ ଲଜ୍ଜ୍ୟାକର ଘଟଣା ଘଟି ଯାଇଛି । ସଂପର୍କୀୟ ଦାଦା ପୀଡ଼ିତା ନାବାଳିକାଙ୍କ ଘରକୁ ଯିବା ଆସିବା କରିବା ଭିତରେ ନାବାଳିକା ଘରେ ବସି ଟିଭି ଦେଖନ୍ତି । ଏହି ଦୁଷ୍କର୍ମକାରୀ ଯୁବକ ଜଣକ ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇଟି ସନ୍ତାନ ରହିଛନ୍ତି। ନାବାଳିକା ଘରେ କେହି ନଥିବାର ସୁଯୋଗ ନେଇ ଦୁଷ୍କର୍ମ କରିବା ସହ ମୋବାଇଲରେ ରେକର୍ଡ଼ କରି ଭାଇରାଲ୍ କରି ଦେବା ଧମକ ଦେଇ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲା । ପୀଡ଼ିତାଙ୍କ ଭାଉଜ ନାବାଳିକାଙ୍କୁ ପଚାରିବାରୁ ନାବାଳିକା ଭୟରେ ଥରିଥିଲେ । ଭାଉଜ ସାହସ ଦେବାରୁ ସମସ୍ତ ଘଟଣା କହିଥିଲେ । ଏ ସଂପର୍କରେ ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ କରିବା ପରେ ପିପିଲି ଥାନାଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଉକ୍ତ ଗାଁକୁ ଯାଇ ଅଭିଯୁକ୍ତକୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରା ଉଚରା କରୁଛନ୍ତି । ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫାରେ ମାମଲା ରୁଜୁ କରିଛି । ପୀଡ଼ିତା ଓ ଦୁଷ୍କର୍ମକାରୀକୁ ଡାକ୍ତରୀ ମାଇନା କରାଯାଇଛି । ପୀଡ଼ିତାଙ୍କ ବୟସ ୧୬ ବର୍ଷ ହୋଇଥିବା ବେଳେ ଦୁଷ୍କର୍ମକାରୀର ବୟସ ୩୨ ବର୍ଷ । ପୋଲିସ ଅଭିଯୁକ୍ତକୁ ପୁରୀ ସ୍ପେଶାଲ କୋର୍ଟରେ ହାଜର କରାଇଥିବା ଜଣାପଡ଼ିଛି ।

## ପ୍ରୟାତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ବୁଧପୁର ଗ୍ରାମର ଯୁବ ସମାଜସେବୀ ମଧୁସୂଦନ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଦୋଳସାହି ସ୍ଥିତ ଯୋଗୀ ଋଷି ଲଛମନ ଦାସ ଶିଶୁ ଆଶ୍ରମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିଶୁ ଆଶ୍ରମର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ପତିଙ୍କ ପୌରୋହିତ୍ୟ ଓ କିରଣ ବେହେରାଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରତିକାନ୍ତ ନାୟକ, ଓମ୍‌ପ୍ରକାଶ ନାୟକ, ଜଗନ୍ନାଥ ସାହୁ, ମଧୁସୂଦନ ସେଠୀ, ମନୋଜ କୁମାର ସାହୁ, ଗୌରାଙ୍ଗ ଚନ୍ଦ୍ର ପାଟ, ରାକେଶ ପଣ୍ଡା, ରବିନାରାୟଣ କୁଣ୍ଡ, ଅମ୍ଳାନ ମିଶ୍ର, ରାଜେଶ ରାଉତ, ନିହାର ରଂଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକ ଜଣେ ଯୁବ ସମାଜସେବୀ ଭାବେ ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିବା ସହିତ ବୃକ୍ଷରୋପଣ, ସଫେଇ ସହିତ ଲୋକମାନଙ୍କର ସେବା କରିଆସୁଥିଲେ। ସେ ଜଣେ ମେଳାପୀ, ଶାନ୍ତ, ସରଳ ଓ ପରୋପକାରୀ ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ। ଶେଷରେ ଶିବ ପ୍ରସାଦ ପାଟ କୃତଜ୍ଞତା ଅର୍ପଣ କରିଥିଲେ। ଏହି ଅବସରରେ ଆଶ୍ରମର ପିଲାମାନଙ୍କୁ ବହି, ଖାତା, କଲମ, ପାଠ୍ୟପୁସ୍ତକ ଇତ୍ୟାଦି ବଣ୍ଟନ କରାଯାଇଥିବା ବେଳେ ଭଦ୍ରକ ଗାନ୍ଧି ବାଳାଶ୍ରମକୁ ଯାଇ ଅନ୍ତେବାସୀମାନଙ୍କୁ ବହି, ଖାତା, କଲମ ବଣ୍ଟନ କରିଥିଲେ।



## କାନପୁରରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ହରସିଂହପୁର ପଞ୍ଚାୟତ ଅଧୀନ କାନପୁର ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ରବିବାର ଅଙ୍କୁରାରୋପଣ, ସୋମବାର ୧୦୮ କଳସ ଶୋଭାଯାତ୍ରା, ମଙ୍ଗଳବାର ଯଜ୍ଞ କର୍ମ ଆରମ୍ଭ ସହିତ ମହାବୀରଙ୍କ ଉପଚାର ଓ ଦେବତା ଅଚଳ ପ୍ରତିଷ୍ଠା, ବୁଧବାର ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶିଳାପୂଜା, ଦେବତା ନ୍ୟାସ ପରେ ଗ୍ରାମ ପରିକ୍ରମା ଓ ଯଜ୍ଞ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରସାଦ ସେବନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବର କର୍ତ୍ତା ଭାବେ ସର୍ବେଶ୍ୱର ବେହେରା ଏବଂ ପତ୍ନୀ ମଧୁସ୍ମିତା ବେହେରା, ପଣ୍ଡିତ ସୁରେନ୍ଦ୍ର ମିଶ୍ର, ପ୍ରଶାନ୍ତ ହୋତା, ରଶ୍ମିରଂଜନ ଦାଶ, ସୁଦର୍ଶନ ପତି, ସୁଦର୍ଶନ କର, ସଂଜୟ ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ବିଚିତ୍ରାନନ୍ଦ ଦାସ, ନିରାକାର ବେହେରା, ସୁକୁମାର ପାଣିଗ୍ରାହୀ, ଧ୍ରୁବଚରଣ ପାଣିଗ୍ରାହୀ, ଅକ୍ଷୟ ବେହେରା, ଖାରବେଳ ମହାକୁଡ଼, ମନୋଜ ବେହେରା, ଈଶ୍ୱର ବେହେରା, ଭକ୍ତହରି ମହାପାତ୍ର, ନିର୍ମଳ ବେହେରା, କାଳନ୍ଦୀ ମହାକୁଡ଼, ସମୟ ବେହେରା, ତ୍ରିଲୋଚନ ପାଣିଗ୍ରାହୀ, ରବିନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଏଲିଫ୍ୟାଣ୍ଟ ଅଣ୍ଡରପାସରେ ଯାଉନାହାଁନ୍ତି ହାତୀ, ଚିନ୍ତାରେ ବନ ବିଭାଗ




କେନ୍ଦୁଝର (ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ୪୯ ଏବଂ ଜାତୀୟ ରାଜପଥ ୨୦ ରେ ଥିବା ଏଲିଫ୍ୟାଣ୍ଟ ଅଣ୍ଡରପାସରେ ହାତୀ ଯାଉନଥିବାରୁ ବନ ବିଭାଗର ଚିନ୍ତା ବଢ଼ିଛି । ଜାତୀୟ ରାଜପଥ ୨୦ ର ପିପିଳିଆ, ଘଟଗାଁ ଏବଂ ଜାତୀୟ ରାଜପଥ ୪୯ର ବେଲଦାଠାରେ ରାଜପଥ ବିଭାଗ ପକ୍ଷରୁ କୋଟି କୋଟି ବ୍ୟୟରେ ଏଲିଫ୍ୟାଣ୍ଟ ଅଣ୍ଡରପାସ ନିର୍ମାଣ କରାଯାଇଛି । ତେବେ ଏହି ଏଲିଫ୍ୟାଣ୍ଟ ଅଣ୍ଡରପାସରେ ହାତୀ ଯାଉନାହାଁନ୍ତି । ପୂର୍ବରୁ ବେଲଦା ଏଲିଫ୍ୟାଣ୍ଟ ଅଣ୍ଡରପାସରେ ବନ ବିଭାଗ ପକ୍ଷରୁ ୧୦୦ ଟି କଦଳୀ ଗଛ ଲଗାଯାଇଥିଲେ ମଧ୍ୟ ହାତୀ ଯାଉନାହାଁନ୍ତି । ଏବେ ଘଟଗାଁ ରେଞ୍ଜ ଅନ୍ତର୍ଗତ ଘଟଗାଁ ଏଲିଫ୍ୟାଣ୍ଟ ଅଣ୍ଡରପାସରେ ୧୦୦ ଟି କଦଳୀ ଗଛ ଏବଂ ଆମ୍ବଗଛ ଲଗାଯାଇଥିଲା । ଯେଉଁ ସ୍ଥାନରେ ହାତୀ ପୂର୍ବରୁ ଯାତାୟତ କରୁଥିଲେ ଏବେ ସେ ସ୍ଥାନରେ ହାତୀ ନ ଯାଇ ଅନ୍ୟ ସ୍ଥାନରେ ଯାତାୟତ କରୁଛନ୍ତି । ଗତ ୪ ବର୍ଷ ହେବ କେନ୍ଦୁଝର ବନଖଣ୍ଡରେ ଏଭଳି ଭାବେ ହାତୀପଲଙ୍କ ଯାତାୟତ ପଥ ବାରମ୍ବାର ପରିବର୍ତ୍ତନ କରିବା ଚିନ୍ତାର କାରଣ ହୋଇଛି। ହାତୀ ରହୁଥିବା ବାସସ୍ଥଳୀରେ ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ଜଳବାୟୁକୁ ପରିବର୍ତ୍ତନ ଯୋଗୁଁ ହାତୀ ଚଳାପଥ କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ରାଜପଥ ସଂପ୍ରସାରଣ, ସ୍ଲରି ପାଇପ ଲାଇନ,ଖଣି ସଂପ୍ରସାରଣ ପାଇଁ ଜଙ୍ଗଲ ଧ୍ୱଂସ,ପୋଡୁ ଚାଷ,ଜଙ୍ଗଲ ଜମି ଅଧିକାର ପାଇବା ପାଇଁ ଜଙ୍ଗଲ ଜବରଦଖଲ,ଶବ୍ଦ ପ୍ରଦୂଷଣ,ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ରାସ୍ତା, ଜଙ୍ଗଲ ଜବରଦଖଲ ଯୋଗୁଁ ଜୀବଜନ୍ତୁଙ୍କ ଆବାସସ୍ଥଳୀ ପ୍ରଭାବିତ ହୋଇଛି। ଫଳରେ ହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ଗାଁକୁ ଆସି ବ୍ୟାପକ କ୍ଷୟକ୍ଷତି କରିବା ସହ ଫସଲ ନଷ୍ଟ କରୁଛନ୍ତି। କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ଓ ୫୨୦ କୋଲିମାଟିଠାରୁ ବଡବିଲ ପର୍ଯ୍ୟନ୍ତ ରାସ୍ତାର ୩୨ ଗୋଟି ସ୍ଥାନରେ ହାତୀମାନେ ରାଜରାସ୍ତା ଅତିକ୍ରମ କରୁଥିବାରୁ ଦୁର୍ଘଟଣା ହେବା ସମ୍ଭାବନା ରହିଛି। ହାତୀମାନଙ୍କର ସୁଗମ ଗମନାଗମନ ଓ ରାସ୍ତା ଅତିକ୍ରମ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କରିଥିବା ଏଲିଫ୍ୟାଣ୍ଟ ଅଣ୍ଡର ପାସରେ ହାତୀ ଚଳାଚଳ କରୁନାହାଁନ୍ତି । ସୂଚନା ଅନୁସାରେ ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ୨୦ ର ଗୋପାଳପୁର ଫରେଷ୍ଟ ବିଟ୍ ଅଞ୍ଚଳରେ ୩ଟି ସ୍ଥାନରେ ରାଜପଥ ଉପରେ ଜଙ୍ଗଲରୁ ଗୋଟିଏ ପଟରୁ ଅନ୍ୟ ପଟକୁ ହାତୀମାନେ ରାସ୍ତା ଅତିକ୍ରମ କରିଥାନ୍ତି । ନରଣପୁର ଫରେଷ୍ଟ ବିଟ୍ ଅଞ୍ଚଳର ୫ଟି ସ୍ଥାନରେ ହାତୀ ପଲ ଜାତୀୟ ରାଜପଥ ୨୦ ଅତିକ୍ରମ କରନ୍ତି । କୋଲିମାଟି ଫରେଷ୍ଟ ବିଟ୍ ଅଞ୍ଚଳର ୨ଟି ସ୍ଥାନରେ ହାତୀ ରାସ୍ତା ଅତିକ୍ରମ କରୁଥିବାବେଳେ ପିପିଳିଆ ଫରେଷ୍ଟ ବିଟ୍ ଅଞ୍ଚଳରେ ୩ଟି ସ୍ଥାନରେ ହାତୀପଲ ଜାତୀୟ ରାଜପଥ ପାର ହୋଇ ଜଙ୍ଗଲକୁ ଚଳପ୍ରଚଳ କରନ୍ତି । ସେହିପରି ଗୁମୁରା ଫରେଷ୍ଟ ବିଟ୍ ଅଞ୍ଚଳର ୨ଟି ସ୍ଥାନରେ ହାତୀ ଜାତୀୟ ରାଜପଥ ୨୦କୁ ଅତିକ୍ରମ କରୁଥିବା ଚିହ୍ନଟ ହୋଇଛି । ବାଲିବନ୍ଧ ଫରେଷ୍ଟ ବିଟ୍ ଅଞ୍ଚଳରେ ୨ଟି ସ୍ଥାନରେ ହାତୀ ରାସ୍ତା ଅତିକ୍ରମ କରିଥାନ୍ତି । ଅନ୍ୟପକ୍ଷରେ ରିମୁଳିଠାରୁ ରଜାମୁଣ୍ଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ୫୨୦ ର ବଳିତା ଫରେଷ୍ଟ ବିଟ୍ ର ୩ଟି ଅଞ୍ଚଳରେ ହାତୀ ରାସ୍ତା ପାର ହୋଇଥାନ୍ତି । କେବଳ ସେତିକି ନୁହେଁ ବିଲେଇପଦା ସେକ୍ସନର ୯ଟି ସ୍ଥାନରେ ହାତୀମାନେ ଜାତୀୟ ରାଜପଥ ୫୨୦ କୁ ଅତିକ୍ରମଣ କରି ଅନ୍ୟ ପଟକୁ ଯିବା ଆସିବା କରୁଥିବା ଚିହ୍ନଟ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ କୋଲିମାଟି ଠାରୁ ବଡବିଲ ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୦ ଓ ୫୨୦ର ପିପିଳିଆ ଫରେଷ୍ଟ ବିଟ୍ ଅଧିନରେ ଥିବା ୨ଟି ସ୍ଥାନରେ ପ୍ରାୟ ଅଧିକାଂଶ ସମୟରେ ହାତୀମାନେ ରାସ୍ତା ଅତିକ୍ରମ କରିଥାନ୍ତି। ଉକ୍ତ ରାସ୍ତାର ଗୋପାଳପୁର ଓ ନରଣପୁର ବିଟ୍ ଅଞ୍ଚଳରେ ମଧ୍ୟ ହାତୀମାନେ ଅନେକ ସମୟରେ ରାସ୍ତା ଅତିକ୍ରମ କରିଥିବା ଦେଖାଯାଉଛି । ଉପରୋକ୍ତ ଚିହ୍ନିତ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ହାତୀମାନେ ବିଭିନ୍ନ ସମୟରେ ରାସ୍ତା ଅତିକ୍ରମ କରୁଛନ୍ତି । ଏହି ରାସ୍ତାରେ ଖଣିଜ ବୋଝେଇ ଟ୍ରକ ଚଳାଚଳ ଅନେକ ମାତ୍ରାରେ ରହିଛି । ଦିନରାତି ଟ୍ରକ ଗୁଡିକ ଚଳପ୍ରଚଳ କରୁଛି । ତେଣୁ ଜାତୀୟ ରାଜପଥ ଅତିକ୍ରମ କରୁଥିବା ହାତୀମାନଙ୍କ ଅବାଧରେ ଚଳପ୍ରଚଳରେ ସମସ୍ୟା ସୃଷ୍ଟି କରୁଛି । ହାତୀ ଚଳାଚଳ କରୁଥିବା ସ୍ଥାନରେ ଗାଡିର ବେଗ ହ୍ରାସ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ସତର୍କ ବୋର୍ଡ ମରାଯାଇଥିଲେ ମଧ୍ୟ ଏହାକୁ ଚାଳକ ମାନେ ମାନୁନାହାଁନ୍ତି । ଫଳରେ ଗାଡି ଧକ୍କାରେ ହାତୀର ମୃତ୍ୟୁ ହେଉଛି । କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ଗୋଳାବନ୍ଧ ବିଟ୍ ଅନ୍ତର୍ଗତ ଜାତୀୟ ରାଜପଥ ୪୯ କଣ୍ଟାବାହାଳ ଗ୍ରାମ ନିକଟରେ ୨୦୨୪ ମସିହା ଡିସେମ୍ବର ୨୬ ତାରିଖ ରାତି ୭ଟାରେ ଏକ ଆଇରନ ବୋଝେଇ ଟ୍ରକ ଧକ୍କାରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥ ଦେଇ ହାତୀଙ୍କ ଚଳପ୍ରଚଳ ରହିଥିଲେ ହେଁ ବନ ବିଭାଗ ପକ୍ଷରୁ ସର୍ତ୍ତକତା ମୂଳକ ପଦକ୍ଷେପ ନିଆଯାଇନଥିବାରୁ ଗାଡି ଦୁର୍ଘଟଣାରେ ହାତୀର ଅକାଳରେ ମୃତ୍ୟୁ ହୋଇଥିଲା । ହାତୀ ଅତିକ୍ରମ ସମୟରେ ବନ କର୍ମଚାରୀ ଉପସ୍ଥିତ ରହି ହାତୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନଥିବାରୁ ଦୁର୍ଘଟଣା ଘଟିଥିଲା । ୨୦୧୯ ମସିହା ଅଗଷ୍ଟ ୨୨ ତାରିଖ ରାତିରେ ଘଟଗାଁ ରେଞ୍ଜ ବାଲିଯୋଡି ଠାରେ ଜାତୀୟ ରାଜପଥ ୨୦ରେ ହାତୀପଲ ରାସ୍ତା ଅତିକ୍ରମ କରୁଥିବାବେଳେ ଗୋଟିଏ ବସ ଏବଂ ଟ୍ରକ ଧକ୍କାରେ ୩ଟି ହାତୀଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟ୍ରେନ ଧକ୍କାରେ ବହୁ ହାତୀ ମୃତ୍ୟୁବରଣ କରୁଛନ୍ତି । ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ,ରେଳ ବିଭାଗ ଏବଂ ଏନ୍‌ଏଚ୍‌ଏଆଇ ପଦକ୍ଷେପ ନେବା ଜରୁରୀ ବୋଲି ମତପ୍ରକାଶ ପାଉଛି ।

## ବିଦ୍ୟୁତ୍ ସଟ୍ ସର୍କିଟରେ ଘରପୋଡ଼ି ପାଉଁଶ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ ଅଧିନ ଗାଙ୍ଗପଡା ପଞ୍ଚାୟତର ସୋବଲା ଗାଁର ଦୈତାରୀ ଭୋଇଙ୍କ ୪ ବଖରା ଚାଳଘର ବିଦ୍ୟୁତ ସଟସର୍କିଟ ଯୋଗୁଁ ପୋଡି ପାଉଁଶ ହୋଇଯାଇଛି। ଘରେ ଧାନ ଚାଉଳ ଆସବାବପତ୍ର ଯାହା ଥିଲା ସବୁ ନିଆଁରେ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁର ଭୟାବହତା ଏତେ ପ୍ରଖର ଥିଲା ଯେ ନିଆଁ ଦାଉରୁ କିଛି ଜିନିଷପତ୍ର ଉଦ୍ଧାର କରାଯାଇପାରି ନଥିଲା। ଅପରାହ୍ନ ୧୨ଟା ସମୟରେ ବିଦ୍ୟୁତ ସଟସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। ଦୈତାରୀଙ୍କ ପତ୍ନୀ ପ୍ରମିଳା ପାଟି କରି ଡାକପକାଇବାରୁ ପାଖ ପଡୋଶୀ ମାନେ ଦୌଡି ଆସିଥିଲେ। ହେଲେ ନିଆଁର ଭୟାବହତାକୁ ଦେଖି କେହିବି ନିଆଁ ପାଖକୁ ଯାଇନଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଗାଡି ପହଞ୍ଚିବା ବେଳକୁ ଚାରି ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁଇଟି ଅଗ୍ନିଶମ ଗାଡିକୁ ନିଆଁ ଲିଭାଇବା ପାଇଁ ପ୍ରାୟ ଦୁଇଘଣ୍ଟା ସମୟ ଲାଗିଥିଲା। ନିଆଁ ସିନା ଆୟତ୍ତ ହୋଇଥିଲା ହେଲେ ସେତେବେଳକୁ ଘର ଭିତର ବାକ୍ସରେ ଥିବା ଟଙ୍କା ୧୦ ହଜାର ଟଙ୍କା, ବାସନ, ଡାଲିଚାଉଳ, ପନିପରିବା, ଲୁଗାପଟା ସହିତ ସୁନା କାନଫୁଲ, ସୁନାଶାଂଖି ଇତ୍ୟାଦି ସମସ୍ତ ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିଲା। ପାଖ ପଡୋଶୀ ପ୍ରହଲ୍ଲାଦ ରାଉତ ରଖିଥିବା ତିନି ଏକର ଜମିର ପାଳଗଦା ମଧ୍ୟ ସମ୍ପୂର୍ଣ୍ଣ ପୋଡିଯାଇଛି। ଖବରପାଇ ବିଧାୟକ ଗଣେଶ୍ୱର ବେହେରା ଓ ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର ପହଞ୍ଚି ପାଲ ଓ ସୁଖିଲା ଖାଦ୍ୟ ଦେଇଛନ୍ତି। ଦୈତାରୀଙ୍କ ପରିବାର ଏବେ ବେସାହାରା ହୋଇପଡିଛନ୍ତି। ତୁରନ୍ତ ଅନ୍ତୋଦୟ ଗୃହ ଯୋଜନାରେ ଦୈତାରୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



କଟକ(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ରଙ୍କ ସମେତ ଅନ୍ୟ ୩ ଜଣଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ପୂର୍ବରୁ ହାଇକୋର୍ଟ ରାଜା ଚକ୍ର ଓ ତାଙ୍କ ସହଯୋଗୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ । ତେବେ ହାଇକୋର୍ଟ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି । ଏହି ଘଟଣାରେ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଗନ୍ଧମାର୍ଦ୍ଦନ ଏଜେନ୍ସୀର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ, ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଗତ ଫେବୃଆରୀ ୭ରେ ଗିରଫ କରିଥିଲା । ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ରାଜା ଚକ୍ରଙ୍କ ସମେତ ଅନ୍ୟ ୫ ଜଣ ଜାମିନ ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ବିଜୁ ଜନତା ଦଳ ନେତା ରାଜା ଚକ୍ରଙ୍କ ବିରୋଧରେ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ ରହିଛି ।

## ଓଏମ୍ସିର ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ

# ଅର୍ଥନୈତିକ ଅଭିବୃଦ୍ଧିରେ ଓଏମ୍ସିର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଭାବେ ଓଡିଶା ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟ । ଦେଶର ସର୍ବମୋଟ୍ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଖଣିଜ ସମ୍ପଦ ଓଡିଶାରେ ମହଜୁଦ୍ ଅଛି । ଓଏମ୍ସି, ୭୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କେନ୍ଦ୍ରିକ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି । ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍ସିର ବଳିଷ୍ଠ ଅବଦାନ ରହିଛି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଏମ୍ସିର ୭୦ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୭୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହିତ ଓଏମ୍ସି ନିଜର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୭୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି । ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି । ଆଜି ଓଏମ୍ସି ଦେଶରେ ଖଣିଜ ଉତ୍ପାଦନ କାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି । ଓଏମ୍ସି ଓଡିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ବିକାଶର ମୂଳ ସୂତ୍ରଧର ହେଉଛନ୍ତି ଆମ ଶ୍ରମିକ ଭାଇ ଓ ଭଉଣୀ ମାନେ । ଶ୍ରମିକ ସଶକ୍ତ ହେଲେ ଓଡିଶା ସଶକ୍ତ ହେବ । ଶ୍ରମଦାନ କରି ଓଡିଶାକୁ ସଶକ୍ତ, ସମୃଦ୍ଧ କରୁଥିବାରୁ ଶ୍ରମିକ ଭାଇଭଉଣୀଙ୍କୁ ସେ ଧନ୍ୟବାଦ ଦେଇଥିଲେ । ମେସିନ୍ ସହିତ ଅଧିକ ଶ୍ରମଶକ୍ତି ନିୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଓଡିଶା ଖଣି ନିଗମର ସିଏସ୍ଆର ଭିତ୍ତିକ ପଦକ୍ଷେପ ଉପରେ ପର୍ଯ୍ୟବେଶିତ ଏକ ପତ୍ରିକା ଅତିଥି ମାନେ ଉନ୍ମୋଚନ କରିଥିଲେ । ସୂଚନା ଯୋଗ୍ୟ ଯେ, ଡୁବୁନା ଖଣିର ଲୌହ ପଥର ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନ ଏବଂ ମାଙ୍ଗାନିଜ ଉତ୍ପାଦନ କ୍ଷମତା ୦.୦୫ ନିୟୁତ ଟନ ରହିଛି । ଡୁବୁନା ଖଣିରେ ୨୫.୭୭ ନିୟୁତ ଟନ ଲୁହାପଥର ଏବଂ ୨.୬ ନିୟୁତ ଟନ ମାଙ୍ଗାନିଜ ସଂରକ୍ଷିତ ହୋଇ ରହିଛି । କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଓଡିଶାର ଶିଳ୍ପାୟନ କ୍ଷେତ୍ରକୁ ପରିବର୍ତ୍ତନ କରିବାରେ ଓଏମ୍ସିର ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ ଆଜିଠାରୁ ଓଏମ୍ସିର ୧୮ଟି ଖଣି କାର୍ଯ୍ୟକ୍ଷମ ହେଲା । ଏହା କେବଳ ଖଣିଜ ପଦାର୍ଥ ଉତ୍ପାଦନ କରୁନାହିଁ ଏହା ଏକ ଶକ୍ତିଶାଳୀ, ସ୍ୱାବଲମ୍ବୀ ଓଡିଶାର ମୂଳଦୁଆ ସ୍ଥାପନ କରୁଛି । ଓଏମ୍ସିକୁ ଆହୁରି ଚଳଚଞ୍ଚଳ କରିବା ପାଇଁ ସେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ ଯେ, ଆମର ପ୍ରାକୃତିକ ସମ୍ପଦର ସଠିକ୍ ବିନିଯୋଗ କରି ଆମେ ବର୍ତ୍ତମାନ ଏକ ଦୁର୍ବଳ ଅର୍ଥନୀତିରୁ ମଧ୍ୟବର୍ତ୍ତୀ ଅର୍ଥନୀତିକୁ ଆସି ପାରିଛୁ । ତଥାପି ଆମକୁ ନିରନ୍ତର ବିକାଶ ପ୍ରକ୍ରିୟାରେ ନୂଆ ଟେକ୍ନୋଲୋଜି ସହିତ ସାମିଲ ହେବାକୁ ପଡିବ । ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏମ୍ସିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଏମ୍ସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ନିଗମ ଅଧୀନରେ କାମ କରୁଥିବା ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶିକ୍ଷା ସହ ଦକ୍ଷତା ବିକାଶର ସମନ୍ୱୟ ଜରୁରି: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କର୍ମଶକ୍ତି ସୃଷ୍ଟି କରିବା ପାଇଁ ଶିକ୍ଷା ସହିତ ଦକ୍ଷତା ବିକାଶର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଚଳିତ ଶୁକ୍ରବାର ସ୍କିଲ ଡେଭଲପ୍ମେଣ୍ଟ ଇନ୍ଷ୍ଟିଚ୍ୟୁଟ, ଭୁବନେଶ୍ୱରଠାରେ ‘ସ୍କିଲ ଅନ୍ ହ୍ୱିଲ୍’ର ଶୁଭାରମ୍ଭ କରିବା ସହିତ ଜାତୀୟ ଦକ୍ଷତା ବିକାଶ ପରିଷଦ ସହଯୋଗରେ ସ୍ଥାପିତ ଇଂଟରନେସ୍ନାଲ ସେଣ୍ଟରର ଉଦ୍ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଉପଲକ୍ଷେ ଏସ.ଡି.ଆଇ. ପ୍ରେକ୍ଷାଳୟଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ରେ ଉଚ୍ଚ ଶିକ୍ଷା ସହିତ ଦକ୍ଷତା ବିକାଶକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି । ଆଜିର ଜଗତୀକରଣ ବିଶ୍ୱରେ ଉତ୍ପାଦକତା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି ଏବଂ ସମାଜକୁ ସଶକ୍ତ କରିବା ପାଇଁ ଦକ୍ଷତା ବିକାଶ ଅତ୍ୟନ୍ତ ଜରୁରୀ । ଦକ୍ଷତା ବିକାଶରେ ଉଦ୍ୟୋମିତା ପାଇଁ ସହଯୋଗ ଓ ସମର୍ଥନ ଅନ୍ତର୍ଭୁକ୍ତ ହେବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରି ଏହି ଅନୁଷ୍ଠାନ ବୈଷୟିକ ଦକ୍ଷତା ପାଇଁ ଶିକ୍ଷା ପ୍ରଦାନ ସହ ଦାୟିତ୍ୱବାନ ଏବଂ ଦକ୍ଷ ଯୁବପିଢ଼ୀ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ‘ବିକଶିତ ଓଡିଶା-ବିକଶିତ ଭାରତ’ ଗଠନ ପାଇଁ ଅବଦାନ ରଖିବ ବୋଲି କହିବା ସହିତ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦନା କରି ଯୁବ ବର୍ଗ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ଭରପୁର ସୁଯୋଗ ନେବା ସହିତ ବାର୍ତାବହ ହେବାକୁ ଆହ୍ୱାନ ଜଣାଇଥିଲେ । ସ୍କିଲ ଡେଭଲେପମେଣ୍ଟ ଇନ୍ଷ୍ଟିଚ୍ୟୁଟର ଅଧ୍ୟକ୍ଷା ରଶ୍ମୀ ଗୋଭିଲ ଏହି ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ସ୍କିଲ ଡେଭଲେପ୍ମେଣ୍ଟ ଇନ୍ଷ୍ଟିଚ୍ୟୁଟର କର୍ମକର୍ତ୍ତାମାନେ ପ୍ରତିଷ୍ଠାନର କାର୍ଯ୍ୟଧାରା,ପାଠ୍ୟକ୍ରମ, ଛାତ୍ରଛାତ୍ରୀ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ପରେ ରାଜ୍ୟପାଳ ପ୍ରତିଷ୍ଠାନର ପରିସର ଏବଂ ବିଭିନ୍ନ ବିଭାଗର ଲାବରାଟୋରୀ ପରିଦର୍ଶନ କରିଥିଲେ ।

## ୨୧ରେ ରାଜଭବନ ସମ୍ମୁଖରେ ବିଜେଡିର ଗଣଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଏସ୍ଇବିସି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକରେ ୧୧.୨୫ ପ୍ରତିଶତ ସିଟ ସଂରକ୍ଷଣ ବ୍ୟବସ୍ଥାର ରାଜ୍ୟ ବିଜେପି ସରକାରଙ୍କ ଘୋଷଣା ଓ ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି ରାଜ୍ୟ ସରକାରଙ୍କ ଦାବିକୁ ବିଜୁ ଜନତା ଦଳ ଏକ ଧୋକା ଓ ପ୍ରବଂଚନା ବୋଲି କହିଛି । ଏସଇବିସି ବା ଓବିସି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଘୋଷଣା କରିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଓବିସି ସେଲର ଆବାହକ ତଥା ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଉପସଭାପତି ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା, ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମା ଓ ମୁଖପାତ୍ର ପ୍ରଦୀପ ମାଝୀ ପ୍ରମୁଖ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରିବା ସହିତ ତୁରନ୍ତ ରାଜ୍ୟର ସମସ୍ତ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗ ନିମନ୍ତେ ୨୭ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରିବା ପାଇଁ ବିଜୁ ଜନତା ଦଳ ଦାବି କରୁଛି । ଏହି ଦାବିକୁ ନେଇ ଆସନ୍ତା ୨୧ରେ ରାଜଭବନ ସମ୍ମୁଖରେ ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ଗଣଧାରଣା ଦିଆଯିବ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଡ. ସାହୁ କହିଥିଲେ ।

## ୧୯ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୧୯ତାରିଖ ସୋମବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ସୋମବାର ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ କରିବା ନିମନ୍ତେ ଜନଶୁଣାଣି ୱେବ ପୋର୍ଟାଲ/ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସ୍ଲଟ ବୁକିଂ କରିବାକୁ ଅନୁରୋଧ କରାଯାଉଛି । ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକାଠାରୁ ଶନିବାର ରାତ୍ର ୧୧.୫୯ ମିନିଟ ପର୍ଯ୍ୟନ୍ତ ଜନଶୁଣାଣୀ ପୋର୍ଟାଲ janasunani.odisha.gov.inରେ ସ୍ଲଟ ବୁକିଂ କରାଯାଇପାରିବ । ଅଂଚଳବାସୀ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଅଭିଯୋଗ ଶୁଣାଣି ଶିବିରରେ ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ । ଅଭିଯୋଗକାରୀ ନିଜ ଅଭିଯୋଗଗୁଡିକ ପିକରଣ କରି ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## ଗଠନ ହେଲା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗଠନ ହେଲା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ । ଏଥିରେ ୧୬ଜଣ ସଦସ୍ୟ ରହିଛନ୍ତି । ଆସନ୍ତା ୩ବର୍ଷ ପାଇଁ ଏହି ବୋର୍ଡ କାର୍ଯ୍ୟ କରିବ ଏହାପରେ ରାଜ୍ୟ ସରକାର ପୁନର୍ବାର ଏହି ବୋର୍ଡ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିବେ । ପ୍ରତି ୩ମାସରେ ଥରେ ବୋର୍ଡର ବୈଠକ ବସିବ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଏହି ବୋର୍ଡର ଅଧ୍ୟକ୍ଷ, ସଚିବ ଉପାଧ୍ୟକ୍ଷ ଓ ନିର୍ଦ୍ଦେଶକ ଏହି ବୋର୍ଡର ସଦସ୍ୟ ସଚିବ ରହିଛନ୍ତି । ଏହାସହ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ନଗର ଉନ୍ନୟନ, ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରତିନିଧି, ତୃତୀୟଲିଙ୍ଗୀଙ୍କ ୨ଜଣ ସଦସ୍ୟ, କ୍ରମାନ୍ୱୟରେ ୩ ଜିଲ୍ଲାପାଳ ଓ ତୃତୀୟଲିଙ୍ଗୀଙ୍କ ପାଇଁ କାମ କରୁଥିବା ୨ଏନ୍ଜିଓ ପ୍ରତିନିଧି ଏହାର ସଦସ୍ୟଭାବେ ବୋର୍ଡରେ ସ୍ଥାନ ପାଇବେ ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗ ମୋର୍ଚ୍ଚାର କର୍ମକର୍ତ୍ତା, ସଦସ୍ୟ ଏବଂ ବିଭିନ୍ନ ଜାତିସଂଗଠନର ସଦସ୍ୟମାନେ ଭେଟି ଶିକ୍ଷା କ୍ଷେତ୍ରରେ ଏସ୍ଇବିସି ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ମେ ୧୪ ତାରିଖ ଦିନ ଏହି ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହା ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ଲାଗୁ ହେବ । ପୂର୍ବରୁ ଓଡ଼ିଶାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । କିନ୍ତୁ ଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରିବା ପାଇଁ ଦୀର୍ଘଦିନର ଦାବି ରହିଥିଲା । ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଏସ୍ଇବିସି ବର୍ଗର ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାକ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘ ଦିନର ଅପେକ୍ଷା ଥିଲା ତା’ର ଅନ୍ତ ଘଟିଛି । ଆଜି ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାରୁ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହିତ ଓବିସି ଛାତ୍ର ସଂଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବିଭିନ୍ନ ଜାତି ସଂଗଠନ ଯଥା- କଳିଙ୍ଗ ପାଇକ ସଂଗଠନ, ଉତ୍କଳ ବିକାଶ ପରିଷଦ, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଉତ୍କଳ ଯାଦବ ମହାସଭା, ନିଖିଳ ଉତ୍କଳ ଶୁଣ୍ଢି ସମାଜ, ନିଖିଳ ଉତ୍କଳ ବାରିକ ମହାସଂଘ, ଗଞ୍ଜାମ କାଳଞ୍ଜି ଖଣ୍ଡାୟତ ସମାଜ, ପଛୁଆ ବର୍ଗ ଜନସାମୁଖ୍ୟ, ତୈଳିକ ବୈଶ୍ୟ ମହାସଂଘ ସଦସ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ ।

# ସରିଲା ସିଡିଓ ଓ ବିଡିଓଙ୍କ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ଲୋକସେବା ଭାବନ ସମ୍ମେଳନ କକ୍ଷଠାରେ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱି-ଦିବସୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ମିଳନୀ ଶୁକ୍ରବାର ଉଦ୍ଯାପିତ ହୋଇଛି । ପ୍ରଶାସନକୁ କାର୍ଯ୍ୟାଳୟ ମଧ୍ୟରେ ସଙ୍କୁଚିତ ନ ରଖି ଜନସାଧାରଣଙ୍କ ନିକଟରେ ସମସ୍ତ ସରକାରୀ ସେବା ପହଞ୍ଚାଇବା ଓ ସେମାନଙ୍କ ସମସ୍ୟାର ସମାଧାନ କରିବା ସହ ତୃଣମୂଳସ୍ତରରୁ ଲୋକଭିମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ସମାପ୍ତ ହୋଇଛି । ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ବିଭିନ୍ନ ସମ୍ପାନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ସଙ୍କ୍ରାନ୍ତୀୟ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ସମ୍ପାନରେ ପାନୀୟଜଳ ଓ ପରିମଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଏସ୍ଆଇଆରଡିର ନିର୍ଦ୍ଦେଶକ ସୁରେନ୍ଦ୍ର ମୀନା, ଓରମାସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତୀ ସିଂହ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯେପରିକି ପାନୀୟ ଜଳ, ପରିମଳ, ଓରମାସ୍ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଭାଗ ସମନ୍ୱୟରେ ସଂଯୋଜନ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ତଥା ଆୟୁକ୍ତ ଗିରୀଶ ଏସ୍. ଏନ୍. ସମସ୍ତ ଅଧିକାରୀମାନଙ୍କୁ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ନିମନ୍ତେ ଉନ୍ନତ ଭିତିଭୂମି ସହ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଓ ପାନୀୟ ଜଳ ଭଳି ସମସ୍ତ ମୌଳିକ ସୁବିଧା କିପରି ସହଜରେ ପାଇପାରିବେ ସେଥିପ୍ରତି ଯନିବାନ ହେବା ସହ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ କରିବା ଦିଗରେ ବ୍ରତୀ ହେବା ନିମନ୍ତେ ଉତ୍ସାହିତ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ବର୍ଷାଋତୁକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଶନିବାର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ବନ୍ୟା ପ୍ରଶମନ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ବନ୍ଧୁ ଚରଣ ସାହୁ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟା ପରିସ୍ଥିତିର ମୁକାବିଲା ଦିଗରେ ମାର୍ଗଦର୍ଶନ କରିବା ସହ ବିଭିନ୍ନ ବିଭାଗ ସଜାଗ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି, ସଚେତନତା ଓ ତ୍ୱରିତ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ । ବନ୍ୟା ସମ୍ବେଦନଶୀଳ ଅଂଚଳଗୁଡିକୁ ଚିହ୍ନଟ, ରିଲିଫ ଓ ଗୋଖାଦ୍ୟ ମହଜୁଦ ରଖିବା ଏବଂ ସଠିକ ଉପାୟରେ ସଠିକ ସମୟରେ ବିତରଣ କରିବା, ଲୋକଙ୍କୁ ସଚେତନ କରିବା, ଆଶ୍ରୟସ୍ଥଳୀର ମରାମତି ଓ ଉପଲବଧତା, ବିଦ୍ୟୁତ ସେବା, ସଠିକ କ୍ଷୟକ୍ଷତି ଆକଳନ ଆଦି ସମ୍ପର୍କରେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲ୍ଲାପାଳ ଆଠଗଡ ପ୍ରହ୍ଲାଦ ନାରାୟଣ ଶର୍ମା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ଜରୁରିକାଳୀନ ସୁଜୟ କୁମାର ପତି ଆଗାମୀ ବର୍ଷାଋତୁ ପାଇଁ ଜରୁରିକାଳୀନ ବିଭାଗ ପକ୍ଷରୁ ରୋଡମ୍ୟାପ ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଇନିୟର, ଓଡ୍ରାଫ, ଏନଡିଆରଏଫ, ୱାଟକୋ, ଟାଟା ପାୱାର, ବିଏସଏନଏଲ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।


# ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ ଚାଷୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଅଦିନିଆ ବର୍ଷା ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହିତ ହେବା ପରେ ପ୍ରତିକ୍ରିୟା ରଖିଲେ ରାଜସ୍ୱ ମନ୍ତ୍ରୀ । ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ପୂର୍ବରୁ ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଥିଲେ । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇ ପାରିବେ । ଏସଡିଆରଏଫର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ଭାବେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହୋଇଛି ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଇପାରିବ । କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିଲେ ଚାଷୀଙ୍କୁ ମିଳିବ କ୍ଷତି ପୂରଣ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।




ଭୁବନେଶ୍ୱର ସହରାଞ୍ଚଳରେ ଡ୍ରେନେଜ୍ ସମସ୍ୟା ସମାଧାନ ଦିଗରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବୈଠକ ।

# ସିନ୍ଦୂର ଯାତ୍ରାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅପରେସନ ସିନ୍ଦୁରର ସଫଳତା ପାଳନ ଅବସରରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନରେ ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏକ ଅଭିନବ ସମାହାର । ଆମର ବୀର ଯବାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ । ସୂଚନାଯୋଗ୍ୟ ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ଦ୍ୱାରା ମୁଖ୍ୟତଃ ମହିଳାଙ୍କୁ ନେଇ ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗ ଦେଇଥିବା ବେଳେ ଭାରତୀୟ ନୌସେନାର ସର୍ଜେଣ୍ଟ୍ ଲେଫ୍ଟେନାଣ୍ଟ୍ କମାଣ୍ଡର, ଅନନ୍ୟା ଦଳବେହେରା ଓ ପେହେଲଗାମରେ ସହିଦ ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଅପରେସନ ସିନ୍ଦୁର ପଦଯାତ୍ରାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ନର୍ଲା ବିଧାୟିକା, ମନୋରମା ମହାନ୍ତି, ହିନ୍ଦୋଳ ବିଧାୟିକା, ସୀମା ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନରଅନୁ ଗର୍ଗ, କମିଶନର ତଥା ଶାସନ ସଚିବ, ମିଶନ ଶକ୍ତି ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ସମାଜସେବୀ ପିଙ୍କି ପ୍ରଧାନ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ଶୁକ୍ରବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାରେ ଡା. ପ୍ରଭାକର ସାହୁ, ଏଡି (ଭିବିଡି), ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁ ରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲା ତଥା ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ କରିଥିଲେ । ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଜନସାଧାରଣଙ୍କୁ ସଚେତନ କରିବାର ଉଦ୍ଦେଶ୍ୟ ନେଇ କହିଥିଲେ ଯେ, ‘ଡେଙ୍ଗୁ ଏଡିସ୍ ମଶା ଦ୍ୱାରା ବ୍ୟାପିଥାଏ ଯାହା ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ବିଭିନ୍ନ ସରକାରୀ ବିଭାଗ ଏବଂ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହିତ ରୋଗ ସଂକ୍ରମଣ ହ୍ରାସ କରାଯାଉଛି । ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ଓ ପ୍ରସାର ପାଇଁ ଆମକୁ ସମସ୍ତ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ । ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଞ୍ଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏହି ରୋଗ ନିୟନ୍ତ୍ରଣରେ ସହରାଂଚଳ ନିରୀକ୍ଷଣ ୟୁନିଟର ଭୂମିକା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଡ଼ିଏମଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁ ରୋଗୀମାନଙ୍କର କ୍ଲିନିକାଲ୍ ତଦାରଖରେ ମେଡିକାଲ୍ କଲେଜଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଂଚଳିକ କାର୍ଯ୍ୟାଳୟର ବରିଷ୍ଠ ଆଂଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଏବଂ ଆଂଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର କେନ୍ଦ୍ର ସରକାରଙ୍କ ଦ୍ୱାରା ଡେଙ୍ଗୁ ରୋଗ ସମ୍ପର୍କରେ ପ୍ରଦାନ କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର ମୋହନ ବାବର୍ତା ଏହି ସଂକ୍ରମଣ ପ୍ରବଣ ରୋଗର ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡା. ଶୁଭାଶିଷା ମହାନ୍ତି ଯୁଗ୍ମ ନିର୍ଦ୍ଦେଶକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା
# ଭାସ୍କର
## ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



### ସୁରକ୍ଷା ବାହିନୀକୁ ବଡ଼ ସଫଳତା

# ବିଲୟ ପଥରେ ବାମ ଉଗ୍ରବାଦ

ନକ୍ସଲମୁକ୍ତ ଭାରତର ସଂକଳ୍ପ କ୍ଷେତ୍ରରେ ଆମ ସୁରକ୍ଷା ବାହିନୀ ହାସଲ କରିଛନ୍ତି ଏକ ଐତିହାସିକ ସଫଳତା। ନକ୍ସଲ ବା ମାଓବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ବିରୋଧରେ ଏଯାବତ୍ ସବୁଠାରୁ ବଡ଼ ଅଭିଯାନ ଛତିଶଗଡ଼-ତେଲେଙ୍ଗାନା ସୀମାର କୁରାଗୁଟାଲୁ ଜିଲ୍ଲାରେ କରାଯାଇ ୩୧ ଜଣ କୁଖ୍ୟାତ ମାଓକ୍ୟାଡରଙ୍କୁ ନିପାତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ନିଜେ ଏକ ଟ୍ୱିଟ୍ ମାଧ୍ୟମରେ ଏହି ସୂଚନା ଦେବା ସହିତ ସୁରକ୍ଷାବାହିନୀର ଯବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଯେଉଁ ସଂକଳ୍ପ ନେଇଛନ୍ତି, ଏହି ଘଟଣା ପରେ ତାହା ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଗତ କିଛିଦିନ ଧରି ମାଓ ଅଧ୍ୟୁଷିତ ଛତିଶଗଡ଼ ଓ ଅନ୍ୟ କେତେକ ରାଜ୍ୟରେ 'ମାଓବାଦୀ ନିପାତ ଅଭିଯାନ' ଜୋରଦାର ହେବା ପରେ ସେମାନେ ଭୟଭୀତ ହୋଇପଡିଥିବା ଭଳି ମନେହେଉଛି। ସରକାରଙ୍କ ସହ ଶାନ୍ତି ଆଲୋଚନା ଓ ବୁଝାମଣା କରିବାକୁ ଏହି ଉଗ୍ରବାଦୀ ସଂଗଠନ ସମ୍ମତି ପ୍ରଦାନ କରିଛି। ସଶସ୍ତ୍ର ବିପ୍ଳବ ଓ ହିଂସାକାଣ୍ଡ ଜରିଆରେ ଶାସନ କ୍ଷମତା ଦଖଲ କରିବା ନକ୍ସଲବାଦ୍ କିମ୍ବା ମାଓବାଦ୍‌ର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ନକ୍ସଲପନ୍ଥୀମାନେ ଗତ ଅନେକ ବର୍ଷ ଧରି ଆମ ଦେଶର ବିଭିନ୍ନ ସ୍ଥାନରେ ହିଂସା, ରକ୍ତପାତ ଓ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ୧୯୬୭ ମସିହାରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ଶିଲିଗୁଡି-ଦାର୍ଜିଲିଂ ଅଞ୍ଚଳର ଏକ ଛୋଟ ଗ୍ରାମ ନକ୍ସଲବାଡିରୁ ମୁଣ୍ଡ ଟେକିଥିବା ଏହି ହିଂସାତ୍ମକ ଚାଷୀ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଦେଶର ବହୁ ରାଜ୍ୟକୁ ବ୍ୟାପି ଯାଇଥିଲା। ଗୋଟିଏ ସମୟରେ ଆମ ଦେଶର ୧୯ଟି ରାଜ୍ୟରେ ନକ୍ସଲପନ୍ଥୀ ବା ମାଓବାଦୀମାନେ ସେମାନଙ୍କର ପ୍ରଭାବ ପତିଆରା ଜାହିର କରିଥିଲେ, ଯାହା ସାମଗ୍ରିକ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବଡ଼ ଆହ୍ୱାନ ରୂପେ ଦେଖାଦେଲା। କେବଳ ସୁରକ୍ଷାକର୍ମୀ ବା ଧନୀ ଜମିଦାର୍ ସେମାନଙ୍କ ହିଂସାତ୍ମକ ଆକ୍ରମଣର ଶିକାର ହେଲେ ନାହିଁ, ଇନଫର୍ମର୍ ସନ୍ଦେହରେ ଅନେକ ନିରୀହ ନାଗରିକଙ୍କ ଜୀବନ ମଧ୍ୟ ସେମାନେ ଲୁଟି ନେଇଥିଲେ। ତେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ନକ୍ସଲ ଆନ୍ଦୋଳନ ଅନେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଛି। ଏବେ ଦେଶର ଅଳ୍ପ କେତୋଟି ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ସୀମିତ ରହିଛି, ଯାହା ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଆମ ଓଡ଼ିଶାର କିଛି ଅଞ୍ଚଳ ଅନ୍ତର୍ଭୁକ୍ତ। ଏହିସବୁ ରାଜ୍ୟ ମଧ୍ୟରୁ ଛତିଶଗଡ଼କୁ ନକ୍ସଲପନ୍ଥୀଙ୍କ ଏକ ଅଭେଦ୍ୟ ଗଡ଼ ରୂପେ ବିଚାର କରାଯାଉଛି। ଏଠାରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ବହୁ ସମୟରେ ସଂଘର୍ଷ ଓ ଗୁଳି ବିନିମୟ ହେବାର ଦେଖାଯାଇଥାଏ। ଏହି ଦୀର୍ଘକାଳୀନ ଅଭିଯାନରେ ଉଭୟ ପକ୍ଷରୁ ଅସଂଖ୍ୟ ଜୀବନହାନି ହୋଇଛି। ଏଇ କିଛିଦିନ ହେଲା ଛତିଶଗଡ଼ରେ ମାଓ ଦମନ ଅଭିଯାନ ଖୁବ୍ ଜୋରଦାର ହେବା ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ବହୁ ସଂଖ୍ୟକ ମାଓବାଦୀ ପ୍ରାଣ ହରାଇଥିବା ଖବର ହସ୍ତଗତ ହୋଇଛି। କିଛିଦିନ ତଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଏବଂ ଦାନ୍ତେୱାଡ଼ାରେ ଯବାନ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩୦ଜଣ ମାଓବାଦୀ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରୁ ୨୬ଜଣ ବିଜାପୁରରେ ଓ ୪ଜଣ ଦାନ୍ତେୱାଡାରେ ମରିଥିବା ବେଳେ ଜଣେ ଯବାନ୍ ଶହୀଦ ହୋଇଥିଲେ। ଏହି ଘଟଣା ପରେ ମାଓ ଦମନ ଅଭିଯାନକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ବସ୍ତର ଆଇ.ଜି ସୂଚନା ଦେଇଥିଲେ ଏବଂ ଏଯାବତ୍ ଏହା ଅବ୍ୟାହତ ରହିଛି। ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ନିକଟରେ ଏକ ବୟାନ ଜାରିକରି ସ୍ୱୀକାର କରିଥିଲେ ଯେ ଗତ ୧୫ମାସରେ ସେମାନଙ୍କର ୪ଶହ ସାଥୀ ନିପାତ ହୋଇଛନ୍ତି। ତେଣୁ ସରକାରଙ୍କ ଏହି ନିପାତ ଅଭିଯାନ ବନ୍ଦ ହେଲେ ଅସ୍ତ୍ରବିରତି କରିବାକୁ ସେମାନେ ସମ୍ମତ ଅଛନ୍ତି। ତାଙ୍କର ଏହି ସୂଚନା ଦେଶକୁ ମାଓମୁକ୍ତ କରିବା କ୍ଷେତ୍ରରେ କିଛିଟା ଆଶାର ଆଲୋକ ଦେଲା ଭଳି ମନେ ହେଉଛି।

# ସାନ୍ତାଳ ବଙ୍ଗାବୁରୁ ଓ ଧର୍ମବିଶ୍ୱାସ



**ଦଶରଥ ହେମ୍ବ୍ରମ୍**
ଦୁର୍ନୀତି ନିବାରଣ ଅଧିକାରୀ
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ:୯୩୩୭୪୦୪୨୫୪

ସାନ୍ତାଳମାନେ ଭାରତର ତୃତୀୟ ବୃହତ ଆଦିବାସୀ ବର୍ଗର ଜନଜାତି। ସେମାନେ ମୁଖ୍ୟତଃ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଆଦି ରାଜ୍ୟରେ ବସବାସ କରନ୍ତି। କୃଷି ତାଙ୍କର ମୁଖ୍ୟ ଜୀବିକା ଥିବାବେଳେ ଶିକାର କରିବା ଏକ ପ୍ରକାର ପରମ୍ପରା। ସେମାନେ ସଂସ୍କୃତିକୁ କେବେ ଭୁଲନ୍ତି ନାହିଁ, ତାଙ୍କର ଆତ୍ମା ସହିତ ତାହା ଜଡ଼ିତ କହିଲେ ହୁଏତ ଭୁଲ୍ ହେବନାହିଁ। ତେଣୁ ସେମାନେ ବାରମାସରେ ତେରପର୍ବକୁ ଅତି ଆନନ୍ଦ ସହକାରେ ପାଳନ କରିଥାନ୍ତି କିନ୍ତୁ କୃଷି ଭିତ୍ତିକ ପର୍ବକୁ ବେଶୀ ଗୁରୁତ୍ୱ ଦେଇଥାନ୍ତି। ସାନ୍ତାଳମାନଙ୍କ ମତରେ ପୃଥିବୀ 'ବଙ୍ଗା' (ଦେବତା) ମାନଙ୍କର ବାସସ୍ଥାନ। ସେମାନେ ବିଶ୍ୱାସ କରନ୍ତି ଯେ, ବଙ୍ଗା (ଦେବତା)ମାନେ ଆମର ପାଳନକର୍ତ୍ତା ଏବଂ ରକ୍ଷାକର୍ତ୍ତା। ବଙ୍ଗାମାନଙ୍କୁ ଯିଏ ଅବମାନନା କରେ କିମ୍ବା ତାଙ୍କ ପ୍ରତି ସମର୍ପଣ ଭାବ ନରଖିଲେ ମନୁଷ୍ୟକୁ ନାନା ଦୁଃଖ-କଷ୍ଟ ଭୋଗିବାକୁ ପଡ଼େ, ଏପରି ଧର୍ମୀୟ ବିଶ୍ୱାସ ସାନ୍ତାଳମାନଙ୍କ ଠାରେ ରହିଥିବାରୁ ଋତୁ ଅନୁସାରେ ବିଭିନ୍ନ ପ୍ରକାର ବଙ୍ଗା ପାଇଁ ସେବା ଏବଂ ପୂଜାପଦ୍ଧତି ଭିନ୍ନଭିନ୍ନ ଗ୍ରାମ୍ୟ ଅନୁଷ୍ଠାନରେ ତଥା ପାରିବାରିକ ସ୍ତରରେ ବର୍ଷସାରା ପୂଜା କରିଥାନ୍ତି।

ବଙ୍ଗାର ତାତ୍ତ୍ୱିକ ଅର୍ଥ 'ଦିଅଁଦେବତା'। ଏହା ଉଭୟ ଦେବ ଓ ଦେବୀଙ୍କୁ ବୁଝାଏ। ବଙ୍ଗାମାନଙ୍କର ଆକାର ନାହିଁ, ସେମାନେ ହେଉଛନ୍ତି ନିରାକାର। ତେଣୁ ସାନ୍ତାଳମାନେ ମୂର୍ତ୍ତିକୁ ପୂଜା ନକରି ପଥର ଓ କେତେକ ଶାଳ, ମହୁଲ, କେନ୍ଦୁ ଗଛ ମୂଳରେ ମାଟି / ପିତ୍ତଳରେ ତିଆରି ହାତୀ ଏବଂ ଘୋଡ଼ା ସ୍ଥାପିତ ହୋଇ ପୂଜା ପାଉଥିବା ସ୍ଥଳ ଆଉ କେତେକ ଅରୁଆ ଚୁନାରେ ଖଣ୍ଡ କିମ୍ବା ଝୋଟି ଉପରେ ପୂଜା କରିଥାନ୍ତି। ପ୍ରାକୃତିକ ଉପାସକ ଥିବାରୁ ସେମାନେ ନଦୀ, ଝରଣା, ଆକାଶ, ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଗୋବର ଲିପା ଚଟାଣରେ ସିନ୍ଦୂର ଟୀକା ଅର୍ପଣ କରି ଦେବତାଙ୍କୁ ସନ୍ତୁଷ୍ଟ କରିପାରିବାର ଏକ ଧର୍ମୀୟ ବିଶ୍ୱାସ ରହିଛି। ସମସ୍ତ ଦେବତାଙ୍କ ପାଇଁ ଗୋଟିଏ ଧରଣର ପୂଜା ବା ମନ୍ତ୍ରଚ୍ଚାରଣ ପ୍ରଥା ସାନ୍ତାଳମାନଙ୍କର ନାହିଁ। ଦିଅଁଦେବତା ଅନୁରୂପେ ଭିନ୍ନ ଭିନ୍ନ ହୋଇଥାଏ। ସାନ୍ତାଳମାନେ ପୂଜା କରୁଥିବା ବାଙ୍ଗାବୁରୁ ତଥା ଆତୁବଙ୍ଗା (ଗ୍ରାମ୍ୟଦେବତା), ଅଳାଃବଙ୍ଗା (ଗୃହଦେବତା), ଜମ୍ ସିମ୍‌ବଙ୍ଗା (ଗୋଷ୍ଠୀ ଦେବତା), ଶାକେତ୍/ ଓଝା ବଙ୍ଗା (ପୋଷ୍ୟଦେବତା) ତଥା ବୁରୁ ଆର ଦାଃ ବଙ୍ଗା (ବଣ ଓ ଜଳ ଦେବତା), ସୀମା ବାହେର୍ ବଙ୍ଗା (ସୀମା ବାହାର ଦେବତା), ନାଇହାର୍ ବଙ୍ଗା, କିଶାଣ୍ ବଙ୍ଗା, ଥାପନ୍ ବଙ୍ଗା (ପ୍ରେରିତ ଦେବତା) ଆଦି ପୂଜା ପାଇଥାନ୍ତି।

ସାନ୍ତାଳମାନେ କୌଣସି ପରିସ୍ଥିତିରେ ଏକାକୀ ଘରଦ୍ୱାର କରି ରହିପାରିବେ ନାହିଁ। ପରସ୍ପର ମଧ୍ୟରେ ଯୋଗସୂତ୍ର ରକ୍ଷାକରି ସାନ୍ତାଳ ଗ୍ରାମଗୁଡ଼ିକ ଏକତାରେ ବାନ୍ଧି ହେବାକୁ ପସନ୍ଦ କରନ୍ତି। ଯାହାଫଳରେ ଗ୍ରାମରେ ବସବାସ କରୁଥିବା ବ୍ୟକ୍ତି କିମ୍ବା ପରିବାରର ଅସ୍ତିତ୍ୱ ଅଲଗା ହେଲେ ମଧ୍ୟ ଗ୍ରାମ୍ୟ ବ୍ୟବସ୍ଥାନୁସାରେ ସେ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଗଣାହୁଏ। ତେଣୁ ଯେ କୌଣସି ସାମାଜିକ କାର୍ଯ୍ୟ ଅଥବା ମାଙ୍ଗଳିକ ପୂଜାପାଠ ହେଉ, ସେଥିରେ ଅଂଶଗ୍ରହଣ କରିବା ତା'ପାଇଁ ବାଧ୍ୟତାମୂଳକ ବୋଲି ସାମାଜିକ ବ୍ୟବସ୍ଥା ରହିଛି। ଗ୍ରାମ୍ୟକୁ ରୋଗବ୍ୟାଧିରୁ ରକ୍ଷା, ଫସଲ ପାଇଁ ଭଲ ବୃଷ୍ଟି, ଭଲ ଫସଲ ଅମଳ, ପଶୁ ସମ୍ପଦର ବୃଦ୍ଧି, ପୁଅ ପାଇଁ ଝିଅ ଏବଂ ଝିଅ ପାଇଁ ଭଲ ପ୍ରସ୍ତାବ ଜୁଟାଇବା ପାଇଁ ଗ୍ରାମରେ ଦେବଦେବୀଙ୍କୁ ଜାହିରାପୀଠରେ ସଂସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି। ଗ୍ରାମର ଥିବା ଜାହିରାପୀଠରେ ସଂସ୍ଥାପିତ ଗ୍ରାମମୁଖ୍ୟ ଦେବତାମାନେ ହେଲେ ଜାହେର୍ ଆୟୋ, ଲିଟା ଗଡ଼େତ୍, ମଣେକ-ତୁରୁୟକ, ଗୋସାଇଁ ଏରା, ସୀମାଶାଳେ, ଠାକୁରାଣୀଙ୍କୁ ଗ୍ରାମଦେବତା ବୋଲି ବିବେଚନା କରାଯାଏ। ଏମାନେ ଏରଃସିମ୍, ହାରିୟାଲ୍ / ଆଷାଳିୟା, ମାଗ୍‌ପୁଡ଼ି/ମାଗ୍‌ମଣେ, ଗଟ୍‌ବଙ୍ଗା, ବାହାବଙ୍ଗା, ଏଲୀନାଓ୍ୱାୟ୍ ବଙ୍ଗାରେ ପୂଜା ପାଇଥାନ୍ତି। ସେହିପରି ଅଲାଃବଙ୍ଗା କିମ୍ବା ଗୃହ ଦେବତାମାନେ ପ୍ରତି ପର୍ବପର୍ବାଣିରେ ସାନ୍ତାଳଙ୍କ ଅଭ୍ୟନ୍ତର ଗୃହରେ ପୂଜା ପାଆନ୍ତି। ଏହି ଗୃହଦେବତା ଦ୍ୱିବିଧ। ଗୋଟିଏ ଗୋତ୍ରାନୁରୂପ ଏବଂ ଅନ୍ୟଟି ପିତୃପୁରୁଷ (ହାପ୍‌ଲାମ୍)। ସେହିପରି ଜମ୍‌ସିମ୍ ବଙ୍ଗା (ତୀର୍ଥ ଦେବତା)। ଏହା ଏକ ଭିନ୍ନ ଧରଣର ପୂଜା। ସାନ୍ତାଳ ପ୍ରଥା ଅନୁସାରେ ଜୀବନ କାଳ ମଧ୍ୟରେ ଅନ୍ତତଃପକ୍ଷେ ଥରେ ଏହି ପୂଜା କରିବାର ବିଧି ରହିଛି। ଏହା ପୂଣ୍ୟ ଅର୍ଜନ ପାଇଁ ଉଦ୍ଦିଷ୍ଟ ବୋଲି ସାନ୍ତାଳମାନେ ବିଶ୍ୱାସ କରନ୍ତିଫ ସାନ୍ତାଳ ସମାଜରେ ଓଝା କିମ୍ବା ଗୁଣିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ, ଯାହାକୁ ସାକେତୟ ବଙ୍ଗା ଅଥବା ପୋଷ୍ୟ ଦେବତା ବଙ୍ଗା ବୋଲି କୁହାଯାଏ। ସେମାନେ ତାନ୍ତ୍ରିକଶକ୍ତିରେ ପାରମଗମ ରହିବା ପାଇଁ କେତୋଟି ବଙ୍ଗାକୁ ସାକେତୟ ଅଥବା ପୋଷ୍ୟ ଦେବତା କରି ରଖନ୍ତି। ସେହି ଧରଣର ବଙ୍ଗାମାନେ ହେଲେ କାମ୍‌ରୁ ଗୁରୁ, ସେର୍ମାସିଞ୍ଜ୍ ଠାକୁର୍, ନାର୍ସିଞ୍ଜ୍, କାଲୀମାଇଁ, ଦିବୀମାଇଁ ପ୍ରଭୃତି। ବୁରୁବଙ୍ଗା ଏବଂ ଦାଃବଙ୍ଗା ହେଲା ପ୍ରତିଟି ବୁରୁ (ଜଙ୍ଗଲ) ଏବଂ ଦାଃ (ପାଣି) ହେଉଛି ବଙ୍ଗାମାନଙ୍କର। ବୁରୁ କ୍ଷେତ୍ରରେ ରଙ୍ଗବୁଢ଼ୀ ହେଉଛି ସର୍ବମୟକର୍ତ୍ତ୍ରୀ। ସୀମା ବାହେର୍ ବଙ୍ଗା ଏବଂ ପ୍ରେରିତ ଦେବତା ଶ୍ରେଣୀର ବାଙ୍ଗାମାନେ ପ୍ରାୟ ମଣିଷର ଅପକାରୀ ବୋଲି ସମାଜ ବିଚାର କରିଆସୁଛି। ସୀମା ବାହେର୍ ଦେବତାମାନେ ଗ୍ରାମ ସୀମାର ବାହାରେ ତଥା ବନ୍ଧ, ପୋଖରୀ, ଗଛମୂଳ, ପାହାଡ଼ ଆଦିରେ ରହନ୍ତି। ସେହିପରି, କିଶାଣ ବଙ୍ଗାମାନଙ୍କୁ ଧାନର ଦେବତା କୁହାଯାଏ। ଏହି ଦେବତାକୁ ସେବା କରିପାରିଲେ ଲୋକେ ଧନୀ ହୋଇଯାନ୍ତି ବୋଲି ବିଶ୍ୱାସ ରହିଛି। ଏହା ବ୍ୟତୀତ ସାନ୍ତାଳମାନେ କାଳୀମାଇଁ, ଦିବୀମାଇଁ, ଗଙ୍ଗାମାଇଁ, ମାହାଦେବ ଆଦିର ମଧ୍ୟ ପୂଜକ। ଏହିସବୁ ଦେବତାମାନଙ୍କ ମଧ୍ୟରୁ ସାନ୍ତାଳମାନଙ୍କ ପାଇଁ ମାରାଂବୁରୁ ହେଉଛି ସର୍ବୋଚ୍ଚ ଦେବତା। ଜନ୍ମ, ବିବାହ ଏବଂ ମୃତ୍ୟୁବେଳେ ପୂଜା ପାଏ। ତେଣୁ ପ୍ରତିଟି ଅବସରରେ 'ହିର୍ଲା ମାରାଂବୁରୁ' କହିବା ସାନ୍ତାଳମାନେ କେବେ ଭୁଲନ୍ତି ନାହିଁ।

# ସମୟ ବନ୍ଧୁ ଓ ଶତ୍ରୁର ସ୍ତର ଦର୍ଶାଏ



**ଉଜ୍ଜଳାନନ୍ଦ ଅଜୟ କୁମାର ବେହେରା**
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

ପଞ୍ଚ ପାଣ୍ଡବ ଓ ଏକଶତ କୌରବ ଏକ ରାଜବାଟୀରେ ଜନ୍ମ। ଏମାନଙ୍କର ବାଲ୍ୟ ଓ ଶିକ୍ଷାକାଳରେ ସମମେଳ ଥିଲା କିନ୍ତୁ ସମୟ ଏମିତି ଆସିଲା ଉଭୟ ଉଭୟଙ୍କ ଇତି ଚିନ୍ତା କରି ରକ୍ତପାତର ମହାଭାରତ ଯୁଦ୍ଧ ରଚନା କରିଥିଲେ। ଦଶରଥଙ୍କ ଘରେ ବହୁଦିନ ପରେ ତିନି ରାଣୀଙ୍କର ସନ୍ତାନ ଜନ୍ମ ନେଲେ ଏପାଇଁ ବହୁ ଦୈବୀ ଆଶ୍ରିତ ବ୍ରତ ଉପବାସ ପରେ ପୁତ୍ରେଷ୍ଟି ଯଜ୍ଞରୁ ଚାରି ସନ୍ତାନ ପାଖାପାଖି ଜନ୍ମ ସବୁ ମାଆ ସବୁ ପିଲାଙ୍କୁ ସ୍ନେହ କରୁଥିଲେ। ଜ୍ୟେଷ୍ଠ କୁମାର ଶ୍ରୀରାମଙ୍କୁ ସବୁ ମାଆ ଭଲ ପାଇବା ମୂଳରୁ ଥିଲା। ସବୁ ଭାଇମାନେ ଅଭିନ୍ନ ଆତ୍ମା ପରି ଏକାଠି ଖେଳକୁଦ ପାଠପଢ଼ା ଭୋଜନ ଶୟନ ଆଦିରେ ଲିପ୍ତ ଭରତଙ୍କ ମାଆ କୈକେୟୀ କୌଶଲ୍ୟା ନନ୍ଦନ ଶ୍ରୀରାମଙ୍କୁ ତାଙ୍କ ପୁଅ ସହିତ ସମତୁଲର ଭଲ ପାଉଥିଲେ। ଶ୍ରୀରାମ କୈକେୟୀଙ୍କୁ ବିମାତା କେବେ ଭାବି ନାହାଁନ୍ତି କିନ୍ତୁ ଏମିତି ସମୟ ଆସିଲା ଶ୍ରୀରାମଙ୍କ ରାଜ୍ୟାଭିଷେକରେ କୈକେୟୀ ଖଳ ମସ୍ତିଷ୍କରେ ବିଦ୍ରୋହୀ ହେଲେ ତାଙ୍କ ପୁଅକୁ ରାଜା କରିବା ଅଭିପ୍ରାୟରେ କାମାତୁର। ଦଶରଥ କରିଥିବା ଗୁପ୍ତ ଚୁକ୍ତିକୁ ଉପସ୍ଥାପିତ କରି ଶ୍ରୀରାମଙ୍କୁ ବଣକୁ ପଠାଇଲେ। ଥିଲା କ'ଣ ହେଲା କ'ଣ ?

ସ୍ୱାର୍ଥ ବ୍ୟକ୍ତିକୁ ଅନ୍ଧ କରିଦିଏ, ମାତ୍ର ସମୟ ଏପରି ଆସେ ବନ୍ଧୁ ଚିରନ୍ତନ ରହିନପାରେ କି ଶତ୍ରୁତା କେବେ ନଥାଇ ହଠାତ୍ ଆସିଥାଏ। ଚାକିରି ଜୀବନରେ ଦରମା ପାଇଁ କି ଖୁସିରେ ସମୟ ନକଟେ। ସେତେବେଳେ ଯୁବକାଳ ପ୍ରୌଢ଼କାଳ ଚାଲୁଥାଏ ମାତ୍ର ବାର୍ଦ୍ଧକ୍ୟ ଆସିବାର ପ୍ରାକ୍ କାଳରେ ଚାକରି ଯାଏ ଲୋକର ପରାଶ୍ରୟ ସମୟକୁ ନିଜର ରୋଜଗାର ବନ୍ଦ କିଛି ସନ୍ତାନ ଗଚ୍ଛିତ ଧନ ବା ପେନସନ ମାତ୍ର ଏହା ବି ସମସ୍ତଙ୍କର ନଥାଏ। ଶ୍ରମଜୀବୀର ଶରୀର ଅବଶ, ବାଣିଜ୍ୟକାରୀର ଅଙ୍ଗ ଶୈଥିଳ ଯୋଗୁ ଧାଁ ଧଉଡ଼ ବୋଝ ବୋହିବା ଶକ୍ତି ଦୁର୍ବଳ ପର ଉପରେ ଭରସା ଅର୍ଥବେଳେ ଅନେକଙ୍କୁ ପୋଷା ଯାଇଥାଏ, ଅର୍ଥ ନଥିଲେ ବେଳେ ସ୍ୱାର୍ଥ ପୂରଣ ହେଉ ନାହିଁ ବୋଲି ଅନେକ ଦୂରେଇ ରହନ୍ତି। ବାପା ମୋର ଭାଇ ମୋର ସାଙ୍ଗ ମୋର ଅର୍ଥ ନଥିଲେ ଏକ ଅଣଦେଖା ସ୍ତର ଆସିଯାଏ। ଚାକିରି, ବଡ଼ ପଦବୀଧାରୀଙ୍କୁ କେତେ ଆଜ୍ଞା ଆପଣ ପ୍ରଣାମ ନମସ୍କାର କେତେ ପିଅନ କ୍ଲର୍କ ପିଏ ତା'ପରେ ଜୀବନରେ ଏକ କୋଣ ସମୟ ଏକୁଟିଆ ବଆଁରା। ଏସବୁ ବ୍ୟକ୍ତିର ପୂର୍ବ ପର ସମୟର ଘଟଣା। ସମସ୍ତେ ସ୍ୱାର୍ଥ ଖୋଜନ୍ତି କୃତ୍ରିମ ବନ୍ଧୁତାରେ ଆବଦ୍ଧ ରୁହନ୍ତି। ସ୍ୱାର୍ଥ ସିଦ୍ଧି ପାଇଁ ଅନେକ ଉପହାର ଉପଢ଼ୌକନ ଅଧିକାରୀ କର୍ତ୍ତାଙ୍କୁ ଭେଟି ଦିଅନ୍ତି। ପଦବୀରେ ଥିଲେ କୌଣସି ଆଦେଶ କର୍ତ୍ତା ହୋଇଥିଲେ ଏଇଟା ଆଖି ଦୃଶିଆ ଧନର ରୂପାନ୍ତର ଦ୍ରବ୍ୟ। ସତ୍ତାକୁ ଗଲେ ଜୟ ଜୟକାର ଉତ୍ତମ ଆସନ ଉଚ୍ଚ ଆସନ ମାତ୍ର ପଦବୀ ଚାଲିଗଲେ ସେହି ଲୋକ ଥିଲେ ବି ଆଡ଼ ମୁଖ ହୋଇଯାଆନ୍ତି। ସବୁ ସମୟର କରାମତି।

ଜୀବନରେ ବିବାହ ଏକ ଆନନ୍ଦ ଉତ୍ସବ ପର୍ବ। ହେଲେ ବିବାହ ସ୍ଥିତି ପୂର୍ବ ପରି ଲୋକେ ଆଉ ମନେ ରଖୁନାହାଁନ୍ତି। ବିବାହର କିଛିଦିନ ପରେ ସ୍ୱାମୀ-ସ୍ତ୍ରୀଙ୍କର ମଧ୍ୟରେ ଛେଦଭେଦ ପୂର୍ବସ୍ଥିତି ସଂକଳ୍ପ ରହୁନାହିଁ। ପୂର୍ବରେ ସ୍ୱାମୀ-ସ୍ତ୍ରୀ ସଂକଳ୍ପ ସାରା ଜୀବନ ରହିବାବେଳେ ଏବେ ବହୁତିକ୍ତରେ ଆସୁଛି। ମିଥ୍ୟା ଆଶ୍ରୟ ନଦେଲେ ଛାଡ଼ପତ୍ର ହୋଇପାରୁ ନାହିଁ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଗୁପ୍ତକଥା ବୃଥା କଥାରେ ପରସ୍ପର ଆରୋପ ମିଥ୍ୟା କଥାରେ ଛିଣ୍ଡକାଟ କରାଉଛି। ଏପରି ସମୟରେ ଅନେକ କ୍ଷେତ୍ର ଜଡ଼ିତ। ପୂର୍ବ ଶସ୍ୟ ରହିଛି ହେଲେ ପୂର୍ବ ଖାଦ୍ୟ ଧାରା ବଦଳିଛି। କିନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଦଳି ନାହିଁ କି ତାର ପ୍ରସ୍ତୁତ ମାର୍ଗ ଅବଦଳ ରହିଛି। ସମୟ ଠାକୁରଙ୍କ ପାଖରେ ହାର ମାନୁଛି ଓ ମନୁଷ୍ୟ ସମୟ ପାଖରେ ହାର ମାନୁଛି।

# ସତ ହେବ କି ମାଳିକା ବଚନ !



**ଅବନୀ ଚନ୍ଦ୍ର ଦାସ**
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

ଗତ କିଛିଦିନ ହେଲା ବିଶ୍ୱ ଜନ ସମୁଦାୟର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ନବକଳେବର ବିଗ୍ରହ ନିର୍ମାଣ ପରେ ଗଚ୍ଛିତ ଥିବା ବଳକା ଦାରୁ ଅନ୍ୟତ୍ର ବ୍ୟବହୃତ ହୋଇ ଦାରୁ ମୂର୍ତ୍ତୀ ଗଠିତ ହେବା ଏବଂ ସେହି ଦାରୁ ଦେବତା ସେଠାରେ ପୂଜା ପାଇବାକୁ ପ୍ରାଣ ପ୍ରତିଷ୍ଠା କରାଯିବା ସହିତ ଉତ୍କଳର ଶ୍ରୀକ୍ଷେତ୍ର ପୁରୀ ଧାମରୁ ଶ୍ରୀଜଗନ୍ନାଥ ମନ୍ଦିରର କେହି ସେବାୟତଙ୍କ ତତ୍ର ଯୋଗଦାନ ଏକ ବହୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟି ଯାଇଛି। ବିଶେଷତଃ ସେହି ସ୍ଥାନକୁ ଶ୍ରୀ ଜଗନ୍ନାଥ ଧାମ ନାମରେ ନାମିତ କରାଯିବା ଏକ ବିବଦମାନ ପରିସ୍ଥିତି ଉପୁଜାଇଛି। ଫଳ ସ୍ୱରୂପ ଏଥିରେ ସଂଶ୍ଳିଷ୍ଟ ଥିବା ଦୁଇ ପ୍ରମୁଖ ଚରିତ୍ରଙ୍କୁ ଅନେକ କଟୁ ମନ୍ତବ୍ୟର ଶିକାର ହେବାକୁ ପଡ଼ିଛି। ସେମାନେ ହେଲେ - ପଶ୍ଚିମ ବଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶାର ଶ୍ରୀଜଗନ୍ନାଥ ଧାମ (ପୁରୀ)ର ଅନ୍ୟତମ ଶ୍ରୀମନ୍ଦିର ସେବାୟତ ତଥା ଦଇତାପତି ନିଯୋଗର ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାଶ ମହାପାତ୍ର।

ଘଟଣାକ୍ରମଟି ଲୋକଲୋଚନକୁ ଆସିଲା ସେତେବେଳେ, ପଶ୍ଚିମବଙ୍ଗ ସରକାର (ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ)ଙ୍କ ଦ୍ୱାରା ପ୍ରଯୋଜିତ ଦୀଘା ଅଞ୍ଚଳରେ ଯେତେବେଳେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀସୁଦର୍ଶନଙ୍କ ପ୍ରସ୍ତର ମୂର୍ତ୍ତୀ ବଦଳରେ ଦାରୁ ବିଗ୍ରହ ପ୍ରତିଷ୍ଠା ପାଇଁ ଏକ ଭବ୍ୟ ଆଡ଼ମ୍ବରପୂର୍ଣ୍ଣ ଉତ୍ସବର ଆୟୋଜନ କରାଗଲା ଏବଂ ଓଡ଼ିଶାରୁ ଯାଇ ପୁରୀ ଶ୍ରୀମନ୍ଦିରର ଅନ୍ୟତମ ପ୍ରମୁଖ ସେବାୟତ ରାମକୃଷ୍ଣ ଦାଶମହାପାତ୍ର ସେହି ଦାରୁ ବିଗ୍ରହ ମାନଙ୍କର ପ୍ରାଣ ପ୍ରତିଷ୍ଠା କରିବାକୁ ସେଠାରେ ଯୋଗଦାନ ଦେଲେ।

ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଏହି ତଥ୍ୟ ପ୍ରଚାରିତ, ପ୍ରସାରିତ ହେବା ଉତ୍ତାରୁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟରେ ବାଦ ବିବାଦ ଆରମ୍ଭ ହୋଇଛି। ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଓଡ଼ିଶାବାସୀଙ୍କ ଆରାଧ ଠାକୁରଙ୍କୁ ଦାରୁ ବିଗ୍ରହ ରୂପରେ ଯେ କେହି ଯେଉଁଠାରେ ଏଠାକାର ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଉପାସନା କରିପାରିବା, ଓଡ଼ିଶାର ପୁରୀକୁ ଶ୍ରୀଜଗନ୍ନାଥ ଧାମ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ସ୍ଥାନକୁ ଏହି ନାମରେ କିମ୍ବା ଏଥିସହିତ ସାମଞ୍ଜସ୍ୟ ରଖୁଥିବା ନାମରେ ନାମିତ କରିବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ : ଏହି ପ୍ରସଙ୍ଗ ଓଡ଼ିଶାବାସୀ ତଥା ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତ, ଶ୍ରଦ୍ଧାଳୁ ମାନଙ୍କ ଭାବାବେଗକୁ ଚରମ ଆଘାତ ଦେଇଛି ବୋଲି କାଳେ ବହୁ ବିଦ୍ୱାନ, ପଣ୍ଡିତ, ବୁଦ୍ଧିଜୀବୀ, ସଂସ୍କୃତି-ଗବେଷକ ଏବଂ ଶ୍ରୀଜଗନ୍ନାଥ ଧର୍ମ ରକ୍ଷକ/ ଉପାସକମାନେ ମତ ଦେଇଛନ୍ତି। ସେସବୁ ମତାମତ ଯେଉଁ ଯୁକ୍ତି ଉପରେ ପର୍ଯ୍ୟବେଶିତ, ସେଗୁଡିକ ହେଲା- ପ୍ରସ୍ତର ନିର୍ମିତ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା ହୋଇ ପାରିବ ନାହିଁ। କେବଳ ଦାରୁମୂର୍ତ୍ତୀରେ ଶ୍ରୀ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା/ବ୍ରହ୍ମ ସ୍ଥାପନ ହେବାକଥା। ଓଡ଼ିଶାର ପୁରୀ ଶ୍ରୀକ୍ଷେତ୍ରକୁ କେବଳ ଶ୍ରୀଜଗନ୍ନାଥ ଧାମ ବୋଲି ଆଖ୍ୟାୟିତ କରାଯାଇଛି। ଅନ୍ୟ କୌଣସି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହେଲେ ତାହା ଜଗନ୍ନାଥ ଧାମ ବୋଲି ବିବେଚିତ ହୋଇପାରିବ ନାହିଁ। ମୂଳ ଶ୍ରୀଜଗନ୍ନାଥ ପୀଠର ଅର୍ଥାତ୍ ଶ୍ରୀମନ୍ଦିର ନୀତିକାନ୍ତିରେ ଅନ୍ୟତ୍ର ସେବାପୂଜା ଉପାସନା ବିଧି ପ୍ରଚଳନ ହୋଇ ପାରିବ ନାହିଁ। ଏଥିପାଇଁ ମାଦଳା ପାଞ୍ଜିରେ ସ୍ୱତନ୍ତ୍ର ବର୍ଣ୍ଣନା ଥିବା ଦର୍ଶାଇ ଅନେକ ସମାଲୋଚନା କରାଯାଇଛି।

ପୁଣି ଅନେକ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଏବଂ ସାଧାରଣ ଜନତାଙ୍କ ବିରୋଧ ସତ୍ତ୍ୱେ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ବି, ପଶ୍ଚିମବଙ୍ଗ ସରକାର (ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ) ତାହା ମାନିବାକୁ ସମ୍ପୂର୍ଣ୍ଣ ନାରାଜ ।

ଅହଂକାରର ବଶବର୍ତ୍ତୀ ହୋଇ ଶ୍ରୀଜଗନ୍ନାଥଙ୍କ ଯେକୌଣସି ପାଳନୀୟ ଓ ବିବର୍ଜିତ ଉପାସନା ପଦ୍ଧତି ବିଷୟରେ ଅବଗତ ନଥାଇ ବିଧର୍ମୀ ଢଙ୍ଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଅଯଥା ବହୁ ବାଦ ବିସମ୍ବାଦର ସୂତ୍ରପାତ ଘଟାଇବାରେ ଲାଗିଛି। କେହି କେହି ସମାଲୋଚକ/ପର୍ଯ୍ୟବେକ୍ଷକ ମଧ୍ୟ ବ୍ୟକ୍ତିଗତ ଆକ୍ଷେପ କରୁଥିବା ଲକ୍ଷ୍ୟ କରାଯାଇପାରେ।

ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାଶମହାପାତ୍ରଙ୍କ ବଦଳୁଥିବା ବୟାନ ବିବାଦକୁ ଆମନ୍ତ୍ରଣ କରୁଛି ବୋଲି ପୁଣି ଅନେକ ମତ ଦେଲେଣି। ନବକଳେବର ପରେ ବଳକା ଦାରୁ କାଠ ସେବାୟତମାନଙ୍କ ପ୍ରାପ୍ୟ, ବଳକା ଗଚ୍ଛିତ ଦାରୁର ଉପଯୋଗରେ ବିଗ୍ରହ ନିର୍ମାଣ, ପରବର୍ତ୍ତୀ ବୟାନରେ ଭୁବନେଶ୍ୱର ଠାରେ ଅନ୍ୟ ନିମ୍ବ କାଠରେ ପ୍ରସ୍ତୁତ ଦାରୁ ବିଗ୍ରହ ଦୀଘା ମନ୍ଦିରକୁ ପ୍ରେରଣ, ପ୍ରସ୍ତର ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାନଯାଇ ଦାରୁ ମୂର୍ତ୍ତୀ ପ୍ରତିଷ୍ଠା ପାଇଁ ପରାମର୍ଶ ଏବଂ ଏପରି ସ୍ଥଳେ ପ୍ରସ୍ତର ମୂର୍ତ୍ତୀ ଦୀଘା ମନ୍ଦିରକୁ ଅଣାଯାଇଥିବାର କାରଣ ଆଦି ଭିନ୍ନ ଭିନ୍ନ ପ୍ରଶ୍ନବାଚୀ ହୋଇ ଜନସାଧାରଣଙ୍କୁ ଆନ୍ଦୋଳିତ କରୁଛି।

ଅପରପକ୍ଷରେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ପ୍ରତିହତ କରି ଅତୀତରେ କେତେକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରାୟ ସମସ୍ତେ ଜାଣନ୍ତି। ଇସ୍କନ ଭକ୍ତମାନଙ୍କ ଦ୍ୱାରା ଅଦିନରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ କରାଇବା ପ୍ରସ୍ତୁତି ତଥା ଶ୍ରୀଜଗନ୍ନାଥ ଧାମ (ପୁରୀ) ଠାରେ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ ଆରମ୍ଭ କରିବା ଏବଂ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉପାସନା ସ୍ଥଳକୁ ଶ୍ରୀମନ୍ଦିର ନାମରେ ଆଖ୍ୟାୟିତ କରିବା ଭଳି କିଛି ବିଡ଼ମ୍ବିତ ଘଟଣାକ୍ରମକୁ ଶ୍ରୀଜଗନ୍ନାଥ ଧର୍ମ ଉପାସକମାନେ ସହ୍ୟ କରିପାରି ନଥିଲେ। ଅନେକ ବିରୋଧାଭାସ ପରେ ତାହା ପ୍ରଶମିତ ହୋଇଥିଲା।

ତେବେ ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠେକି, ଶ୍ରୀଜଗନ୍ନାଥ ଧର୍ମ-ସଂସ୍କୃତି ମୂଳରେ କୁଠାରାଘାତ କରିବାକୁ ଏପରି ହୀନ ଚକ୍ରାନ୍ତ କରାଯାଉ ନାହିଁ ତ ? ନତୁବା, କେହି ଲୋଭଗ୍ରସ୍ତ-ଅର୍ଥ ପିପାସୁ ସେବାୟତ ଏମିତି ଅବାଞ୍ଛିତ ଅପସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ପ୍ରରୋଚିତ କରୁଛନ୍ତି କି ? ସକଳ ଧାର୍ମିକ ଭାବନା ଭିତରେ ଆଉଗୋଟିଏ ଯୁକ୍ତି ଉପସ୍ଥାପନ କରିବାକୁ ଯାଇ କେହି କେହି କହୁଛନ୍ତି-ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ଅଥବା ହିନ୍ଦୁ ସମ୍ପ୍ରଦାୟର ନୁହନ୍ତି। ବରଂ ସେ ସମଗ୍ର ଜଗତରେ ମାନବ ଜାତିର ଉପାସ୍ୟ ଦେବତା। ଏହି ଭିନ୍ନ ମତ ଅନୁସାରେ ଯେକେହି ଯେଉଁଠାରେ ଯେମିତି ତାଙ୍କୁ ପୂଜା ଉପାସନା କରିପାରିବ। ଜଗତ୍ ନାଥ ସର୍ବଧର୍ମ ସମନ୍ୱୟର ଦେବତା, ସେ ସର୍ବବ୍ୟାପି। ଅତଏବ ସକଳ ଚରାଚର ଜଗତ ହିଁ ଜଗନ୍ନାଥ ଧାମ। କିନ୍ତୁ ଏହା ଏବେ ସୁଦ୍ଧା ସାର୍ବଜନୀନ ଭାବେ ଗ୍ରହଣୀୟ ହୋଇ ପାରୁନାହିଁ । କିଏ କହୁଛି, 'ବ୍ରହ୍ମ ଯେଉଁଠି ଧାମ ସେଇଠି'। କିଏ ପୁଣି ପ୍ରଶ୍ନ କରୁଛି - ବ୍ରହ୍ମମୟ ତ,ଏ ଜଗତ ?

ଏଭଳି ପରସ୍ପର ବିରୋଧୀ ମନ୍ତବ୍ୟ ପ୍ରସଙ୍ଗକୁ ବିବାଦ ଘେରକୁ ଟାଣୁଛି ଓ ଜଟିଳ ସମସ୍ୟା ସୃଷ୍ଟି କରୁଛି। ସତରେ କ'ଣ ଜଗନ୍ନାଥ ଧର୍ମ ଓ ସଂସ୍କୃତି ପ୍ରତି ଅହେତୁକ ଆକର୍ଷଣ ବୃଦ୍ଧି ପାଇଛି, ଆଧ୍ୟାତ୍ମିକ ଭାବନା ଜାଗି ଉଠିଛି ? ତେବେ ଉଦ୍ୟୋକ୍ତାଙ୍କ ମସ୍ତକରେ ଦିଅଁଙ୍କ ଚନ୍ଦନ ଲେପନ ବେଳେ ଅନାଗ୍ରହ ଭ୍ରୂକୁଞ୍ଚନ କାହିଁକି ? ପୁଣି ରହସ୍ୟରେ ରହି ଯାଉଛି ଦୀଘା ଯାଇଥିବା ଦଇତାପତି ସେବାୟତଙ୍କ ଆଚରଣ ଓ ଉଚ୍ଚାରଣ । ସେଠାରେ ପ୍ରସ୍ତର ମୂର୍ତ୍ତି କେବେହେଁ ଦିନେ କିମ୍ବା ଦୁଇ ଦିନରେ ତିଆରି ହୋଇନଥିବ। ଉତ୍କଳରେ ସ୍ଥାପିତ ବଡ ଦେଉଳ ଢାଞ୍ଚାରେ ଦୀଘା ବେଳାଭୂମିରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଓ ଦିଅଁଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ନିର୍ଘଣ୍ଟ ପ୍ରସ୍ତୁତି ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ପରାମର୍ଶ ଲୋଡ଼ା ଯାଇଥିବ। ପରାମର୍ଶଦାତା ସଂପୃକ୍ତ ଦଇତା ସେବକ ପ୍ରସ୍ତର ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା ହୋଇ ନପାରିବା ବିଧି ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିବା, ତାହା ଅମାନ୍ୟ ହୋଇ ପ୍ରସ୍ତର ମୂର୍ତ୍ତି ପ୍ରତିଷ୍ଠା ପାଇଁ ରଖାଯିବା ଏବଂ ତହିଁ ପରବର୍ତ୍ତୀ ସଂପୃକ୍ତ ପରାମର୍ଶଦାତା ସ୍ୱୟଂ ଦାରୁ ବିଗ୍ରହ ନିର୍ମାଣ ଦାୟିତ୍ୱ ବହନ କରିଥିବା, ସେଥିରେ ପୁରୀ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟର ଗଚ୍ଛିତ ବଳକା ଦାରୁ ହେଉ କି, ଅନ୍ୟ ନିମ୍ବ ଦାରୁ ଉପଯୋଗ କରି ଦିଅଁଙ୍କ ବିଗ୍ରହ ନିର୍ମାଣ କରି ସେଠାକୁ ପ୍ରେରଣ କରିବା ଏବଂ ସର୍ବୋପରି ପ୍ରାଣ ପ୍ରତିଷ୍ଠା / ବ୍ରହ୍ମ ପ୍ରତିଷ୍ଠାରେ ନିଜେ ନିୟୋଜିତ ହେବା (ଦେଇଥିବା ବୟାନ ଅନୁସାରେ) କେତେ ଯଥାର୍ଥ, ତାହା ବିଚାର୍ଯ୍ୟ।

ସବୁ ଭ୍ରାନ୍ତ ମତବାଦର ଦୂର୍ଭେଦ୍ୟ ପ୍ରାଚୀର ଅତିକ୍ରମ କରିବାକୁ ଲମ୍ଫ ଦେଲାବେଳେ ଅନେକ ଅସମାହିତ ପ୍ରଶ୍ନ ରଜ୍ଜୁରେ ଛନ୍ଦିତ ହେବାକୁ ପଡୁଛି। ଏବେ ଯୁଗାନ୍ତର ହେବାର ଉପକ୍ରମ ସମୟରେ ଭାରତର ଅନ୍ୟତମ ଯୋଗୀ ପୁରୁଷ ଭବିଷ୍ୟ ପ୍ରବକ୍ତା ସନ୍ଥ ଶ୍ରୀ ଅଚ୍ୟୁତାନନ୍ଦଙ୍କ ମାଳିକାରେ ବର୍ଣ୍ଣିତ ଭବିଷ୍ୟବାଣୀ ସତ ହେବାକୁ ଯାଉଛି କି ? ଶ୍ରୀମନ୍ଦିର ପରିସରରୁ ଗୋପନରେ ଦାରୁ ଅପହୃତ ହୋଇ ଗଲାପରି, ବଡ଼ ଦେଉଳରୁ ଦାରୁ ବିଗ୍ରହମାନେ ବିଧର୍ମୀ ମାନଙ୍କ ଦ୍ୱାରା ଅପହୃତ ହୋଇ ଯିବେନି ତ ? କିଛିଦିନ ପାଇଁ ହେଉ ପଛେ, ମାଳିକା ବଚନ ସତ ହେବ କି ? ଅପହୃତ ଦାରୁଦିଅଁମାନେ ଅନ୍ୟତ୍ର ପୂଜିତ ହୋଇ ସେହି ସ୍ଥାନକୁ ଶ୍ରୀକ୍ଷେତ୍ର ଅବା ଜଗନ୍ନାଥ ଧାମ ନାମ ଦେବେ କି ? ସେହିଁ ସମୟକୁ ଅପେକ୍ଷା କେବଳ। ଜୟ ଶ୍ରୀଜଗନ୍ନାଥ !

# ଆମ ମାନସିକ ଚେତନାରେ ଶ୍ରୀମନ୍ଦିରର ବାଇଶି ପାହାଚ



**ପ୍ରଫେସର ଡା. ସମ୍ରାଟ କର**
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ
ମୋ : ୯୧୩୨୪୩୩୩୩୩

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଭରି ରହିଛି ଅନେକ ଦିବ୍ୟମହତ୍ତ୍ୱ ଯାହା ଆମ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାବ ନଟେଇରେ ତେଲ ଲୁଣର ଟଣାଟଣି ଅଭାବୀ ସଂସାରକୁ ନେଇ ଯେତେବେଳେ ଜଣେ ହା ହୁତାଶ ହୋଇପଡ଼େ ସେ ଖୋଜିଥାଏ ମହାପ୍ରଭୁଙ୍କ କରୁଣାବାରିଟିକିଏ ଆଉ ସେଇଥିପାଇଁ ଛୁଟି ଯାଏ ଶ୍ରୀକ୍ଷେତ୍ର ପୁରୀ। ଅନେକଙ୍କ ଭିତରେ ଏହି ଆତ୍ମ ପ୍ରତ୍ୟୟ ସୃଷ୍ଟି ହୋଇଥାଏ ଯେ ବାଇଶି ପାହାଚ ଅତିକ୍ରମ କରିବା ସହ ଭଗବାନ ଭକ୍ତଜନଙ୍କ ବାଇଶିଟି ଦୁଃଖକୁ ଯେପରି ଲାଘବ କରିଦିଅନ୍ତି। କେବଳ ମହାପ୍ରଭୁଙ୍କୁ ଦର୍ଶନ ନିମିତ୍ତ ଏହି ବାଇଶି ପାହାଚଟି ଗନ୍ତବ୍ୟର ବାଧାବାଧକତା ତାହା ନୁହେଁ ବରଂ ଏହି ବାଇଶି ପାହାଚରେ ଟିକିଏ ବସିପଡ଼ିଲେ ଦେହ ଓ ମନ ଭିତରେ ଭରିଯାଏ ଅଫୁରନ୍ତ ଧୈର୍ଯ୍ୟ ଓ ଆନନ୍ଦର ଫଲଗୁ। ବାଇଶି ପାହାଚର ନାମକରଣକୁ ନେଇ ଅନେକ ପ୍ରସଙ୍ଗ, ଆଲେଖ୍ୟ ଓ କଥନିକା ପୁରାଣ ଓ ପୁସ୍ତକରେ ଲିପିବଦ୍ଧ ରହିଛି। କେହି କେହି ଏହାକୁ ଭୂଃ, ଭୂବଃ, ସ୍ୱଃ, ମହ, ଜନ, ତପଃ ଓ ସତ୍ୟ ଏହି ସପ୍ତଲୋକ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ସପ୍ତତଳ ଓ କୈବଲ୍ୟ ବୈକୁଣ୍ଠ ଶ୍ରୀବୈକୁଣ୍ଠ ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ, ଗର୍ଭୋଦୟକ ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଏହି ଅଷ୍ଟ ବୈକୁଣ୍ଠର ପ୍ରତୀକ ବୋଲି କହିଥାନ୍ତି। ସେହିପରି ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମଇନ୍ଦ୍ରିୟ, ପଞ୍ଚତନ୍ମାତ୍ର, ମନ ତଥା ବୁଦ୍ଧିର ସମଷ୍ଟି ହେଉଛି ଏହି ବାଇଶି ପାହାଚ। ଅନେକ ଭକ୍ତଜନ ଏହାକୁ ବାଇଶିଟି ତୀର୍ଥଭୂମିର ସ୍ୱରୂପ ବୁଝିଥିବାବେଳେ ଆଉ କେହି କେହି ବାଇଶିଟି ଭାବ ଓ ବାଇଶିଟି ତତ୍ତ୍ୱ ସମ୍ପର୍କରେ ମଧ୍ୟ ନିଜ ବିଶ୍ୱାସ ରଖନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏହା କେବଳ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ନୁହଁ ସମସ୍ତ ମାନବ ସମାଜ ପାଇଁ ନିଜ ଭିତରୁ ପଞ୍ଚରସ, ଅଷ୍ଟ ତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ମିଶାଇଲେ ଯାହାର ସଂଖ୍ୟା ହେଉଛି ବାଇଶି, ଏହି ପଞ୍ଚମନ ଓ ସପ୍ତବିକାର ଭଳି ଖରାପ ଗୁଣକୁ ତ୍ୟାଗ କରି ମହାପ୍ରଭୁଙ୍କ କୃପା ପ୍ରାର୍ଥୀ ହେବା ପାଇଁ ଏହି ବାଇଶି ପାହାଚ ହିଁ ସମଗ୍ର ମଣିଷ ସମାଜକୁ ଶିକ୍ଷା ଦେଇଥାଏ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତିଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା। ଭକ୍ତ ବଳରାମ ଦାସ ତାଙ୍କର ଗୁପ୍ତ ଗୀତାରେ ରଚନା କରିଛନ୍ତି ବାଇଶି ପାହାଚରେ ରହିଛି ଅନେକ ପବିତ୍ରତା ଓ ତତ୍ତ୍ୱ। ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ନକଲେ ଭକ୍ତ ବାଇଶି ପାହାଚକୁ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବ ନାହିଁ। ଓଡ଼ିଆ ଆଧ୍ୟାତ୍ମିକ ବିଶ୍ୱାସ ସହିତ ମାନସିକତାରେ ଏହି ବାଇଶି ପାହାଚର ଚେତନା ଅତିବ ଗୁରୁତ୍ୱପୂର୍ଣ୍ଣ। ବାଇଶି ପାହାଚରେ ଛୋଟ ପିଲାଙ୍କୁ ବିଶ୍ୱାସର ସହିତ ଗଡ଼ାଇ ଦେଲେ ସେମାନଙ୍କର ଆୟୁ ବୃଦ୍ଧି ହୋଇଥାଏ ଏବଂ ଏହି ବାଇଶି ପାହାଚରେ ରହିଥିବା ଯମଶୀଳାକୁ ଭକ୍ତଜନ ସ୍ପର୍ଶ କରି ମହାପ୍ରଭୁଙ୍କୁ ଦର୍ଶନ କଲେ କୌଣସି ପରିସ୍ଥିତିରେ ସେମାନଙ୍କୁ ଅକାଳ ମୃତ୍ୟୁ ହୋଇନଥାଏ। ଏହି ପାହାଚରେ ଆତଯାତ ହେଉଥିବା ଭକ୍ତଜନଙ୍କ ପବିତ୍ର ପାଦଧୂଳିକୁ ମୁଣ୍ଡରେ ସ୍ପର୍ଶ କରି ଶ୍ରୀଜୀଉଙ୍କୁ ଦର୍ଶନ ଲାଭ ପରେ ସେହି ବ୍ୟକ୍ତିମାନଙ୍କର ଜୀବନରେ ପରଲୋକ ପରେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ। ସୁତରାଂ ଫୁଟ ଲମ୍ବ ଛଅଫୁଟ ଓସାର ଓ ଛଅ ଇଞ୍ଚ ଉଚ୍ଚତାର ଏହି ପାହାଚ ବଉଳମାଳ ପଥରରେ ତିଆରି। ପିତୃପକ୍ଷ ଓ ଅମାବାସ୍ୟା ଦିନ ଏହି ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଇଥାଏ। ଶ୍ରୀଜୀଉଙ୍କର ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାକୁ ଯିବା ପୂର୍ବରୁ ଏହି ବାଇଶି ପାହାଚରେ ଯେଉଁ ପହଣ୍ଡି ବିଜେ ହୋଇଥାଏ ତାହା ବାସ୍ତବିକ ଅବର୍ଣ୍ଣନୀୟ। ଭକ୍ତଙ୍କ ସହିତ ଟିକିଏ ମିଶି ସେମାନଙ୍କୁ କୃପା ଦର୍ଶନ ଦେବା ନିମିତ୍ତ ଶ୍ରୀଜୀଉ ଆସିଥାନ୍ତି ବଡ଼ଦାଣ୍ଡ। ସର୍ବୋପରି ଓଡ଼ିଆ ବିଶ୍ୱାସ ଓ ଭାବ ଚେତନାରେ ବାଇଶି ପାହାଚର ମାହାତ୍ମ୍ୟ ଓ ଅନୁଭବର ପୁଲକ ସ୍ୱତନ୍ତ୍ର ଓ ଦିବ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷ୍ୟରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି।



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଶାସନ ତରଫରୁ ଶ୍ରମ ଆଇନକୁ ଖୁଲମ ଖୁଲା ଭାବେ ଉଲଙ୍ଘନ କରାଯାଉଥିବାର ଅଭିଯୋଗ ହୋଇଛି। ଏପରିକି ସରକାରଙ୍କ ନିର୍ଦ୍ଦେଶକୁ ମଧ୍ୟ ଫୁ କରି ଉଡାଇ ଦିଆଯାଉଛି। ଏଭଳି ଘଟଣା ସମଗ୍ର ନିଶ୍ଚିନ୍ତକୋଇଲିରେ ଶ୍ରମିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଅସହ୍ୟ ତାପମାତ୍ରା ବୃଦ୍ଧି ପାଇଛି। ଲୋକେ ପ୍ରଚଣ୍ଡ ରୌଦ୍ରତାପରେ ତ୍ରାହି ତ୍ରାହି ଡାକୁଛନ୍ତି। ଶ୍ରମିକଙ୍କୁ ଦିନ ୧୧ଟାରୁ ୩ ପର୍ଯ୍ୟନ୍ତ କୌଣସି ଶ୍ରମ କାର୍ଯ୍ୟରେ ନିୟୋଜିତ ନକରିବା ନିମନ୍ତେ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନିଶ୍ଚିନ୍ତକୋଇଲିରେ ସରକାରଙ୍କ ଏହି ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀ ଓ ଠିକାଦାର ଫୁ କରି ଉଡାଇ ଦେଉଥିବା ଅଭିଯୋଗ ହୋଇଛି। ଧୁ ଧୁ ଖରାବେଳେ ଶ୍ରମିକଙ୍କୁ ଅସୁରକ୍ଷିତ ଭାବେ ଶ୍ରମ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ଓ ଜଳ ସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଉଥିବା ଦେଖିବାକୁ ଏହି ବ୍ଲକରେ ଶ୍ରମ ନିୟମକୁ ସମ୍ପୂର୍ଣ୍ଣ ଉଲଙ୍ଘନ କରାଯାଉଥିଲା ବେଳେ ଗରିବ ଶ୍ରେଣୀୟ ଶ୍ରମିକ ମାନଙ୍କୁ ଗୋଟି ଶ୍ରମିକ ଭଳି ଖଟାଯାଉଥିବା ଅଭିଯୋଗ ହୋଇଛି।

ବ୍ୟାସ୍ ଫାଉଣ୍ଡେସନ୍‌ର ସହାୟତା

# ଅସହାୟ ବୃଦ୍ଧ ନ୍ୟାୟ ପାଇଁ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ପାରାଦୀପ(ଭାସ୍କର ନ୍ୟୁଜ): ଜୀବନରେ ବୃଦ୍ଧାବସ୍ଥା ଏକ ନିତ୍ୟ ପ୍ରକ୍ରିୟା । ଏଭଳି ଅସହାୟ ଅବସ୍ଥାରେ ସନ୍ତାନ ଶିକ୍ଷିତ ପୁଅ ଓ ବୋହୂ ମାନେ ଏହାର ଫାଇଦା ଉଠାଇଥାନ୍ତି । ବାପା ମାଆଙ୍କୁ ଶାରୀରିକ, ମାନସିକ ଭାବେ ଯନ୍ତ୍ରଣା ଦେବା ଭଳି ଘଟଣା ପ୍ରତିଦିନ ସମାଜରେ ଘଟୁଛି । ଜଗତସିଂହପୁର ଜିଲ୍ଲାର ପଣ୍ଡୁଆ ପଞ୍ଚାୟତ ହାତାକେନା ଗ୍ରାମର ଧ୍ରୁନ ସେଠୀ (୭୫)ନିଜର ଜନ୍ମ କଲା ପୁଅ ଦ୍ୱାରା ଚଞ୍ଚକତାର ଶୀକାର ହେଇ ଅସହାୟ ଅବସ୍ଥାରେ ନ୍ୟାୟ ପାଇଁ ବ୍ୟାସ ଫାଉଣ୍ଡେସନର ଅଧକ୍ଷ ସ୍ନେହମୟୀ ଆଚାର୍ଯ୍ୟଙ୍କ ଦ୍ୱାରା ଉପଜିଲ୍ଲାପାଳ ଜଗତସିଂହପୁରଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରକାଶ ଥାଉକି, ଧ୍ରୁନ ସେଠୀଙ୍କର ୩ଟି ଝିଅ ଓ ଗୋଟିଏ ମାତ୍ର ପୁଅ ଟୁକୁନା ସେଠୀ । ଜୀବନ ସାରା ଶାରୀରିକ ପରିଶ୍ରମ କରି ଧ୍ରୁନ ସେଠୀ ଯାହା ସବୁ ସମ୍ପତ୍ତି ଓ ଅର୍ଥ ଉପାର୍ଜନ କରିଥିଲେ ପରିଣତ ବୟସରେ ନିଜର ରକ୍ତ ସମ୍ପର୍କର ପୁଅ ତାଙ୍କ ଅଜାଣତରେ ଚକ୍ରାନ୍ତ କରି ନିଜ ନାମରେ କରାଇ ନେବା ସହ ଆଜକୁ ୧୦ ବର୍ଷ ହେବ ବାପା ମାଆଙ୍କୁ ଅଣଦେଖା କରିବା, ଶାରୀରିକ ନିର୍ଯାତନା ଦେବା ଆଦି ଅସାମାଜିକ କାର୍ଯ୍ୟ କରିଆସୁଅଛି । ପୁଅ ଦ୍ୱାରା ଆଘାତପ୍ରାପ୍ତ ହୋଇ ବାପା ଧ୍ରୁନଙ୍କର ଗୋଡ ଭାଙ୍ଗି ଯାଇଥିବାରୁ ସେ ବର୍ତ୍ତମାନ ଚଳନ ଶକ୍ତିହୀନ । ବିବାହିତ ଝିଅଙ୍କର ସାମାନ୍ୟ ଅନୁକମ୍ପା ବାପା ମାଆଙ୍କର ବଞ୍ଚିବାର ରାହା ପାଲଟିଛି । ୧୦ ବର୍ଷ ହେବ ସମସ୍ତ ନିର୍ଯ୍ୟାତନା ସହି ପରିଶେଷରେ ସ୍ୱାର୍ଥପର ପୁଅକୁ ଶିକ୍ଷା ଦେବା ପାଇଁ, ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆଇନ୍ କାର୍ଯ୍ୟକାରୀ କରାଇବା ପାଇଁ ବ୍ୟାସ ଫାଉଣ୍ଡେସନ ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟଙ୍କ ସହାୟତାରେ ବୃଦ୍ଧ ଦମ୍ପତି ଜଗତସିଂହପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଇଥିଲେ । ତେବେ ଏହି ଘଟଣାର ବିଚାର ବିମର୍ଶ କରିବା ପାଇଁ ଶୁକ୍ରବାର ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ପୁଅ ଟୁକୁନା ଅନୁପସ୍ଥିତ ରହିଥିଲେ । ତଥାପି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧିକାରୀଣ ନିଶିଗନ୍ଧା ପଟ୍ଟନାୟକ ଏକ ସପ୍ତାହ ମଧ୍ୟରେ ଉକ୍ତ ସମସ୍ୟାର ତିର୍ତୋଲ ଥାନା ମାଧ୍ୟମରେ, ବ୍ୟାସ ଫାଉଣ୍ଡେସନର ମଧ୍ୟସ୍ଥତାରେ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ବ୍ୟାସ ଫାଉଣ୍ଡେସନ ଏଭଳି ଏକ ସାମାଜିକ ଅନୁଷ୍ଠାନ ଯାହା ପ୍ରତିଦିନ ବରିଷ୍ଠ ନାଗରିକଙ୍କର ସମସ୍ୟାକୁ ଲୋକ ଲୋଚନକୁ ଆଣି ନ୍ୟାୟ ପ୍ରଦାନ କରୁଥିବାରୁ ସଂଗଠନର କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ହିନ୍ଦୁଝିଅ-ମୁସଲିମ୍ ପୁଅ ପ୍ରେମସଂପର୍କ ନେଇ କାର୍ ଭଙ୍ଗାରୁଜା ଓ ଆକ୍ରମଣ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ହିନ୍ଦୁ ଘରର ଝିଅ ମୁସଲିମ ଘରର ପୁଅ ସଙ୍ଗେ ପଳାଇଥିବା ଘଟଣାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି । ଏପରିକି ହିନ୍ଦୁ ସଂପ୍ରଦାୟର ଲୋକମାନେ ଯୁବକଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିବା ସହ ମହିଳାମାନଙ୍କୁ ଆକ୍ରମଣ କରି ସେମାନଙ୍କ କାର ଭଙ୍ଗାରୁଜା କରିଥିବା ଘଟଣାରେ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଶତାଧିକ ଲଘୁସଂପ୍ରଦାୟର ବ୍ୟକ୍ତି ଥାନାରେ ପହଂଚି କାର୍ଯ୍ୟାନୁଷ୍ଠାନ ଦାବୀ କରିଥିବା ବେଳେ ମହିଳାମାନେ ମଧ୍ୟ ଥାନାରେ ବସିରହିଛନ୍ତି । ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁଯାୟୀ, କାଙ୍କିଆକୁଣ୍ଡ ଗ୍ରାମର ଜୈନିକା ନାବାଳିକା ବଡମାଛପୁର ଗ୍ରାମର ଶେଖ ସରତାଜ ତସିମ୍ ନାମକ ଯୁବକ ସହିତ ପ୍ରେମସଂପର୍କ ଗଢିଉଠିଥିଲା । ଗତ ତିନିସପ୍ତାହ ତଳେ ନାବାଳିକାକୁ ନେଇ ଜାମସେଦପୁର ଠାରେ ରଖିଥିଲା । ନାବାଳିକାଙ୍କ ପରିବାର ଅଭିଯୋଗ କରିବା ପରେ ପୋଲିସ୍ ମାମଲା ରୁଜୁ କରିଥିବା ବେଳେ ସରତାଜ୍ ନାବାଳିକାକୁ ନେଇ ଜାମସେଦପୁରର ଘରକୁ ଫେରିଥିଲା । ଉଭୟ ଗ୍ରାମବାସୀ ଓ ପରିବାର ମଧ୍ୟରେ ସମାଧାନ ହୋଇଥିବା ବେଳେ ନାବାଳିକାକୁ ପୋଲିସ୍ ସ୍ୱାଧାର ଗୃହକୁ ପଠାଇଥିଲା । ନାବାଳିକା ସେଠାରୁ ଆସି ନିଜ ବାପାଘରେ ରହୁଥିବା ବେଳେ ରାତି ଅଧରେ ନିଜ ଘର କାଙ୍କିଆକୁଣ୍ଡରୁ ପଳାଇଆସି ବଡମାଛପୁରର ସରତାଜ ଘରେ ପହଂଚିଥିଲା । ଏହାକୁ ନେଇ ଶୁକ୍ରବାର ବିବାଦ ଦେଖାଦେବାରୁ ନିମାପଡା ଥାନା ପୋଲିସ୍ ନାବାଳିକା ଓ ସରତାଜଙ୍କୁ ଥାନାକୁ ଆଣିଥିଲେ । ଥାନାକୁ ଆସିବା ପରେ ନାବାଳିକା ତାଙ୍କ ଆଧାରକାର୍ଡ ଦେଖାଇଥିଲେ ୧୮ ବର୍ଷ ହେଇଯାଇଛି ବୋଲି । ଏହି ଘଟଣାକୁ ନେଇ ନାବାଳିକାର ପରିବାର ଓ ଗ୍ରାମବାସୀ ପୂର୍ବ ଯୋଜନା ମୁତାବକ ରେଙ୍ଗାଳୋ ମେଳନ ପଡିଆ ଠାରେ ଛକ ରହିଥିଲେ । ସରତାଜର ପରିବାର ତାଙ୍କ ଟାଟୋର କାରରେ ଆସୁଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଘେରିଯାଇ କାଠଫାଳିଆରେ ଗ୍ଲାସକୁ ବାଡେଇ ଭାଙ୍ଗିବା ସହ ଗାଡିରେ ଥିବା ମହିଳା ଓ ପୁରୁଷମାନଙ୍କୁ ଆକ୍ରମଣ କରିଥିଲେ । ତେବେ ବ୍ୟକ୍ତିଙ୍କୁ ସହାୟତାରେ ସରତାଜର ପରିବାର ଥାନାରେ ପହଂଚିଥିବା ବେଳେ ସରତାଜର ବଡଭାଇ ହନୁସ୍ରାଲା ତସିମ୍ ଥାନାରେ ଅଭିଯୋଗ କରିଛନ୍ତି । ତେବେ ନିମାପଡା ଥାନା ନିକଟରେ ବସିରହିଥିବା ବେଳେ ସନ୍ଧ୍ୟା ସମୟରେ ବଡମାଛପୁରରେ ଶତାଧିକ ଲଘୁସଂପ୍ରଦାୟର ବ୍ୟକ୍ତି ଥାନା ନିକଟରେ ପହଂଚି ତୁରନ୍ତ ମାମଲା ରୁଜୁ କରିବା ପାଇଁ ଦାବୀ କରିଥିବା ବେଳେ ଆକ୍ରମଣ କରିଥିବା ଦୁଇଜଣ ବ୍ୟକ୍ତିଙ୍କୁ ପୋଲିସ୍ ଥାନାରେ ଅଟକ ରଖି ତଦନ୍ତ ଜାରି କରୁଛି । ଏହି ଘଟଣା ଏବେ ବିବାଦ ଘେରକୁ ଯାଇଥିବା ବେଳେ କୌଣସି ମହୂର୍ତ୍ତରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିବାର ଆଶଙ୍କା ଦେଖାଦେଇଛି ।

# ପାଗଳ କୁକୁର କାମୁଡାରେ ଏକାଧିକ ଆହତ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଖରାର ତାପରେ ଅନେକ ପାଗଳା କୁକୁର ଲୋକମାନଙ୍କୁ ଗୋଡାଇ କାମୁଡୁଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବା ବେଳେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା ଇଞ୍ଜେକସନ୍ ମିଳୁନଥିବାରୁ କେତେକ ବ୍ୟକ୍ତି ଚିକିତ୍ସିତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଭୁବନେଶ୍ୱର କଟକ ଇଞ୍ଜେକସନ୍ ନେବା ପାଇଁ ଯାଉଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତ୍ରରେ ନିମାପଡା ବ୍ଲକ ବେଲୁରୀ ଶାସନ ଗ୍ରାମର ମାନସ ପ୍ରଧାନ (୩୮), ସଲୋଜ ଜେନା (୧୯) ସହ ଅନ୍ୟ ଏକ ଯୁବକ ଗ୍ରାମଦାଣ୍ଡରେ ଯାଉଥିବା ବେଳେ ହଠାତ୍ କେତୋଟି ପାଗଲା କୁକୁର ସେମାନଙ୍କୁ ରାତ୍ର ୮ଟାରେ କାମୁଡି ଦେଇଥିଲେ । ଯୁବକଙ୍କ ଚିତ୍କାର ଶୁଣି ଗ୍ରାମବାସୀ ତଡା ବାଡି ଧରି କୁକୁରଙ୍କୁ ଘଉଡାଇବା ସହ ଆହତଙ୍କୁ ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ କୁକୁର କାମୁଡା ପ୍ରତିଶେଧିକ ନଥିବା ବେଳେ ଆହତଙ୍କୁ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଗତ କିଛିଦିନ ତଳେ ପାଗଳା ବିଲୁଆ ଆତଙ୍କରେ ଚଅଁରପଦା ପଂଚାୟତର ଏକାଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ପୁଣି ପାଗଳା କୁକୁରଙ୍କ ଆତଙ୍କ ଦେଖାଦେଇଛି।

# କନ୍ଦଳ ନଦୀରେ ବନ୍ୟାଜଳ ଆସିବା ପୂର୍ବରୁ ଗ୍ରାମବାସୀ ଆତଙ୍କିତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଁଳ ପଂଚାୟତ ବା ବଜା ଗ୍ରାମରେ କନ୍ଦଳ ନଦୀର ଦକ୍ଷିଣ ପାର୍ଶ୍ୱ ଆର ଡି-୪୧ ଠିକି ଶହ ମିଟରରୁ ଊର୍ଦ୍ଧ୍ୱ ନଦୀବନ୍ଧ ୫ ବର୍ଷ ହେବ ୪୦ ଫୁଟରୁ ଅଧିକ ଅତଡା ଖାଇ ଖାଇ ଯାଉଛି । ଗତବର୍ଷ ଅଧିକ ମାତ୍ରାରେ ଅତଡା ଖାଇଥିବା ବେଳେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ । ଉକ୍ତ ଜାଗାଟି ନିଆଳି ଜଳସେଚନ ବିଭାଗ ଅଧୀନରେ ଯାଉଥିବାରୁ ଜଳ ସେଚନ ବିଭାଗର ଉପରିସ୍ଥ ଅଧିକାରୀ ମାନେ ଆସି ନୂଆ ପ୍ରଣାଳୀରେ ଜିଓ ଟ୍ୟାଗ କରିଥିଲେ । କିନ୍ତୁ ଜିଓ ଟ୍ୟାଗ ଫେଲ ହୋଇଥିବା ବେଳେ ବ୍ୟବହୃତ ଅର୍ଥ ଗୁଡିକ ବେକାର ନଷ୍ଟ ହୋଇଯାଇଛି । ଚଳିତ ବର୍ଷ ୧୫ ଦିନ ମଧ୍ୟରେ ରାଜ୍ୟରେ ମୌସୁମୀ ଆସୁଥିବା ବେଳେ ନଦୀରେ ବନ୍ୟା ଜଳ ଆସିବା ପୂର୍ବରୁ ବଜା ଗ୍ରାମବାସୀ ମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଯେଉଁ ଜାଗାରେ ଅତଡା ଖାଇଛି ସେଠାରୁ ମାତ୍ର ତିନି ମିଟର ଦୂରରେ । ବଜା ଗ୍ରାମବାସୀଙ୍କ ପ୍ରତେକ୍ଷ ଦେବତା ଆର୍ତ୍ତତ୍ରାଣ ଗାଦି ବ୍ରହ୍ମ ମନ୍ଦିର ରହିଛି । ମନ୍ଦିର ସମେତ ଗ୍ରାମର ଅନେକ ପରିବାରଙ୍କ ଘର ଅତଡ଼ା ଖାଇଲେ ନଦୀରେ ଲୀନ ହୋଇଯିବ ଆଶଙ୍କା ଦେଖାଦେଇଛି । ଏ ନେଇ ଆଜି ପୂର୍ବାହ୍ନରେ ଶତାଧିକ ଗ୍ରାମବାସୀ ଅତଡା ଖାଉଥିବା ଜାଗାରେ ଏକତ୍ରିତ ହୋଇ ପ୍ରତିବାଦ କରିବା ଶହ ଜଳସେଚନ ବିଭାଗ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି ୭ ଦିନ ମଧ୍ୟରେ ଅତଡ଼ା ଖାଉଥିବା ଜାଗାରେ ଜଳ ସମ୍ପଦ ବିଭାଗ ସ୍ଥାୟୀ ସମାଧାନ ନ କରେ ନିଆଳି ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେବେ । ଏ ନେଇ ଯନ୍ତ୍ରୀ ଉପଲି ଅପରାଜିତାଙ୍କୁ ପଚାରିବାରୁ ନିଆଳି ଅତଡ଼ା ଖାଉଥିବା ଜାଗା ପାଇଁ ଯଥାଶୀଘ୍ର ୫ କୋଟିରୁ ଊର୍ଦ୍ଧ ଟଙ୍କା ବ୍ୟୟବରାଦ କରିଛନ୍ତି । ୧୦ ଦିନ ମଧ୍ୟରେ ଏହାର ଟେଣ୍ଡର କାର୍ଯ୍ୟ ସରିବ । ଖୁବଶୀଘ୍ର ସ୍ଥାୟୀ କାର୍ଯ୍ୟ କରାଯିବ । ଗ୍ରାମବାସୀଙ୍କ ପକ୍ଷରୁ ଦୁଃଶାସନ ମିଶ୍ର, ସୁଶାନ୍ତ କୁମାର ନାଏକ, ହିମାଂଶୁ ଶେଖର ନାଏକ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ଅଭୟ ଦାଶ, ବିଭୁତି ଭୂଷଣ ବିଶ୍ୱାଳ, ଆଶିଷ କୁମାର ସ୍ୱାଇଁ, ସୁରେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ନାଏକଙ୍କ ସମେତ ଶତାଧିକ ଗ୍ରାମବାସୀ ରହି ପ୍ରତିବାଦ କରିଥିଲେ ।

# ବିଦେଶୀ ଓ ଦେଶୀ ମଦ ଜବତ, ଦୁଇ ଗିରଫ



କାଳିଆପାଣି(ଭାସ୍କର ନ୍ୟୁଜ): କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି ଓ ବିର୍ଷିନଗର ଅଞ୍ଚଳରୁ ଦୁଇ ଚୋରା ମଦ ବେପାରିଙ୍କୁ ଗୁରୁବାର କାଳିଆପାଣି ପୋଲିସ ପକ୍ଷରୁ ଚଢ଼ାଉକରି ଦୁଇ ଆସାମୀ ସହିତ ବିପୁଳ ମଦ ଜବତ କରାଯାଇଥିବା ଜଣାପଡିଛି । କାଳିଆପାଣି ଥାନା ଏସଆଇ ଅନ୍ତର୍ଯାମୀ ଶତପଥ ଓ କନେଷ୍ଟବଳ ପୂର୍ଣ୍ଣ ଚନ୍ଦ୍ର ସାହୁ ଖବର ପାଇ କାଳିଆପାଣି ଗ୍ରାମର ବିଦେଶୀ ମଦ ବେପାରି ଦେବେନ୍ଦ୍ର ମହନ୍ତ ଓ ବିର୍ଷିନଗରର ଦେଶୀ ମଦ ବେପାରି ବିଟୁ ସିଂକୁ ଅଚାନକ ଚଢ଼ାଉ କରିବା ସହିତ ୭୫ ଲିଟର ବିଦେଶୀ ମଦ ଓ ୭ଲିଟର ମହୁଲି ମଦ ଜବତ କରି ଆସାମିକୁ ଗିରଫ କରିଥିବା ଥାନା ପକ୍ଷରୁ ସୂଚନା ଦେଇଛନ୍ତି । ଦୁଇ ଆସାମିକୁ ଥାନା କେସ ନମ୍ବର ୪୫/୨୫ ଓ ୪୬/୨୫ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । କାଳିଆପାଣିରେ ୩ଦିନ ଧରି ହେଉଥିବା ଯାତ୍ରାରେ ବିକ୍ରି କରିବା ପାଇଁ ବିପୁଳ ପରିମାଣରେ ମଦ ଆଣି ଚଢା ରେଟରେ ବିକ୍ରି କରୁଥିବା ସୂଚନା ମିଳିଛି । କାଳିଆପାଣି ଥାନା ଅଞ୍ଚଳରେ ବିଭିନ୍ନ ଜାଗାରେ ଚୋରା ମଦ କାରବାର ହେଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ।

# ନବା ବିଟ୍‌ରେ ନିଆଁ ପ୍ରତିରୋଧ ସଚେତନତା ଅଭିଯାନ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ) ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ନବା ଫରେଷ୍ଟ ବିଟ ହାଉସ ଠାରେ ଓଡିଶା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନ ଅଭିଯାନ ରମ୍ଭା ବନ୍ୟପ୍ରାଣୀ ବାନାଞ୍ଚଳ ଓ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ଙ୍କ ମିଳିତ ରେ ନବା ବିଟ ହାଉସ ଠାରେ ସଚେତନତା ଅଭିଯାନ ଶିବିର ସହକାରୀ ବନସରକ୍ଷକ ଅଧିକାରୀ ପ୍ରମୋଦ କୁମାର ସେଠି ଙ୍କ ତତ୍ୱ ଧାନରେ ଅନୁଷ୍ଠିତ ହୋଇଛି. ଏଥିରେ ବାଲୁଗାଁ ଓ ରମ୍ଭା ବନାଞ୍ଚଳ ଅଧିକାରିଣୀ ଶ୍ରୀମତୀ ରଶ୍ମିତା ଜେନା ବନପାଳ ପ୍ରଣୟ କୁମାର ଜୟସିଂହ ବନରକ୍ଷୀ ନବା ଅନିଲ କୁମାର ସାହୁ ପିଟିଶାଳ ବନରକ୍ଷୀ ସନ୍ତୋଷ କୁମାର ସାହୁ ନନ୍ଦଳା ବିଟ ବନରକ୍ଷୀ ଦିଲ୍ଲିପ କୁମାର ସ୍ୱାଇଁ ଙ୍କ ପ୍ରମୁଖ ଉପସ୍ଥିତ ରେ ନବା ବଳରାମ ପୁର ସାମାନ୍ତରାପୁର ହୁଣ୍ଡା ଓ ମୁଣ୍ଡାବାର ଗ୍ରାମର ଶତାଧିକ ଲୋକ ଙ୍କୁ ସହକାରୀ ବନସରକ୍ଷକ ଅଧିକାରୀ ଶ୍ରୀ ସେଠି ସଚେତନ ବାର୍ତା ଦେଇ ଥିଲେ ଯେ ଜଙ୍ଗଲ କିପରି ସୁରକ୍ଷିତ ହୋଇ ପାରିବ ଜଙ୍ଗଲ ରେ ଭୋଜି ଭାତ ଠାରୁ ଆରମ୍ଭ କରି ଧୁମ୍ର ପାନ କରିବା ନିଷେଧ ଜଙ୍ଗଲ ପଶୁପକ୍ଷୀ ସୁରକ୍ଷା ଦେବା ଓ କୌଣସି ଜଙ୍ଗଲଜନ୍ତୁଙ୍କୁ ଶିକାର ନ କରିବା ସମ୍ପର୍କୀୟ ସଚେତନତା ବାର୍ତା ଦେଇଥିଲେ. ସାମାସିକ କର୍ମୀ ସାମାନ୍ତ ନିର୍ମଳ ରାଣାସିଂ ବିଭାଗୀୟ ଅଧିକାରିଙ୍କୁ ଭୁରିୟସୀ ପ୍ରଶଂସା କରିଥିଲେ. ଶେଷରେ ପିଟିଶାଳ ବନପାଳ ପ୍ରଣୟ କୁମାର ଜୟସିଂ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଜନସାଧାରଙ୍କୁ ଧନ୍ୟବାଦ ଦେଇଥିଲେ ।

# ଶିବମନ୍ଦିରରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଗୋପ(ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ ଟାରେ ଗୋପ ଥାନା ଅଧିନ ଶୋରଭା ପଂଚାୟତ ସିହୁନା ଗ୍ରାମରେ ଥିବା ଏକ ଶିବ ମନ୍ଦିରରେ ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ମହିଳା ଜଣକ ହେଲେ ଥାନା ଅଧିନ ମୁରୁଡା ଗ୍ରାମର ସନ୍ତୋଷ କୁମାର ବିଶ୍ୱାଳଙ୍କ ପତ୍ନୀ ରିତା ବିଶ୍ୱାଳ । ଦେସ୍ଥଳୀ ପଂଚାୟତ ବଡତୋଟା ଗ୍ରାମର ଯୁଧିଷ୍ଠିର ସ୍ୱାଇଁଙ୍କ ଝିଅ ମୁରୁଡା ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କୁ ବିବାହ କରିଥିଲେ । ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିବା ବେଳେ ସେ ଦୁଇ ଦିନ ହେଲା ନିକଟସ୍ଥ ସିହୁନା ଗ୍ରାମରେ ଥିବା ବାବା ତ୍ରିଲୋଚନେଶ୍ୱର ମହାଦେବଙ୍କ ମନ୍ଦିରରେ ଗୁହାରିଆ ପଡିଥିଲେ । ଆଜି ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିର ଆସି ସେ ଗୁହାରିଆ ପଡିଥିବା ଦେଖିଥିବା ବେଳେ କୌଣସି କାରଣରୁ ପ୍ରାୟ ୧୦ ଟାରେ ରିତା ମନ୍ଦିର ଗମ୍ଭିରା ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ମନ୍ଦିର ଭିତରେ ଝୁଲୁ ଥିବାର କେତକ ସ୍ଥାନୀୟ ଲୋକେ ଦେଖି ତାଙ୍କ ଘରକୁ ଖବର ଦେବା ସହ ପୋଲିସକୁ ଖବର ଦେବାରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହ ଶବ ବ୍ୟବଛେଦ ନିମନ୍ତେ ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ । ଏନେଇ ରିତାଙ୍କ ବାପା ଯୁଧିଷ୍ଠିର ସ୍ୱାଇଁ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୦୯/୨୫ରେ ଏକ ଅପମୃତ୍ୟୁ ମାମାଲା ରୁଜୁ ସହ ତଦନ୍ତ ଜାରି ରହିଛି ।

# ରାମ ମନ୍ଦିର ପାଚେରୀ ଶିଳାନ୍ୟାସ ଓ ବୃକକ୍ ପୀଡିତାଙ୍କୁ ଭେଟିଲେ ଶିଳ୍ପ ମନ୍ତ୍ରୀ




କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତର ପଣ୍ଡୁଆ ଗ୍ରାମରେ ଥିବା ରାମ ମନ୍ଦିରର ପାଚେରୀ ଏବଂ ଫାଟକ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ଏହି ଅବସରରେ ରାମ ମନ୍ଦିରର ଦ୍ୱିତୀୟ ଓ ହନୁମାନ ଦ୍ୱାଦଶ ବାର୍ଷିକ ଉତ୍ସବ ସହ ବହୁ ବିଧ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଣ୍ଡୁଆର ଯୁବ ତଥା ଲୋକପ୍ରିୟ ସରପଞ୍ଚ ସିଦ୍ଧାର୍ଥ ମହାନ୍ତିଙ୍କ ପୌରହିତ୍ୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପଣ୍ଡୁଆର ଦୃତ ବିକାଶ ଓ ସରପଞ୍ଚଙ୍କ ଉଦ୍ୟମକୁ ପ୍ରଶଂସା କରିଥିବା ବେଳେ ରାଜ୍ୟର ବିକାଶ ଗ୍ରାମରୁ ଆରମ୍ଭ ହେବା ଦର୍ଶାଇ ପଣ୍ଡୁ ଆ ହିଁ ତାର ଉଦାହରଣ ହେଉ ବୋଲି ଆହ୍ୱାନ ଜଣାଇ ଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ କୁମାର ବେହେରା, ରାହାମା ମଣ୍ଡଳ ସଭାପତି ଶରତ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସଭପତି ଚନ୍ଦ୍ରକାନ୍ତ ପରିଡ଼ା, ଦେବାଶିଶ ଅଭିଳାଷ ପଟ୍ଟନାୟକ, ମୁରବୀ ମିହିର କୁମାର ବିଶ୍ୱାଳ, ଯୁଧିଷ୍ଠିର ଯୋଗଣିଆ, ଶୁଶାନ୍ତ ଯୋଗାଣିଆ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ମୁରବୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଦୁଇ ବୃକକ ଅଚଳ ହୋଇ ଜୀବନ ସହ ସଂଗ୍ରାମ କରୁଥିବା ମହିଳା କଲ୍ୟାଣୀ ମହାନ୍ତିଙ୍କୁ ମନ୍ତ୍ରୀ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ଚିରଞ୍ଜିବୀ ଚାରବାଟିଆ କେନ୍ଦ୍ରିୟ ବିଦ୍ୟାଳୟର ଦ୍ୱାଦଶ ଟପ୍ପର



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚାରବାଟିଆସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ଚିରଞ୍ଜିବି ଗୋଛାୟତ ସର୍ବୋଚ୍ଚ ୯୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହେବା ସହିତ କଟକ ଜିଲ୍ଲା କେନ୍ଦ୍ରିୟ ବିଦ୍ୟାଳୟସ୍ତରରେ ମଧ ଟପ୍ପର ହୋଇଛନ୍ତି । ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଖଡ଼ି ପଞ୍ଚାୟତର ମହାଳପଡ଼ା ଗ୍ରାମର ବିକଳ ଚରଣ ଗୋଛାୟତ ଓ ପୁଷ୍ପଲତା ଖୁଣ୍ଟିଆଙ୍କ ପୁତ୍ର ଚିରଞ୍ଜିବି ଜଣେ ମେଧାବୀ ଛାତ୍ର ଭାବେ ସେ ବିଦ୍ୟାଳୟରେ ସୁପରିଚିତ । ତାଙ୍କର ଏ ସଫଳତା ପାଇଁ ପିତାମାତା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେ ଶ୍ରେୟ ଦେଇଛନ୍ତି ।

# ମାଲକାନଗିରି ସଦର ମହକୁମାରେ ବାରମ୍ବାର ବିଜୁଳି ବିଭ୍ରାଟ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସଦର ମହକୁମାରେ ପ୍ରତିଦିନ ବିଜୁଳି ବିଭ୍ରାଟ ଦେଖିବାକୁ ମିଳୁଛି । ଲୋକମାନେ ଠିକ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ହେଲେ ବିଦ୍ୟୁତ୍ କର୍ମଚାରୀମାନଙ୍କ ଉପରେ ଅଙ୍କୁଶ ଲାଗୁନାହିଁ । ଯେଉଁମାନଙ୍କ ଘରେ ଇନଭଟର ଅଛି, ସେମାନଙ୍କର ବିଦ୍ୟୁତ୍ ବିଚ୍ୟୁତ ହେଲେବି କୌଣସି ଅସୁବିଧା ନାହିଁ । କିନ୍ତୁ ଯେଉଁମାନଙ୍କ ଘରେ ଏହି ସୁବିଧା ନାହିଁ, କେତେ ଯେ କଷ୍ଟ ଭୋଗୁଛନ୍ତି, ତାହା ନ କହିବା ଭଲ । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ତାପମାତ୍ର ବୃଦ୍ଧି ସହିତ ବର୍ଷା ନ ହେବା ଯୋଗୁ ବାୟୁମଣ୍ଡଳ ଦିନରାତି ଉତ୍ତପ୍ତ ରହୁଛି । ଛୋଟପିଲା, ବୁଢ଼ାବୁଢ଼ି, ଗର୍ଭବତୀ ମହିଳା, ରୋଗୀମାନଙ୍କୁ ଏହି ଗ୍ରୀଷ୍ମ ପ୍ରବାହ ଅଧିକ ଯାତନା ଦେଉଛି । ଏଭଳି ପରିସ୍ଥିତିରେ ବାରମ୍ବାର ବିଦ୍ୟୁତ୍ ବିଛିନ୍ନ ଜନଧାରଣଙ୍କ ବଞ୍ଚିବାର ମାନଦଣ୍ଡକୁ ଦୋହଲାଇ ଦେଉଛି । ଅନ୍ୟପକ୍ଷରେ ଟାଟା କମ୍ପାନୀ ଘରେ ଘରେ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରୁଥିବା ବେଳେ କୌଣସି କାରଣରୁ ବକେୟା ବିଲ୍ ପୈଠରେ ବିଳମ୍ବ ହେଲେ ବିଦ୍ୟୁତ୍ ବିଛିନ୍ନ କରିବାକୁ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇବାରେ ପଶ୍ଚାତପଦ ହେଉନାହିଁ । ଅଭିଯୋଗ ଶୁଣିବାକୁ ମାଲକାନଗିରି ବାଦ୍ୟୁତ କର୍ମଚାରୀମାନଙ୍କ ପାଖରେ ସମୟ ନାହିଁ । ତଳୁ ଉପରେ ସବୁ କର୍ମଚାରୀ ଭିଆଇପି । ଜିଲ୍ଲା ପ୍ରଶାସନ ମଧ ଏଥିପ୍ରତି ତାଗିଦ୍ କରିବାର ନାହିଁ । ଏଣୁ ବିଦ୍ୟୁତ୍ କର୍ମଚାରୀ ଉପଭୋକ୍ତା ମାନଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇବାରେ ଆନ୍ତରିକତା ରହୁ ନଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ସ୍ଥାନୀୟ ନେତା ମଧ୍ୟ ନିରବ । ବିରୋଧୀ ଦଳର ଆନ୍ଦୋଳନ ନାହିଁ । ଜନସାଧାରଣ ନିରୁପାୟ । ଆଉ ଜିଲ୍ଲା ପ୍ରଶାସନ ସ୍ଥାଣୁ । ଜିଲ୍ଲାକୁ କେବଳ ଭଗବାନ ଭରସା ।କାଳ ବୈଶାଖୀ ହେଲେ ବିଦ୍ୟୁତ୍ ବିଛିନ୍ନ କରିବା ପାଇଁ ଅନ୍ୟ ଏକ ବାହାନା ବିଦ୍ୟୁତ୍ କର୍ମଚାରୀମାନଙ୍କୁ ମିଳିଥାଏ । ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କଟା ଗଲେ ଫୋନ୍ କଲେ ମଧ ଏହାର ଜବାବ ମିଳି ନଥାଏ । ଟିପି ସାଉଥର୍ନ ଓଡିଶା ଡିଷ୍ଟ୍ରିବୁସନ୍ ଲିମିଟେଡ ଉପଭୋକ୍ତାଙ୍କ ମୋବାଇଲକୁ ବାରମ୍ବାର ବିଲ୍ ପୈଠ ପାଇଁ ମେସେଜ ପଠାଇବାକୁ ତତ୍ପରେ, ସେମିତି ସେବା ଯୋଗାଇବାକୁ କାହିଁକି ତତ୍ପରତା ଦେଖାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାତିରେ ବିଦ୍ୟୁତ୍ କଟି ଗଲେ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଯେମିତି କଷ୍ଟ ହେଉଛି, ସେମିତି ମଶା କାମୁଡା କଟା ଘା'ରେ ଚୂନ ବୋଳିଲା ପରି ଯନ୍ତ୍ରଣା ଦାୟକ ହେଉଛି । ମାଲକାନଗିରି ଜିଲ୍ଲାର ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିଲେ ମଧ ମାଲକାନଗିରି ବାସୀଙ୍କ ପାଇଁ ଯେତିକି ଆବଶ୍ୟକ ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଇବାରେ ଟାଟା କମ୍ପାନୀ ସେତିକି ଯତ୍ନବାନ ହେଉନଥିବା ଅଭିଯୋଗ ହେଉଛି । ଏଥିପ୍ରତି ଉଚ୍ଚ କତୃପକ୍ଷ ଗୁରୁତ୍ୱ ଦେବା ନିମନ୍ତେ ଉଚିତ୍ ହେବ ବୋଲି ସଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ଆଳି ପୋଲିସର ଚଢ଼ାଉ, ଗୋରୁ ଗାଡି ଜବତ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ବସ୍ତି ଅଞ୍ଚଳରୁ ଏକ କଣ୍ଟେନର ଆରଜେ୧୧ ଜିଏମ-୬୮୯୨ ଗୋରୁ ବୋଝେଇ ଗାଡିକୁ ଜବତ କଲା ଆଳି ପୋଲିସ । ଗାଡ଼ିରେ ୨୧ଟି ଗୋରୁ ନେଇ ଗାଡି ଆଳି ଅଭିମୁଖେ ଯାଉଥିଲା । ବିଶେଷ ସୂତ୍ରରୁ ଖବର ପାଇ ଆଳି ପୋଲିସର ଏକ ଟିମ ଚଢ଼ାଉ କରି ଦୁର୍ବୃତ୍ତମାନେ ଗାଡିଲୋଡ଼ ସମୟରେ ଗାଡିକୁ କାବୁ କରିନେବା ପରେ ଗୋରୁ ବୋଝେଇ ଗାଡିକୁ ଜବତ କରି ରାଜନଗର ରାମଚନ୍ଦ୍ରପୁର ଘଡିଆମାଳସ୍ଥିତ କାମଧେନୁ ଗୋଶାଳା ନେଇଥିବା ଜଣାପଡିଛି । ପରେ ଗାଡିକୁ ସୁରକ୍ଷା ଦେଇଥିବା ଯୁବକମାନେ ଧର୍ମରକ୍ଷା ସେନା ସଦସ୍ୟଙ୍କୁ ଦେଖି ଚମ୍ପଟ ମାରିଥିଲେ । ସୂଚନା ସୂତ୍ରରୁ ପ୍ରକାଶ ଦୁଇ ସପ୍ତାହ ତଳେ ସମାନ ଢଙ୍ଗରେ ହୋଇଥିବା ଗୋରୁ ଚାଲାଣକୁ ଆଳି ପୋଲିସ ଓ ଆଳି ଧର୍ମରକ୍ଷା ସେନା ପ୍ରୟାସରେ ୧୨ଟି ଗୋରୁ ଥିବା କଣ୍ଟେନରକୁ ଜବତ କରାଯାଇଥିଲା । ଆଶ୍ଚର୍ଯ୍ୟର ବିଷୟ ଗୋରୁ ଗାଡି ଆଳି ମାର୍କେଟ ଦେଇଯିବା ସମୟରେ ଆଳି ମୁଖ୍ୟରାସ୍ତାରେ ଥିବା ଷ୍ଟ୍ରିଟ ଲାଇଟକୁ ଦୁର୍ବୃତ୍ତମାନେ ବନ୍ଦ କରି ଗୋମାଫିଆଙ୍କୁ ସହଯୋଗ କରୁଥିବା ନେଇ ଧର୍ମରକ୍ଷା ସେନା ଅଭିଯୋଗ ଆଣିଛି । ଆଳି ଥାନା ଅଧୀନରେ ଥିବା ବହୁ ଗ୍ରାମରୁ ଗୋମାଫିଆ ବେଧଡ଼କ ଭାବେ ବେଆଇନ ଗୋ ଚାଲାଣ କରିଆସୁଛନ୍ତି । ବହୁଦିନ ଧରି ହୋଇଆସୁଥିବା ଦାବି ପରେ ବିଗତ କିଛିଦିନ ହେବ ଆଳି ପୋଲିସର ଏହି ଚଢ଼ାଉ ପରେ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟିଛି । ଶେଷ ଖବର ସୁଦ୍ଧା ଆଳି ପୋଲିସର ଏକ ଟିମଙ୍କ ସହ ଆଳି ଧର୍ମରକ୍ଷା ସେନାର ମିଳିତ ସହଯୋଗରେ ଗାଈଗୋରୁ ଗୁଡିକୁ ରାଜନଗରର ଏକ ଗୋଶାଳାରେ ଛାଡ଼ି କଣ୍ଟେନର ଗାଡିଟିକୁ ଜବତ କରି ଆଳି ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଆଳି ଥାନା ଅଧିକାରୀ ପୂର୍ଣଚନ୍ଦ୍ର ପଟ୍ଟାୟତ ସୂଚନା ଦେଇଛନ୍ତି ।

# ପାରାଦୀପ ଆର୍ଟ ଅଫ ଲିଭିଂ ପକ୍ଷରୁ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିବସ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ବିଶ୍ୱପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଚଳିତ ଗତ୧୩ ତାରିଖରେ ସାରା ବିଶ୍ୱରେ ତାଙ୍କର ୬୯ତମ ଜନ୍ମ ଦିନ ଉତ୍ସବ ପାଳନ କରାଯାଇଥିବା ବେଳେ ପାରାଦୀପ ଆର୍ଟ ଅଫ ଲିଭିଂ ତରଫରୁ ଜନ୍ମ ଉତ୍ସବ ପାଳନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ବହୁ ସେବାମୂଳକ କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଛି । ମେ ୧୩ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ବନ୍ଦରର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଗୋମାତାଙ୍କୁ ପୂଜାର୍ଚ୍ଚନା କରି ଆଶ୍ରମ ପରିସରରେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋଢ଼ୀ, ବନ୍ଦରର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୂତି ଭୂଷଣ ଦାସଙ୍କ ଉପସ୍ଥିତିରେ ଆର୍ଟ ଅଫ ଲିଭିଙ୍ଗର ମୁଖ୍ୟ ପୁରାତନ କର୍ମୀ ଏବଂ ମୁଖ୍ୟ ଆୟୋଜକ ତଥା ବନ୍ଦରର ବିଦ୍ୟୁତ୍ ଓ ଯାନ୍ତ୍ରିକ ବିଭାଗର ମୁଖ୍ୟ ଯନ୍ତ୍ରୀ ସୁଶିଲ କୁମାର ନାହାକ ଆର୍ଟ ଅଫ ଲିଭିଂର ସେବା କାର୍ଯ୍ୟକ୍ରମ ବିଷୟରେ ବିଶଦ ବିବରଣୀ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପାରାଦୀପରେ ଚାଲିଥିବା ସେବା କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଥମେ ଗୋମାତା ପୂଜନ ପରେ କୀର୍ତ୍ତନ କରାଯାଇ ଅପରେସନ ସିନ୍ଦୂରର ଭୂରି ଭୂରି ପ୍ରଶଂସା କରାଯାଇଥିଲା । ସେହିପରି ପୁଲବାମା ଆକ୍ରମଣରେ ସହିଦ ହୋଇଥିବା ସୈନିକଙ୍କ ପ୍ରତି ଶୋକ ପ୍ରକାଶ କରି ନିରବ ପ୍ରାର୍ଥନା କରି ଘିଅଦୀପ ଜଳାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଅନୁଗାମୀ ଓ ପ୍ରମୁଖ କର୍ମକର୍ତ୍ତା ତଥା ବନ୍ଦରରେ କାର୍ଯ୍ୟରତ ସୁଶାନ୍ତ କୁମାର ସେଠୀ, ବେଲାଲସେନ ନାୟକ, କାଳୀପ୍ରସାଦ ମିଶ୍ର, ପଙ୍କଜ ସ୍ୱାଇଁ, ସନ୍ତୋଷ ପାଣିଗ୍ରାହୀ, ଧନୁଚନ୍ଦ୍ର ତରାଇ ଆଦିଙ୍କ ସମ୍ପୂର୍ଣ୍ଣ ସହଯୋଗରେ କାର୍ଯକ୍ରମ ସଫଳ ହୋଇଥିଲା । ସକାଳୁ ଯୋଗାଭ୍ୟାସ ପରେ ସନ୍ତୋଷ ବୃଦ୍ଧା ଆଶ୍ରମରେ ଖାଦ୍ୟ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ନୂଆବଜାର ଆର୍ଟ ଅଫ ଲିଭିଂ ଆଶ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଭକ୍ତ ବୃନ୍ଦ ତଥା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀଶ୍ରୀଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ଅନ୍ନଦାନ, ବସ୍ତ୍ରଦାନ, ବୃକ୍ଷବଣ୍ଟନ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ସୁଶିଲ କୁମାର ନାହାକ କହିଛନ୍ତି । କାର୍ଯ୍ୟକ୍ରମରେ ଆଇଓସିଏଲ, ଇଫକୋ, ପିପିଏଲ, ଏଏମଏନଏସ, ବହୁ ଶିଳ୍ପାନୁଷ୍ଠାନ, ସ୍ଥାନୀୟ ଅଞ୍ଚଳର ବହୁ ଅନୁଗାମୀ ଯୋଗ ଦେଇଥିଲେ । ରବିଶଙ୍କରଙ୍କ ଶିଷ୍ୟ ତଥା ଯୋଗଗୁରୁ ଓ ଓଡ଼ିଶାର ଘରେ ଘରେ ପରିଚିତ ତାପସ ରଂଜନ ପତିଙ୍କ ଉଦ୍ୟମ, ସେବା ଓ ବହୁ କର୍ମକର୍ତ୍ତାଙ୍କ ସହଯୋଗ ଯୋଗୁ ପାରାଦୀପ ଆର୍ଟ ଅଫ ଲିଭିଂର ବହୁ କାର୍ଯ୍ୟକ୍ରମ ଦୀର୍ଘ ୨୪ ବର୍ଷ ଧରି ସଫଳତାର ସହ ଆୟୋଜିତ ହୋଇଆସୁଅଛି । ତେବେ ଅନୁଷ୍ଠାନର ଏପରି ଆଧ୍ୟାତ୍ମିକ ଓ ସେବା କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଦିନରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ପାରାଦୀପ ଆଗମାନକୁ ନେଇ ତାଙ୍କର ଅନୁଗାମୀ ତଥା ଜନସାଧାରଣ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି ହୋଇଛି ।

ଦପା ଓ ତଳଦପା ମୌଜାର ବହୁ ସରକାରୀ ଜମି ଜବରଦଖଲ

# ଉଚ୍ଛେଦ ଦାବିରେ ତହସିଲଦାରଙ୍କୁ ଭେଟିଲେ ଚକରାସାହି ଗ୍ରାମବାସୀ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲ ବାରସର ପଞ୍ଚାୟତ ଅଧୀନ ଦପା ଓ ତଳଦପା ମୌଜାର ୨୦୦ରୁ ଉର୍ଦ୍ଧ୍ୱ ଏକର ସରକାରୀ ଜମି ଜବରଦଖଲ ହୋଇଛି । ଏହି ସରକାରୀ ଜମିର ଜବରଦଖଲ ଉଚ୍ଛେଦ ଦାବି କରି ଶୁକ୍ରବାର ଚକରାସାହି ଗ୍ରାମର ଆନନ୍ଦ ନାୟକ, ପୀତାମ୍ବର ନାୟକ, ଟୁଟୁ ନାୟକ, ଗୁଣାକାର ନାୟକ, ପ୍ରଫୁଲ୍ଲ ନାୟକ, ଗିରିଶ ଚନ୍ଦ୍ର ନାୟକ, ବାବୁରାମ ନାୟକ, ପ୍ରଭାତ ନାୟକ, ସୁବାସ ବଳ, ବିଜୟ ବାରିକ, ଉମାକାନ୍ତ ବିଶ୍ୱାଳ, ଶଶିକାନ୍ତ ବିଶ୍ୱାଳ, ଶ୍ରୀଧର ବାରିକ ପ୍ରମୁଖ ଶତାଧିକ ଗ୍ରାମବାସୀ ତହସିଲଦାରଙ୍କୁ ଭେଟିଥିଲେ । ତୁରନ୍ତ ଜବର ଦଖଲ ଉଚ୍ଛେଦ କରି ସରକାରୀ ଜମିକୁ ମୁକ୍ତ କରିବାକୁ ଦାବି କରିଥିଲେ । ଶନିବାର କ୍ଷେତ୍ରୀୟ ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଗ୍ରାମବାସୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଦପା ମୌଜାର ୮୬୨ନଂ ଖାତା ଓ ପ୍ଲଟ ନଂ ୩୯୦୪ରେ ଥିବା ୨୭ ଏକର ୩୧ ଡିସ୍ମିଲ ଗୋଚର, ତଳଦପା ମୌଜାର ଖାତା ନଂ ୫୨୧, ପ୍ଲଟ ନଂ ୨୨୧୯ରେ ୬.୬୫ଏକର ଓ ପ୍ଲଟ ନଂ ୨୩୧୯ରେ ୬୬.୯୧ ଏକର ଗୋଚର ଏବଂ ପ୍ଲଟ ନଂ ୨୧୨୬ରେ ୯୧.୪୬ ଏକର ଗ୍ରାମ୍ୟ ଜଂଗଲ, ଖାତା ନଂ ୫୨୨, ପ୍ଲଟ ନଂ ୧୪୫ରେ ୧.୩୧ ଏକର ଓ ପ୍ଲଟ ନଂ ୪୪୮ରେ ୮.୭୪ ଏକର ଗୋଚର ଜମି ଜବର ଦଖଲ ହୋଇଛି । ଗ୍ରାମର କିଛି ଲୋକ ଜମିକୁ ଚାଷ ଜମିରେ ପରିଣତ କରିବା ସହ କେତେକ ଗୃହ ନିର୍ମାଣ ମଧ କରିଛନ୍ତି । ଗ୍ରାମରେ ଗୋଚର ଜମିନଥିବା ବେଳେ ଶବ ଶତ୍କାର ପାଇଁ ମଧ ସରକାରୀ ଜମି ନାହିଁ । ଏପରିକି ଯେଉଁ ବ୍ୟକ୍ତିମାନେ ସରକାରୀ ଜମିକୁ ଜବର ଦଖଲ କରି ଚାଷ କରୁଛନ୍ତି ସେମାନେ ଗ୍ରାମର କେତେକ ଲୋକଙ୍କୁ ତାଙ୍କ ବ୍ୟକ୍ତିଗତ ଜମିକୁ ଯିବା ପାଇଁ ରାସ୍ତା ଛାଡୁନାହାନ୍ତି । ଫଳରେ ଗଣ୍ଡଗୋଳର ସୂତ୍ରପାତ ହେଉଛି । ଏହି ସରକାରୀ ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ ଗତ ୨୦୧୨ ମସିହାରେ ତତ୍କାଳୀନ ତହସିଲଦାରଙ୍କୁ ଗ୍ରାମବାସୀ ଦାବି କରିଥିଲେ । ସେତେବେଳେ ଅଭିଯୋଗ ମୂଳେ ତହସିଲଦାର ତୁରନ୍ତ ମାପଚୁପ କରି ଅବରୋଧ ମୁକ୍ତ କରିବାକୁ କାଁପଡ଼ା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାଁପଡ଼ା ରାଜସ୍ୱ ନିରୀକ୍ଷକ ସେତେବେଳେ ସରକାରୀ ଜମିର ମାପଚୁପ କରି ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ରିପୋର୍ଟ ପ୍ରଦାନ କରିଥିଲେ । ମାତ୍ର ଗ୍ରାମସଭାରେ ଜବରଦଖଲକାରୀ ସରକାରୀ ଜମି ଛାଡ଼ିଦେବେ ବୋଲି କହିଥିଲେ । ସେହି ଅନୁସାରେ ସେମାନେ ସରକାରୀ ଜମି ଛାଡ଼ି ଦେଇଥିଲେ । ପରବର୍ତ୍ତୀ ସମୟରେ ପୁଣି ଦଖଲ କରିଥିଲେ । ଫଳରେ ୨୦୨୪ ଡିସେମ୍ବର ୨୬ରେ ଗ୍ରାମବାସୀ ପୁଣି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଗତ ମାସ ୨୩ରେ ଜବରଦଖଲ ସମ୍ପର୍କରେ ସବିଶେଷ ତଥ୍ୟ ତହସିଲଦାରଙ୍କୁ ଦେବା ସହିତ ସରକାରୀ ଅମିନଙ୍କ ଦ୍ୱାରା ମାପଚୁପ କରାଇବାକୁ ରିପୋର୍ଟରେ ଦର୍ଶାଇଥିଲେ । ଏହା କାର୍ଯ୍ୟକାରୀ ନହେବାରୁ ଚକରାସାହି ଗ୍ରାମବାସୀ ତହସିଲଦାରଙ୍କୁ ଭେଟିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଉମରକୋଟ: (ଭାସ୍କର ନ୍ୟୁଜ୍ ) : 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଏହାର ବୀର ଗାଥାକୁ ଲୋକଲୋଚନରେ ପ୍ରସାର କରି ଭାରତୀୟ ଯବାନମାନଙ୍କୁ ସମ୍ମାନ ଜଣାଇବାକୁ ଯାଇ ଉମରକୋଟ ପୌର ପରିଷଦ ଏବଂ ଉମରକୋଟ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଉମରକୋଟ ଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଭାବ ପ୍ରକାଶ କରି ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଉମରକୋଟ ସହର ପରିକ୍ରମା କରିଥିଲା। ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବୀର ଯବାନଙ୍କ ସମ୍ମାନାର୍ଥେ ଏହି ଶୋଭାଯାତ୍ରାରେ ଉମରକୋଟ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ବିଧାୟକ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ସମାଜସେବୀ ରଜତ ସନ୍ତା, ମିଲୁ ପଣ୍ଡା, ବାଦଲ ପଟ୍ଟନାୟକ, ଅନେକ ବୁଦ୍ଧିଜୀବୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ବିଭିନ୍ନ କଲେଜର ଏନସିସିର ଛାତ୍ରଛାତ୍ରୀ ସହ ପ୍ରଶାସନର ସମସ୍ତ ଅଧିକାରୀ ଜନସାଧାରଣଙ୍କ ସହ ବାଇକରେ ବସି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ଉମରକୋଟ ଡ଼ଙ୍ଗରିଗୁଡା କାଳୀ ମନ୍ଦିର ଠାରୁ ବାହାରି ଗାନ୍ଧିଛକ ହୋଇ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା ଓ ଶେଷରେ ମାନ୍ୟବର ମନ୍ତ୍ରୀ ଯବାନଙ୍କ ସାହସିକତା ଓ ସଫଳତାର ପରାକ୍ରମ ବିଷୟରେ ଉଦ୍ବୋଧନ ଦେଇଥିଲେ।

# ନଭେମ୍ବରରେ ମାଲକାନାଗିରିରୁ ଉଡ଼ିବ ବିମାନ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବିଜେଡି ସରକାର ମାଲକାନଗିରି ଜିଲ୍ଲାକୁ ବିକାଶ ମୁହାଁ କରିବା ପାଇଁ ଅନେକ ପଦକ୍ଷେପ ନେଇଥିଲେ। ଜିଲ୍ଲା ବିକାଶ ଧାରାରେ ଆଗକୁ ବଢିବାରେ ଲାଗିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରେ ବିମାନ ବନ୍ଦର ନିର୍ମାଣ କରି ଜିଲ୍ଲାବାସୀଙ୍କୁ ଉଡିବାର ସ୍ୱପ୍ନକୁ ସାକାର କରିବା ଦିଗରେ ପଦକ୍ଷେପ ନେଇଥିଲେ। ଏପରି ବିମାନ ବନ୍ଦରର ଉଦ୍‌ଘାଟନ ସହ ଟ୍ରାଏଲ ରନ୍ ମଧ ହୋଇ ସାରିଥିଲା ଓ ରାଜ୍ୟରେ ନୂଆ ସରକାର ଆସିବା ପରେ ବିମାନ ଉଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା ଓ ନୂଆ ସରକାର ଆସିବାର ପ୍ରାୟ ୧ ବର୍ଷ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ବିମାନ ଉଡ଼ିବା ଉପରେ ଗୁରୁତ୍ୱ ଦିଆଯାଉ ନଥିବା ଜଣା ପଡିଛି। ଏଥି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଏକ ବୈଠକ କରାଯାଇ ମାଲକାନଗିରି ବିମାନ ବନ୍ଦର କିପରି କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ଭିସି ମାଧ୍ୟମରେ ଆଲୋଚନା କରା ଯାଇଥିବା ସୂଚନା ମିଳିଛି। ଏହି ଆଲୋଚନାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ, ନୋଡାଲ ଅଫିସରଙ୍କ ସହିତ ଅନ୍ୟାନ ଅଧିକାରୀ ଓ ମାଲକାନଗିରି ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ରବିନ୍ଦ୍ର କୁମାର ବେହେରା ବିମାନ ବନ୍ଦର କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ନଭେମ୍ବର ମାସ ମଧ୍ୟରେ ବିମାନ ବନ୍ଦର କାର୍ଯ୍ୟକାରୀ ହୋଇ ମାଲକାନଗିରି ବିମାନ ବନ୍ଦରରୁ ନନ୍ ସିଡ୍ୟୁଲ ବିମାନ ଚଳାଚଳ ଆରମ୍ଭ ହେବା ପାଇଁ ଟେଣ୍ଡର ଡକାଯାଇଛି। ଆସନ୍ତା ନଭେମ୍ବର ମାସରେ ମାଲକାନଗିରି ବିମାନ ବନ୍ଦରରୁ ବିମାନ ଉଡ଼ାଣ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିବା ଜଣାପଡିଛି। ତେବେ ବିମାନ ବନ୍ଦରକୁ ନିର୍ମାଣ କରି ଏହାର ଉଦ୍‌ଘାଟନ କରିବା ସହ ଟ୍ରାଏଲ ରନ୍ ଶେଷ କାର୍ଯ୍ୟକୁ ପୂର୍ବ ସରକାର ତ୍ୱରିତ ଭାବେ କରିଥିଲେ ହେଁ ଗତ ପ୍ରାୟ ଏକ ବର୍ଷ ହେବ ବିମାନ ଉଡାଇବାରେ ନୂଆ ସରକାର ସକ୍ଷମ ହୋଇ ନାହାନ୍ତି।

# ପଞ୍ଚାୟତରେ ଡାକ୍ତରଖାନା ନିର୍ମାଣ ପାଇଁ ସରପଞ୍ଚଙ୍କ ଅନୁରୋଧ



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ମାଦକାପଦର ପଞ୍ଚାୟତ ଅଞ୍ଚଳରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଅଭାବ ଦୀର୍ଘଦିନ ଧରି ଲୋକମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ରହିଛି। ଅଞ୍ଚଳର ଗରିବ ଓ ଦୁରଗାମୀ ଗ୍ରାମ ଓ ବାସିନ୍ଦାମାନେ ସ୍ୱଳ୍ପ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମଧ ବହୁ ଦୂର ଚାଲି ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ପଞ୍ଚାୟତ ସ୍ତରରେ ଏକ ନୂଆ ଡାକ୍ତରଖାନା ନିର୍ମାଣ ପାଇଁ ଯୋଜନା ନିଆଯାଇଛି। ଏହି ଯୋଜନାକୁ ସାକାର କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ ହେବା ଦରକାର। ଏହି ପରିପ୍ରେକ୍ଷିତରେ, ଡାକ୍ତରଖାନା ନିର୍ମାଣ ପାଇଁ ବାହାଦୁରଗୁଡ଼ା ଅଞ୍ଚଳରେ ଥିବା ଲୋଟା ବୁଦା କ୍ଷେତ୍ରକୁ ଚିହ୍ନଟ କରାଯାଇଛି। ଏହି କ୍ଷେତ୍ର ବନ ବିଭାଗର ଅଧୀନରେ ଥିବାରୁ, ସେହି ସ୍ଥାନ ଶୁଦ୍ଧିକରଣ ପାଇଁ ବନାଞ୍ଚଳ ଅଧିକାରୀଙ୍କ ଅନୁମତି ଦରକାର। ଏହି ଅନୁମତି ପାଇଁ ମାଡକାପଦର୍ ସରପଞ୍ଚ ଡମ୍ବରୁ ସୀସା ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ଭେଟି ଏକ ଲିଖିତ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଏହି ଚିଠିରେ ସେ ବାହାଦୁରଗୁଡ଼ା ରେ ଥିବା ଲୋଟା ବୁଦା କ୍ଷେତ୍ରକୁ ସଫା କରି ଏଥିରେ ଡାକ୍ତରଖାନା ନିର୍ମାଣ ପାଇଁ ଆବଶ୍ୟକ ଯୋଗାଯୋଗ ଓ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ସାକାର ହେଲେ ମାତ୍ର ଏହି ଅଞ୍ଚଳରେ ଥିବା ଲୋକମାନେ ଘରବାସୀ ଭାବରେ ଡାକ୍ତର ଓ ଔଷଧ ସେବାର ଉପଭୋଗ କରିପାରିବେ। ଜନସାଧାରଣ ମଧ ଏହି ଯୋଜନାକୁ ଉତ୍ସାହିତ ଭାବେ ସ୍ୱାଗତ କରୁଛନ୍ତି ଓ ତାଙ୍କ ସହଯୋଗ ମାଧ୍ୟମରେ ଏହି ପଦକ୍ଷେପକୁ ଅଗ୍ରଗତି ମିଳିବ ବୋଲି ଆଶା କରାଯାଉଛି।ପ୍ରଶାସନ ଓ ସ୍ଥାନୀୟ ବିକାଶ କର୍ମଚାରୀମାନେ ଏହି ଯୋଜନା ପ୍ରତି ସଚେତନ ଓ ଦ୍ରୁତ ପଦକ୍ଷେପ ଗ୍ରହଣ କଲେ, ମାଦକାପଦର୍ ପଞ୍ଚାୟତ ଶୀଘ୍ର ହିଁ ଏକ ସୁସଜ୍ଜିତ ଡାକ୍ତରଖାନା ରେ ରୂପାନ୍ତରିତ ହେବ।

# ବର୍ଯ୍ୟବସ୍ତୁ ପରିଚାଳନା ଓ ଆଇନ ସଂପର୍କରେ ସଚେତନତା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନୀ ସେବା ପ୍ରାଧିକରଣଙ୍କ ଆନୁକୁଲ୍ୟରେ ଓ ଜିଲ୍ଲା ଜଜ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲ୍ଲା ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ବର୍ଯ୍ୟବସ୍ତୁ ପରିଚାଳନା ଓ ଏହି ସଂପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୂଖ୍ୟ ଅତିଥି ଭାବେ ଆଇନିସେବା ପ୍ରାଧିକରଣଙ୍କ ମାନ୍ୟବର ସଚିବ-ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ମୂଖ୍ୟ ଆଇନିସେବା ଅଧିବକ୍ତା ଅଶୋକ କୁମାର ପଟ୍ଟନାୟକ, ଉପମୁଖ୍ୟ ଆଇନ ସେବା ଅଧିବକ୍ତା ରାଜେଶ ପଟ୍ଟନାୟକ, ସହାୟକ ଆଇନ ସେବା ଅଧିବକ୍ତା ସଂଯୁକ୍ତା ଦତ୍ତ, ମାଲକାନଗିରି ପୌର ପାଳିକାର ବାର୍ଯ୍ୟବସ୍ତୁ ପରିଚାଳନା ବିଶେଷଜ୍ଞ ଇଞ୍ଜିନିୟର ଲିଙ୍ଗରାଜ ପାଳ ପ୍ରମୁଖ ଯୋଗ ଦେଇଥିଲେ। ମୂଖ୍ୟ ଅତିଥି ଓ ଅନ୍ୟ ସମସ୍ତ ଅତିଥି ବାର୍ଯ୍ୟବସ୍ତୁ ବ୍ୟବସ୍ଥାପନ, ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ, ପରିବେଶର ସୁରକ୍ଷା, ଏହି ସମ୍ପର୍କିତ ଆଇନ-୨୦୧୬, ସରକାରଙ୍କ ବିଭିନ୍ନ ନିର୍ଦ୍ଦେଶାବଳୀ, ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶନାମା ଓ ମାର୍ଗଦର୍ଶିକା, ଜାତୀୟ ଆଇନସେବା ପ୍ରଧିକରଣଙ୍କ ନିର୍ଦ୍ଦେଶନାମା ଓ ମାର୍ଗଦର୍ଶିକା ତଥା ଆଇନ ଉଲଂଘନକାରୀଙ୍କ ବିରୁଦ୍ଧରେ କଠୋର ଦଣ୍ଡ ସହ ପିଡିତାଙ୍କୁ କ୍ଷତିପୂରଣର ବ୍ୟବସ୍ଥା, ଏହି ସଂପର୍କରେ ଆଇନସେବା ପ୍ରାଧିକରଣଙ୍କ ଦାୟିତ୍ୱ ଓ କ୍ଷମତା ଇତ୍ୟାଦି ଉପରେ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ନଗର ପଳିକାର କର୍ମଚାରୀ, ସ୍ୱେଛାସେବୀ, ଶତାଧିକ ମହିଳା ଯୋଗ ଦେଇଥିଲେ।

# ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଚାଷୀ ସମାବେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଓଡିଶାର ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାର ସଫଳତା ଚାଷୀ ମାନେ ପାଇ ଲାଭବାନ ହେଉଛନ୍ତି। ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା ଓଡିଶାର ଚାଷୀମାନେ ପାଇଥିବାରୁ ଗତକାଲି କରଞ୍ଜିଆ ସହରସ୍ଥ ସାଇ ସାଗର କଲ୍ୟାଣ ମଣ୍ଡପ ଠାରେ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଚାଷୀ ସମାବେଶ କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ହଜାର ହଜାର ଚାଷୀ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀମାନ କୃଷ୍ଣ ଚନ୍ଦ୍ର ପାତ୍ର, ଜଂଗଲ ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ, କରଂଜିଆ ବିଧାୟକ ପଦ୍ମ ଚରଣ ହାଇବୃରୁ, ବରିଷ୍ଠ ବିଜେପି ନେତା ନବ ପଣ୍ଡା, କୃପାସିନ୍ଧୁ ମହାନ୍ତ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ଜିଲ୍ଲା ପ୍ରଭାରୀ ଶ୍ରୀଧର ସାହୁ, ବିଜେପି ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବିମଳ କୁମାର ସେନାପତି, ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

# ଆମ ଆଦମୀ ପାର୍ଟି ପକ୍ଷରୁ କୃତୀ ଛାତ୍ରଛାତ୍ରୀ ସମାରୋହ



ଗୋପ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା ଗୋପ ବ୍ଲକ ଜହ୍ନି ବାଲିଆ ହାଟ ଠାରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ କୃତୀ ଛାତ୍ରଛାତ୍ରୀ ସମାରୋହ-୨୦୨୫ ବା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆପ ଓଡିଶା ରାଜ୍ୟ ସଙ୍ଗଠକ ଶ୍ରୀକାନ୍ତ କୁମାର ପାଣି, ମୁଖ୍ୟବକ୍ତା ଆପ ଓଡିଶା ରାଜ୍ୟ ସଙ୍ଗଠକ ସଂଦୀପ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଆପ ପୁରୀ ଜିଲ୍ଲା ସଭାପତି ସଂଜୀବ କୁମାର ମହାନ୍ତି, ପୁରୀ ଜିଲ୍ଲା ଉପସଭାପତି ରବୀନ୍ଦ୍ର ନାଥ ସାହୁ, ଯାଜପୁର ଜିଲ୍ଲା ସଭାପତି ମନୋଜ କୁମାର ମହାନ୍ତି, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦେବ ପ୍ରଧାନ, ସମାଜସେବୀ ସୋନାଲି ରାଉତ, ଲକ୍ଷ୍ମୀପ୍ରିୟା ପୋଟେଇ, ହରିହର ସ୍ୱାଇଁ, ପଦ୍ମନାଭ ଲେଙ୍କା, ଭୋଳାନାଥ ମୁଦୁଲି, ଜଟାଧାରୀ ସ୍ୱାଇଁ, ଧ୍ରୁବ ଚରଣ ବେହେରା, ବାଙ୍କ ବିହାରୀ ନାୟକ, ବାଉରୀ ବନ୍ଧୁ ଦଳାଇ, ବାନାମ୍ବର ସ୍ୱାଇଁ, ଦିବାକର ଦଳାଇ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ ଶିକ୍ଷାବିତ ମନରଞ୍ଜନ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ ପ୍ରଥମ କରି ଗୋପ ବ୍ଲକର ୧୪ ନଂ ଜୋନ୍‌ରେ ଥିବା ସମସ୍ତ ହାଇସ୍କୁଲରେ ୪ଶହରୁ ଉର୍ଦ୍ଧ୍ୱ ମାଟ୍ରିକ ପରୀକ୍ଷାରେ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ଏ୧,ଏ୨, ବି୧, ବି୨ ପାଇଥିବା ୧୨୫ ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ଦେଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଆସନ୍ତା ବର୍ଷ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କ ମନରେ ଉତ୍ସାହ ବଢାଇବା ସହ ଭଲ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି ଅତିଥି କହିଥିଲେ। ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳବାସୀଙ୍କୁ ସଚେତନତା କରିଛନ୍ତି।

# ବୃକ୍ଷରୋପଣ ସହ ସାପ୍ତାହିକ ହାଟ ଉଦ୍‌ଘାଟନ

ତେନ୍ତୁଳୀଖୁଣ୍ଟି, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ କୁକୁଡାବାଇ ଛକ ନିକଟରେ ନୂତନ ସପ୍ତାହିକ ହାଟ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। କିଛି ଦିନ ପୂର୍ବେ ଏହି ସପ୍ତାହିକ ହାଟ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା ଏବଂ ଉକ୍ତ ବୈଠକରେ ୧୫ ତାରିଖ ବୁଧବାର ଦିନ ଉଦ୍‌ଘାଟନ କରିବା ନେଇ ନିଷ୍ପତି କରାଯାଇଥିଲା। କୁକୁଡାବାଇ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳ ପାଇଁ କିଣାବିକା ପାଇଁ କୌଣସି ସୁବିଧା ନ ଥିଲା । ତେଣୁ କୁକୁଡ଼ା ବାଇ ଛକ ନିକଟରେ ଗୋଟିଏ ସାପ୍ତାହିକ ହାଟ କରିବା ପାଇଁ ସ୍ଥାନୀୟ ବାସିନ୍ଦା ନିଷ୍ପତି କରି ବୁଧବାର ଦିନ ହାଟ କରିବା ନେଇ ନିଷ୍ପତି କରି ଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିବା ସହ ନିକଟରେ ଥିବା ପଡିଆରେ ବୃକ୍ଷରୋପଣ କରିଥିଲେ। ଏହି ସମୟରେ ତେନ୍ତୁଳୀଖୁଣ୍ଟି ବିଡ଼ିଓ ମୋନଜ କୁମାର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ନୀଳାଦ୍ରି ନାୟକ,ଦୁଇ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଓ ଅଭିମନ୍ୟୁ ହରିଜନ, ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ବିଶୋଇ, ସ୍ଥାନୀୟ ସରପଞ୍ଚ, ବ୍ଲକ ସ୍ତରୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ରହିଥିଲେ। ଏହି ସପ୍ତାହିକ ହାଟର ପ୍ରଥମ ଦିନରେ ସମୁଦାୟ ୮୪ ଟି ଦୋକାନ ବସିଥିବା ଦେଖିବାକୁ ମିଳିଥିଲା।

# ଖେଲୋ ଇଣ୍ଡିଆରେ ବାସନ୍ତୀଙ୍କ ସଫଳତା



ମୁରିବାହାଲ,(ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଡ଼ଙ୍ଗରପଡା ଗ୍ରାମର ଅଙ୍ଗଦାନଙ୍କ ଝିଅ ବାସନ୍ତୀ ନାଗ ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡିଶା ବାଳିକା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବାସନ୍ତୀ ତାଙ୍କର ପ୍ରତିଭା ଓ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ ଦ୍ୱାରା ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ମୁରିବାହାଲ ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିବା ବେଳେ ଅଞ୍ଚଳବାସୀଙ୍କ ହୃଦୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡା ବିହାରଠାରେ ଅନୁଷ୍ଠିତ ହୋଇଥିଲା।

# ନୃତ୍ୟାଙ୍ଗନା ଦୀପିକାଙ୍କୁ ପଦ୍ମିନୀ ନୃତ୍ୟ ରତ୍ନ ସମ୍ମାନ




କରଞ୍ଜିଆ, (ଭାସ୍କର ନ୍ୟୁଜ୍ ) : କରଞ୍ଜିଆର ନୃତ୍ୟାଙ୍ଗନା ଦୀପିକା ଦାସ ପଦ୍ମିନୀ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ସ୍ଥିତ ଦୀଘା ଠାରେ ନନ୍ଦନିକ ମାନୁଷ୍ ପରଫରମିଙ୍ଗ୍ ଆର୍ଟସ୍ ଫାଉଣ୍ଡେସନ ପକ୍ଷରୁ କ୍ରୀଏଟିଭ ଡାଇରେକ୍ଟର ରତୁରାଜ ପରମାଣିକଙ୍କ ସଂଯୋଜନାରେ ୧୧୫ତମ ଆନ୍ତର୍ଜାତିକ ନୃତ୍ୟ ସମ୍ମିଳନୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତ ତଥା ବିଦେଶରୁ ଆନ୍ତର୍ଜାତିକ ସ୍ତରର ସୁନାମଧନ୍ୟ ନୃତ୍ୟ ଶିଳ୍ପୀ ମାନେ ଆସି ନିଜର ନୃତ୍ୟପ୍ରତିଭା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଫେଷ୍ଟିଭାଲ ଡାଇରେକ୍ଟର ପ୍ରିୟଙ୍କା ଦାସ ଚୌଧୁରୀ, ବିଶିଷ୍ଟ ଭାରତନାଟ୍ୟମ ନୃତ୍ୟାଙ୍ଗନା ପିପାସା ବାରିକ, ସୁନାମଧନ୍ୟ କଥକ ଗୁରୁ ସ୍ୱାତୀ ବେନାର୍ଜୀ, ଫେଷ୍ଟିଭାଲ ଡାଇରେକ୍ଟର ସୀମା ପଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡିଶାକୁ ପ୍ରତିନିଧିତ୍ୱ କରି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସ୍ଥିତ ସୁନାମଧନ୍ୟ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀର ଶିକ୍ଷାର୍ଥୀ ସୁଶ୍ରୀ ଦୀପିକା ଦାସ ମହୋତ୍ସବରେ ଯୋଗଦାନ କରି ଉଚ୍ଚକୋଟୀର ପାରମ୍ପରିକ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହେବା ସହ 'ପଦ୍ମିନୀ ନୃତ୍ୟରତ୍ନ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୂର୍ବରୁ ଦୀପିକା ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଆନ୍ତର୍ଜାତିକ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନିତ ହୋଇଛନ୍ତି। କରଞ୍ଜିଆ ନିବାସୀ ସାମ୍ବାଦିକ ଦୀନେଶ୍ କୁମାର ଦାସ ଏବଂ ସୁସ୍ମିତା ଦାସଙ୍କ ଏକମାତ୍ର କନ୍ୟା ଦୀପିକା ସ୍ଥାନୀୟ ବିକାଶ କନଭେଣ୍ଟ ସ୍କୁଲ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ, କରଞ୍ଜିଆର ଅଗ୍ରଣୀ ତଥା ସୁନାମଧନ୍ୟ ନୃତ୍ୟାନୁଷ୍ଠାନ ନୃତ୍ୟଶ୍ରୀ ଠାରେ ପ୍ରତିଷ୍ଠାତା ସମ୍ପାଦକ ସମୀର ଓତାଙ୍କ ତତ୍ତ୍ୱାବଧାନରେ ତଥା ଗୁରୁ ପ୍ରଫେସର ଡ: ମନୋଜ କୁମାର ବେହେରା, ଗୁରୁ ଭାଗ୍ୟଶ୍ରୀ ସୁମୋନା ଓତାଙ୍କ ଠାରୁ ପାରମ୍ପରିକ ଓଡିଶୀ ନୃତ୍ୟ ଶିକ୍ଷା କରୁଛନ୍ତି। ଦୀପିକାଙ୍କ ଉକ୍ତ ସଫଳତାରେ ନୃତ୍ୟଶ୍ରୀର ସମସ୍ତ ଶିକ୍ଷାର୍ଥୀ ଏବଂ ଅଭିଭାବକ ଅଞ୍ଚଳର କଳାପ୍ରେମୀ ମାନେ ଶୁଭେଚ୍ଛା ଜଣେଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଅପରେସନ ସିନ୍ଦୂର ଶହୀଦଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଶହୀଦ ବାଜି ରାଉତଙ୍କ ସ୍ମୃତି ସ୍ତମ୍ଭ ସମିପରେ, ନିକଟରେ ଭାରତ ସେନା ବାହିନୀ ତରଫରୁ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପକୁ ଦମନ କରିବା ଉଦ୍ଦେଶ୍ୟରେ କରାଯାଇଥିବା 'ଅପରେସନ ସିନ୍ଦୂର' ଯୁଦ୍ଧ ଅଭିଯାନରେ ଶହୀଦ ହୋଇଥିବା ଭାରତର ବୀର ସୈନିକମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏକ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରାଯାଉଥିଲା। ବାଳ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ପରେ, 'ଅପରେସନ ସିନ୍ଦୂର'ରେ ଶହୀଦ ହୋଇଥିବା ଯବାନଙ୍କର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାପରେ ମହମବତୀ ପ୍ରଜ୍ୱଳନ କରାଯାଇ ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଭାରତର ସେନାବାହିନୀର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ, ଦେଶପ୍ରେମ, କର୍ତ୍ତବ୍ୟ ନିଷ୍ଠା, ବଳିଦାନକୁ କଂଗ୍ରେସ ତରଫରୁ ପ୍ରଶଂସା କରାଯାଇ ସାଧୁବାଦ ଜଣାଯାଇଥିଲା। ଦେଶରେ ଏପରି ଘଡିସଂଧି ମୂହୁର୍ତ୍ତ ଏବଂ ସଂକଟ ସମୟରେ ଦେଶବାସୀ ମାନଙ୍କ ମଧ୍ୟରେ ଏକତା ଏବଂ ଭାଇଚାରା ରହିବା ଏକାନ୍ତ ଆବଶ୍ୟକ, ଯାହାକି ସେନାର ମନୋବଳ ବୃଦ୍ଧି କରିବା ସହିତ ଶତ୍ରୁପକ୍ଷକୁ ପରାହତ କରିବା ସହଜ ହେବ ବୋଲି କଂଗ୍ରେସ ତରଫରୁ ଆହ୍ୱାନ ଦିଆଯାଇଛି। ସଭାରେ ବରିଷ୍ଠ ନେତା ଡାକ୍ତର ତୁଷାର କାନ୍ତି ନାୟକ, ରବିନାରାୟଣ ମହାନ୍ତି, ବେଣୁଧର ସାହୁ, ପିସିସି ପୂର୍ବତନ ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ସରୋଜ କୁମାର ଶତପଥୀ, ଅବିନାଶ ପଣ୍ଡା, ବନମାଳି ଦାସ, ଅଖିଳ ମହାପାତ୍ର, ସଂଗ୍ରାମ କେଶରୀ ଦାସ, ବିନୟ କୁମାର ସାହୁ, ବୀପ୍ରବର ସାହୁ, ଉର୍ମିଳା ଦାସ, ଗୟାରାମ ସେଠୀ, ସୁଶାନ୍ତ କୁମାର ଧଳ, ନିଶାକର ସାହୁ, ଜିତେନ୍ଦ୍ର କୁମାର ସାହୁ, ସୁଦେସ୍ନା ଜେନା, ଏମ୍‌ଡି ସମୀର, ମହମ୍ମଦ ଜାବୀର ବକ୍ସ, ଅଜେନ୍ଦ୍ର ସାମଲ, ଆଡଭୋକେଟ୍ ଅଶୋକ ମଲ୍ଲିକ, ପ୍ରିୟବ୍ରତ ସାସମଲ୍, ସାଗିର୍ ବେଗ୍, ମୁସ୍ତାଫା ବେଗ୍, ମୁସୁ ବେଗ୍, ସ୍ୱରୂପାନନ୍ଦ ଦାସ, ସାବିତ୍ରୀ ଜେନା, ସଂଯୁକ୍ତା ସାହୁ, ରାଧାରାଣୀ ଜେନା, ଦୀପୁ ସାହୁ, ନଟବର ବେହେରା, ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ବେଣୁଧର ସାହୁ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାହକଙ୍କୁ ଶୋଷଣ କରୁଛି ଇ-ବାଇକ୍ କମ୍ପାନୀ

ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ପରିବେଶ ସୁରକ୍ଷା ଓ ପ୍ରଦୂଷଣ ମୁକ୍ତ ପାଇଁ କେନ୍ଦ୍ର ସରକାର ସବସିଡିରେ ଇଲେକ୍ଟ୍ରି ବାଇକ ବିଭିନ୍ନ କମ୍ପାନୀ ମାଧ୍ୟମରେ ବିକ୍ରି କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ଇ - ସବସିଡି ଇଲେକ୍ଟ୍ରି ଚାଳିତ ବାଇକ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାର ବ୍ୟତିକ୍ରମରେ ଓକିନାୱା ନାମକ କମ୍ପାନୀ ସରକାରଙ୍କ ନିୟମକୁ ବେଖାତିର କରୁଥିବାର ବହୁ ଇ-ବାଇକ ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଥାଉକି ନୟାଗଡ଼ ଓକିନାୱା କମ୍ପାନୀ ଶାଖା ଦ୍ୱାରା ବୋଲଗଡ ବ୍ଲକ ଅଞ୍ଚଳ ଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଶତାଧିକ ଇଲେକ୍ଟ୍ରି ଚାଳିତ ବାଇକ କୋଟି କୋଟି ଟଙ୍କାରେ ବିକ୍ରି କରି ଇ-ବାଇକ ଶୋରୁମ ବନ୍ଦ କରିବା ଫଳରେ ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାର ଦେଖିବାକୁ ମିଳିଛି। କମ୍ପାନୀ କୋଟି କୋଟି ଟଙ୍କା ଲାଭ ପାଇ ମାଲାମାଲ ହେଉଥିବା ବେଳେ ଗ୍ରାହକମାନେ ଶୋଷଣ ହୋଇଛନ୍ତି। ନୂଆ ଇ-ବାଇକ ଗାଡ଼ି ମାସ ଦୁଇମାସ କିଣିଲାପରେ ଗାଡିର ବିଭିନ୍ନ ମୂଲ୍ୟବାନ ପାଟ୍ସର ଗ୍ୟାରେଣ୍ଟି ଓ ୱାରେଣ୍ଟିରୁ ବଞ୍ଚିତ ହେଉଥିବାବେଳେ ଲକ୍ଷାଧିକ ଟଙ୍କାର ଗାଡିଗୁଡିକ ଗ୍ରାହକମାନଙ୍କ ଘରେ ଥୋଇ ଚିନ୍ତାରେ ପଡ଼ିଛନ୍ତି। ତେବେ ଏହି କମ୍ପାନୀର ଶାଖା ସ୍ଥାନୀୟ ଶୋରୁମ ମାଲିକଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନ ମିଳିଥିବା ବେଳେ ଭୁବନେଶ୍ୱର ସ୍ଥିତ ଓକିନାୱା ଶୋରୁମ ସହିତ ଯୋଗାଯୋଗ ପାଇଁ ପ୍ରକାଶ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି କି ଓକିନାୱା କମ୍ପାନୀର ପ୍ରାଇସ ପ୍ରୋ ଗାଡ଼ି ୬୦ରୁ ୭୦କି.ମି ମାଇଲେଜ ଥିବାବେଳେ ନୂଆ ବାଇକର କିଣିବାର ବିଭିନ୍ନ ସର୍ତ୍ତକୁ କମ୍ପାନୀ ଫୁ କରିଦେଇଛି। ଏଥିପ୍ରତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ମନ୍ତ୍ରୀ ଦୃଷ୍ଟି ଦେବାକୁ ଜନସାଧାରଣ ମାନେ ଅନୁରୋଧ କରିଛନ୍ତି।

# ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ବୃଦ୍ଧ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହୁପଦର ସଦର କସ୍ରାଭଟ୍ଟା ସାହିରେ ରହୁଛନ୍ତି ୮୦ରୁ ଅଧିକ ବୟସର ଭିନ୍ନକ୍ଷମ ଆଇତା ଦୁରୁଆ। ଆଇତାଙ୍କ ପତ୍ନୀ ଓ ଝିଅର ମୃତ୍ୟୁ ପରେ ସେ ଏକୁଟିଆ ରହୁଛନ୍ତି। ଏବେ ଆଇତା ସମ୍ପୂର୍ଣ୍ଣ ଅସହାୟ ଅବସ୍ଥା ଜୀବନ ସହିତ ସଂଘର୍ଷ କରି ଜୀବନ ବଞ୍ଚିଛି ଓ ନିଜର ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନାହିଁ। ଏବେ ନିଜ ପୁତୁରା ଘରେ ରହୁଛନ୍ତି। ଏ ପର୍ଯ୍ୟନ୍ତ ବିକଳାଙ୍ଗ ଆଇତା ଭୋଟର ପରିଚୟ ପତ୍ର, ଆଧାର କାର୍ଡ ନଥିବାରୁ ସରକାରଙ୍କର ସମସ୍ତ ଯୋଜନାରୁ ବଞ୍ଚିତ ଥିବା ଜଣାପଡିଛି। ଏ ବିଷୟରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ସାକ୍ଷାତ କରିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କୁ ଡକାଇ ବିକଳାଙ୍ଗ ଆଇତା ବିଷୟରେ ପଚାରିବାରୁ ଗତ କିଛି ଦିନ ପୂର୍ବରୁ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଥିଲା। କିନ୍ତୁ ଯେଉଁ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଥିଲା ସେମାନେ ଶିବିରକୁ ଆଣିବାରେ ସକ୍ଷମ ହୋଇ ନଥିଲେ। ସେଥିପାଇଁ ବୃଦ୍ଧ ଜଣଙ୍କ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିନାହାନ୍ତି ବୋଲି ଜାଣିବାକୁ ପାଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୃଦ୍ଧାଙ୍କର କେହି ନଥିଲେ ତାଙ୍କୁ ବୃଦ୍ଧାଶ୍ରମରେ ଆଣି ରଖିବାକୁ ପ୍ରସ୍ତାବ ଦେଇଛନ୍ତି।

# ଝୋଟ ଉତ୍ପାଦନ ପାଇଁ ଖନନ ହେବ କୃତ୍ରିମ ପୋଖରୀ

ତିହିଡି, (ଭାସ୍କର ନ୍ୟୁଜ୍ ) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ତଳଗୋପବିନ୍ଧା ପଞ୍ଚାୟତ ତଳଗୋପ ବିଲମଳିକ ଗ୍ରାମରେ ନଳିତା ପଚେଇବା ପାଇଁ ଏକ କୃତ୍ରିମ ପୋଖରୀ ଖନନ ହେବ। ଏନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଥିବା ଜଣାପଡିଛି। ପୋଖରୀ ଖନନ ହେଲେ ନଳିତା ଚାଷୀ ଉପକୃତ ହେବାସହିତ ଉତ୍ସାହିତ ହେବେ। ପୂର୍ବପରି ଏବେ ଆଉ ଗ୍ରାମାଞ୍ଚଳରେ ପୋଖରୀ, ଗାଡିଆ ଦେଖିବାକୁ ମିଳୁନି। ପୋଖରୀ ଗାଡ଼ିଆକୁ ପୋତି କିଏ ଜମିରେ ପରିଣତ କଲାଣିତ କିଏ ଗୃହ ନିର୍ମାଣ କଲାଣି। ଆଉ କେତେକ ସ୍ଥାନରେ ପୋଖରୀ ଗାଡିଆ ଦଳ ଭର୍ତ୍ତି ହୋଇ ଅବ୍ୟବହୃତ ଅବସ୍ଥାରେ ରହିଛି। ସେମିତି ନଇ ନାଳ ମଧ ପଡ଼ିଲାଣି। ଯାହାଫଳରେ ଗଡ଼ିଆ, ପୋଖରୀ, ନଇ, ନାଳ ମେଣ୍ଟାଉଥିବା କାମ ହୋଇ ପାରୁନି। ବିଶେଷ ଭାବେ ନଳିତା ଚାଷୀ ମାନେ ପୂର୍ବରୁ ଗାଡିଆ, ପୋଖରୀ, ନଈ ଓ ନାଳରେ ନଳିତାକୁ ପଚାଇ ଝୋଟ ଉତ୍ପାଦନ କରୁଥିଲେ। ଏବେ ନଳିତା ପଚେଇବା ପାଇଁ ସୁବିଧା ନ ଥିବାରୁ ନଳିତା ଚାଷୀ ହତୋତ୍ସାହ ହୋଇପଡୁଛନ୍ତି। ଏ ପରି ଅବସ୍ଥା ସମୟରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ସରପଞ୍ଚ ସଞ୍ଜୀବ ବେହେରାଙ୍କ ସହଯୋଗରେ ବ୍ଲକର ପ୍ରଥମକରି ନଳିତା ପଚେଇବାକୁ ଏକ କୃତ୍ରିମ ପୋଖରୀ ଖନନ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠେଇଥିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇଛି। ଏଥିପାଇଁ ତହସିଲଦାର ଜୟଦରଥ ଆଚାର୍ଯ୍ୟ ତଳଗୋପବିନ୍ଧା ପଞ୍ଚାୟତ ଅଧିନ ତଳଗୋପ ବିଲମଳିକ ସାହିଗ୍ରାମରେ ଏକ ସରକାରୀ ଜମି ଦେଇଛନ୍ତି। ସେହି ଜମିଉପରେ ୪୫ ଫୁଟ ଲମ୍ବ, ୩୫ ଫୁଟ ଓସାର ଓ ୫ଫୁଟ ୫ଇଞ୍ଚ ଗଭୀରରେ ପୋଖରୀ ଖନନ ହେବ। ପୋଖରୀର ତଳଭାଗ କଂକ୍ରିଟ ହେବ। ଚାଷୀମାନେ ଏହି ପୋଖରୀରେ ନଳିତା ପଚେଇ ଝୋଟ କରିପାରିବେ। ପୋଖରୀରେ ନଳିତା ପଚେଇବା କାର୍ଯ୍ୟକୁ ଶୃଙ୍ଖଳିତ କରିବା ପାଇଁ ଅନୁସୂଚିତ ଜାତିବର୍ଗର ଲୋକ ମାନଙ୍କୁନେଇ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। କେଉଁ ଚାଷୀ କେତେଦିନ ଆଉ କେଉଁ ଚାଷୀ ପରେ କେଉଁ ଚାଷୀ ନଳିତା ପଚେଇବ ଏସବୁର ଦାଇତ୍ୱ କମିଟି ବୁଝିବ ବୋଲି ଜଣାପଡିଛି। ତେବେ ପ୍ରସ୍ତାବଟି ଯେତେ ଶୀଘ୍ର ଅନୁମୋଦନ ଲାଭ କରିବ ସେତେ ଶୀଘ୍ର ଚାଷୀ ମାନେ ଉପକୃତ ହୋଇପାରିବେ ବୋଲି ନଳିତା ଚାଷୀମାନଙ୍କ ମହଲରେ ଆଲୋଚନା ହେଉଛି ।

**ଉତ୍ସାହିତ ଓ ଉପକୃତ ହେବେ ନଳିତା ଚାଷୀ**

# ଚୋରା ମଦ ଜବତ, ୫ ମହିଳା ସମେତ ୭ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟକୁରା, ମାର୍ଶାଘାଇ, ଜମ୍ବୁ ମେରାଇନ ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି (୩୫)ଙ୍କ ଠାରୁ ୨୬ ଲିଟର ଚୋରା ଦେଶୀମଦ, ଡିଙ୍କୁଣୀ ଦାସ (୩୮)ଙ୍କ ଠାରୁ ୨୦ ଲିଟର ଚୋରା ଦେଶୀ ମଦ, ଶାନ୍ତିଲତା ଦାସ (୭୫)ଙ୍କ ଠାରୁ ୧୭ ଲିଟର ଚୋରା ଦେଶୀ ମଦ, ତାଳସଙ୍ଗା ଗ୍ରାମର ସବିତା ଲେଙ୍କା (୪୬)ଙ୍କ ଠାରୁ ୩୦ ଲିଟର ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ସରସ୍ୱତୀ ଖିଲାର (୩୫)ଙ୍କ ଠାରୁ ୮୫ ଲିଟର ଚୋରା ଦେଶୀ ରନ୍ଧାମଦ, ଚନ୍ଦା ଖିଲାର (୫୧)ଙ୍କ ଠାରୁ ୩୭୦ ଲିଟର ଚୋରା ଦେଶୀ ରନ୍ଧାମଦ ଏବଂ ଗଗନ ସ୍ୱାଇଁ (୬୦)ଙ୍କ ଠାରୁ ୬୫ ଲିଟର ଚୋରା ଦେଶୀ ରନ୍ଧାମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୬୧୩ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ଜବତ କରାଯାଇ ୫ ମହିଳାଙ୍କ ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ଠାରୁ ସୂଚନା ମିଳିଛି। ଏହି ଚଢାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ପଦ୍ମ ଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ଫେରାର ଆସାମୀ ଗିରଫ

ରଘୁନାଥପୁର, (ରଘୁନାଥପୁର) : ରଘୁନାଥପୁର ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମର ଫେରାର ଥିବା ଜୈନିକ ବ୍ୟକ୍ତିଙ୍କୁ ଗୁରୁବାର ରଘୁନାଥପୁର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଏହି ଥାନା ଅଧୀନ ଗୋକୁଳପୁର ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁତ୍ର କାହ୍ନୁ ଚରଣ ସାହୁ ତାରପୁରଗ୍ରାମର ଦୁର୍ଲ୍ଲଭ ବାରିକିଙ୍କ ସହ ଏକ ମାରପିଟ ଘଟଣାକୁ କେନ୍ଦ୍ର କରି ତାଙ୍କ ପତ୍ନୀ ମଞ୍ଜୁଲତା ବାରିକ ଗତ ଏପ୍ରିଲ ୨୩ତାରିଖରେ ରଘୁନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ କେସ ନଂ ୭୨/୨୫ରେ ଏକ ମାମଲା ରୁଜ କରି ତଦନ୍ତ ଚଳାଇଥିଲା। ତେବେ ଥାନାରେ ଅଭିଯୋଗ ହୋଇଥିବା ଜାଣି ଆସାମୀ କାହ୍ନୁ ଫେରାର ହୋଇଯାଇଥିଲା। ପୋଲିସ ବହୁ ଖୋଜା ଖୋଜି କରି ଗୁରୁବାର ତାରପୁର ନଦୀବନ୍ଧ ସ୍ଥିତ ରାମମନ୍ଦିର ନିକଟରୁ କାହ୍ନୁକୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ସୁତ୍ରରୁ ପ୍ରକାଶ। ଏସ୍‌ଆଇ ଯୋଗେଶ ବେହେରା ଏହି କେସର ତଦନ୍ତକାରୀ ଅଧିକାରୀ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ସାଇ ସାଗର କନଭେନ୍ସନ ଠାରେ ପଶ୍ଚିମ ମୟୂରଭଞ୍ଜ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାପତି ମଦନ ମୋହନ ମହନ୍ତଙ୍କ ସଭାପତିତ୍ୱରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଓ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱତନ୍ତ୍ର ଅତିଥି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଉପସଭାପତି ପୁଲିନ ପ୍ରକାଶ ପ୍ରଧାନ, ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି କୁଳିଲାଲ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ଜିଲ୍ଲା ପ୍ରଭାରୀ କୃଷକ ମୋର୍ଚ୍ଚା ଶ୍ରୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ୩୧୦୦ ଟଙ୍କା ଓ ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ସମସ୍ତ ପରିମାଣର ଚାଷୀ ଅର୍ଥ ପାଇଥିବାରୁ ତଥା ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରି ନିଜ କଥା ରଖିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ କୃଷକ ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ। ପରେ ପରେ ମନ୍ତ୍ରୀ ଶ୍ରୀ ପାତ୍ର ଗ୍ରାମସ୍ତରୀ ବଙ୍ଗଳା ଠାରେ ଜନଶୁଣାଣି କରିବା ସହିତ କିଛି ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ।



# ମାଓକ୍ୟାମ୍ପ ଠାବ, ଛତ୍ରଭଙ୍ଗ ଦେଲେ ମାଓବାଦୀ



ବଲାଙ୍ଗୀର (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଛତରଦାଣ୍ଡି ଓ ଗନ୍ଧମାର୍ଦ୍ଦନ ପାହାଡ଼ରେ ଦୁଇଟି ମାଓବାଦୀ କ୍ୟାମ୍ପ ଠାବ ହୋଇଥିବା ସୂଚନା ରହିଛି। ଖପ୍ରାଖୋଲ, ଲାଠୋର ଓ ତୁରେକେଲା ଥାନା ଅଞ୍ଚଳର ଡିଭିଏଫ ଟିମ୍ ପକ୍ଷରୁ ସ୍ୱତନ୍ତ୍ର ସର୍ଚ୍ଚ ଅପରେସନ ବେଳେ ଏହି ଦୁଇ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ଡିଭିଏଫ ଟିମ୍ ଦୁଇ କ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଟିଫିନ ବୋମା, ମାଓବାଦୀ ସାହିତ୍ୟ, ଲୁଗାପଟା, ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୋଲିସ। ତେବେ ମାଓବାଦୀମାନେ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ମାଓବାଦୀ ଅପରେସନ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗନ୍ଧମାର୍ଦ୍ଦନ ପାହାଡ଼ ଓ ଛତରଦାଣ୍ଡି ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରିଥିବା ଜଣାପଡ଼ିବା ପରେ ସେଠାରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ ଏବଂ ସେହି ମାଓବାଦୀମାନେ ବି.ବି.ଏମ୍. କେଡ଼ରର ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଆଜିର ଏହି ମାଓ ସାମଗ୍ରୀ ଜବତକୁ ନେଇ ଆଗାମୀ ଦିନରେ ମାଓବାଦୀଙ୍କ ମହଲରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବା ଅନୁମାନ କରାଯାଇପାରେ ।

# ତଦନ୍ତ କରିବାକୁ ଯାଇ ପୋଲିସ ହଟହଟା

➡ ପୂର୍ବ ଶତ୍ରୁତା ପାଇଁ ପୋଡିଦେଲା ଜୀବନ ଜୀବିକା
➡ ଦୀର୍ଘ ୨ ଘଣ୍ଟା ପୋଲିସ ଗାଡି ଅଟକ
➡ ଜଳିଗଲା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବ୍ୟବସାୟରେ ବାଧା ଉପୁଜିବାରୁ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କରିଦେଲା ଅଭାବନୀୟ ଘଟଣା। ଯାହାଫଳରେ ନିଜ ନାଗ ଫାସରେ ନିଜେ ଛନ୍ଦି ହୋଇଗଲା। ଅନ୍ୟପଟେ ତଦନ୍ତ କରିବାକୁ ଯାଇଥିବା ପୋଲିସଙ୍କୁ ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକ ରଖିଲେ ସ୍ଥାନୀୟ ଅଞ୍ଚଳର ଲୋକେ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଲସାହି ପଞ୍ଚାୟତ ଅଧୀନ ଓଳିସିପୁରର ଐଶାନେଶ୍ୱର ଶିବ ମନ୍ଦିର ସାମ୍ନାରେ ଉକ୍ତ ଗ୍ରାମର ପ୍ରଭାତ ବେହେରା ଓରଫ ପିଣ୍ଟୁ ନାମକ ଯୁବକ ପୂଜା ସାମଗ୍ରୀ ଦୋକାନ ସହ ଏକ ରେଡ଼ିମେଡ଼ ବ୍ୟବସାୟ କରିଥିଲେ। କିନ୍ତୁ ଗୁରୁବାର ଦିନ ଦୋକାନ ସାମ୍ନାରେ ଥିବା ମନ୍ଦିର ପରିସରରେ ନାମଯଜ୍ଞ ହେଉଥିବାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବ୍ୟବସାୟ କରି ରାତ୍ର ୧୧ଘଟିକାରେ ପ୍ରଭାତ ବେହେରା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କିନ୍ତୁ ରାତ୍ର ୩ଘଟିକା ସମୟରେ କୌଣସି ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୋକାନରେ ନିଆଁ ଲଗାଇ ଦେଇଥିବା ଜାଣି ଅସ୍ତରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଶୁକ୍ରବାର ପ୍ରତ୍ୟୁଷରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ମଧ୍ୟରେ ପ୍ରଭାତ ଓରଫ ପିଣ୍ଟୁଙ୍କ ଦୋକାନ ମଧ୍ୟରେ ଥିବା ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ, ରେଫ୍ରିଜେରେଟର ସହ ବିଭିନ୍ନ ସରଞ୍ଜାମ ଜଳିପୋଡି ପାଉଁଶ ହୋଇଯାଇଥିଲା। କ୍ଷତିଗ୍ରସ୍ତ ବ୍ୟବସାୟୀ ପ୍ରଭାତ ବେହେରା ଓରଫ ପିଣ୍ଟୁ ଅସ୍ତରଙ୍ଗ ଥାନାରେ ସକାଳ ୭ଟା ୩୦ମିନିଟ୍ ସମୟରେ ପହଞ୍ଚି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଅସ୍ତରଙ୍ଗ ଥାନା ଏସ୍ଆଇ ଅନିରୁଦ୍ଧ ଜାଲ୍ଲି ଓ ଏଏସ୍ଆଇ ପ୍ରଶାନ୍ତ ସାମନ୍ତରାୟ ଅଗ୍ନିକାଣ୍ଡ କ୍ଷତି ହୋଇଥିବା ଦୋକାନ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅଗ୍ନିକାଣ୍ଡର ପାରିପାର୍ଶ୍ୱିକ ଘଟଣା ଜାଣିବା ପାଇଁ ନିକଟସ୍ଥ ବ୍ୟବସାୟୀଙ୍କ ସିସିଟିଭି ଯାଞ୍ଚ କରିବାକୁ ପ୍ରୟାସ କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ ଦୋକାନ ବନ୍ଦ ରଖିଥିବା ବେଳେ ଦୋକାନ ଖୋଲିବାକୁ ନେଇ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପିତା ଚାବି ଖୋଲିବାକୁ ନେଇ କିଛି ସମୟ ଆଳ ଦେଖାଇଥିଲେ। କିଛି ସମୟ ମଧ୍ୟରେ ଐଶାନେଶ୍ୱର ମନ୍ଦିର ନିକଟରେ ଥିବା ପ୍ରଭାତ ବେହେରାଙ୍କ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି ସିସିଟିଭି ହାର୍ଡଡିସ୍କ ନେଇ ଖସି ପଳାଉଥିଲେ। ସେହି ସମୟରେ ଉପସ୍ଥିତ ଲୋକ ଦେଖିଥିଲେ ବିପକ୍ଷ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଶରୀରରେ ଅନେକାଂଶ ପୋଡି ଯାଇଛି। ଯାହାଫଳରେ ସନ୍ଦେହ ଉପୁଜିଥିଲା। କିନ୍ତୁ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଅସ୍ତରଙ୍ଗ ଥାନା ଏସ୍ଆଇ ଅନିରୁଦ୍ଧ ଜାଲ୍ଲି ପଚାରିବାରୁ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି କହିଥିଲେ ରାତି ୩ଟାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ, ମୁଁ ପରିଷ୍କାର କରିବାକୁ ଉଠିଥିଲି, ଏହା ଦେଖି ନିଆଁ ଲିଭାଉଥିବା ବେଳେ ଶରୀର ଅନେକାଂଶ ପୋଡି ଯାଇଛି। ଏହି ଠାରେ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥିଲା ଯଦି ପ୍ରଭାତଙ୍କ ଦୋକାନ ଜଳିଯିବା ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦେଖିଥିଲେ କାହିଁକି ଜାଣାକୁ ସୂଚନା ଦେଲେନି, ପୋଲିସ ପ୍ରାଥମିକ ସ୍ତରରେ ତଦନ୍ତ କରୁଥିବା ବେଳେ କାହିଁକି ଘଟଣାକୁ ନେଇ ଉତ୍ତର ରଖୁନଥିଲେ, ଅନ୍ୟପଟେ ସିସିଟିଭି ଯାଞ୍ଚ କରିବାକୁ ପୋଲିସ ଚାହୁଁଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସହଯୋଗ ପରିବର୍ତ୍ତେ ହାର୍ଡଡିସ୍କ ଖୋଲି କାହିଁକି ଖସି ଯାଉଥିଲେ। ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଅଡ଼ି ବସିଥିବାବେଳେ ଉପସ୍ଥିତ ପୋଲିସ ଏସ୍ଆଇ ଅନିରୁଦ୍ଧ ଜାଲ୍ଲି ଓ ଏଏସ୍ଆଇ ପ୍ରଶାନ୍ତ ସାମନ୍ତରାୟ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଘରକୁ ପଠାଉଥିବା ବେଳେ ଉପସ୍ଥିତ ଲୋକେ ହୋ ହାଲ୍ଲା କରିଥିଲେ। ଏହି ସମୟରେ ହଠାତ ପ୍ରଭାତଙ୍କ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତି ଭୟରେ ଅସ୍ତରଙ୍ଗ ପୋଲିସ ଗାଡ଼ି ଭିତରେ ପ୍ରବେଶ କରି ବସି ଯାଇଥିଲେ। ଏହି ଘଟଣାରେ ସନ୍ଦେହ କରି ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଥାନା ଆଣିବାକୁ ପ୍ରୟାସ କରୁଥିବା ବେଳେ ଉପସ୍ଥିତ ଜନତା ସତ୍ୟାସତ୍ୟ ମାନୁ ବୋଲି ସନ୍ଦେହ ବ୍ୟକ୍ତି ଲୋକ ଦାବି କରିବା ସହ ଜନତା କାହିଁକି ସିସିଟିଭି ହାର୍ଡଡିସ୍କ ଦେଇ ସନ୍ଦେହ ବ୍ୟକ୍ତିଙ୍କୁ ଖସାଇ ଦେଉଥିଲେ, ଯାହା ଉପସ୍ଥିତ ଜନତା ଉତ୍ତ୍ୟକ୍ତ ହୋଇ ଅସ୍ତରଙ୍ଗ ପୋଲିସ ସହ ଯୁକ୍ତିତର୍କ ସହ ପୋଲିସ ଗାଡିକୁ ଅଟକ ରଖିଥିଲେ। ଦୀର୍ଘ ଏକଘଣ୍ଟା ପରେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏଏସ ଆଇ ଯୁଧିଷ୍ଠିର ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ସ୍ଥିତି ଜଟିଳ ହେବାରୁ କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ, ଏସ୍ଆଇ ପ୍ରିୟଦର୍ଶିନୀ ବରାଳ, ଏଏସ୍ଆଇ ପ୍ରମୋଦ ସେଠୀ ପହଞ୍ଚି ଉପସ୍ଥିତ ଲୋକଙ୍କୁ ବୁଝାଇବା ସହ ସ୍ଥାନୀୟ ଅଞ୍ଚଳ ଲୋକେ ଶାନ୍ତ ବାତାବରଣ ହେବାରୁ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ଅସ୍ତରଙ୍ଗ ଥାନାକୁ ଆଣି ପଚରା ଉଚରା ସହ କୃଷ୍ଣଚନ୍ଦ୍ରଙ୍କ ଶରୀର ଅନେକାଂଶ ପୋଡି ଯାଇଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପୋଡି ଯାଇଥିବାରୁ ଅଟକ ବ୍ୟକ୍ତି ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୋଲିସ ସହାୟତାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଅସ୍ତରଙ୍ଗ ଥାନା କେସ୍ ନମ୍ବର ୯୫/୨୫ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ବୋଲି ଅସ୍ତରଙ୍ଗ ଥାନା ଏସ୍ଆଇ ଅନିରୁଦ୍ଧ ଜାଲ୍ଲି ସୂଚନା ଦେଇଛନ୍ତି।

## ତାଣ୍ଡବ ରଚିଲା କାଳବୈଶାଖୀ
# ବଜ୍ରାଘାତରେ ମହିଳା ମୃତ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଆଜକୁ କିଛିଦିନ ହେବ ମଝିରେ ମଝିରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି ଶୁକ୍ରବାର ଅପରାହ୍ନ ପ୍ରାୟ ଚାରି ଘଟିକା ଠାରୁ କାଳବୈଶାଖୀ ବର୍ଷା ଅନୁଭୂତ ହୋଇଥିଲା। ଏହାର ପ୍ରଭାବରେ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏହି ଥାନା ଅଧୀନରେ ଥିବା ଦଶପୁର ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ବିପ୍ର ବିଶ୍ୱାଳଙ୍କ ସ୍ତ୍ରୀ ସୋରିଶି ବିଶ୍ୱାଳ (୪୫ ବର୍ଷ) ମହିଳା ନିଜ ଘର ବାରଣ୍ଡାରେ ବସିଥିବାବେଳେ ହଠାତ୍ ବଜ୍ରାଘାତ ହୋଇଥିଲା। ଯାହାଫଳରେ ସୋରିଶି ଅଚେତ୍ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପରଜଙ୍ଗ ମେଡ଼ିକାଲକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅନୈତିକ ସମ୍ପର୍କ ସନ୍ଦେହରେ ମହିଳାଙ୍କୁ ହତ୍ୟା, ୩ ଅଟକ

ଗୁଣୁପୁର (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ରାମନାଗୁଡା ଥାନା ଅନ୍ତର୍ଗତ କରଡା ଗ୍ରାମରେ ଅନୈତିକ ସମ୍ପର୍କ ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତ ମହିଳାଙ୍କ ନାମ ରଞ୍ଜିତା କଣ୍ଡାଗିରି (୨୫) ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୋଗରେ ତିନି ଜଣକୁ ଅଟକ ରଖିଛି ରାମନାଗୁଡ଼ା ପୋଲିସ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡି ପୋଲିସ୍ ତଦନ୍ତ ଆରମ୍ଭ କରିଛି। ଗୁରୁବାର ଅପରାହ୍ନରେ ବାଙ୍ଗୀ ଛକର ବିବାହିତ ଯୁବକ ଅକ୍ଷୟ ପାଡିକା କରଡା ଗ୍ରାମର ରଞ୍ଜିତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ଯୋଗୁଁ ଯୁବକଙ୍କ ବଡ଼ଭାଇ ମାଧବ ପାଡିକା, ମା' ଦୁଃଖି ପାଡିକା ଓ ରାଜବିକ୍ରମପୁର ଗ୍ରାମର ଯୁବକର ଶଳା ଡମ୍ବୁରୁ କାଡ୍ରାକା ତିନିଜଣ ମିଶି ଆକ୍ରମଣ କରିଥିବା ମୃତ ମହିଳାଙ୍କ ଭାଇ ଥାନାରେ ଏତଲା ଦାୟର କରିଛନ୍ତି। ବାଙ୍ଗୀ ଗ୍ରାମର ଅକ୍ଷୟ ପାଡିକା ପୂର୍ବରୁ ରାଜବିକ୍ରମପୁର ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ଅକ୍ଷୟଙ୍କ ପତ୍ନୀ ଏ ବିଷୟରେ ଜାଣିବା ପରେ ଅକ୍ଷୟଙ୍କ ମା', ବଡ଼ଭାଇଙ୍କ ସହ ମହିଳାଙ୍କ ଭାଇକୁ ଅବଗତ କରିଥିଲେ। ମା, ବଡ଼ଭାଇ ଓ ଶଳା ତିନିଜଣ ଗତକାଲି ଅକ୍ଷୟଙ୍କ ସହ ଅନୈତିକ ସମ୍ପର୍କରେ ଥିବା କରଡା ଗ୍ରାମର ରଞ୍ଜିତାଙ୍କ ପାଖକୁ ଯାଇ ଆକ୍ରମଣ କରିଥିଲେ। କାଠଫାଳିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ରଞ୍ଜିତ ଟଳି ପଡିଥିଲେ। ସେଠାରୁ ରଞ୍ଜିତାଙ୍କ ପରିବାର ତାଙ୍କୁ ଚିକିତ୍ସା ପାଇଁ ଗୁଣୁପୁର ମେଡିକାଲକୁ ଆଣିଥିଲେ। ଉଚ୍ଚ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ପରେ ବ୍ରହ୍ମପୁର ନେବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ମହିଳାଙ୍କ ଶବକୁ ପୋଲିସ୍ ଜବତ କରି ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିବାହିତ ଯୁବକ ଅକ୍ଷୟ ରଞ୍ଜିତାଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ନେଇ କହିଛନ୍ତି। ଅନ୍ୟପଟେ ଏତଲାକୁ ଭିତ୍ତିକରି ତିନିଜଣଙ୍କୁ ପୋଲିସ୍ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

# ଜିଲ୍ଲାରେ ପରାକ୍ରମ ଶୋଭାଯାତ୍ରା




କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ତିନି ସେନାଙ୍କୁ ସମ୍ମାନ ଜଣାଇବା ପାଇଁ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଯବାନଙ୍କ ପରାକ୍ରମ ଓ ସାହସକୁ ସମ୍ମାନ ଜଣାଇ ବାଇକ ଶୋଭାଯାତ୍ରା କରାଯାଇଥିଲା। କୋରାପୁଟ ଆର୍‌ଟିଓ ପଡିଆ ଠାରୁ ପରାକ୍ରମ ଶୋଭାଯାତ୍ରା ବାହାରିଥିଲା। ଏହାକୁ ପତାକା ଦେଖାଇ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଓଏମ୍‌ପି ପଡିଆ ପର୍ଯ୍ୟନ୍ତ ହୋଇଥିଲା। ପହଲଗାମ୍ ଆକ୍ରମଣର ପ୍ରତିଶୋଧ ଓ 'ଅପରେସନ ସିନ୍ଦୂର' ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି ଜିଲ୍ଲାପାଳ। ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ଏହାକୁ ଉପସ୍ଥାପନ କରିଛନ୍ତି ଜିଲ୍ଲାପାଳ। ତ୍ରିରଙ୍ଗା ଯାତ୍ରାରେ କୋରାପୁଟ ଏସ୍‌ପି ରୋହିତ ବର୍ମା, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଏସ୍‌ଏଫ୍, ଓଏସ୍‌ଏପି ତୃତୀୟ ବାଟାଲିୟନ, ସିଆର୍‌ପିଏଫ୍, ଆଇଆର୍‌ବି ଯବାନ, ବିଭିନ୍ନ ସଂଗଠନ ସ୍ୱେଚ୍ଛାସେବୀଙ୍କ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଡିପିଏସ୍ କଳିଙ୍ଗର ଶତ ପ୍ରତିଶତ ସଫଳତା

ଫୁଲନଖରା (ଭାସ୍କର ନ୍ୟୁଜ୍) : ଫୁଲନଖରା ଅଡାଳିଆସ୍ଥିତ ଓଡିଶାର ଅଗ୍ରଣୀ ସିବିଏସଇ ବିଦ୍ୟାଳୟ ଡିପିଏସ୍ କଳିଙ୍ଗର ଛାତ୍ରଛାତ୍ରୀମାନେ ପୂର୍ବବର୍ଷ ପରି ଚଳିତବର୍ଷ ମଧ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଅଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀରେ ମୋଟ ୩୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୦ଜଣ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାବେଳେ ଶ୍ରୀମାନ ଜୟାଦିତ୍ୟ ପ୍ରତିହାରୀ ୯୮.୪% ସହିତ ବିଦ୍ୟାଳୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛନ୍ତି। ସେହିପରି କୁନାଲ ମିଶ୍ର ଓ ତନିସ୍କା ମୋହତା ଯଥାକ୍ରମେ ୯୮ % ଓ ୯୭.୬% ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟକୁ ଶତ ପ୍ରତିଶତ ସଫଳତା ମିଳିଛି। ମୋଟ ୩୪୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ଜଣ ୯୦% ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀ ବିଜ୍ଞାନରେ ସ୍ନେହାଶିଷ ଦାସ ୯୭.୪%, ଲକ୍ଷ୍ୟ ଖଣ୍ଡେଲୱାଲ ୯୬.୬% ଓ ରିତେଶ ପରିଜା ୯୬% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ସମର୍ଥ ଖଡୋର ୯୭% ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ରାଧିକା ଫୋଗଲା ୯୬.୬% ସହ ଦ୍ୱିତୀୟ ଓ ଦିୟା ସେଠି ୯୬.୨% ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କଳାରେ ଅନିନ୍ଦିତା ପଣ୍ଡା ୯୭.୬% ସହ ପ୍ରଥମ, ନାଇଶା ପାତ୍ର ୯୭.୪%. ସହ ଦ୍ୱିତୀୟ ସ୍ଥାନ ଓ ରୀତିକା ମହାପାତ୍ର ୯୭.୨% ସହ ବିଦ୍ୟାଳୟରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷର ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟର ପ୍ରୋ-ଭାଇସ ମାଡାମ ମାଳା ମିଶ୍ର, ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ, ଏକଜିକ୍ୟୁଟିଭ ଟ୍ରଷ୍ଟି ମାଡାମ ସୁନୟନା ପାତ୍ର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ପାଟପୁର ରେଲୱେ କ୍ରସିଂରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ବାଲିତୁଠ ବ୍ୟସ୍ତ ବହୁଳ ରାସ୍ତାର ପାଟପୁର ରେଲୱେ କ୍ରସିଂରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏରସମା ବ୍ଲକ ଓ କୁଜଙ୍ଗ ବ୍ଲକର ଏକାଧିକ ପଞ୍ଚାୟତର ଲୋକଙ୍କ ଯାତାୟତ ପଥ ଏହି କୁଜଙ୍ଗ-ବାଲିତୁଠ ବ୍ୟସ୍ତ ବହୁଳ ରାସ୍ତାର ପାଟପୁର ନିକଟରେ ରହିଛି ରେଲୱେ କ୍ରସିଂ। ପ୍ରତିଦିନ ଶହ ଶହ ଲୋକଙ୍କର କୁଜଙ୍ଗ ବ୍ଲକ, ତହସିଲ, କୋର୍ଟ କଚେରୀ, ଥାନା, ହାଟବଜାର, ମେଡ଼ିକାଲ, ପାରାଦୀପ ବନ୍ଦର, ଜଗତସିଂହପୁର ଜିଲ୍ଲା ଓ କଟକକୁ ଯିବା ଆସିବା ପାଇଁ ଏହା ହେଉଛି ଏକ ପ୍ରମୁଖ ରାସ୍ତା। କଟକ-ପାରାଦୀପ ରେଲୱେ ରାସ୍ତାର ପାଟପୁର ନିକଟରେ ରାସ୍ତା କ୍ରସିଂ କରିଛି। ପ୍ରତିଦିନ ପାରାଦୀପ-କଟକ ଓ କଟକରୁ ପାରାଦ୍ୱୀପକୁ ଯାତ୍ରୀବାହୀ ଟ୍ରେନ ଓ ମାଲଗାଡି ଯାତାୟତ ବେଳେ ପଥଚାରୀମାନଙ୍କୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। କୁଜଙ୍ଗରୁ ଅଗ୍ନିଶମ ବିଭାଗ ଗାଡି ଓ ବାଲିତୁଠ ମେଡିକାଲ, ଢ଼ିଙ୍କିଆ ମେଡ଼ିକାଲରୁ ଜରୁରି ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ଜିଲ୍ଲାପାଳ ଓ ରେଲୱେ ବିଭାଗର ଡିଜିଏମ ଦୃଷ୍ଟି ଦେବାକୁ ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାମଦେଇପୁର ସରପଞ୍ଚ ବୈଜୟନ୍ତି ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତି, କିଶୋର ପରିଡା, ବିଭୁ ରଞ୍ଜନ ସାମନ୍ତରାୟ, ଗୋପିନାଥ ସାମନ୍ତରାୟ, ସମାଜସେବୀ ଶିବ ପ୍ରସାଦ ମଲ୍ଲ, ଡ. ତମିଲ୍ ପ୍ରଧାନ, ଯୁବ ସମାଜସେବୀ ଗଣେଷ ରାଉତ, ପୂର୍ବତନ ସମିତି ସଭ୍ୟ ପ୍ରକାଶ ପରିଡ଼ା, ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ ପ୍ରମୁଖଙ୍କ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# ସଂରକ୍ଷିତ ଜଙ୍ଗଲ ଘୋଷଣା କେବଳ କାଗଜପତ୍ରରେ ସୀମିତ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଜଙ୍ଗଲ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ସଂରକ୍ଷିତ ଜଙ୍ଗଲ ଘୋଷଣା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଏଥିପ୍ରତି ପଦକ୍ଷେପ ନିଆଯାଉ ନଥିବାରୁ ପରିବେଶବିତ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ କଟକ ବନଖଣ୍ଡ ଅଧିନସ୍ଥ ଡାଳିଯୋଡ଼ା ବନାଞ୍ଚଳ ଏବେ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇ ପଡିଛି। ଶିଳ୍ପାୟନ ସାଙ୍ଗକୁ ବେଆଇନ ଲଘୁ ଖଣିଜ ଲୁଟ୍ ପାଇଁ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୩ ମସିହାରେ ଡାଳିଯୋଡ଼ା ବନାଞ୍ଚଳର ୮୪୭୮ ହେକ୍ଟର ପରିମିତ ୧୯ଟି ପ୍ରସ୍ତାବିତ ଜଙ୍ଗଲ ଓ ୮୫୦ ହେକ୍ଟର ପରିମିତ ୪ଟି ଜଙ୍ଗଲରେ ପରିଣତ କରିବାକୁ ପ୍ରସ୍ତାବ ରହିଛି। ହେଲେ ଆଜିଯାଏ ଏହା ଆଗେଇ ପାରୁ ନାହିଁ। ସଂରକ୍ଷିତ ଜଙ୍ଗଲ ହୋଇଥିଲେ ଏହିସବୁ ଜଙ୍ଗଲରେ ଅଧିକ କଟକଣା ସହିତ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ଉପରେ ଅଧିକ କାର୍ଯ୍ୟ ହୋଇ ପାରିଥାନ୍ତା। କିନ୍ତୁ ବିଭାଗୀୟ ଅବହେଳା ପାଇଁ ସଂରକ୍ଷିତ ଜଙ୍ଗଲ ଘୋଷଣା ହୋଇ ପାରୁନାହିଁ ବୋଲି କୁହାଯାଉଛି। ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ତାଳମେଳ ଅଭାବ ପାଇଁ ଏହି ଘୋଷଣା ବହୁ ବର୍ଷ ପରେ ମଧ୍ୟ ସରକାରୀ ନାଲି ଫିତା ତଳେ ଚାପି ହୋଇଯାଇଛି ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୧୯ଟି ଜଙ୍ଗଲକୁ ଧାରା ୪(୧)ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ସତ୍ତା ହରାଇବାକୁ ବସିଛି। ଏହିସବୁ ଜଙ୍ଗଲରେ ପୂର୍ବରୁ ବିରଳ ପ୍ରଜାତିର ବନ୍ୟପ୍ରାଣୀ ଯଥା- ହେଟା ବାଘ, କୁଟୁରା, ହରିଣ, ଭାଲୁ, ସମ୍ବର, ଗାଡ଼ ଭାଲୁ ଓ ଝିଙ୍କ ଆଦି ବହୁ ସଂଖ୍ୟାରେ ରହୁଥିଲେ। ଏବେ ଏହି ବନ୍ୟଜନ୍ତୁଙ୍କ ସଂଖ୍ୟା ସୀମିତ ହୋଇଗଲାଣି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି ବୋଲି କୁହାଯାଉଛି। ବଡ଼ଚଣାର ପଶ୍ଚିମାଞ୍ଚଳରେ ହାତୀ

## କାର୍ଯ୍ୟକାରୀ ହେବ କେବେ ?

ରାଜସ୍ୱ ବିଭାଗ ପକ୍ଷରୁ ଜଣେ ଫରେଷ୍ଟ ସେଟେଲମେଣ୍ଟ ଅଧିକାରୀ ଏହାର କାର୍ଯ୍ୟ ତଦାରଖ କରିବା କଥା। ହେଲେ ଆଜି ପର୍ଯ୍ୟନ୍ତ କର୍ମଚାରୀ ଅଭାବ ଆଳରେ ଏହା ହୋଇ ପାରୁନାହିଁ। ରାଜସ୍ୱ ଓ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ୫୦ବର୍ଷ ବିତି ଯାଇଥିଲେ ମଧ୍ୟ ସଂରକ୍ଷିତ ଜଙ୍ଗଲ ଘୋଷଣା ହୋଇ ପାରି ନାହିଁ। ଅନ୍ୟ ପକ୍ଷରେ ସଂରକ୍ଷିତ ଜଙ୍ଗଲ ଘୋଷଣା ନହେବା ଯୋଗୁଁ ଏହିସବୁ ଜଙ୍ଗଲ ତା'ର ମାନଙ୍କ ସୁରକ୍ଷା ପାଇଁ ହାତୀ ଚଳାପଥ ରହିଛି। ଯାହା ପାଇଁ ବୈରୀ ରାସ୍ତାରେ ଜଙ୍ଗଲ ବିଭାଗ ପକ୍ଷରୁ ରାତି ୮ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଭରିଯାନ ଚଳାଚଳ ପାଇଁ କଟକଣା ରହିଛି। ହେଲେ ଏହି ନିର୍ଦ୍ଦେଶକୁ କେତେକ ଶିଳ୍ପ ସଂସ୍ଥା ଓ ଲଘୁ ଖଣିଜ ମାଫିଆ ମାନୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରତିଦିନ ରାତିରେ ଶହ ଶହ ଭରିଯାନ ଚଳାଚଳ କରୁଥିବା ବେଳେ ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ ଏହାକୁ ଅସ୍ୱୀକାର କରୁଛନ୍ତି। ଅନ୍ୟପକ୍ଷରେ ଏହି ବନାଞ୍ଚଳ ମଧ୍ୟରେ ରହିଥିବା ଶିଳ୍ପ ସଂସ୍ଥା ଗୁଡିକ ବନ୍ୟ ପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ଥିବା ନୀତି ନିୟମକୁ ମାନୁ ନାହାନ୍ତି। ନିୟମ ଉଲ୍ଲଙ୍ଘନ କରି ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଏହି ବନାଞ୍ଚଳ ମଧ୍ୟରେ ଡାଲମିଆ ଭାରତ ସିମେଣ୍ଟ କମ୍ପାନୀ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନାକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଜଙ୍ଗଲ ମଧ୍ୟରୁ ଲଘୁ ଖଣିଜ ଲୁଟ୍ କରାଯାଉଛି। ମାଫିଆମାନେ ରାତିରେ ମେସିନ ଲଗାଇ ମାଙ୍କଡ଼ା, ମୋରମ ଓ ବୋଲ୍ଡର ଲୁଟ୍ କରୁଥିଲେ ମଧ୍ୟ ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏଥିପାଇଁ ଜଙ୍ଗଲ କ୍ଷୟ ହେବା ସହିତ ବନ୍ୟପ୍ରାଣୀ ଜନ ବସତିକୁ ଚାଲି ଆସି ଅକାଳ ମୃତ୍ୟୁର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ସଂରକ୍ଷିତ ଜଙ୍ଗଲ ପାଇଁ ସରକାର ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

# ପାରାଦୀପ ଗଡରେ ଜାତୀୟ 'ଡାକ ମେଳା'

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତରେ ଜାତୀୟ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଡାକ ମେଳାରେ ମୁଖ୍ୟ ଅତିଥି ଭାବେ କଟକ ଡାକ ମଣ୍ଡଳର ସୁପରିଟେଣ୍ଡେଣ୍ଟ ପରମେଶ୍ୱର ନାୟକ ଯୋଗଦେଇ ଡାକ ବିଭାଗରେ ଥିବା ବିଭିନ୍ନ ଜନହିତକାରୀ ଡିଜିଟାଲ ସେବା ସମ୍ପର୍କରେ ଅବଗତ କରିଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ମହିଳାମାନେ ଇଚ୍ଛା ପ୍ରକାଶ କଲେ ଡାକଘରେ ବ୍ୟାପକ ସଞ୍ଚୟ କରିପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା, ଏମ୍. ବି. କେ. କଳ୍ପନା ମହାପାତ୍ର ଯୋଗଦେଇ ଡାକ ବିଭାଗରେ





ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଜଙ୍ଗ ସବ୍ ଡିଭିଜନର ଇନସ୍ପେକ୍ଟର ମଧୁସ୍ମିତା ମଲ୍ଲ, ଆଇପିପିବି ମ୍ୟାନେଜର ବିକାଶ ମୁଦୁଲି ପୋଷ୍ଟ ଅଫିସ୍‌ରେ ଥିବା ଥିବା ସୁବିଧା ସୁଯୋଗକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ପାରାଦୀପ ଗଡ ଡାକ ଶାଖା ପରିଚାଳକ ଦୀପକ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥଲେ।

# ରାଶିଫଳ


**ଶନିବାର, ୧୭ ମଇ ୨୦୨୫**



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ।




**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟମ ହେବ।



**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ।



**ତୁଳା:** ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।




**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଳ୍ପ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଶ୍ରୀପତି ଗୁରୁ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
# ରାଜ୍ୟ ଖବର



କନ୍ଧମାଳ(ଭାସ୍କର ନ୍ୟୁଜ୍): ରାଷ୍ଟ୍ରହିତରେ ନିୟୋଜିତ ଭାରତୀୟ ସେନାବଳର ସମ୍ମାନ ଓ ମନୋବଳ ବୃଦ୍ଧି ସହିତ ଭାରତର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ସଚେଷ୍ଟ ପରିପ୍ରେକ୍ଷୀରେ ଏକ ସଚେତନତା ବାର୍ତ୍ତା ପାଇଁ ଗୁରୁବାର ମଇ ୧୫ ତାରିଖ ସକାଳ ୮ ଘଟିକାରେ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ଏକ ବାଇକ ରାଲିର ଆୟୋଜନ ହୋଇଥିଲା । ଏହି ବାଇକ ରାଲିକୁ କନ୍ଧମାଳ ଷ୍ଟେଡିୟମରୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହିଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହା ପରେ ଏକ ବିଶାଳ ବାଇକ ରାଲି ଜାତୀୟ ପତାକାକୁ ଓ ଭାରତକୁ ସମ୍ମାନ ଜଣାଇ ଭାରତ ମାତାଙ୍କି ଜୟ ଧ୍ୱନି ଦେଇ ସହର ପରିକ୍ରମା କରି ଶେଷରେ କରୋନେସନ ପଡିଆରେ ପହଞ୍ଚିଥିଲେ । ଏହି ବାଇକ ରାଲିରେ ଉପଜିଲ୍ଲାପାଳ ଭିକାରି ସାହୁ,ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରମେଶ ଚନ୍ଦ୍ର ଜେନା,ପି ଏ ଆଇ ଟି ଡିଏ ଫୁଲବାଣୀ ଗଦାଧର ପାତ୍ର, ତହସିଲଦାର ଫୁଲବାଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବ୍ଲକ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଓକିଲ ସଂଘ ସଭାପତି ଚନ୍ଦ୍ର ଶେଖର ପରିଡା ଓ ସମ୍ପାଦକ ବୀରେନ୍ଦ୍ର ସତ୍ପଥି ସମେତ ଓକିଲମାନେ, ଫୁଲବାଣୀ ଅଂଚଳ ବନ ବିଭାଗ ଶିବାନନ୍ଦ ଲେଙ୍କା ଓ ଫରେଷ୍ଟର ସରୋଜ ମିଶ୍ର ଓ ତାଙ୍କ କର୍ମଚାରୀ, ପରିବହନ ବିଭାଗ ଶିକ୍ଷିର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ, ସାମ୍ବାଦିକ, ପୋଲିସ ପ୍ରଶାସନ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ୟବସାୟୀ, ଛାତ୍ର ଛାତ୍ରୀଙ୍କ ସମେତ ଅନ୍ୟମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଦେଶ ପାଇଁ ନିଜର ସେବା ଓ ତ୍ୟାଗ ନିମନ୍ତେ ବୀର ଯବାନ ମାନଙ୍କୁ ସମ୍ମାନ ଓ ଉତ୍ସାହ ପ୍ରଦାନ କରିଥିଲେ ।



# ମିଛ ବିକାଶର ମୂକସାକ୍ଷୀ ପାଲଟିଛି ବକୋଦା ପଞ୍ଚାୟତ

## କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ହୋଇପାରୁନି ଉନ୍ନୟନ କାର୍ଯ୍ୟ

ଉମରକୋଟ (ଭାସ୍କର ନ୍ୟୁଜ୍): ମିଛ ବିକାଶର ମୂକସାକ୍ଷୀ ପାଲଟିଛି ବକୋଦା ପଂଚାୟତ । କହିବାକୁ ଗଲେ ତତ୍କାଳୀନ ସରକାରର କିଛି ନେତାଙ୍କ ରୋଜଗାରର ମାଧ୍ୟମ ହୋଇ ରହିଯାଇଛି ଏହି ପଂଚାୟତ। ଏଠି ଗାଁ ମୁଣ୍ଡରୁ ହିଁ ବିକାଶ ମୁହଁ ମାଡ଼ି ପଡିଯାଇଥିବା ଦେଖିବାକୁ ମିଳୁଛି। ଏହି ପଂଚାୟତରେ ରହିଛି ସିଙ୍ଗାରସଡା ନାମକ ଏକ ଗାଁ। ଗାଁକୁ ଯାତାୟାତ ନିମନ୍ତେ ପକ୍କା ରାସ୍ତା ନାହିଁ। ଯେଉଁ ରାସ୍ତା ରହିଛି ସେଥିରେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ମିଳିତ ମଧୁଚନ୍ଦ୍ରିକାରେ ଲୋକଙ୍କୁ ଭୁଆଁ ବୁଲେଇ ନିଜ ପକେଟ ଗରମ କରିବାରେ ଲାଗିଛନ୍ତି। ମନରେଗା ଯୋଜନାରେ ମାଟି ମୋରମ ପକେଇ ଲକ୍ଷ ଲକ୍ଷ ଟଙ୍କା ବିଲ କାରି ଆତ୍ମସାତ କରିବାକୁ ବସିଲେଣି।ଏହି



ସିଙ୍ଗାରସଡା ଗାଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବକୋଦା ପଂଚାୟତ ଅଧୀନରେ ଅଟେ। ବର୍ଷା ଦିନର କଥା ତେଣିକି ଥାଉ ଶୁଖିଲା ରାସ୍ତାରେ ମଧ୍ୟ ଗାଡିଟିଏ ଧରି ଯିବା କଷ୍ଟ ସାଧ୍ୟ। ଏହି ରାସ୍ତାରେ ଦୁଗଲାହାଣ୍ଡି ଛକ ଠାରୁ ସିଙ୍ଗାରସଡା ଗ୍ରାମକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ବିନା ଫଳକ ରେ ମୁରୁମ ମାଟି ବିଛେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ବିଲ ପାସ କରିବାରେ ବ୍ୟସ୍ତ। ଯାହାଫଳରେ ପ୍ରତ୍ୟେକ ଦିନ ସେହି ରାସ୍ତାରେ କିଛି ନା କିଛି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ସେପଟେ ଉକ୍ତ କାମକୁ ଖୋଦ କନିଷ୍ଠ ଯନ୍ତ୍ରୀ ଉଦୟନାଥ ମୁର୍ମୁ ତଦାରଖ କରିଛନ୍ତି ଏବଂ ଏହି କାମ ଠିକ ଭାବରେ ହୋଇନାହିଁ । କାର୍ଯ୍ୟ ର ଅଟକଳ ମୂଲ୍ୟ ପ୍ରାୟ ଦଶ ଲକ୍ଷ ଟଙ୍କା ବୋଲି କହିବା ସହ କାର୍ଯ୍ୟଟିକୁ ଭଲ ଭାବରେ କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଉକ୍ତ ରାସ୍ତା କାମଟି କେବେ ଭଲ ଭାବରେ ସମ୍ପୂର୍ଣ୍ଣ ହେବ ଏବଂ ଲୋକେ ଦୁର୍ଘଟଣା ରୁ ରକ୍ଷା ପାଇବେ।ଏଭଳି ଆଉ କିଛି ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ର ପର୍ଦ୍ଦାଫାଶ ଆଗାମୀ ଦିନରେ କରାଯିବ।

# ପରାକ୍ରମ ଶୋଭାଯାତ୍ରା




ନାରାୟଣପାଟଣା ( ଭାସ୍କର ନ୍ୟୁଜ୍ ) କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପ୍ରଶାସନ ତରଫରୁ ଅପରେସନ ସିନ୍ଦୂର୍ ର ସଫଳତା ଉପରେ ଓ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା କୁ ସୁରକ୍ଷା ଦେଇ ଆସୁଥିବା ଆମ ଦେଶର ବୀର ସୈନିକମାନଙ୍କୁ ଧୈର୍ଯ୍ୟ ଓ ସାହସ ଦେବା ନିମନ୍ତେ ଏକ ସୁନ୍ଦର ପରାକ୍ରମ ଶୋଭାଯାତ୍ରା ନାରାୟଣପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ପ୍ରାୟତଃ ତିନି କିଲୋମିଟର ପର୍ଯ୍ୟନ୍ତ ଚାଲିବା ସହିତ ସମସ୍ତଙ୍କ ହାତରେ ତ୍ରିରଙ୍ଗା ଏବଂ ପାକିସ୍ତାନୀ ବିରୋଧୀ ନାରାରେ ପୁରା ନାରାୟଣପାଟଣା କମ୍ପି ଉଠିଥିଲା । ଉକ୍ତ ଶୋଭାଯାତ୍ରାକୁ ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଡି ତ୍ରିନାଥ ପରିଚାଳନା କରିଥିବା ବେଳେ ଓଏଲ୍ଏମ୍‌ର ସମସ୍ତ ସିଆର୍ପି ଓ ଏମ୍‌ବିକେ, ବିପିସି ଓ ନାରାୟଣପାଟଣାର ସମସ୍ତ ଯୁବକ ସଂଘ ଯୋଗ ଦେଇ ଉକ୍ତ ଶୋଭାଯାତ୍ରା କୁ ସଫଳ୍ୟ ମଣ୍ଡିତ କରିଥିଲେ।

# ଜିଲ୍ଲାଭିତ୍ତିକ ନିଯୁକ୍ତି କେବେ !

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାଭିତ୍ତିକ ନିଯୁକ୍ତି ନେଇ ଗତ କିଛି ମାସ ତଳେ ଅଭିବକ୍ତ କୋରାପୁଟ ବନ୍ଦ ଡାକରା ଦେଇଥିଲା। ବର୍ତ୍ତମାନ ସୁଦ୍ଧା ଏଥି ପ୍ରତି କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି। ଯାହାଫଳରେ ଶିକ୍ଷିତ ବେକାର ଚାକିରି ଖଣ୍ଡିଏ ନ ପାଇଁ ଚିନ୍ତିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଗତ କିଛି ମାସ ପୂର୍ବେ ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଡାକରା ଦେଇଥିଲା। ସେହିଭଳି ନବରଙ୍ଗପୁର ଜିଲ୍ଲାର ସୀମାନ୍ତ ରାଇଘର ବ୍ଲକ ରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା ଏହି ବନ୍ଦ ଡାକରାରେ ମୁଖ୍ୟତ ଛାତ୍ର ସଂଘ,ସରପଞ୍ଚ ସଂଘ ଓ କ୍ରିୟାନୁଷ୍ଠାନ କମିଟି ତରଫରୁ ଦୋକାନ ବଜାର, ଗାଡି ମଟର ବନ୍ଦ କରି ଅନଶନ ରେ ବସିଥିଲେ। ପ୍ରକାଶ ଥାଉ କି ଗତବର୍ଷ ମୋଟ ୧୧୧୭ଟି ଶିକ୍ଷକ ପଦବୀରୁ ନବରଙ୍ଗପୁର ଜିଲ୍ଲାରେ ୮୬୦ ଗୋଟି ଶିକ୍ଷକ ନିଯୁକ୍ତିର ଏଗ୍ରିମେଣ୍ଟ ପ୍ରକ୍ରିୟା ଚାଲୁ ରହିଥିଲା । ଏଥିରେ ବାହାର ଜିଲ୍ଲାର ପିଲାମାନେ ଆସି ସାମିଲ ହୋଇଥିଲେ। ଏହା ଜାଣି ଅବିଭକ୍ତ କୋରାପୁଟ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରି ଅନ୍ୟ ଜିଲ୍ଲାର ଯୁବକ ଯୁବତୀ ର ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରାଯାଏ ତାହାହେଲେ ଆଗାମୀ ଦିନରେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲା ।ଏହି ବନ୍ଦ ପାଳନ ବେଳେ ନବରଙ୍ଗପୁର ଜିଲ୍ଲାର ସମସ୍ତ ବ୍ଲକ ସାମିଲ ହୋଇଥିଲା। ଏହି ବନ୍ଦ ଡାକରା ବେଳେ ରାଇଘର ବ୍ଲକର ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କାର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶିଲ୍, ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ, ରାଇସିଂ ଗଣ୍ଡ, ଜଗନ୍ନାଥ ନାୟକ ଙ୍କ ସମେତ ବହୁ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ନିଆଯାଇନଥିବା ଜଣାଯାଇଛି। ଜିଲ୍ଲାରେ ବହୁ ଯୁବକ ଯୁବତୀ ବି ଏ ଡ୍ ପାସ୍ କରି ଓଟିଇଟି, ଓସ୍ଏସଏସଟି ମଧ ପାସ କରି ଚାକିରି ଖଣ୍ଡିଏ ପାଇଁ ଆଶା କରି ରହିଥିବା ଜଣାଯାଇଛି ।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ ପାଇଁ ଭୁବନେଶ୍ୱର ଗସ୍ତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ପ୍ରଶାସନ ତରଫରୁ ଭୁବନେଶ୍ୱର ଠାରେ ଥିବା ବିଶ୍ୱ ଦକ୍ଷତାକେନ୍ଦ୍ର ପରିଦର୍ଶନ ପାଇଁ ୨୯ ଜଣ ଯୁବତୀ ଯୁବକଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ପଠାଯାଇଛି। ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏମାନେ ଶିଶୁ ଗୃହ ଓ ସଖୀ ଗୃହରେ ଛୋଟ ବୟସରୁ ରହି ଶିକ୍ଷା ଗ୍ରହଣ କରିବା ସହ ସେମାନଙ୍କ ରହିବା ଖାଇବା ଇତ୍ୟାଦି ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚ ଶିକ୍ଷିତ ହୋଇ ନିଜ ଅଞ୍ଚଳରେ ବେକାରି ରହୁଥିବାବେଳେ ସେମାନଙ୍କୁ କିପରି କର୍ମନିଯୁକ୍ତି ଦିଆଯାଇପାରିବ। ସେଥିପାଇଁ ଭୁବନେଶ୍ୱର ଠାରେ ଥିବା ବିଶ୍ୱଦକ୍ଷତା କେନ୍ଦ୍ରରେ ୨ ଦିନ ରହି ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଥିବା ଶିକ୍ଷା ଗ୍ରହଣ କଲା ପରେ ଏମାନେ କେଉଁ ବିଷୟରେ ନିଜ ନିଜର ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ଜ୍ଞାନ ଆରୋହଣ କରିବେ ସେ ବିଷୟରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ନିଜ ନିଜର ଦକ୍ଷତା ହିସାବରେ ଆଗାମୀ ଦିନରେ ଏକବର୍ଷ ଶିକ୍ଷା ଦିଆଯିବ । ଶିକ୍ଷା ଗ୍ରହଣ ପରେ ଏମାନଙ୍କୁ ନିଯୁକ୍ତି କରାଯିବ ବୋଲି ଶ୍ରୀ ଦାସ କହିଥିଲେ।

# କାର୍ଯ୍ୟରେ ଯୋଗ ଦେଲେ ଅତିରିକ୍ତ ଜିଲ୍ଲା ଜଜ୍

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଥିବା ଅତିରିକ୍ତ ଜିଲ୍ଲା ଜଜ୍ କାର୍ଯ୍ୟାଳୟରେ କୁମାରୀ ସୁନିତା ପଟ୍ଟନାୟକ ଜିଲ୍ଲା ଜଜ୍ ଭାବେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଉକ୍ତ କାର୍ଯ୍ୟାଳୟ ରେ ଅତିରିକ୍ତ ଜିଲ୍ଲା ଜଜ୍ ଗିରିଜା ମହାପାତ୍ରଙ୍କ ବଦଳି ହେବାପରେ କୁମାରୀ ସୁନିତା ପଟ୍ଟନାୟକ ତାଙ୍କ ସ୍ଥାନରେ ଯୋଗ ଦେଇଛନ୍ତି ।ପୂର୍ବରୁ କୁମାରୀ ସୁନିତା ପଟ୍ଟନାୟକ କଟକର ପୋକ୍ସୋ ଅଦାଲତରେ କାର୍ଯ୍ୟରତ ଥିଲେ। ଆଜି କୁମାରୀ ସୁନିତା ପଟ୍ଟନାୟକଙ୍କ କାର୍ଯ୍ୟ ରେ ଯୋଗଦାନ ଦେବା ସମୟରେ ଉମରକୋଟ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ଉପ ସଭାପତି ବିଜୟାଲତା ପାଣିଗ୍ରାହୀ, ସମ୍ପାଦକ ସାନ୍ତୁନୁ ବାହିନୀପତି, କୋଷାଧକ୍ଷ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ସମସ୍ତ ଓକିଲ ଉପସ୍ଥିତ ରହି ନୂତନ ଅତିରିକ୍ତ ଜିଲ୍ଲା ଜଜ୍ ଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣେଇଥିଲେ !

# ମା’ ଠାକୁରାଣୀଙ୍କ ଘଟଯାତ୍ରା ସମାପ୍ତ

ରାୟଗଡ(ଭାସ୍କର ନ୍ୟୁଜ୍): ଦୀର୍ଘ ଷୋହଳ ବର୍ଷ ପରେ ଅନୁଷ୍ଠିତ ହୋଇଥିବା ମାଆ ଠାକୁରାଣୀଙ୍କ ଘଟଯାତ୍ରା ସମାପ୍ତ ହୋଇଯାଇଛି। ପବିତ୍ର ମହେନ୍ଦ୍ର ତନୟାର ଉପକୂଳରେ ଗଢିଉଠିଥିବା ଏହି ଗାଁ ଟି ହେଉଛି ରାୟଗଡ଼। ପୂଜା ଓ ପାର୍ବଣ ରେ ମହକିଉଠୁଥିବା ଏହି ଗାଁ କୁ ଆସିଥିଲେ ମାଆ ଗ୍ରାମଦେବତୀ ଠାକୁରାଣୀ। ଏଠାରେ ଯେତେ ଦିନ ଯାତ୍ରା ପାଇଁ ସଂକଳ୍ପ କରାଯାଇଥାଏ ତାକୁ ଆଧାରକରି ମାଆଙ୍କ ଘଟ ମଧ୍ୟ ଅଣାଯାଇଥାଏ ସେହିଭଳି ମାଆଙ୍କ ମୁଖଚିତ୍ର ଅଙ୍କା ଯାଇଥିବା ଘଟହାଣ୍ଡି ଗୁଡିକୁ ପୂଜାର୍ଚ୍ଚନା କରି କୁମ୍ଭାରଶାଳରୁ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗାଁ ରେ ଥିବା ପ୍ରତ୍ୟେକ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇ ମାଆ ଗ୍ରାମଦେବତୀ ବା ଠାକୁରାଣୀଙ୍କ ଆଜ୍ଞମାଳ ଆସିବା ପରେ ଆରମ୍ଭ ହୋଇଥିଲା ଘଟଯାତ୍ରା। ଏହି ଅବସରରେ ଘରେ ଘରେ ଅତିଥି ସାହି ସମ୍ପୂର୍ଣ୍ଣ ଚଳଚଞ୍ଚଳ। ମାଆ ଯେତେବେଳେ ଗାଁ କୁ ଆସନ୍ତି ପରେ ପାଞ୍ଚ ଦିନ ଯାକ ଘର ଘର ବୁଲି ପୂଜା ପାଇଥାନ୍ତି। ଲୋକେ ମାଆଙ୍କ ଗୋଡ଼ ଧୋଇ ମାଆଙ୍କୁ ବନ୍ଦାପନା କରିଥାନ୍ତି। ବାଟେ ଘାଟେ ମା ଙ୍କୁ ବିଭିନ୍ନ ପ୍ରକାର ବାଦ୍ୟ ବଜେଇ ନଚେଇଥାନ୍ତି ଏବଂ ଉପସ୍ଥିତ ଲୋକେ ତା ସହିତ ନାଚିଥାନ୍ତି । ମାଆଙ୍କ ଏହି ଘଟଯାତ୍ରା ଖୁବ ଶାନ୍ତି ଶୃଙ୍ଖଳାର ସହିତ ପାଳନ ହୋଇଯାଇଛି। ଯାତ୍ରାର ଶୁଭ ଖୁଣ୍ଟ ଶ୍ରୀକୃଷ୍ଣ ଚନ୍ଦ୍ର ସାହୁଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ବେଳେ ପୂଜା କମିଟିର ସଭାପତି ଭାବେ ଶ୍ରୀ ଟି ଶଙ୍କର ରାଓ ଏବଂ ଘଟଯାତ୍ରା କୁ ସୁଚାରୁ ରୂପେ ପରିଚାଳନା କରିବାରେ ଭେଙ୍କଟ ରାଓ ଚୌଧୁରୀ, ଭାବଗ୍ରାହୀ ପ୍ରଧାନ,ମୁନା ପାଇକ, ଶିବରାମ ପାଇକ, ଦୀପକ ଦଳେଇ ଶ୍ରୀନିବାସ କୁମ୍ଭ, ସିପୁନ ଦଳେଇ କାଶୀ ଅଚାରୀ, ଅନିଲ, ଶିବ ସାମଲ,ପୂର୍ଣ୍ଣଚନ୍ଦ୍ର ଦଳେଇ, ମିରି କୁମ୍ଭ,ଚନ୍ଦନ ପାଇକ, ରବି ସାହୁ, ଭୁବନେଶ୍ୱର ସାହୁ, ବସନ୍ତ କୁମାର ସାହୁ, ଲାବଣ୍ୟ ବେନିଆ, ସାନ ପାଇକ, ପ୍ରମୁଖ ବେଶ ସହଯୋଗ କରିଥିଲେ।

# ବିପଦସଂକୁଳ ଅବସ୍ଥାରେ ପିଅନପଡା ବନ୍ଧ ରାସ୍ତା



## ମନଇଚ୍ଛା ଭାରିଯାନ ଚଳାଚଳ ମୁଖ୍ୟ କାରଣ

କନ୍ଧମାଳ(ଭାସ୍କର ନ୍ୟୁଜ୍): ପ୍ରଶାସନ ବିପଦ ସୃଷ୍ଟି କରୁଥିବା ଗାଡି ପ୍ରତି ଦୃଢ଼ ପଦକ୍ଷେପ ନେଲେ ମନଇଚ୍ଛା ଭାରିଯାନଗୁଡ଼ିକର ଯିବା ଆସିବା ହୁଅନ୍ତାନି । କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ପିଅନପଡାକୁ ଯିବା ପାଇଁ ଏକ ମାତ୍ର ସିମେଣ୍ଟ ରାସ୍ତା ରହିଛି ।ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରହିଛି ଦୁଇଟି ବନ୍ଧ । ସେଥିମଧ୍ୟରୁ ଗୋଟିଏ ବଡ଼ ବନ୍ଧ ଓ ଅନ୍ୟଟି ପାଣି ପିଇବା ବନ୍ଧ ରହିଛି । ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ କମ ସମୟ ଭିତରେ ମୁଖ୍ୟ ବଜାର ଓ ଔଷଧ ଦୋକାନ ଯିବା ପାଇଁ ସହଜ ହୋଇଥାଏ । ଏହି ରାସ୍ତାରେ ଦୁଇ ଦୁଇଟି ମଦ ଦୋକାନ ଥିବାରୁ ବାଧ ବାଧକତା ଭିତରେ ଲୋଡ଼ିଂ ଗାଡି ଯିବା ଆସିବା କରୁଛି । ଫଳରେ ଆଜି ସକାଳୁ ଜନ ସାଧାରଣଙ୍କ ପାଦ ଚଲା ରାସ୍ତାରେ ଏକ ମଦ ଲୋଡ଼ିଂ କେଣ୍ଟର ଯିବା ସମୟରେ ଦୁଇ ବନ୍ଧକୁ ସଂଯୋଗ କରୁଥିବା ନିମ୍ନମାନର ଛୋଟ ପୋଲଟି ଭାଙ୍ଗି ଯାଇ ବିରାଟ ଗର୍ତ୍ତ ସୃଷ୍ଟି ହେବା ଫଳରେ ଜନସାଧାରଣଙ୍କୁ ବିପଦ ସଂକୁଳ ପରିସ୍ଥିତିକୁ ଠେଲିଦେଇଛି । ଏଥିପାଇଁ ଦାୟୀ କିଏ ? ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିଅନପଡାବାସୀ ଦାବି କରିଛନ୍ତି । ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏବଂ ରାସ୍ତା ତିଆରି ନକଲେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି ।

# ଶିକ୍ଲିନ୍ ରୋଗୀ ରାଣି ସୁଗ୍ରୀଙ୍କୁ ରକ୍ତଦାନ



ମାଲକାନଗିରି (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଗୋବିନ୍ଦପାଲିର ଶିକ୍ଲିନ୍ ରୋଗୀ ରାଣି ସୁଗ୍ରୀ (୧୦ ବର୍ଷ)ଙ୍କ ଜୀବନ ବଞ୍ଚାଇବା ପାଇଁ ବି.ପଜିଟିଭ୍ ଫ୍ରେସ୍ ରକ୍ତର ଆବଶ୍ୟକତା ପଡ଼ିଥିଲା। ଏହି ଖବର ସମ୍ପାଦକ ରିକ୍ଲାମେସନ୍ ରାଇଜିଂ କ୍ଲବ ମାଲକାନଗିରି କେ.ରାହୁଲ ଜାଣିବା ପରେ ତୁରନ୍ତ ସୁବ୍ରତ ବିଶ୍ୱାସଙ୍କୁ ଯୋଗାଯୋଗ କରିଥିଲେ। ମାନବିକତା ଦେଖାଇ ସୁବ୍ରତ ବିଶ୍ୱାସ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରି କୁନି ଝିଅ ରାଣି ସୁଗ୍ରୀଙ୍କ ଜୀବନ ବଞ୍ଚାଇଥିଲେ ।ତେବେ ତାଙ୍କର ଏଭଳି କାର୍ଯ୍ୟ ଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।ଏହି ଅବସରରେ ଏକ୍‌ଜିକ୍ୟୁଟିଭ୍ ବୋର୍ଡି ମେମ୍ବର ରିକ୍ଲାମେସନ୍ ରାଇଜିଂ କ୍ଲବ ସତ୍ୟଜିତ ଗୌଡ଼ ଓ ରାଜୁ ସୁଗ୍ରୀ ଉପସ୍ଥିତ ଥିଲେ ।

# ପରାକ୍ରମ ଶୋଭାଯାତ୍ରା




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଭାରତର ବୀର ସୈନିକ ମାନଙ୍କ ସାହସିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆହୁରି ଉତ୍ସାହିତ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି କଲେଜ ଛକ, ବଜାର ଛକ, ନୂତନ ବସ ଷ୍ଟାଣ୍ଡ, ଗାନ୍ଧୀ ଛକ, ମହାରାଜ ପେଲେଶ , ମେଡିକାଲ ଛକ,ପରେଷ୍ଟ ଗେଟ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ରାଲୀକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି, ଶ୍ରୀ ଅଂଶୁମାନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ଭାରତୀୟ ବୀର ଜବାନ ମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ସାହସକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରୀତ ହୋଇ ଭାରତ ମାତାକି- ଜୟ ଧ୍ୱନୀରେ ଶୋଭାଯାତ୍ରା ପାରଳାଖେମୁଣ୍ଡି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ଶ୍ରୀ ନାରାୟଣ ବେହେରା, ତହସିଲଦାର ପାରଳାଖେମୁଣ୍ଡି, ଶ୍ରୀ ଲକ୍ଷ୍ମଣ କୁମାର ମୁର୍ମୁ, ନିର୍ବାହୀ ଅଧିକାରୀ ପୌରପରିଷଦ, ପାରଳାଖେମୁଣ୍ଡି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଶ୍ରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର, ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ଗଜପତି ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ,ଛାତ୍ରଛାତ୍ରୀ, ଏନ.ସି.ସି. କ୍ୟାଡେଟ, କ୍ରୀଡାବିତ୍, ପୋଲିସ ବାହିନୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସାଧାରଣ ଯୋଗ ଦେଇଥିଲେ।

# ହତ୍ୟା ଘଟଣାରେ ୪ ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଲଖନା ଥାନା ସିଲଭା ଗାଁର କପିଳ ଶବର(୫୦)ଙ୍କୁ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଏହି ଘଟଣାରେ ନୂଆପଡ଼ା ଅତିରିକ୍ତ ଦୌରା ଜଜ୍ ସୁନିଲ କୁମାର ଦାସ ଗୋଟିଏ ପରିବାରର ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିରେ ହୃଷି ଶବର(୬୩). ସ୍ତ୍ରୀ କ୍ଷତ୍ରୀ ଶବର(୬୦), ପୁଅ ଭୁବନେଶ୍ୱର ଶବର(୪୦) ଓ ପୁତ୍ରବଧୂ ବିମଳା ଶବର(୩୭)ଙ୍କୁ ବିରୋଧରେ କାରାଦଣ୍ଡାଦେଶର ଶୁଣାଣି ହୋଇଛି। ଗତ ୨୦୧୭ ଜାନୁୟାରୀ ୧୫ ତାରିଖରେ ଲଖନା ଥାନା ସିଲଭା ଗାଁର କପିଳ ନିକଟ ଦୋକାନକୁ ସଉଦା ଜିଣିବାକୁ ଯାଉଥିଲେ। ଏହି ସମୟରେ ସେହି ଗାଁରେ ରହୁଥିବା ହୃଷି ଶବର , ସ୍ତ୍ରୀ କ୍ଷତ୍ରୀ, ପୁଅ ଭୁବନେଶ୍ୱର, ପୁତ୍ରବଧୂ ବିମଳା ମିଶି କପିଳଙ୍କୁ ଗୋଷ୍ଠୀବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅଚାନକ ଆକ୍ରମଣରେ ଆହତ ହୋଇ କପିଳ ତଳେ ପଡ଼ିଯିବାରୁ ସମସ୍ତେ ମିଶି ତାଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଧାନକଟା ଦା’ ରେ କପିଳଙ୍କୁ ସମସ୍ତେ ହାଣି ପକାଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ କପିଳଙ୍କ ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡ ପରେ ଲଖନା ଥାନାରେ କପିଳଙ୍କ ଭାଇ ପୂର୍ଣ ଶବର ଲିଖତ ଅଭିଯୋଗ କରିଥିଲେ। ଏନେଇ ଲଖନା ଥାନା କେଶ ନଂ ୮/୨୦୧୭ରେ ମାମଲା ରୁଜୁ କରି ହୃଷୀ ଶବର , ସ୍ତ୍ରୀ କ୍ଷତ୍ରୀ, ପୁଅ ଭୁବନେଶ୍ୱର, ପୁତ୍ରବଧୂ ବିମଳା ସହ ଗାଁର ଅନ୍ୟ ଜଣେ ଅଭିଯୁକ୍ତ ଦାରାସିଂ ଶବର(୪୮)ଙ୍କୁ ମଧ କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ପୁଲିସ ଠେଙ୍ଗା ଓ ଦା’କୁ ଜବତ କରି କୋର୍ଟକୁ ଜିମା ଦେଇଥିଲା। ଗତ ୮ବର୍ଷ ଧରି ନୂଆପଡ଼ା ଅତିରିକ୍ତ ଦୌରା ଜଜଙ୍କ କୋର୍ଟରେ ମାମଲା ବିଚାରାଧିନ ଥିଲା। ଏହି ମାମଲାରେ ୨୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ ହୋଇଥିଲା। ସୋମବାର ନୂଆପଡ଼ା ଅତିରିକ୍ତ ଦୌରା ଜଜ୍ ଶ୍ରୀ ଦାସ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ରାୟ ପ୍ରକାଶ କରିଥିଲେ। ଏହି ଘଟଣାରେ ହୃଷି ଶବର, ସ୍ତ୍ରୀ କ୍ଷତ୍ରୀ, ପୁଅ ଭୁବନେଶ୍ୱର, ପୁତ୍ରବଧୂ ବିମଳା ପ୍ରମୁଖ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜଣ ପିଛା ୧୦ ହଜାର ଲେଖାଏଁ ଜରିମାନା କରିଛନ୍ତି। ସେହିପରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଦାରାସିଂଙ୍କୁ କୋର୍ଟ ନିର୍ଦ୍ଦେଶରେ ଖଲାସ କରିଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି କାର୍ତ୍ତିକେଶ୍ୱର ମହାରଣା ମାମଲାର ପରିଚାଳନା କରିଥିଲେ।

## ସମବାୟ ବିକାଶ ଓ ରବି ଧାନ ସଂଗ୍ରହ କମିଟି ବୈଠକ

# ମଇ ୨୦ରୁ ହେବ ଧାନକ୍ରୟ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମବାୟ ବିକାଶ ଓ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଡି ଆର୍ ସି ଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଆର୍ ଏମ୍ ସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ମିଲର ପ୍ରତିନିଧି, ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରମୁଖ ଯୋଗଦାନ କରିଥିଲେ । କିଭଳି ଭାବରେ ସୁରୁଖୁରୁରେ ଜିଲ୍ଲାରେ ରବି ଧାନ ସଂଗ୍ରହ ହୋଇପାରିବ ତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲାର ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଆଗାମୀ ୨୦ ତାରିଖରୁ ପ୍ରଥମ ଧାନ କିଣା ଆରମ୍ଭ ହେବ । ଜିଲ୍ଲାରେ ୪୧ ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର ଓ ୬ ଟି ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ଧାନ କିଣାଯିବ। କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩୦୦ ଟଙ୍କା ଥିବାବେଳେ ୮୦୦ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ବୋନସ ପ୍ରଦାନ କରାଯିବ । ଚାଷୀ ମାନଙ୍କୁ ଧାନ ବିକ୍ରି ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ ସହିତ ସେମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ୫ ଟି ବ୍ଲକ୍ ରେ ୫ ଟି ପ୍ରଚାର ରଥ ବୁଲିବ କ୍ଷ ସେଗୁଡିକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଜିଲ୍ଲାରେ ସୂଚାରୁ ରୂପେ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳ ସମସ୍ତ ଚାଷୀ, ମିଲର ଏବଂ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହଯୋଗ କାମନା କରିଛନ୍ତି ।

# ମହିଳାଙ୍କୁ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ



ରାଉରକେଲା (ଭାସ୍କର ନ୍ୟୁଜ୍): ସ୍ଥାୟୀ ଜୀବିକା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପର ଅଂଶ ଭାବରେ, ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ପାର୍ଶ୍ୱାଞ୍ଚଳର ମହିଳାମାନଙ୍କ ପାଇଁ ଆପ୍ଲିକ୍ ସିଲାଇ କୌଶଳରେ ଏକ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ତାଲିମ ମଇ ୬ ତାରିଖରେ ସେକ୍ଟର-୨୦, ରାଉରକେଲାରେ ଥିବା ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଆରମ୍ଭ ହୋଇଥିଲା। ଟାଉନ୍ ସର୍ଭିସେସ୍ ଏବଂ ସିଏସ୍ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟି. ଜି. କାନେକର ଉଦଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍ଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ୍ ଶ୍ରୀ ଟି. ବି. ଟପ୍ପୋ, ଏବଂ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବାଣିଗୁଣି ଆଦର୍ଶ ଇସ୍ପାତ ଗ୍ରାମ, ଝିରପାଣି ପୁନର୍ବାସ କଲୋନୀ, ପୂର୍ଣ୍ଣାନି ପାର୍ଶ୍ୱାଞ୍ଚଳ ଗ୍ରାମ ଏବଂ ନିକଟସ୍ଥ ଶିଳ୍ପ ବସ୍ତିରୁ ମୋଟ ୧୦ ଜଣ ମହିଳା ଏହି ୬୦ କାର୍ଯ୍ୟ ଦିବସ ତାଲିମ କାର୍ଯ୍ୟକ୍ରମରେ ନାମ ଲେଖାଇଛନ୍ତି। ଏହି ମହିଳାମାନଙ୍କୁ ସେମାନଙ୍କ ପରିବାର ପାଇଁ ଅତିରିକ୍ତ ଆୟ ଅର୍ଜନ କରିବା, ଋଣ, ସବସିଡି ଏବଂ ବୀମା ଆଦି ସରକାରୀ ଯୋଜନାର ହିତାଧିକାରୀ ହେବା ଏବଂ ଦୀର୍ଘକାଳୀନ ରୋଜଗାର ସମ୍ଭାବନାକୁ ବୃଦ୍ଧି କରିବା ପାଇଁ କାରିଗର ପ୍ରମାଣପତ୍ର ହାସଲ ଏହି ପ୍ରୟାସର ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମର ଏକ ଅନନ୍ୟ ଦିଗ ହେଉଛି ପ୍ରଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତର ପ୍ରଶିକ୍ଷକ ଭାବରେ ବିକଶିତ କରିବା ଉପରେ ଧ୍ୟାନ ଦେବା, ଯାହାଦ୍ୱାରା ସେମାନଙ୍କ ଗୋଷ୍ଠୀ ମଧ୍ୟରେ ପ୍ରଭାବ ବୃଦ୍ଧି ପାଇବ। ଏହି ତାଲିମ ପୁରସ୍କାରପ୍ରାପ୍ତ ମାଷ୍ଟର ଟ୍ରେନର କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହେଉଛି । ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ଏଥିରେ ସହାୟତା କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ମ୍ୟାନେଜର ସୁଶ୍ରୀ ରିଚା ଶୁଦ୍ଧିରମ ପରିଚାଳନା କରୁଛନ୍ତି।

# କର୍ମଚାରୀଙ୍କ ପିତା-ମାତାଙ୍କ ପାଇଁ ସ୍ୱାଗତ କାର୍ଯ୍ୟକ୍ରମ



ଝାରସୁଗୁଡା (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ପରିବାର ଦିବସରେ ବେଦାନ୍ତ ଆଲୁମିନିୟମ ପ୍ରକଳ୍ପରେ ଏହାର କର୍ମଚାରୀଙ୍କ ପିତାମାତାଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ‘ଗର୍ବିତ ଅଭିଭାବକ’ ନାମରେ ଏକ ସ୍ୱତନ୍ତ୍ର ବାର୍ଷିକ କାର୍ଯ୍ୟକ୍ରମ କର୍ମଚାରୀଙ୍କ ପିତାମାତାଙ୍କ ପ୍ରତି ଉତ୍ସର୍ଗ ହୋଇଥିଲା। ଏହା କାର୍ଯ୍ୟକ୍ରମ ଆୟୋଜନ ପଛରେ ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ ପ୍ରକଳ୍ପର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବା ସହ ସହ ଏହାର ବିବିଧ ଗୋଷ୍ଠୀ ମଧ୍ୟରେ ଏକ ପରିବାର କେନ୍ଦ୍ରୀକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଥିଲା । ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘ ଦ୍ୱାରା ମନୋନୀତ ବିଷୟ ‘ସହନୀୟ ବିକାଶ ପାଇଁ ପରିବାରଭିତ୍ତିକ ନୀତି’ ଉପରେ ପର୍ଯ୍ୟବେକ୍ଷିତ କାର୍ଯ୍ୟକ୍ରମ କଂପାନୀ ନିଜର କର୍ମଚାରୀଙ୍କ ପିତାମାତାଙ୍କୁ ନେଇ ପାଳନ କରିବା ସହ ଏହି ‘ଗର୍ବିତ ଅଭିଭାବକ’ ଏହାର ସଦ୍ୟ ସଂସ୍କରଣ ଥିଲା। ଦ୍ୱି ଦିବସୀୟ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବେଦାନ୍ତ ପ୍ରକଳ୍ପର ସମସ୍ତ କର୍ମଚାରୀ ମାନଙ୍କର ପିତାମାତାଙ୍କୁ ସାମିଲ କରାଯାଇ ବିଶ୍ୱର ଏହି ଅନ୍ୟତମ ବୃହତ ଆଲୁମିନିୟମ ଉତ୍ପାଦନକାରୀ ୟୁ ନିଟ୍‌ର କାର୍ବନ, ପଟଲାଇନ, କାଷ୍ଟ ହାଉସ ଏବଂ ଶକ୍ତି ପ୍ରକଳ୍ପ ପରିଦର୍ଶନ କରାଇଥିଲେ । ଏହା ସାଂଗକୁ ସେମାନଙ୍କୁ ପ୍ରକଳ୍ପର ଗଉନସିପ ପରିଦର୍ଶନ ସହ ସେଠାରେ ରହିଥିବା ସମସ୍ତ ସୁବିଧା ଯଥା ଅବସର ବିନୋଦନ ପାଇଁ ବ୍ୟବସ୍ଥା, ସ୍ୱିମିଂ ପୁଲ୍, ଜିମ୍, ଷ୍ଟାଡିୟମ, ଅଡିଟୋରିୟମ, ଡେ’ କେୟାର ସୁବିଧା, ସୁପର ମାର୍କେଟ, ଡାକ୍ତରଖାନା ଆଦି ସଂପର୍କରେ ଅବଗତ କରାଯାଇଥିଲା । କଂପାନୀ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାର, ଦକ୍ଷତା ବୃଦ୍ଧି ଏବଂ ଗୋଷ୍ଠୀ ଭିତ୍ତିଭୂମିର ବିକାଶ ଆଦି ଗ୍ରହଣ କରାଯାଉଥିବା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ସଂପର୍କରେ ସେମାନେ ଜାଣିବାର ସୁଯୋଗ ଦିଆଯାଇଥିଲା । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ ଏକ ସୁଦୃଢ଼ ସଂଗଠନ ଦୃଢ଼ ପରିବାର ଏବଂ ଦୃଢ଼ ଗୋଷ୍ଠୀ ସହଭାଗିତାରେ ନିର୍ମାଣ କରାଯାଇପାରେ ଏହି ବିଶ୍ୱାସ ବେଦାନ୍ତର ରହିଛି । ଯେଉଁଥିପାଇଁ ଅନ୍ତର୍ଜାତୀୟ ପରିବାର ଦିବସ କେବଳ ଏକ ଉତ୍ସବ ନୁହେଁ ବରଂ ବେଦାନ୍ତର ପ୍ରତ୍ୟେକ ସଦସ୍ୟଙ୍କୁ କ୍ଷମତା ସଂପନ୍ନ, ମୂଲ୍ୟବାନ, ସଶକ୍ତ କରାଇବା ପ୍ରତି କଂପାନୀର ପ୍ରତିବଦ୍ଧତାକୁ ଅନୁଭବ କରାଇବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଆଭିମୁଖ୍ୟ । ‘ଗର୍ବିତ ଅଭିଭାବକ’ କାର୍ଯ୍ୟକ୍ରମର ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପିତାମାତାଙ୍କୁ ବ୍ୟବସାୟର ପ୍ରତ୍ୟକ୍ଷ ଝଲକ ପ୍ରଦାନ କରିବା । ପିତାମାତାଙ୍କ ପାଇଁ ସେମାନଙ୍କ ପିଲାମାନେ ଯେଉଁ କାମ, ମୂଲ୍ୟବୋଧ ଏବଂ ପରିବେଶରେ ଯୋଗଦାନ ଦିଅନ୍ତି ତାହା ପ୍ରତ୍ୟକ୍ଷ ଭାବରେ ଦେଖିବାର ସୁଯୋଗ ସୃଷ୍ଟି କରି ଏହି ପଦକ୍ଷେପ ଗର୍ବ, ବିଶ୍ୱାସ ଏବଂ ଗଭୀର ଭାବପ୍ରବଣ ସଂପର୍କକୁ ବୃଦ୍ଧି କରେ ବୋଲି ସିଓଓ ସୁନୀଲ ଗୁପ୍ତା ମତ ବ୍ୟକ୍ତ କରିଛନ୍ତି ।

# ପରାକ୍ରମ ଶୋଭାଯାତ୍ରା

ନୂଆପଡା(ଭାସ୍କର ନ୍ୟୁଜ୍):ଆତଙ୍କବାଦ ବିରୁଦ୍ଧରେ ସଫଳତାର ସହିତ ଅପରେସନ ସିନ୍ଦୂର ଅଭିଯାନ ଚଳାଇ ଦେଶକୁ ଗର୍ବିତ କରିଛନ୍ତି ଭାରତୀୟ ସେନା ।ସେମାନଙ୍କ ବିରତ୍ୱ, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ସହିତ ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଆଜି ନୂଆପଡା ଜିଲ୍ଲା ପ୍ରଶାସନ ତରଫରୁ ପରାକ୍ରମ ଶୋଭାଯାତ୍ରା ସହିତ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଆର୍ ରାଘବେନ୍ଦ୍ର ରେଡ୍ଡୀ, ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, କେନ୍ଦ୍ରୀୟ ସୁରକ୍ଷାବଳ ବାହିନୀର କମାଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ,ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦର ସଦସ୍ୟଗଣ,ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବାର ଆସୋସିଏସନର ସଦସ୍ୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଆରକ୍ଷୀ ବାହିନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କ୍ରୀଡାବିତ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ , ଶିକ୍ଷକ ଶିକ୍ଷୟିତ୍ରୀ , ଗଣ ମାଧ୍ୟମର ପ୍ରତିନିଧି ଏବଂ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ଯୋଗ ଦେଇଥିଲେ ।ରାଲି ପରିଚାଳନାରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡ଼ା କାର୍ଯ୍ୟ ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର, ନୂଆପଡ଼ା ବ୍ଲକ ଏବଂ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଗଣ ସହଯୋଗ କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ରଥ ନିର୍ମାଣର ଷୋଡ଼ଶ ତମ ଦିନରେ ତିନି ରଥର ନିର୍ମାଣ କାରୀ ସେବକ ବୃନ୍ଦ ସକାଳ ଘ.୮.୦୦ ଟିକା ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ନିଜ ନିଜର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗତକାଲି ସୁଦ୍ଧା ତିନି ରଥର ୧୨ ଗୋଟି ଚକର ନିର୍ମାଣ ଶେଷ ହେବାସହ ତିନି ରଥର ଗୋଟିଏ ଗୋଟିଏ ନାହାକା ଅଖ ର ଅନୁକୂଳ ପୂଜା ପରେ ଅଖ ର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରୀ ରହିଥିଲା। ଆଜି ତିନିରଥ ର ଗୋଟିଏ ଗୋଟିଏ ନାହାକା ଅଖ ଉଭୟ ପାର୍ଶ୍ୱ ଗୋଲେଇ ସହ ମାଠେଣି କାର୍ଯ୍ୟ ଶେଷ ହୋଇଛି। ତିନିରଥ ର ମୋଟ ୪୨ ଗୋଟି ଚକ ମଧ୍ୟରୁ ଆଜି ସୁଦ୍ଧା ୧୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଆଜି ସୁଦ୍ଧା ତାଳଧ୍ୱଜ ରଥ ଏବଂ ଦର୍ପ ଦଳନ ରଥର ପାଞ୍ଚୋଟି ଲେଖାଏଁ ଚକ ନିର୍ମାଣ ଶେଷ ହୋଇଥିବା ବେଳେ ନନ୍ଦିଘୋଷ ରଥର ୬ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଏତତ୍ ବ୍ୟତୀତ ତିନି ରଥର ଚାରିଟି ଲେଖାଏଁ ୧୨ ଫୁଟିଆ ପ୍ରଥମ ଭୂଇଁ ଓରା ଚଉପଟ ପରେ ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ଦୁଇଟି ଲେଖାଏଁ ଭୂଇଁ ଖମ୍ୱୀ ର ଚଉପଟ କାର୍ଯ୍ୟ ଶେଷ ହୋଇଛି। ତଥା ତିନି ରଥର ଆଉ ଦୁଇଟି ଲେଖାଏଁ ତୁମ୍ୱରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ା ବାଡ଼ିଆ ଶେଷ ହେବାପରେ ତୁମ୍ୱରେ ଅଖ ବିନ୍ଧ ପାଇଁ ଭୋଇ ସେବକ ମାନେ ରଥ ଚାଳି କୁ ଯୋଗାଇ ଦେଇଥିଲେ। ତୁମ୍ୱ ଗୁଡ଼ିକରେ ତୁମ୍ୱ ବିନ୍ଧ ବା ଅଗର ବିନ୍ଧ ହେବାପରେ ତିନି ରଥର ମହାରଣା ସେବକ ମାନେ ଅର ସାଲ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ପ୍ରଭା ଅପସରା ଏବଂ ବେଦୀ ସିଂହାସନ ନିର୍ମାଣ ନିମନ୍ତେ ରଥ ଅମୀନ ତିନିରଥ ଚାଳିକୁ ଦୁଇଟି ଲେଖାଏଁ ୧୨ ଫୁଟିଆ ଅସନ କାଠ ଯୋଗାଇ ଦେଇଥଲେ,ଉକ୍ତ କାଠର ଚଉପଟ କାର୍ଯ୍ୟ ତିନି ରଥର ମହାରଣା ସେବକ ମାନେ ଜାରି ରଖିଛନ୍ତି। ସେହିପରି ରୂପକାର ସେବକ ମାନେ ତିନି ରଥର ସାଲ ଗୁଜ ରେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ଧର୍ମେନ୍ଦ୍ର



କୁଚିଣ୍ଡା (ଭାସ୍କର ନ୍ୟୁଜ): ସମ୍ବଲପୁର କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଆଜି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ୭୧ ଗୋଟି ପ୍ରକଳ୍ପରେ ୧୩୫ କୋଟି ଟଙ୍କାର ନିବେଶ ହୋଇଛି, ଯାହା ଡବଲ ଇଞ୍ଜିନ ସରକାରର ଏକ ଉପହାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟ, କୁଚିଣ୍ଡାର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ମନ୍ତ୍ରିମୁଣ୍ଡା ଠାରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି । ଏହାବ୍ୟତୀତ ପ୍ରାୟ ୧୦୫ କୋଟି ଟଙ୍କା ବିନିମୟରେ ୭୧ ଗୋଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ କୁଚିଣ୍ଡାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଲୋକମାନଙ୍କର ଅପେକ୍ଷା ରହିଥିଲା, ଯେଉଁ ଜନ ଆକାଂକ୍ଷାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂରଣ କରିଛନ୍ତି । ଚଳିତ ଶିକ୍ଷା ବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟର ଏହି ଅସ୍ଥାୟୀ କ୍ୟାମ୍ପସରେ ଶିଶୁବାଟିକା ଆରମ୍ଭ କରାଯିବ । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଯିବ ଏବଂ ଆଗକୁ ଏହି ସଂଖ୍ୟା ୧୨୦୦କୁ ବଢାଇବା ପାଇଁ ଯୋଜନା କରାଯିବ। ସେହିପରି ଆଜି କୁଚିଣ୍ଡା ନିର୍ବାଚମଣ୍ଡଳୀର ୩୩.୬୮ କୋଟି ଟଙ୍କା ବିନିମୟରେ ୨୩ ଗୋଟି ପ୍ରକଳ୍ପର ଉଦଘାଟନ ଓ ୭୧.୨୪ କୋଟି ଟଙ୍କା ବିନିମୟରେ ୪୮ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ହୋଇଛି । ମୋଟ ପ୍ରାୟ ୧୩୫ କୋଟି ଟଙ୍କା ବିନିମୟର ଏହି ପ୍ରକଳ୍ପ ଆଗାମୀ ଦିନରେ କୁଚିଣ୍ଡାକୁ ନୂଆ ପରିଚୟ ଦେବ। ସେ ଆହୁରି କହିଛନ୍ତି ଯେ କୁଚିଣ୍ଡାରେ ଶିକ୍ଷା ଏକ ସାମାଜିକ ବିଷୟ । ଏହି ଅଞ୍ଚଳରେ ଶିକ୍ଷାକୁ ଗତି ଦେବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ସମ୍ବଲପୁରରେ ତିନୋଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ଏହି ଅଞ୍ଚଳରେ ୬ଟି ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରିବା ପାଇଁ ମଞ୍ଜୁର ହୋଇଛି । ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନାର କଳ୍ପନା କରାଯାଇଛି । ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ସବୁ ହାଇସ୍କୁଲକୁ ଇଣ୍ଟରନେଟ୍ ଓ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି । ଓଡ଼ିଶା ସମେତ ଭାରତବର୍ଷର ସବୁ ସ୍କୁଲରେ ପିଲାମାନଙ୍କ ଏଆଇ ଆଧାରିତ ଶିକ୍ଷା ପ୍ରଦାନ କରାଯିବାର ଯୋଜନା ହୋଇଛି । କୁଚିଣ୍ଡାରେ ପ୍ରତିଷ୍ଠା ହେଉଥିବା ନୂଆ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ରୋଜଗାର କରିବା ପାଇଁ ନୁହେଁ ବରଂ ରୋଜଗାରଦାତା ହେବା ପାଇଁ ପ୍ରୋତ୍ସାହିତ କରିବ । ଦାରିଦ୍ର୍ୟ ମୂଳୋତ୍ପାଟନ ହେବାର ଏକ ମାଧ୍ୟମ ହେଉଛି ଶିକ୍ଷା । ଭଲ ପାଠ ପଢିଲେ ସମାଜରେ ଦାରିଦ୍ର୍ୟ ହ୍ରାସ ହେବ । ଶିକ୍ଷା ସମେତ କୁଚିଣ୍ଡାର ମୌଳିକ ସେବା, କୃଷି, ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ ସୃଷ୍ଟି କରିବା ପାଇଁ ଆମ ସରକାର ବଦ୍ଧ ପରିକର । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ସମେତ ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ସୁଯୋଗ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି । ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକର ଦଳିତ ଏବଂ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲେ । ମଣ୍ଡଳ କମିଶନ ପଛୁଆ ବର୍ଗଙ୍କ ବିକାଶ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ କହିଥିଲେ । ଏହି ମର୍ମରେ ଡବଲ ଇଞ୍ଜିନ ସରକାର ନିକଟରେ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛି, ଯାହାକୁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଛି । ସାମାଜିକ ନ୍ୟାୟ ସେବେ ହେବ ଯେତେବେଳେ ବଞ୍ଚିତ ବର୍ଗର ପିଲାମାନଙ୍କୁ ଅଧିକରୁ ଅଧିକ ସୁଯୋଗ ମିଳିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ଉପସ୍ଥିତ ଥିଲେ ।

# ନୂତନ ଦଧିବାମନ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉଦଯାପିତ



ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହିରେ ଗ୍ରାମବାସୀଙ୍କ ସହଯୋଗରେ ନୂତନ ଦଧିବାମନ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଛି । ବୈଦିକ ରୀତି ନୀତି ଅନୁଯାଇ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ଜଗଦେବ, ସମାଜସେବୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, କ୍ୟାପଟେନ ମନ୍ମଥ କୁମାର ରାଉତରାୟ,ସୁଶାନ୍ତ କୁମାର ମହାପାତ୍ର,ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସରପଂଚ ପ୍ରଫୁଲ କୁମାର ପ୍ରଧାନ, ହାଡୁବନ୍ଧୁ ମହାପାତ୍ର,ସତ୍ୟ ନାରାୟଣ ପ୍ରଧାନ,ଲାବଣ୍ୟ ଜୟସିଂହ,ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ ଅବସରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜ୍ରପାତ ନେଲା...


ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଢେଙ୍କାନାଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଢେଙ୍କାନାଳ ଜିଲ୍ଲା ଗଦିଆଁ ଥାନା ଜାବରା ଗାଁରେ ବଜ୍ରପାତରେ ଜଣକର ମୃତ୍ୟୁ ଘଟିଥିବାବେଳେ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଦାରି ପୋଖରୀରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେହିପରି ଯାଜପୁର ଜିଲ୍ଲା ଜେନାପୁର ଥାନା ବୁରୁ ସାହିରେ ଗାଁ ଦାଣ୍ଡରେ ଖେଳୁଥିବାବେଳେ ବଜ୍ରପାତ ହେବାରୁ ୨ ନାବାଳକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି କେବିରି ବ୍ରହ୍ମପୁରରେ ବଜ୍ରାଘାତରେ ଆଉଜଣକର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ସମସ୍ତ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଛି। ସେହିପରି କାମାକ୍ଷାନଗର ଦଶିପୁର କୁସମୁଣ୍ଡିଆରେ ଜଣେ ବ୍ୟକ୍ତିଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଛି।

# ୩୨୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା



ମାଲକାନଗିରି (ଭାସ୍କର ନ୍ୟୁଜ): ଜୟପୁର ଠାରୁ ମୋଟୁ ପର୍ଯ୍ୟନ୍ତ ୩୨୬ ନଂବର ଜାତୀୟ ରାଜପଥ ଅଛି ସେଥିରେ କେଉଁଟି ପୋଖରୀ ସଦୃଶ ତ କେଉଁଠି ପାହାଡ ଭଳି ପିଚୁ, ମାଟିଉଠି, ମେଟାଲ୍ ପଡିରହିଛି । ଯାହା ଫଳରେ ବିଭିନ୍ନ ସମୟରେ ସଡକ ଦୁର୍ଘଟଣା ହେଉଛି। ପରିବହନ ବିଭାଗର ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଯେତେକଲେ ବି ଦୁର୍ଘଟଣାକିନ୍ତୁ ବନ୍ଦ ହେଉନାହିଁ । କାରଣ ଜାତୀୟ ରାଜପଥ ଅଧିକାରୀ ଓ ପ୍ରଶାସନ ର ମନମୁଖି ତଥା ଅବହେଳା ଯୋଗୁଁ ବଳିପଡୁଛନ୍ତି ଗାଡିଚାଳକ ଓ ସହଯାତ୍ରୀ । ବାରମ୍ବାର ଅଭିଯୋଗ ସତ୍ୱେ ପାଣ୍ଡ୍ରିପାଣି ନିକଟ ପୁଜାରିମୁଣ୍ଡା, ଏମ୍.ଭି ୧୯ ଠାରୁ କାଙ୍ଗୁରୁକୋଣ୍ଡା, ପୋଟେରୁ ପୋଲ, ଏମ୍.ଭି ୭୯ ଠାରୁ ମୁରଲିଗୁଡା ଛକ ପର୍ଯ୍ୟନ୍ତ, ସପ୍ତାଧାରା ବ୍ରିଜ ନିକଟ, ଗୋବିନ୍ଦପାଲି ଘାଟି ଆରମ୍ଭରେ ଜାତୀୟ ରାଜପଥ ୩୨୬ର ଯେଉଁ ଅଂଶଗୁଡ଼ିକ ରହିଛି ତାହାର ଦୟନିୟ ଅବସ୍ଥା କହିଲେ ନସରେ। ବର୍ତ୍ତମାନ ଏହି ସ୍ଥାନ ଗୁଡିକ ଦୁର୍ଘଟଣା ପ୍ରବଣ ତଥା ମରଣଯନ୍ତା ପାଲଟିଛି । ବର୍ଷାଦିନ କଥା କହିଲେ ନସରେ । ଏହିରାସ୍ତା ଦେଇ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ପରି ବିଭିନ୍ନ ରାଜ୍ୟକୁ ପ୍ରତିଦିନ ହଜାରରୁ ଅଧିକ ୪ ଚକିଆ ଯାନ ଠାରୁ ୧୮ ଚକିଆ ପର୍ଯ୍ୟନ୍ତ ଭାରି ଯାନଗୁଡିକ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛି । ବିଭାଗୀୟ ଯନ୍ତ୍ରୀ କହିଛନ୍ତି, ଏହି ଟେଣ୍ଡର୍ କାମ ଶେଷ ଅବସ୍ଥାରେ ଅଛି। ପ୍ରାୟ ୨ ରୁ ୩ ମାସ ପରେ ଟେଣ୍ଡର ଫାଇନାଲ୍ ପରେ ମରାମତି କାମ ଆରମ୍ଭ ହୋଇଯିବ। କିନ୍ତୁଏହି ୬ ମାସ ଭିତରେ ଯେଉଁ ଦୁର୍ଘଟଣାମାନ ହେବ ଏହାର ଦାୟୀ କିଏ ହେବ ? ଏଠାରେ ଆହୁରି ମଧ ପ୍ରଶ୍ନ ଉଠୁଛି କି ବିଭାଗିୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଯେଉଁ ଅମୂଲ୍ୟ ଧନ ଜୀବନ ଅସମୟରେ ନଷ୍ଟ ହୋଇଯାଉଛି ତାହାର କ୍ଷତିପୂରଣ କରିବ କିଏ ? ଏହାସହ ଯେଉଁ ବ୍ୟକ୍ତିବିଶେଷମାନେ ଏହି ସ୍ଥାନ ମାନଙ୍କରେ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି ସେମାନଙ୍କ ପରିବାରର ପ୍ରତିପୋଷଣ ଦେବ କିଏ ?ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସରକାରଙ୍କ ଯେଉଁ ଟିକସ ଆଦାୟ ହେଲମେଟ୍, ଗାଡି ଚେକିଂ ଓ ଟୋଲ୍ ଟିକସ ନାମରେ ହେଉଅଛି ତାହା ଉନ୍ନତି ସମୟରେ ପାଣିରେ ଗାର ସଦୃଶ ।

# ସାମାନ୍ୟ ପଇଡ଼ ପାଇଁ ଜୀବନ ନେଇଗଲା ଦୁର୍ବୃତ୍ତ



ପୁରୀ (ଭାସ୍କର ନ୍ୟୁଜ) : ସାମାନ୍ୟ ପଇଡ଼ ପାଇଁ ଜୀବନ ନେଇଗଲେ ଶୋଇଥିବା ବେଳେ ତାଙ୍କୁ ସବୁ ଦିନ ପାଇଁ ଚିର ନିଦ୍ରାରେ ଶୁଆଇ ଦେଲେ ଦୁର୍ବୃତ୍ତ । ବାସେଳୀ ସାହି ମଶାଣିଚଣ୍ଡୀ ମନ୍ଦିର ନିକଟରେ ନରସିଂହ ଓରଫ କୁନା ବେହେରାକୁ କରାଯାଇଛି ହତ୍ୟା । ଗୁରୁବାର ପାହନ୍ତ କୁନା ନିଜ ଘରେ ଶୋଇଥିଲେ। ଏହି ସମୟରେ ଲିପୁନୁ ଭୋଇ ନାମକ ଜଣେ ଯୁବକ ଓ ତାର କିଛି ସହଯୋଗୀ କାନ୍ଥରେ ଚଢି ଘର ଭିତରକୁ ପଶି ଆସି କବାଟ ବାଡ଼େଇ କୁନାଙ୍କୁ ଡାକିଥିଲେ। କୁନା କବାଟ ଖୋଲିଦେବାରୁ ଅଭିଯୁକ୍ତମାନେ ତାଙ୍କ ଉପରେ ଲଙ୍କାଗୁଣ୍ଡ ପକାଇ ଦେଇଥିଲେ। ପରେ ଲିପୁନୁ ଦାସ ଓ କାର୍ତ୍ତିକ ବେହେରା ତାର କିଛି ସହଯୋଗୀ ମାରଣାସ୍ତ୍ରରେ ଲିପୁନକୁ ହତ୍ୟା କରିଛନ୍ତି। କୁନାଙ୍କ କ୍ଷତାକ୍ତ ମର ଶରୀର ଘରେ ପଡ଼ିରହିଥିଲା । ଏହି ହତ୍ୟାକାଣ୍ଡ ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖିଛନ୍ତି। ଦୁଇଜଣଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ପୁରୀ ସିଟି ଡିଏସପି ସୂଚନା ଦେଇଛନ୍ତି। ମୃତ କୁନା ବେହେରା ହେଉଛନ୍ତି ମଶାଣିଚଣ୍ଡୀ ପରିଚାଳନା ସମିତିର ସମ୍ପାଦକ । ତେବେ ପଇଡ ତୋଳାକୁ ନେଇ ହତ୍ୟା ହୋଇଥିବା କହିଛନ୍ତି ପୁରୀ ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ । ଅନ୍ୟପଟେ ଦୀର୍ଘବର୍ଷ ଧରି ନରସିଂହ ଓରଫ୍ ମୃତକ କୁନା ବେହେରାର ସ୍ତ୍ରୀ ଓ ପରିବାର ସହ ସମ୍ପର୍କ ନଥିଲା ବୋଲି ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଡେପୁଟି ଚିଫ୍ ଇଞ୍ଜିନିୟର (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ଆମର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି। ଏହି ଟେଣ୍ଡରଗୁଡ଼ିକ ନିର୍ଦ୍ଧାରିତ ତାରିଖର ଅପରାହ୍ନ ୧୨ଟାରେ ବନ୍ଦ କରାଯିବ। ଇ-ଟେଣ୍ଡର ନୋଟିସ ନଂ: ଏସଇଆର-ସିଓଏନ୍-ଡିସିଇ-କେଜିପି-୦୧-୨୦୨୫, ତାରିଖ: ୧୫.୦୫.୨୦୨୫। କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ- ଡେପୁଟି ଚିଫ୍ ଇଞ୍ଜିନିୟର(ନିର୍ମାଣ)/ ଖଡ଼ଗପୁର, ଖଡ଼ଗପୁର, ଦକ୍ଷିଣ-ପୂର୍ବ ରେଳପଥର ଉଦ୍ୟାନ କାର୍ଯ୍ୟପାଇଁ ଉଦ୍ୟାନକାର୍ଯ୍ୟ ସଫେଇ ଓ ସ୍ୱଚ୍ଛ ରଖିବା ସହ ଉନ୍ନତିକରଣ କାର୍ଯ୍ୟ। ମୂଲ୍ୟ- ଟ.୭୯,୮୧,୮୩୫.୩୬। ଅମାନତ ଜମା: ଟ.୧,୫୯,୬୦୦/-। ସଂପୂର୍ଣ୍ଣ ଅବଧି: ୨୪(ଚବିଶ) ମାସ। ବନ୍ଦ ତାରିଖ: ୦୯.୦୬.୨୦୨୫। ଆଗ୍ରହୀ ଟେଣ୍ଡରରମାନେ ଏହି ଟେଣ୍ଡରଗୁଡ଼ିକର ସଂପୂର୍ଣ୍ଣ ବିବରଣୀ/ସ୍ୱତନ୍ତ୍ରତା ନିମନ୍ତେ ଆମର ୱେବସାଇଟ୍ www.ireps.gov.in ଲେ-ଦେଖିପାରିବେ ଏବଂ ଅନଲାଇନରେ ବିଡ୍ ଦାଖଲ କରିବେ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣୀୟ ନୁହେଁ। ବିଶେଷ ଦ୍ରଷ୍ଟବ୍ୟ: ଆଗ୍ରହୀ ଠିକାଦାରମାନେ ନିୟମିତ ଆମର ୱେବସାଇଟ୍ www.ireps.gov.in ଦେଖିପାରିବେ ଓ ଅନ୍ୟ ଟେଣ୍ଡରରେ ଭାଗ ନେଇପାରିବେ।

(PR-164)

## AFFIDAVIT

By virtue of an affidavit sworn before the Executive Magistrate, Khordha, dated:14.05.2025, I Basanta Kumar Maharana, Address: village- Balipatana, Po- Kunjuri, Ps- Khordha Sadar, Dist- Khordha, Odisha, PIN- 752056, declare that I have changed my name from Basant Moharana to Basanta Kumar Maharana. Henceforth, I shall be known as Basanta Kumar Maharana for all purposes.

Sd/- Basanta Kumar Maharana

## AFFIDAVIT

By virtue of an affidavit sworn before the Executive Magistrate, Jagatsinghpur, dated: 06.05.2025, I Brahmananda Patra, Address: village- Amarapada, Po-Sithalo, Ps- Niali, Dist- Cuttack, Odisha, PIN-754105, declare that I have changed my daughter's name from B.Subingya Sujanika Patra to Aaradhya Patra. Henceforth, She shall be known as Aaradhya Patra for all purposes.

Sd/- Brahmananda Patra

## NOTICE

By virtue of an affidavit sworn before the Executive Magistrate, Kandhamal,Phulbani, dated: 16.05.2025, I Jajanika Digal, Wife of Sabata Digal, of village: Bhandarpadar, Po- Minia, Ps- Sadar, Phulbani, Dist- Kandhamal, declare that I have changed my son's name fro Adarsha Digal to Animesh Digal. Henceforth, he shall be known as Animesh Digal for all purposes.

Sd/-Jajanika Digal

## ଅଧିକ ସଶକ୍ତ ହେବ ପ୍ରତିରକ୍ଷା କ୍ଷେତ୍ର

# ସାମରିକ ଶକ୍ତିକୁ ମିଳିବ ୫୦ହଜାର କୋଟିର ବଳ

ନୂଆଦିଲ୍ଲୀ: ଭାରତର ପ୍ରତିରକ୍ଷା ବଜେଟକୁ ମିଳିପାରେ ୫୦ହଜାର କୋଟିର ବଳ। ଅପରେସନ ସିନ୍ଦୂର ସଫଳ ହେବାପରେ କେନ୍ଦ୍ର ସରକାର ଦେଶର ସାମରିକ ଶକ୍ତିକୁ ଅଧିକ ମଜବୁତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରତିରକ୍ଷା ବଜେଟ୍‌ରେ ଅତିରିକ୍ତ ୫୦ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯିବ। ସପ୍ଲିମେଣ୍ଟାରୀ ବଜେଟ୍ ମାଧ୍ୟମରେ ସରକାର ଏପରି ବ୍ୟବସ୍ଥା କରିବାର ସମ୍ଭାବନା ରହିଛି। ଯଦି ସରକାର ୫୦ହଜାର କୋଟିର ବ୍ୟୟବରାଦ ଘୋଷଣା କରନ୍ତି, ତେବେ ପ୍ରତିରକ୍ଷା ବଜେଟର ପରିମାଣ ୭ଲକ୍ଷ କୋଟି ପାର୍ କରିଯିବ। ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ଫେବୃଆରୀ ୧ରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। ଏହି ସମୟରେ ପ୍ରତିରକ୍ଷା ବିଭାଗ ପାଇଁ ରେକର୍ଡ ୬.୮୧ ଲକ୍ଷ କୋଟିର ବ୍ୟୟବରାଦ କରାଯାଇଥିଲା। ୨୦୨୪-୨୫ ତୁଳନାରେ କେନ୍ଦ୍ର ସରକାର ପ୍ରତିରକ୍ଷା ବଜେଟ୍‌କୁ ୨୦୨୫-୨୬ରେ ୯ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୨୪-୨୫ରେ ପ୍ରତିରକ୍ଷା ପାଇଁ ୬.୨୨ ଲକ୍ଷ କୋଟିର ବ୍ୟୟବରାଦ କରାଯାଇଥିଲା। ପୂର୍ବରୁ ପ୍ରତିରକ୍ଷା ବଜେଟ୍‌ରେ ୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଏବେ ପୁଣି ଆଉ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯିବ। ବଜେଟ୍ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ସଂସଦର ଶୀତ ଅଧିବେଶନରେ ଉପସ୍ଥାପନ ହେବ। ଏହି ବର୍ଦ୍ଧିତ ବଜେଟ୍ ଅର୍ଥ ରିସର୍ଚ୍ଚ, ଡେଭଲପମେଣ୍ଟ ସମେତ ଅଧିକ ସଂଖ୍ୟକ ଯୁଦ୍ଧାସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ କ୍ରୟରେ ଖର୍ଚ୍ଚ କରାଯିବ। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨୨ରେ ପହଲଗାମ ନରସଂହାରର ବଦଳା ନେବାପାଇଁ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ପରେ ପାକିସ୍ତାନ ସହ ତିକ୍ତତା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ନିଜର ସାମରିକ ଶକ୍ତିକୁ ଅଧିକ ସଶକ୍ତ କରିବାକୁ ଚାହୁଁଛନ୍ତି। ସୂଚନାଯୋଗ୍ୟ ଯେ ଅପରେସନ ସିନ୍ଦୂର ପରେ ପାକିସ୍ତାନୀ ସେନା ଭାରତ ବିରୋଧରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲା।

# ବଜ୍ରାଘାତରେ ୩ ଗୋରୁ ମୃତ

ବନ୍ଧୁଗାଁ (ଭାସ୍କର ନିୟୁଜ) ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ କାନାଗାଁ ପଞ୍ଚାୟତ ଅଧିନସ୍ଥ ରାମଜୀପୁଟ ଗାଁ ରେ ଅଦିନିଆ ବର୍ଷା ରେ ବଜ୍ରପାତ ହେବାରୁ ୩ ଟି ଗୋରୁର ମୃତ୍ୟୁ ହୋଇଯାଇଛି। ପ୍ରାପ୍ତ ସୁଚନା ଅନୁଯାୟୀ ଆଜି ଅପରାହ୍ନ ୩ ଟାରେ କାଳବୈଶାଖୀ ପ୍ରଭାବରେ ରାମଜୀପୁଟ ଗାଁ ରେ ଘଡଘଡି ବର୍ଷା ହୋଇଥିଲା। ଏହି ସମୟରେ କାୟୁ ମେଲେକା ଙ୍କ ଦୁଇଟି ବଳଦ ଏଁ ମାଳିକି ମେଲେକା ଙ୍କ ଗୋଟିଏ ବଳଦ ଗାଁ ରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା କୁଡ଼ିଆ ଘର ପାଖରେ ଥିବା ତେନ୍ତୁଳି ଗଛ ମୂଳରେ ବାନ୍ଧି ଥିଲେ। ରାମଜୀପୁଟ ଗାଁରେ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ହିଁ ୩ ଟି ବନ୍ଧା ହୋଇଥିବା ବଳଦ ର ମୃତ୍ୟୁ ହୋଇଯାଇଛି। ଏ ନେଇ କାୟୁ ଓ ମାଳିକି ବ୍ଲକ ପ୍ରାଣୀ ବିଭାଗ ଅଧିକାରୀ ମୁକ୍ତିକାନ୍ତ ସେଠୀ ଓ ଏଲଏସି କୈଳାଶ ଚନ୍ଦ୍ର ବିଶୋଇ ଙ୍କୁ ଅବଗତ କରାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ଥିବା ଜାଣିବାକୁ ମିଳିଛି। ଚଳିତ ବର୍ଷା ଋତୁରେ ନିଜ ଜମି ଗୁଡିକରେ ଚାଷ କରିବା ପାଇଁ ଏକ ସପ୍ତାହ ତଳେ କାୟୁ ମେଲେକା ଦୁଇଟି ବଳଦ କୁ ୫୦ ହଜାର ଟଙ୍କା ଦେଇ କିଣିଥିଲେ, ଓ ମାଳିକି ମେଲେକା ମଧ ଗୋଟିଏ ବଳଦ କୁ ୨୦ ହଜାର ଟଙ୍କା ଦେଇ କିଣିଥିଲେ। ନୂଆ ବଳଦ ହୋଇଥିବାରୁ କାୟୁ ମେଲେକା ୩ ଟି ବଳଦ କୁ ଜଙ୍ଗଲକୁ ନେଇ ଚରେଇବା ପରେ ବର୍ଷା ଆରମ୍ଭ ହେବା ରୁ ବଳଦ କୁ ଆଣି ତେନ୍ତୁଳି ଗଛ ମୂଳରେ ବାନ୍ଧି ଥିଲେ।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା

# ରତ୍ନଭଣ୍ଡାରର ମରାମତି ଶେଷ ପର୍ଯ୍ୟାୟରେ



ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଓ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର କମିଟିର ସଦସ୍ୟ ଡ. ଏନ୍ ସି ପାଲ, ସୁପରିଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମେତ ଉନ୍ନୟନ ପ୍ରଶାସକ ଯୋଗ ଦେଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୯ ଏପ୍ରିଲ୍ ୨୦୨୫ ଠାରୁ ୨୭ ଜୁନ ୨୦୨୫ ପର୍ଯ୍ୟନ୍ତ ଶ୍ରୀଜୀଉ ମାନଙ୍କ ବିଶେଷ ନୀତି ଯୋଗୁଁ ରତ୍ନ ଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ୍ ରହିବ। ରତ୍ନଭଣ୍ଡାରର ମରାମତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି କାର୍ଯ୍ୟ ରଥଯାତ୍ରା ପରେ ହିଁ ସଂପୂର୍ଣ୍ଣ ହେବ। ଭିତର ରତ୍ନଭଣ୍ଡାର ମରାମତି ପ୍ରାୟତଃ ଶେଷ ହୋଇଛି । ଗ୍ରାନାଇଟ ଫ୍ଲୋରିଂ କାମ ବାକି ରହିଛି । ବାହାର ଭଣ୍ଡାରରେ ୯ ଟି ବକ୍ସ ବୀମ ଲାଗିଛି । ଆହୁରି ୫ ଟି ଷ୍ଟେନଲେସ୍ ଷ୍ଟିଲ ବିମ ଲାଗିବ। ଲେଜର ସ୍କାନିଂ ରିପୋର୍ଟ ଅନୁସାରେ ବୈଷୟିକ ପ୍ରଣାଳୀରେ ଜାରି ରହିଛି କାର୍ଯ୍ୟ । ୨୭୭ ପଥର ପ୍ରତିସ୍ଥାପନ ହୋଇଛି । ୧୪୮ ଟି ଭିତର ଭଣ୍ଡାରରେ ଓ ୧୧୫ ପଥର ଟି ବାହାର ଭଣ୍ଡାରରେ ସ୍ଥାପନ ହୋଇଛି । ଆଗାମୀ ଦିନରେ ରତ୍ନଭଣ୍ଡାର ଅମୁହାଁ ଦେଉଳର ବାହାର ପାର୍ଶ୍ୱ କେମିକାଲ ୱାସିଙ୍ଗ ହେବ। ଡିସେମ୍ବର ୧୭ ଠାରୁ ୨୫ ଏପ୍ରିଲ ୨୦୨୫ ଯାଏଁ ବିଭିନ୍ନ ନୀତି ଯୋଗୁଁ ହାରାହାରି ୧୯୩ ଘଣ୍ଟା ୫ ମିନିଟ୍ କାର୍ଯ୍ୟ କରିଛି ଏ ଏସ ଆଇ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ।

## ବିଜେପି ସରକାରର ବର୍ଷପୂର୍ତ୍ତି ସମାରୋହ

# ଜୁନ୍‌ରେ ଓଡ଼ିଶା ଆସିବେ ମୋଦୀ !



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ତା ଜୁନ ମାସରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟରେ ବିଜେପି ସରକାରର ବର୍ଷପୂର୍ତ୍ତି ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ ଓଡ଼ିଶା ଆସିବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗାଯୋଗରେ ଥିବା ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତି, ଏହି ବର୍ଷପୂର୍ତ୍ତିକୁ ଉତ୍ସବ ବଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରିବେ ରାଜ୍ୟ ସରକାର। ଜୁନ୍ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ। ରିପୋର୍ଟ କାର୍ଡଧରି ରାଜ୍ୟର ୧ କୋଟି ପରିବାରଙ୍କ ପାଖରେ ପହଞ୍ଚିବେ ରାଜ୍ୟ ସରକାର। ୨୦୨୪ ନିର୍ବାଚନ ସମୟରେ ବିଜେପି ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ବର୍ଷକ ମଧ୍ୟରେ ୧୧ଟି ପୂରଣ କରାଯାଇଛି। ଆଗାମୀ ଏକବର୍ଷ ମଧ୍ୟରେ ବଳକା ୧୦ଟି ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଥିଲେ। ସେ କହିଥିଲେ, ଚାଷୀଙ୍କୁ ୮୦୦ଟଙ୍କାର ଇନପୁଟ୍ ସବ୍‌ସିଡି ସହ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ଓ ସୁଭଦ୍ରା ଯୋଜନା ସମେତ ଅନ୍ୟ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରାଯାଇଛି। ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ରାଜ୍ୟ ସରକାର। ରାଜ୍ୟ, ଜିଲ୍ଲାଠୁ ନେଇ ବ୍ଲକ, ପଞ୍ଚାୟତ, ପୌରସଂସ୍ଥାଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତେବେ ଆଗାମୀ ଦିନପାଇଁ ମଧ୍ୟ ରାଜ୍ୟ ସରକାର ଲୋକଙ୍କ ପରାମର୍ଶ ଲୋଡ଼ିବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଗତବର୍ଷ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାର ଶପଥ ନେଇଥିଲେ। ତାଙ୍କସହ ଦୁଇ ଉପମୁଖ୍ୟମନ୍ତ୍ରୀ, ୮ କ୍ୟାବିନେଟ୍ ମନ୍ତ୍ରୀ ଓ ୫ଜଣ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ସମାରୋହରେ ଯୋଗ ଦେଇଥିଲେ। ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ସମେତ ୧୦ଟି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ।

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,କ୍ଷୁଦ୍ର ଜଳସେଚନ ବିଭାଜନ, କଳାହାଣ୍ଡି
OFFICE OF THE SUPERINTENDING ENGINEER
MINOR IRRIGATION DIVISION KALAHANDI
BHAWANIPATNA, PIN- 766001
email-eemikldbpt@gmail.com
A-192

Letter no- 1939 Date 16.05.2025

1st Corrigendum Notice vide TCN No. 01/2025-26

There are some changes in date and time of publication, Opening & Lottery for Tender call Notice No. TCN No.01 of 2025-26 for 2 nos of works as details below due to some unavoidable circumstances.

| | Old Date & Time as per Notice | New / Modified Date & Time |
|---|---|---|
| Last date /Time of receipt bids in the portal | 25.05.2025, 5.00 PM | 26.05.2025,5.00 PM |
| Date of opening of bids | 28.05.2025, 11.00 AM onward | 28.05.2025,11.00AM onwards |
| Date of Transparent Lottery | 08.06.2025, 11.00 AM or Onward | 10.06.2025,10.30 AM or Onward |

** Other Terms & Condition remain unchanged.

Sd/-Superintending Engineer
M.I. Division Kalahandi

OIPR 32035/11/0021/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR
Phone/Fax:(0680) 2233683,e-mail :eernb1_bam@yahoo.com
B-128

"e"Procurement Notice
Bid Identification No.SE R&B Divn.No.I Bam. 02 /2025-26 Lr.No. 7908 dtd.06.05.2025

| | | |
|---|---|---|
| Name of work | : | Civil & Electrical works. |
| No.of works | : | 03 (Three) Nos |
| Estimated Cost | : | Approximately Rs.8.70 to Rs.34.93 lakh |
| Period of completion. | : | Two & Three Calender months. |
| Date and time of Availability of bid document in the portal. | : | From 10.00 hours of 17.05.2025 to 16.00 hours of 28.05.2025 |
| Last date / time for receipt of bids in the portal | : | Upto 16.00 hours of 28.05.2025. |
| Name & address of the Officer Inviting Bid | : | Superintending Engineer,Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/-
Superintending Engineer
Ganjam(R&B)Division No.I
Berhampur

OIPR 34109/11/0033/2526



ନୂଆଦିଲ୍ଲୀ: ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ 'ଇଣ୍ଡିଆ' ମେଣ୍ଟ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକର ଏହି ମେଣ୍ଟ ଏବେ ବି ସମ୍ପୂର୍ଣ୍ଣ ଏକଜୁଟ ଅଛି କି ନାହିଁ ସେ ସମ୍ପୂର୍ଣ୍ଣ ନିଶ୍ଚିତ ନୁହଁନ୍ତି। ସଲମାନ ଖୁର୍ସିଦ ଏବଂ ମୃତ୍ୟୁଞ୍ଜୟ ସିଂହ ଯାଦବଙ୍କ ଦ୍ୱାରା ଲିଖିତ ପୁସ୍ତକ 'କଣ୍ଟେଷ୍ଟିଙ୍ଗ ଡେମୋକ୍ରାଟିକ୍ ଡେଫିସିଟ୍'ର ଉନ୍ମୋଚନ ଅବସରରେ ଚିଦାମ୍ବରମ ଏହା କହିଛନ୍ତି। ରାଜ୍ୟସଭା ସାଂସଦ ପି. ଚିଦାମ୍ବରମ କହିଛନ୍ତି, 'ବିରୋଧୀ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ସେତେଟା ଉଜ୍ଜ୍ୱଳ ନୁହେଁ। ଯେଉଁଳି ମୃତ୍ୟୁଞ୍ଜୟ ସିଂହ ଯାଦବ କହିଛନ୍ତି ଯେ ଏହି ମେଣ୍ଟ ଏବେ ବି ଅକ୍ଷୁର୍ଣ୍ଣ ଅଛି, କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ନୁହେଁ। କେବଳ ସଲମାନ (ଖୁର୍ସିଦ) ହିଁ ଉତ୍ତର ଦେଇପାରିବେ କାରଣ ସେ ଇଣ୍ଡିଆ ମେଣ୍ଟ ପାଇଁ ଆଲୋଚନା ଦଳର ଅଂଶ ଥିଲେ। ଯଦି ଇଣ୍ଡିଆ ମେଣ୍ଟ ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ରହେ, ତେବେ ମୁଁ ବହୁତ ଖୁସି ହେବି। କିନ୍ତୁ ଏହା ଦୁର୍ବଳ ହୋଇଯାଇଥିବା ପରି ମନେ ହେଉଛି। ଏହା ସହିତ, ସେ ଆଶା ମଧ୍ୟ ପ୍ରକାଶ କରିଛନ୍ତି ଯେ ଇଣ୍ଡିଆ ମେଣ୍ଟ ଏବେ ବି ବଞ୍ଚିପାରିବ, ଏବେ ବି ସମୟ ଅଛି।

**ସିକିମ୍‌ର ୫୦ତମ ପ୍ରତିଷ୍ଠା ଦିବସ**

## ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସିକିମର ଲୋକମାନଙ୍କୁ ରାଜ୍ୟର ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଚଳିତ ବର୍ଷ, ଏହି ଦିବସ ବେଶ୍ ସ୍ୱତନ୍ତ୍ର କାରଣ ଆମେ ସିକିମ ରାଜ୍ୟ ପ୍ରତିଷ୍ଠାର ୫୦ତମ ବାର୍ଷିକୀ ପାଳନ କରୁଛୁ। ସିକିମ ଶାନ୍ତ, ସୌନ୍ଦର୍ଯ୍ୟ, ସମୃଦ୍ଧ ସାଂସ୍କୃତିକ ପରମ୍ପରା ଏବଂ ପରିଶ୍ରମୀ ଲୋକମାନଙ୍କର ରାଜ୍ୟ।' "ସିକିମ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ଲୋକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଚଳିତ ବର୍ଷ ଏହି ଦିବସ ବେଶ୍ ସ୍ୱତନ୍ତ୍ର କାରଣ ଆମେ ସିକିମ ରାଜ୍ୟ ପ୍ରତିଷ୍ଠାର ୫୦ତମ ବାର୍ଷିକୀ ପାଳନ କରୁଛୁ। ସିକିମ ଶାନ୍ତ, ସୌନ୍ଦର୍ଯ୍ୟ, ସମୃଦ୍ଧ ସାଂସ୍କୃତିକ ପରମ୍ପରା ଏବଂ ପରିଶ୍ରମୀ ଲୋକମାନଙ୍କର ରାଜ୍ୟ ଭାବରେ ପରିଚିତ। ଏହି ରାଜ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରଗତି କରିଛି। ଏହି ସୁନ୍ଦର ରାଜ୍ୟର ଲୋକମାନେ ସର୍ବଦା ସମୃଦ୍ଧି ପଥରେ ଅଗ୍ରସର ହୁଅନ୍ତୁ।

## ପାକିସ୍ତାନକୁ ପାନ ବନ୍ଦ କଲା ଭାରତ



ବେଙ୍ଗାଲୁରୁ: ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ଦ୍ୱାରା ପହଲଗାମରେ ହୋଇଥିବା ଆକ୍ରମଣ ପରେ କେନ୍ଦ୍ର ସରକାର 'ଅପରେଶନ ସିନ୍ଦୂର' ମାଧ୍ୟମରେ ଉଚିତ ଜବାବ ଦେଇଛନ୍ତି। ଭାରତ ସରକାର ପାକିସ୍ତାନ ସହିତ ଅନେକ ଚୁକ୍ତିନାମା ଏବଂ ବାଣିଜ୍ୟକୁ ମଧ୍ୟ ସ୍ଥଗିତ ରଖିଛନ୍ତି। ଏପରି ପରିସ୍ଥିତିରେ ଏବେ ଉତ୍ତର କନ୍ନଡ ଜିଲାର ଚାଷୀମାନେ ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯେ, ସେମାନେ ପାକିସ୍ତାନକୁ ପାନପତ୍ର ରପ୍ତାନୀ କରିବେ ନାହିଁ। ଉତ୍ତର କନ୍ନଡ ଜିଲାର ହୋନାଭରର ସରାବତୀ ନଦୀ ଅବବାହିକାରେ ଚାଷୀମାନଙ୍କ ଦ୍ୱାରା ଚାଷ କରାଯାଉଥିବା ପାନଚାଷ ପୂର୍ବରୁ ଦିଲ୍ଲୀର ବ୍ୟବସାୟୀମାନେ କିଣି ପାକିସ୍ତାନକୁ ରପ୍ତାନୀ କରୁଥିଲେ। ପାକିସ୍ତାନକୁ ବେଆଇନ ଭାବରେ ପାନପତ୍ର ଚାଲାଣ କରାଯାଉଥିଲା ଏସବୁ ସତ୍ତ୍ୱେ ହୋନାଭରରୁ ଦିଲ୍ଲୀକୁ ଯୋଗାଣ ହେଉଥିବା ଗୁଆ ଅନ୍ୟ ଏକ ରାସ୍ତା ଦେଇ ପାକିସ୍ତାନକୁ ନିଆଯାଉଥିଲା। ପ୍ରତିଦିନ, ହୋନାଭରରୁ ୧୧ ଟନ୍‌ରୁ ଅଧିକ ପାନ ଦିଲ୍ଲୀରେ ପହଞ୍ଚୁଥିଲା ଏବଂ ତା'ପରେ ଅନ୍ୟ ରାସ୍ତା ଦେଇ ପାକିସ୍ତାନରେ ପହଞ୍ଚୁଥିଲା। କିନ୍ତୁ, ଏବେ ହୋନାଭରର ଚାଷୀମାନେ ଏହା ବୁଝିପାରିଥିବାରୁ, ସେମାନେ ଦିଲ୍ଲୀର ବ୍ୟବସାୟୀମାନଙ୍କୁ ପାନ ପଠାଇବା ବନ୍ଦ କରିଦେଇଛନ୍ତି। ଫଳସ୍ୱରୂପ, ପାକିସ୍ତାନକୁ ଯାଉଥିବା କାଜୁ ଏବେ ଘରୋଇ ବଜାରରେ ବିକ୍ରି ହେଉଛି। ମୂଲ୍ୟ କମିଗଲେ ମଧ୍ୟ କିଛି ଫରକ ପଡ଼େ ନାହିଁ। ଆମେ କ୍ଷତି ସହିବୁ କିନ୍ତୁ ପାକିସ୍ତାନକୁ ପାନପତ୍ର ଏବଂ ଗୁଆ ଯୋଗାଣ କରିବାକୁ ଦେବୁ ନାହିଁ। ଜିଲାର ଚାଷୀମାନଙ୍କ ପକ୍ଷରୁ ସତୀଶ ଭଟ୍ଟ କହିଛନ୍ତି ଯେ, ସେମାନେ ପାକିସ୍ତାନକୁ ପାନ ପଠାଇବା ଉପରେ ସ୍ଥାୟୀ ପ୍ରତିବନ୍ଧକ ଲଗାଇଛନ୍ତି।

## ଭୁଜ ଏୟାରବେସ୍‌ରୁ ରାଜନାଥଙ୍କ ରଣହୁଙ୍କାର

# ରାତିରେ ଦିନ ଦେଖିଲା ପାକିସ୍ତାନ



**ଆଗକୁ ପୁରା ସିନେମା ଦେଖିବ ବିଶ୍ୱ**

**ଆକ୍ରମଣ କଲେ ପାଇବ କଠୋର ଦଣ୍ଡ**

**ଯବାନଙ୍କୁ ମିଠା ଖୁଆଇଲେ ରାଜନାଥ**

ଶ୍ରୀନଗର: ପୁଣି ରଣହୁଙ୍କାର ଦେଲେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ଭୁଜ ଏୟାରବେସ୍‌ରୁ ପାକିସ୍ତାନକୁ ଟାର୍ଗେଟ କରି ପ୍ରବଳ ବର୍ଷିଲେ। କହିଲେ- ଆମେ ପାକିସ୍ତାନକୁ ପରୀକ୍ଷା କରୁଛୁ, ତା ଉପରେ ମଧ୍ୟ ନଜର ରଖିଛୁ। ଯଦି ତା'ର ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନ ଘଟେ ତେବେ ଭଲକଥା, ନହେଲେ ପୁନଶ୍ଚ ଯେଉଁ ଦଣ୍ଡ ଭୋଗିବ ତାହା ପୁଣିଥରେ ସାରା ବିଶ୍ୱ ଦେଖିବ। ଆତଙ୍କବାଦ ବିରୋଧରେ ଚାଲିଥିବା ଲଢେଇ ଶେଷ ହୋଇନାହିଁ। ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି। ସେନାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ କହିଥିଲେ, ନୂଆ ଭାରତ ଆଉ କିଛି ସହିବା ଅବସ୍ଥାରେ ନାହିଁ। ଏବେ ପ୍ରତି କ୍ଷେତ୍ରରେ ଜବାବ ଦେବ। ବ୍ରହ୍ମୋସ ମିସାଇଲକୁ ପ୍ରଶଂସା କରି ରାଜନାଥ କହିଥିଲେ ଯେ ଏହି ମିସାଇଲ ପାକିସ୍ତାନକୁ ରାତିରେ ଦିନ ଦେଖାଇବାରେ ସମର୍ଥ ହୋଇପାରିଛି। ଏବେ ସାରା ବିଶ୍ୱରେ ବ୍ରହ୍ମୋସର ଚାହିଦା ଓ ବ୍ରହ୍ମୋସର ଚର୍ଚ୍ଚା। ପାକିସ୍ତାନ ବି ବ୍ରହ୍ମୋସର ଶକ୍ତିକୁ ସ୍ୱୀକାର କରି ସାରିଛି। ବାୟୁବୀରଙ୍କୁ ପ୍ରଶଂସା କରିବାକୁ ଯାଇ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଥିଲେ, ଲୋକମାନେ ନାସ୍ତା ଖାଇବା ପାଇଁ ଯେତିକି ସମୟ ନିଅନ୍ତି, ସେତିକି ସମୟରେ ଆପଣମାନେ ଶତ୍ରୁସହ ମୁକାବିଲା କରି ଦେଶପାଇଁ ଗର୍ବ ଆଣି ଦେଇଛନ୍ତି। ଆପଣମାନେ ଶତ୍ରୁ ଦେଶକୁ ଯାଇ ମିସାଇଲ ମାଡ଼ କରିଥିଲେ। ଏହାର ପ୍ରତିଧ୍ୱନୀ କେବଳ ଭାରତର ସୀମାଯାଏ ସୀମିତ ରହିଲା ନାହିଁ, ବରଂ ସମଗ୍ର ବିଶ୍ୱ ଏହା ଶୁଣିଲା। ସେହି ପ୍ରତିଧ୍ୱନୀ କେବଳ କ୍ଷେପଣାସ୍ତ୍ରର ନୁହେଁ, ବରଂ ଆପଣଙ୍କର ବୀରତ୍ୱ ଏବଂ ଭାରତୀୟ ସଶସ୍ତ୍ରବାହିନୀର ଯବାନମାନଙ୍କ ସାହସ ଥିଲା ବୋଲି ସେ କହିଥିଲେ। ପାକିସ୍ତାନରେ ଆତଙ୍କୀଙ୍କୁ ନିପାତ କରିବା ପାଇଁ ଭାରତ ଏବେ ବି ପ୍ରସ୍ତୁତ ରହିଛି। ପାକିସ୍ତାନ ସରକାର ଆତଙ୍କବାଦୀମାନଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି। ଏହାଠାରୁ ଲଜ୍ଜାର ବିଷୟ ଆଉକିଛି ନାହିଁ ବୋଲି ସେ କହିଥିଲେ। ଏଥିସହ ଉପସ୍ଥିତ ଯବାନମାନଙ୍କୁ ମିଠା ମଧ୍ୟ ଖୁଆଇଥିଲେ।

## ଜମ୍ମୁ-କାଶ୍ମୀରରୁ ତିନି ଲସ୍କର ସହଯୋଗୀ ଗିରଫ



ଶ୍ରୀନଗର: ଶୁକ୍ରବାର ଜମ୍ମୁ-କାଶ୍ମୀରର ବଡଗାମରେ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ପୋଲିସ ଆତଙ୍କବାଦୀଙ୍କ ତିନି ଜଣ ଆତଙ୍କୀ ସହଯୋଗୀଙ୍କୁ ଗିରଫ କରିଛି। ପୋଲିସର ସୂଚନା ଅନୁଯାୟୀ, ଏହି ତିନିଜଣ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (LeT) ସହିତ ଜଡିତ। ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ଟଇଚଇ) ର ପ୍ରାସଙ୍ଗିକ ଧାରା ଅନୁଯାୟୀ ପୋଲିସ ଷ୍ଟେସନ ମାଗାମରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଧିକ ତଦନ୍ତ ଆରମ୍ଭ କରାଯାଇଛି। ଗିରଫ ବ୍ୟକ୍ତିମାନେ ମୁଜାମ୍ମିଲ ଅହମ୍ମଦ, ଇଶଫାକ ପଣ୍ଡିତ (ଉଭୟ ଅଗଲାର ପଟ୍ଟନର ବାସିନ୍ଦା) ଏବଂ ମିରିପୋରା ବିରୱାହ ବାସିନ୍ଦା ମୁନିର ଅହମ୍ମଦ ବୋଲି ଚିହ୍ନଟ ହୋଇଛନ୍ତି। ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ହାତ ଗ୍ରେନେଡ ଏବଂ ଗୋଳାବାରୁଦ ଜବତ କରିଛି। ସୁରକ୍ଷା ବାହିନୀ କାଶ୍ମୀର ଘାଟିରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରୁଛନ୍ତି। ଗତ ତିନି ଦିନ ମଧ୍ୟରେ କାଶ୍ମୀରରେ ଦୁଇଟି ପୃଥକ ଏନକାଉଣ୍ଟରରେ ସୁରକ୍ଷା ବାହିନୀ ଛଅ ଜଣ ଆତଙ୍କବାଦୀଙ୍କୁ ସଫା କରିଛନ୍ତି।

**ଚୀନରେ ଭୂମିକମ୍ପ**

ବେଜିଂ: ଚୀନରେ ଶୁକ୍ରବାର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର 'ଏକ୍ସ' ଜରିଆରେ ଏନେଇ ସୂଚନା ଦେଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୫ ରେକର୍ଡ କରାଯାଇଛି। ଭାରତୀୟ ସମୟାନୁସାରେ, ମେ' ୧୬ ତାରିଖ ସକାଳ ୬ଟା ୨୯ରେ ଏହି ଭୂମିକମ୍ପ ହୋଇଥିବା ଜଣାପଡ଼ିଛି। ତେବେ ଏଥିରେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳି ନାହିଁ।

## ଇସ୍ପାତ ମନ୍ତ୍ରଣାଳୟର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ନୂଆଦିଲ୍ଲୀ: ଇସ୍ପାତ ମନ୍ତ୍ରଣାଳୟ ଏହାର କାର୍ଯ୍ୟରେ ସ୍ୱଚ୍ଛତା, ସୁଗମତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ନୂତନ ୱେବସାଇଟ୍ ଲଞ୍ଚ କରିଛି। କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ୧୬ ମଇ ୨୦୨୫ରେ ନୂଆଦିଲ୍ଲୀର ଉଦ୍ୟୋଗ ଭବନରେ ଇସ୍ପାତ ମନ୍ତ୍ରଣାଳୟର ନୂତନ ୱେବସାଇଟ୍ ଉନ୍ମୋଚନ କରିଛନ୍ତି। ଏହି ନୂତନ ୱେବସାଇଟ୍ ଏହାର କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ନୂତନ ୱେବସାଇଟ୍‌ରେ ଏକ ଆଧୁନିକ, ବ୍ୟବହାରକାରୀ-ଅନୁକୂଳ ଇଣ୍ଟରଫେସ୍ ରହିଛି, ଯାହା ପରିଦର୍ଶକମାନଙ୍କ ପାଇଁ ନେଭିଗେଟ୍ କରିବା ଏବଂ ପ୍ରାସଙ୍ଗିକ ସୂଚନା ଖୋଜିବା ସହଜ କରିଥାଏ। ୱେବସାଇଟ୍‌ର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଲା – ବ୍ୟବହାରକାରୀ-ଅନୁକୂଳ ଇଣ୍ଟରଫେସ୍: ଏହି ୱେବସାଇଟ୍ ସ୍ପଷ୍ଟ ଏବଂ ସହଜ ଅଭିଜ୍ଞତା ପ୍ରଦାନ କରେ, ଯାହା ସୁନିଶ୍ଚିତ କରେ ଯେ ଅଂଶୀଦାରମାନେ ନୀତିଗତ ଡକ୍ୟୁମେଣ୍ଟ, ଶିଳ୍ପ ତଥ୍ୟ ଏବଂ ବିଭିନ୍ନ ପଦକ୍ଷେପର ସୂଚନା ଶୀଘ୍ର ପାଇପାରିବେ ତାହା ସୁନିଶ୍ଚିତ କରିବା। ୱେବସାଇଟ୍‌ରେ ସମ୍ବେଦନଶୀଳ ତଥ୍ୟକୁ ସୁରକ୍ଷା ଦେବା ଏବଂ ମନ୍ତ୍ରଣାଳୟର ଅନଲାଇନ୍ ଉପସ୍ଥିତିର ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ସାଇବର ସୁରକ୍ଷା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଛି। ଏହି ୱେବସାଇଟ୍ ଭାରତ ସରକାରଙ୍କ ୱେବସାଇଟ୍ ପାଇଁ ନୂତନତମ ନିର୍ଦ୍ଦେଶାବଳୀ (ଏଓଏଡ) ସହିତ ମଧ୍ୟ ଅନୁପାଳନ କରୁଛି, ଯାହା ସମସ୍ତ ନାଗରିକଙ୍କ ପାଇଁ, ଭିନ୍ନକ୍ଷମଙ୍କ ସମେତ ପ୍ରବେଶ ଯୋଗ୍ୟତା ସୁନିଶ୍ଚିତ କରୁଛି। ଏହି ୱେବସାଇଟ୍ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ ଯାହା ସାଧାରଣ ଜନତାଙ୍କୁ ଉତ୍ତମ ଭାବରେ ଯୋଗାଯୋଗ ପ୍ରଦାନ କରୁଛି। ଏହି ନୂତନ ୱେବସାଇଟ୍ ଭାରତୀୟ ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଶାସନକୁ ଉନ୍ନତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରତିନିଧିତ୍ୱ କରେ।

## ସରକାରୀ ମୁଦ୍ରଣାଳୟର ନୂତନ ଭବନ ଲୋକାର୍ପଣ କଲେ ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ରାଜନନ୍ଦ ଗାଁ ଜିଲ୍ଲାର ଚିଖଲୀରେ ୯କୋଟି ଟଙ୍କା ବ୍ୟୟରେ ନିର୍ମିତ ସରକାରୀ ମୁଦ୍ରଣାଳୟର ନୂତନ ଭବନକୁ ଲୋକାର୍ପଣ କରିଛନ୍ତି। ଏହି ମୁଦ୍ରଣାଳୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମୁଦ୍ରଣ କରାଯାଇଥାଏ। ଏହି ଅବସରରେ ଶ୍ରୀ ସାଏ ନବ ନିର୍ମିତ ଭବନ ଏବଂ ମୁଦ୍ରଣାଳୟର ସ୍ଥିତି ଯାଞ୍ଚ କରିଥିଲେ। ଏହି ମୁଦ୍ରଣାଳୟର ଭବନଟି ବହୁ ପୁରୁଣା ହୋଇଯାଇଥିବାରୁ ନୂଆ ଭବନ ନିର୍ମାଣ କରାଯାଇଥିବା ଶ୍ରୀ ସାଏ କହିଛନ୍ତି। ଏହି ନୂଆ ଭବନରେ କାଗଜ ରଖିବାପାଇଁ ଗୋଦାମ, ଛପା ସାମଗ୍ରୀ, ଷ୍ଟୋର, ବାଇଣ୍ଡିଂ ଏବଂ ପେପର ଷ୍ଟୋର, ମେକାନିକାଲ ଷ୍ଟୋର, କମ୍ପୋଜିଂ ଏବଂ ରିଡିଂ ରୁମ୍, ଟାଇପ୍ ସେଣ୍ଟର, କ୍ୟାମେରା ରୁମ୍, ସହକାରୀ ସୁପରିଟେଣ୍ଡେଣ୍ଟଙ୍କ କକ୍ଷ, ସମ୍ମିଳନୀ କକ୍ଷ ଏବଂ ଅନ୍ୟ ସମସ୍ତ ବ୍ୟବସ୍ଥା ଉପଲବ୍ଧ ରହିଛି। ଛତିଶଗଡ ବିଧାନସଭାର ବାଚସ୍ପତି ଡ. ରମଣ ସିଂ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, ସାଂସଦ ସନ୍ତୋଷ ପାଣ୍ଡେ, ପୌରପାଳ ମଧୁସୂଦନ ଯାଦବଙ୍କ ସହ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଥିବା ତୁର୍କୀର ବିଭିନ୍ନ ସାମଗ୍ରୀକୁ ରାଜ୍ୟବ୍ୟାପୀ ବର୍ଜନ କରାଯାଉଛି। ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହର ଓ ଅଞ୍ଚଳଗୁଡ଼ିକରେ 'ବୟକଟ୍ ତୁର୍କୀ'କୁ ଲୋକମାନେ ସମର୍ଥନ କରିଛନ୍ତି। ବିଶେଷ କରି ତୁର୍କୀରୁ ଆସୁଥିବା ସେଓକୁ ବର୍ଜନ କରାଯାଇଛି। ରାଜ୍ୟର ବ୍ୟବସାୟୀମାନେ ମଧ୍ୟ ତୁର୍କୀର କୌଣସି ଜିନିଷ କାରବାର କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଟ୍ରାଭେଲ୍ ଅପରେଟରମାନେ ମଧ୍ୟ ତୁର୍କୀ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗତ ୩-୪ ଦିନରେ ତୁର୍କୀ ପାଇଁ ହୋଇଥିବା ୭୦ ପ୍ରତିଶତରୁ ଅଧିକ ବୁକିଂ ବାତିଲ ହୋଇଛି। ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ ତୁର୍କୀ ସହିତ ବ୍ୟବସାୟ ଏତେ ଅଧିକ ନାହିଁ। ରାଜ୍ୟରେ ବିକ୍ରି ହେଉଥିବା ସେଓ ମଧ୍ୟରୁ ତୁର୍କୀରୁ ଆସୁଥିବା ସେଓର ଭାଗ ୧ ପ୍ରତିଶତରୁ ବି କମ୍ ରହିଛି। ଭାରତୀୟ ଟ୍ରାଭେଲ ଅପରେଟର ସଂଘ (ପୂର୍ବାଞ୍ଚଳ)ର ଅଧ୍ୟକ୍ଷ ଜେ କେ ମହାନ୍ତି କହିଛନ୍ତି ଯେ ତୁର୍କୀର ପ୍ରସାର ନ କରିବା ଲାଗି ଟ୍ରାଭେଲ୍ ଅପରେଟରମାନେ ନିଷ୍ପତ୍ତି ନେଇଛନ୍ତି।

## ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ଏସ୍‌ବିଆଇର ଅନୁଦାନ




ନୂଆଦିଲ୍ଲୀ: ଏସବିଆଇ ସିକ୍ୟୁରିଟିଜ୍, ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପଦକ୍ଷେପର ଅଂଶ ଭାବରେ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ସାଇଟସେଭର୍ସ ଇଣ୍ଡିଆ ସହିତ 'ନେତ୍ର ବସନ୍ତ – ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ' ପାଇଁ ସହଯୋଗ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ପଦକ୍ଷେପ ଉନ୍ନତ ସ୍ୱାସ୍ଥ୍ୟସେବା ଭିତିଭୂମିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସିଧାସଳଖ ସମ୍ବୋଧିତ କରେ, ବିଶେଷକରି ପ୍ରତିରୋଧକ ଚକ୍ଷୁ ଚିକିତ୍ସାରେ ଏହାର ଅବଦାନ ରହିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏହି ଅଂଚଳର ଜିଲ୍ଲା ହସ୍ପିଟାଲ ଏବଂ ଏନଜିଓ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ଚକ୍ଷୁ ବାହ୍ୟ ରୋଗୀ ବିଭାଗ (ଓପିଡି) ଏବଂ ଚକ୍ଷୁ ଅପରେସନ୍ ଥିଏଟର (ଓଟି) ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଯୋଗାଇ ଦେଇ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା। ଏହି ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ସେମାନଙ୍କ ସମ୍ପ୍ରଦାୟକୁ ଉଲ୍ଲେଖନୀୟ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ପ୍ରାୟତଃ ଗୁଣାତ୍ମକ ଚିକିତ୍ସା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦୁର୍ବଳ ଜନସଂଖ୍ୟାକୁ ସେବା ପ୍ରଦାନ କରିଥାଏ। ଏହି ଅବସରରେ, ଏସବିଆଇ କ୍ୟାପ ସିକ୍ୟୁରିଟିଜ୍ ଲିମିଟେଡର ସିଏଫଓ ଏବଂ ଡବଲ୍ୟୁଟିଡି ସୁଶାନ୍ତ କୁମାର ଦାସ କହିଛନ୍ତି, 'ଏସବିଆଇ ସିକ୍ୟୁରିଟିଜରେ, ଆମେ ଜଣେ ବ୍ୟକ୍ତିଙ୍କ ଜୀବନର ଗୁଣବତା ଏବଂ ସମାଜରେ ତାର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାର କ୍ଷମତା ଉପରେ ଭଲ ଦୃଷ୍ଟିର ଗଭୀର ପ୍ରଭାବକୁ ସ୍ୱୀକାର କରୁଛୁ। ସାଇଟସେଭର୍ସ ଇଣ୍ଡିଆର ସିଇଓ ଆରଏନ ମହାନ୍ତି କହିଛନ୍ତି, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଚକ୍ଷୁ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ଏସବିଆଇ ସିକ୍ୟୁରିଟିଜ୍ର ଉଦାର ସମର୍ଥନକୁ ଆମେ ପ୍ରଶଂସା କରୁଛୁ। ଅତ୍ୟାବଶ୍ୟକ ଉପକରଣ ଯୋଗାଣ ନିଶ୍ଚିତ ଭାବରେ ହସ୍ପିଟାଲଗୁଡ଼ିକରେ ସେବା ପ୍ରଦାନକୁ ବୃଦ୍ଧି କରିବ, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟରେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଅନୁନ୍ନତ କ୍ଷେତ୍ରରେ କ୍ଷମତା ନିର୍ମାଣ କରି, ଏହି ସହଯୋଗ ସ୍ଥାୟୀ ଚକ୍ଷୁ ସ୍ୱାସ୍ଥ୍ୟ ପାଇଁ ସୁବିଧା ପ୍ରଦାନରେ ସାହାଯ୍ୟ କରେ। ଏକାଠି, ଆମେ ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ସ୍ଥିର ଚକ୍ଷୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ନିର୍ମାଣ କରୁଛୁ।

## 'ହେଲ୍ଥ ଅନଲିମିଟେଡ୍' ପ୍ଲାନ ଲଞ୍ଚ କଲା ଫ୍ୟୁଚର ଜେନେରାଲୀ

FUTURE GENERALI
TOTAL INSURANCE SOLUTIONS

ନୂଆଦିଲ୍ଲୀ: ଭାରତରେ ବହୁତ ଲୋକଙ୍କ ପାଇଁ, ଆରୋଗ୍ୟ ବୀମା ଆର୍ଥିକ ସୁରକ୍ଷା ପାଇଁ ଗୋ-ଟୁ ସମାଧାନ, କିନ୍ତୁ ବୃଦ୍ଧି ପାଉଥିବା ହସ୍ପିଟାଲିଜେସନ୍ ଓ ଚିକିତ୍ସା ଖର୍ଚ୍ଚ ବିଷୟରେ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଗତ ବ୍ୟବସ୍ଥା ଉପରେ ଆଶଙ୍କା ଉତ୍ପନ୍ନ କରେ। ଏହି ବୃଦ୍ଧି ପାଉଥିବା ଚିନ୍ତା ଏକ ସମ୍ପୂର୍ଣ୍ଣ ହେଲ୍ଥକେୟାର ସମାଧାନର ଆବଶ୍ୟକତାକୁ ହାଇଲାଇଟ୍ କରେ। ଆଠରୁ ଅଧିକ ନିଶ୍ଚିତ ବୀମାଧାରୀମାନେ ଚିକିତ୍ସକ ଖର୍ଚ୍ଚ ଟାଣି ବଢୁଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟ ବୀମା କାମ କରୁଛି କି ନାହିଁ ବିଷୟରେ ଅସ୍ପଷ୍ଟ ହେବାର ଅନୁଭବ କରୁଛନ୍ତି, ବୋଲି ଫ୍ୟୁଚର୍ ଜେନେରାଲି ଭାରତ ବୀମା – ହେଲ୍ଥ ଅନଲିମିଟେଡ୍ ଦ୍ୱାରା କରାଯାଇଥିବା ଏକ ବିଶେଷ ସର୍ବେକ୍ଷଣକୁ ଦୂରଦୃଷ୍ଟି ଦିଆଯାଇଛି। ଏହି ସର୍ବେକ୍ଷଣ, ଯାହା ୨୫+ ବର୍ଷ ମାନେ ୮୦୦ ବୀମାଧାରୀ ଉପରେ ସମ୍ପ୍ରତି କରାଯାଇଥିଲା, ବର୍ତ୍ତମାନ ପାଇଁ ସ୍ୱାସ୍ଥ୍ୟ ବୀମା କଭର୍ ସମ୍ପର୍କରେ ଭାରି ଚିନ୍ତା ବୃଦ୍ଧି ହେଉଛି। ହେଲଥ୍ ଅନଲିମିଟଡ୍‌ର ପ୍ରେରଣା ଉପରେ ମନ୍ତବ୍ୟ କରୁଥିବା ସମୟରେ, ଅନୁପ୍ ରାଉ, ମ୍ୟାନେଜିଂ ଡିରେକ୍ଟର୍ ଏବଂ ସିଇଓ, ଫ୍ୟୁଚର୍ ଜେନରାଲି ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ୍, କହିଛନ୍ତି, 'ଚିକିତ୍ସାର ବଡ଼ ଖର୍ଚ୍ଚ ହେବା ସହ ଅଧିକାଂଶ ଲୋକଙ୍କ ପାଇଁ ଚିନ୍ତାର ଏକ କାରଣ ଅଟୁଟ ରହିଛି, ସ୍ୱାସ୍ଥ୍ୟ ବିମା ଥିଲେ ମଧ୍ୟ। ଆମର ଗ୍ରାହକଙ୍କ ପାଇଁ ଜୀବନ କାଳର ମିତ୍ର ଭାବେ, ସେସବୁ ସମସ୍ୟା ନିମନ୍ତେ ବ୍ୟକ୍ତିଗତ ସମାଧାନ ଦେଇଛି ଓ ଭାରତୀୟ ଗ୍ରାହକଙ୍କୁ ପ୍ରୟାପ୍ତ ଭାବେ ଅଲଙ୍କାରିତ କରିବା ପାଇଁ ଆମର ପ୍ରୟାସ। ଆମର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିମା ଦେୟ 'ହେଲଥ୍ ଅନଲିମିଟଡ' ଏହା ସୁନିଶ୍ଚିତ କରିବାକୁ ସାହାଯ୍ୟ କରିବ, ଯାହା ମାନେ ଏପରିକାରୀ ବିଲ୍ ବେଳେ ମଧ୍ୟ ଗ୍ରାହକଙ୍କ ସର୍ବ ସମ୍ବଳର ଅଭାବ ନହେବ।

## ଅଜୀମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ସ୍କଲାରସିପ୍ ଘୋଷଣା



ନୂଆଦିଲ୍ଲୀ: ଅଜୀମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ଛାତ୍ରୀଙ୍କ ନିମନ୍ତେ ଅଜୀମ ପ୍ରେମଜୀ ସ୍କଲାରସିପ ସମ୍ପର୍କରେ ଘୋଷଣା କରାଯାଇଛି। ଛାତ୍ରୀଙ୍କୁ ଏହି ସ୍କଲାରସିପ ସେମାନଙ୍କର ଉଚ୍ଚ ଶିକ୍ଷା (ସ୍ନାତକ) ଜାରି ରଖିବା ଅଥବା ହାସଲ କରିବାକୁ ପ୍ରଦାନ କରାଯିବ। ସ୍କଲାରସିପର ମୁଖ ବିଶେଷତ୍ୱ ହେଉଛି – ଅଜୀମ ପ୍ରେମଜୀ ସ୍କଲାରସିପ ପାଇଁ ଆବେଦନ କରିବାକୁ ଛାତ୍ରୀ ଯେକୌଣସି ସରକାରୀ ସ୍କୁଲ ଅଥବା ପୌରସଂସ୍ଥା ଦ୍ୱାରା ପରିଚାଳିତ ସ୍କୁଲରୁ ୧୦ମ ଏବଂ ୧୨ଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଏହି ସ୍କଲାରସିପ ହାସଲ କରୁଥିବା ଛାତ୍ରୀଙ୍କୁ ସେମାନଙ୍କର ସ୍ନାତକ/ଡିପ୍ଲୋମା ପାଠ ଶେଷ କରିବା ପର୍ଯ୍ୟନ୍ତ ପ୍ରତିବର୍ଷ ୩୦,୦୦୦ ଟଙ୍କା ପ୍ରଦାନ କରାଯିବ। ଯଦି କୌଣସି ଛାତ୍ର ୪ବର୍ଷର ବିଏସସି ନର୍ସିଂ କୋର୍ସ କରୁଥାନ୍ତି, ତେବେ ସେ ଏହି ଚାରିବର୍ଷରେ ୧,୨୦,୦୦୦ ଟଙ୍କାର ସହାୟତା ପାଇବେ। ଏହି ଅର୍ଥରାଶି ପ୍ରତିବର୍ଷ ଦୁଇଟି କିସ୍ତିରେ ଛାତ୍ରୀଙ୍କର ବ୍ୟାଙ୍କ ଖାତାରେ ସିଧା ଜମା କରାଯିବ। ଅଜୀମ ପ୍ରେମଜୀ ଫାଉଣ୍ଡେସନର ଚିଫ ଏକଜିକ୍ୟୁଟିଭ ଅଫିସର ଅନୁରାଗ ବେହାର କହିଛନ୍ତି, 'ଉତ୍ତମ ସ୍କୁଲ ଶିକ୍ଷା ଜୀବନର ଭିତ୍ତି ପ୍ରସ୍ତର ଅଟେ, ଯେତେବେଳେ ଉଚ୍ଚ ଶିକ୍ଷା ଜୀବନର ସାମାଜିକ ଏବଂ ଆର୍ଥିକ ସମ୍ଭାବନାଗୁଡିକରେ ପରିବର୍ତ୍ତନ ଆଣିଥାଏ। ଅଜୀମ ପ୍ରେମଜୀ ସ୍କଲାରସିପ ଆରମ୍ଭ ବର୍ଷ ୨୦୨୪-୨୫ରେ କିଛି ବଛା ବଛା ସ୍ଥାନରେ ଲାଗୁ କରାଯାଇଥିଲା। ସେଥିମଧ୍ୟରେ ମଧ୍ୟ ପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର କିଛି ଜିଲ୍ଲା ଏବଂ ଝାଡଖଣ୍ଡର କିଛି ବ୍ଲକକୁ ସାମିଲ କରାଯାଇଥିଲା। ଚଳିତ ବର୍ଷ ଅଜୀମ ପ୍ରେମଜୀ ଫାଉଣ୍ଡେସନ ୨୫,୦୦୦ ଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ କରାଯାଇଛି। ଗତବର୍ଷର ଅର୍ଥ ଛାତ୍ରୀଙ୍କର ବ୍ୟାଙ୍କ ଖାତାକୁ ପଠାଯାଇସାରିଛି। ଅଜୀମ ପ୍ରେମଜୀ ସ୍କଲାରସିପର ଦ୍ୱିତୀୟ ବର୍ଷ ନିମନ୍ତେ ଜୁଲାଇ ୨୦୨୫ରେ ଆବେଦନ ଆହ୍ୱାନ କରାଯିବ। ଏହି ବର୍ଷ ଆହୁରି ଅନେକ ରାଜ୍ୟକୁ ସ୍କଲାରସିପ ପ୍ରଦାନ ତାଲିକାରେ ସାମିଲ କରାଯିବ। ଏହି ରାଜ୍ୟଗୁଡିକ ହେଉଛି: ଓଡ଼ିଶା, ଅରୁଣାଚଳପ୍ରଦେଶ, ଆସାମ, ବିହାର, ଛତିଶଗଡ, ଝାଡଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ରାଜସ୍ଥାନ, ସିକିମ, ତେଲେଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ। ଏହି କାର୍ଯ୍ୟକ୍ରମରେ ଯଦି କୌଣସି ପରିବର୍ତ୍ତନ ଅଥବା ଏ ସମ୍ପର୍କରେ କୌଣସି ତାଜା ତଥ୍ୟ ଆସେ, ତେବେ ଆବେଦନ ପ୍ରକ୍ରିୟାର ଶୁଭାରମ୍ଭ ସମୟରେ ତାହା ଜଣାଇ ଦିଆଯିବ। ଆଗାମୀ ସମୟରେ ଅଜୀମ ପ୍ରେମଜୀ ସ୍କଲାରସିପ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଦେଶରେ ଲାଗୁ କରାଯିବ।

## ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ଅନ୍ତ ରାସିନିୟର କେୟାର୍ ସହିତ ସହଯୋଗିତା

AXIS BANK

ନୂଆଦିଲ୍ଲୀ: ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଭାରତର ଏକମାତ୍ର ସମନ୍ୱିତ ବରିଷ୍ଠ ନାଗରିକ ଯତ୍ନ ବ୍ୟବସ୍ଥା ଅନ୍ତ ରାସିନିୟର କେୟାର ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହା ହେଉଛି ମ୍ୟାକ୍ସ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ ସଂସ୍ଥା। ଯାହା ଭାରତରେ ବରିଷ୍ଠ ନାଗରିକଙ୍କ ଜୀବନରେ ଗୁଣାତ୍ମକ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରୁଛି। ଏହି ସହଯୋଗିତାରେ ଅନ୍ତରା ପକ୍ଷରୁ ବିଭିନ୍ନ ପ୍ରକାର ଉତ୍ପାଦ ଓ ସେବା ପ୍ରଦାନ କରାଯିବ। ଆକ୍ସିସ୍ ବ୍ୟାଙ୍କର ସିଲ୍‌ଭର୍ ଲାଇନିଂ ପ୍ରୋଗ୍ରାମ୍ ହେଉଛି ଏକ ସ୍ୱତନ୍ତ୍ର ଅଭିଯାନ ଯାହା ବରିଷ୍ଠ ନାଗରିକମାନଙ୍କୁ ବ୍ୟାଙ୍କିଙ୍ଗ ସମାଧାନ ସହିତ ୱେଲନେସ୍, ଜୀବନଶୈଳୀ ଓ ଭ୍ରମଣ ଆବଶ୍ୟକତା ପୂରଣ କରିବା ପାଇଁ ଲାଭ ପ୍ରଦାନ କରୁଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ମୁନିଷ୍ ଶାରଦା କହିଛନ୍ତି ଯେ, 'ଅନ୍ତ ରାସିନିୟର କେୟାର ସହିତ ସହଯୋଗିତା ସ୍ଥାପନ କରି ଆମେ ବେଶ୍ ଉଲ୍ଲସିତ। ଆମ ଦେଶର ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଜୀବନର ସୁବର୍ଣ୍ଣ ସମୟରେ ଶ୍ରେଷ୍ଠ ଅନୁଭୂତି ପ୍ରଦାନ କରିବା ଲାଗି ଆମର ମିଳିତ ଲକ୍ଷ୍ୟ ରହିଛି। ଏହି ସହଯୋଗିତା ବ୍ୟାଙ୍କକୁ ଏହାର ଗ୍ରାହକମାନଙ୍କୁ ଆର୍ଥିକ ସମାଧାନ ବାହାରେ ସେବା ପ୍ରଦାନ କରିବା ସହିତ ସେମାନଙ୍କୁ ଯତ୍ନ ଓ ସହାୟତାଠାରୁ ଅଧିକ କିଛି ପ୍ରଦାନ କରିବ। ଏହି ସହଯୋଗିତାରେ ଆମର ଲକ୍ଷ୍ୟ ହେଉଛି ବୟସ୍କମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରିବା ଯଦ୍ୱାରା ସେମାନଙ୍କ ପାଖରେ ବ୍ୟକ୍ତିଗତ ସୁହାଇବା ଭଳି ବ୍ୟାଙ୍କିଙ୍ଗ ଭଳି ବ୍ୟାପକ ସମାଧାନଠାରୁ ବିଶ୍ୱସନୀୟ ଗୃହ ଯତ୍ନ ସେବା ପର୍ଯ୍ୟନ୍ତ ସୁନିଶ୍ଚିତ ହୋଇପାରିବ। ଅନ୍ତ ରାସିନିୟର୍ କେୟାର୍‌ର ଏମ୍‌ଡି ଓ ସିଇଓ ରାଜୀତ୍ ମେହେଟ୍ଟା କହିଛନ୍ତି ଯେ, 'ସିଲଭର ଲାଇନିଂ ପ୍ରୋଗ୍ରାମ୍ ଓ ସହଯୋଗୀ ସଂଗଠନ ଜରିଆରେ ବରିଷ୍ଠ ସେବା ଭଳି ଅଭିନବ ସୁବିଧା ପ୍ରଦାନ କରିବା ପାଇଁ ଆକ୍ସିସ୍ ବ୍ୟାଙ୍କର ସମର୍ପଣକୁ ଆମେ ସମ୍ମାନ ଜଣାଉଛୁ। ଆକ୍ସିସ୍ ବ୍ୟାଙ୍କ ସହିତ ମିଳିତ ଭାବେ ଆମେ ବ୍ୟାପକ ସମାଧାନ ଗଠନ କରୁଛୁ ଯାହା ଗୁଣାତ୍ମକ ଜୀବନରେ ଉନ୍ନତି ଆଣିବ ଏବଂ ଭାରତର ବରିଷ୍ଠ ନାଗରିକଙ୍କ ପାଇଁ କଲ୍ୟାଣର ପ୍ରସାର କରିବ। ଅନ୍ତରା ଆସିଷ୍ଟେଟ୍ କେୟାର ସର୍ଭିସେସ୍ ଲିମିଟେଡ୍‌ର ସିଇଓ ଇଶାନ ଖାନ୍ନା କହିଛନ୍ତି ଯେ, 'ଆମବରିଷ୍ଠ ନାଗରିକମାନେ ସମ୍ମାନ, ଧ୍ୟାନ ଓ ସମାଧାନ ଯାହାକୁ ବିନା ସଙ୍କୋଚରେ ସେମାନେ ଗ୍ରହଣ କରିପାରିବେ, ସେଭଳି ସହାୟତା ପ୍ରଦାନ କରିବାକୁ ଅନ୍ତରାରେ ଆମେ ପ୍ରତିବଦ୍ଧ ରହିଛୁ। ନିହାତି ଆବଶ୍ୟକ କରୁଥିବାବେଳେ ଅନ୍ତରାର ଉଚ୍ଚ ମାନର ଯତ୍ନକୁସନ୍ଧାନ କରିବା ଓ ଯୋଡ଼ିହେବା ନିମନ୍ତେ ବରିଷ୍ଠ ନାଗରିକଙ୍କ ପାଇଁ ପଥ ପ୍ରଶସ୍ତ କରିଛି ସିଲଭର ଲାଇନିଂପ୍ରୋଗ୍ରାମ୍। ସିଲ୍‌ଭର୍ ଲାଇନିଂପ୍ରୋଗ୍ରାମ ଜରିଆରେ ବରିଷ୍ଠମାନେ ଆମ ସେବା ଓ ସମାଧାନକୁ ସହଜରେ ଅନୁସନ୍ଧାନ କରିପାରିବେ ଯାହା ଦ୍ୱାରା ସେମାନଙ୍କୁ ସହଯୋଗ ମିଳୁଥିବା ଅନୁଭବ ହେବ।

## ଟିସିଏସ୍ ବ୍ରାଣ୍ଡ୍ ମୂଲ୍ୟ ୫୭.୩ ବିଲିଅନ୍ ଡଲାରକୁ ବୃଦ୍ଧି



ନୂଆଦିଲ୍ଲୀ: ଆଇଟି ସେବା, କନସଲ୍‌ଟିଂ ଓ ବ୍ୟବସାୟ ସମାଧାନର ବିଶ୍ୱସ୍ତରୀୟ ଅଗ୍ରଣୀ ଟାଟାକନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) କାଂଟାର ବ୍ରାଣ୍ଡ୍‌ଜର ସବୁଠୁ ମୂଲ୍ୟବାନ ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ୨୦୨୫ ରିପୋର୍ଟରେ ବିଶ୍ୱବ୍ୟାପୀ ୧୦୦ ଶ୍ରେଷ୍ଠ ମୂଲ୍ୟବାନ ବ୍ରାଣ୍ଡ୍ ମଧ୍ୟରେ ର୍ୟାଙ୍କ ହାସଲ କରିଛି। କାଂଟାର ପକ୍ଷରୁ ନ୍ୟୁୟର୍କରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ୨୦ତମ ସଂସ୍କରଣ ସମାରୋହରେ ଟିସିଏସ୍‌କୁ ବର୍ଷକୁ ବର୍ଷ ୨୮ ପ୍ରତିଶତ ଅଭିବୃଦ୍ଧି ସହ ତ୍ୱରାନ୍ୱିତ ହୋଇଥିବା ୫୭.୩ ବିଲିଅନ୍ ଡଲାରବ୍ରାଣ୍ଡ୍ ମୂଲ୍ୟ ପ୍ରଦାନ କରାଯାଇଛି। କାଂଟାର୍ ବ୍ରାଣ୍ଡ୍‌ଜର ମୁଖ୍ୟ ମାର୍ଟିନ୍‌ଗୁଏରିଏରିଆ କହିଛନ୍ତି ଯେ, 'ଗତ ଦଶନ୍ଧିରଏକଚତୁର୍ଥାଂଶକୁ ନେଇ ବ୍ରାଣ୍ଡ୍‌ଜର ଡାଟାବେସ୍ ଗଭୀରତା ନେଇ ପ୍ରସ୍ତୁତ କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସଠିକ୍‌ସ୍ତରର ନିବେଶ ଓ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ସହିତ ବ୍ରାଣ୍ଡ୍‌ମାନେ ନିଜ ମାଲିକାନାକୁ ଆଗକୁ ବଢ଼ାଇବାର ବିପୁଳ ସୁଯୋଗ ରହିଛି। ଟିସିଏସ୍‌ର ଚଳିତ ବର୍ଷର ପ୍ରଦର୍ଶନ ଏହାର ପୋର୍ଟଫୋଲିଓ ଜରିଆରେ ଏବେ ଚାଲୁଥିବା ଅଭିନବତାକୁ ଏଆଇ ସହିତ ବ୍ୟାପକ କରିବା ପାଇଁ ଏହାର ଦକ୍ଷତାକୁ ଦର୍ଶାଉଛି। ଟିସିଏସ୍‌ର ଗୁରୁତ୍ୱପୂର୍ଣ୍ଣ ପ୍ରାୟୋଜକ କାର୍ଯ୍ୟକ୍ରମ ଏକ ଦୃଢ଼ ବିଶ୍ୱସ୍ତରୀୟ ଉପସ୍ଥିତି ଓ ବ୍ରାଣ୍ଡ୍ ପାରିପାର୍ଶ୍ୱିକ ଗୋଷ୍ଠୀ ଗଠନ ଜାରି ରଖିଛି। ଟିସିଏସ୍‌ର ମୁଖ୍ୟ ମାର୍କେଟିଂ ଅଧିକାରୀ ଅଭିନବ କୁମାର କହିଛନ୍ତି ଯେ, '୨୦ ବର୍ଷ ଧରି କଂଟାର ବ୍ରାଣ୍ଡଜ୍ ବିଶ୍ୱର ସବୁଠାରୁ ମୂଲ୍ୟବାନ ବ୍ରାଣ୍ଡ୍‌ଗୁଡିକୁ ସ୍ୱୀକୃତି ଦେଇଆସିଛି। ଟିସିଏସ୍ ଏହାର ଶକ୍ତିଶାଳୀ ଗ୍ରାହକସହଭାଗିତାଏବଂ ନିଯୁକ୍ତିଦାତା ବ୍ରାଣ୍ଡ ପାଇଁ ମଧ୍ୟ ସ୍ୱୀକୃତି ପାଇଆସିଛି। ୨୦୨୫ରେ, ଟିସିଏସ୍‌କୁ ୱାଇଟଲେନ୍‌ରିସର୍ଚ୍ଚ ଦ୍ୱାରା ୟୁରୋପରେ ଗ୍ରାହକ ସନ୍ତୁଷ୍ଟିରେଏକ ନମ୍ବର ଆଇଟିସେବା ପ୍ରଦାନକାରୀ ଭାବରେ ମାନ୍ୟତା ଦିଆଯାଇଥିଲା। ଟିସିଏସ୍‌କୁ ଟପ୍ ଏମ୍ପ୍ଲୟର୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଉତ୍ତର ଆମେରିକା, ଏସିଆ ପ୍ରଶାନ୍ତ, ମଧ୍ୟ ପ୍ରାଚ୍ୟ, ଏବଂ ଲାଟିନ୍ ଆମେରିକା ସମେତ ୩୦ରୁ ଅଧିକ ଦେଶ ଏବଂ ଅଂଚଳରେ ଏକ ବିଶ୍ୱସ୍ତରୀୟ ଶ୍ରେଷ୍ଠ ନିଯୁକ୍ତିଦାତା ଭାବରେ ନାମିତ କରାଯାଇଥିଲା। ଏହି ସ୍ୱୀକୃତି ଟିସିଏସ୍‌ର କାଂଟାର ବ୍ରାଣ୍ଡଜ୍ ସବୁଠୁ ମୂଲ୍ୟବାନ ଭାରତୀୟ ବ୍ରାଣ୍ଡ୍ ୨୦୨୪ ର୍ୟାଙ୍କିଂରେ ଟିସିଏସ୍ ତୃତୀୟ ବର୍ଷ କ୍ରମାଗତ ଭାବରେଏକ ନମ୍ବର ସ୍ଥାନ ବଜାୟ ରଖିବାର ଅଭିଜ୍ଞତା ଉପରେ ଆଧାରିତ। ଟିସିଏସ୍‌ର ବ୍ରାଣ୍ଡ୍‌ଶକ୍ତି ଏହାର ଭାରତୀୟ ଐତିହ୍ୟ ଏବଂ ବିଶ୍ୱସ୍ତରୀୟ ପ୍ରାସଙ୍ଗିକତା ଉପରେ ଆଧାରିତ। ବିଶ୍ୱସ୍ତରରେ କମ୍ପାନୀ ପ୍ରମୁଖ ଉଦ୍ୟମ ଫୋରମ୍‌ଗୁଡିକରେ ସକ୍ରିୟ ଭାବରେ ଭାଗ ନେଇଥାଏ, ଏଆଇ, ଡିଜିଟାଲ୍ ପରିବର୍ତ୍ତନ ଏବଂ ସ୍ଥାୟୀତ୍ୱ ଉପରେ ଆଲୋଚନାକୁ ନେତୃତ୍ୱ ଦେଉଛି। ଏହା ପ୍ରମୁଖ ବିଶ୍ଳେଷକଙ୍କ ଦ୍ୱାରା ପ୍ରାୟ ୮୦% ପ୍ରତିଯୋଗିତାମୂଳକ ସ୍ଥିତି ମୂଲ୍ୟାୟନରେ ଏକ ଲିଡର ଭାବରେ ସ୍ୱୀକୃତି ପାଇଛି ଏବଂ ଡିଜିଟାଲ୍ ଏବଂ ସୋସିଆଲ୍ ମିଡିଆ ଉପସ୍ଥିତି ବୃଦ୍ଧି କରିଆସିଛି ଯାହା ପରବର୍ତ୍ତୀ ପିଢିର ଗ୍ରାହକ, ପ୍ରତିଭା ଏବଂ ସହଭାଗୀଙ୍କ ସହିତ ସଂଯୋଗ କରୁଛି।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ଜିତିଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲା। ପୁରୁଷ ଫୁଟ୍‌ବଲ୍ ଦଳ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲା। ଏହି ସଫଳତା ଲାଗି ଗୁରୁବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ହକି ଓ ଫୁଟ୍‌ବଲ୍ ଖେଳାଳିମାନଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ରେ ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ଆମ କ୍ରୀଡ଼ାବିତ୍‌ମାନେ ଜାତୀୟସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଉଛି। ମହିଳା ହକି ଦଳର ଏ ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଛି ଏବଂ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ଆମ ରାଜ୍ୟରେ ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଆମ ସରକାର ତରଫରୁ ବିଭିନ୍ନ କାର୍ଯ୍ୟ କରାଯାଉଛି। ହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ପୁଣି ଆରମ୍ଭ ହେଲା ଆଇପିଏଲ୍**

## ଆର୍‌ସିବି ଏବଂ କେକେଆର୍ ମଧ୍ୟରେ ଟକ୍କର




ମୁମ୍ବାଇ: ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧକୁ ନେଇ ଆଇପିଏଲ୍‌କୁ ବାତିଲ କରି ଦିଆଯାଇଥିଲା। ଯାହାଫଳରେ ଖେଳାଳି ମାନେ ନିଜ ନିଜ ଦେଶକୁ ଫେରି ଯାଇଥିଲେ। ଏବେ ଯୁଦ୍ଧ ବନ୍ଦ ହୋଇଯାଇଥିବାରୁ ପୁଣି ଥରେ ଆଇପିଏଲ୍ ଖେଳାଯିବ। ଏନେଇ ନିଜ ନିଜ ଦଳ ମଧ୍ୟରେ ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି। ଶନିବାର ପ୍ରଥମ ମ୍ୟାଚ୍ ନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ। ବେଙ୍ଗାଲୁରୁରେ ହେବାକୁ ଥିବା ଏହି ମ୍ୟାଚରେ ବର୍ଷା ହେବାର ସମ୍ଭାବନା ରହିଛି, ଗତ କିଛି ଦିନ ଧରି ଏଠାରେ ଲଗାଣ ବର୍ଷା ହେଉଛି। ଏପରି ପାଗ ପାଇଁ ଆରସିବି ଖେଳାଳିମାନେ ଆଦୌ ଦୁଃଖୀତ ନୁହଁନ୍ତି, କାରଣ ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ ହେଲେ ମଧ୍ୟ ଦଳ ପ୍ଲେଅଫ୍ ପାଇଁ ଟିକେଟ୍ ନିଶ୍ଚିତ କରିବ। ଏପର୍ଯ୍ୟନ୍ତ ଆରସିବିର ପ୍ରଦର୍ଶନ ଉତ୍କୃଷ୍ଟ ରହିଛି। ବିରାଟ କୋହଲି ଅରେଞ୍ଜ କ୍ୟାପ୍ ଦୌଡ଼ରେ ଅଛନ୍ତି, ସେ ୧୧ଟି ମ୍ୟାଚରେ ୫୦୫ ରନ୍ କରିଛନ୍ତି। ଆରସିବିଦଳ ବର୍ତ୍ତମାନ ୧୬ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି। ୧୧ ମ୍ୟାଚ୍ ରୁ ଆରସିବି ୮ଟିରେ ବିଜୟୀ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଭ୍ୟାସ କରୁଥିଲା ବେଳେ ପ୍ରବଳ ବର୍ଷା ଆରମ୍ଭ ହୋଇ ଯାଇଥିଲା। ବର୍ଷା ହେବା ଦେଖି ଆରସିବିର ସମସ୍ତ ଖେଳାଳିମାନେ ସେମାନଙ୍କର କିଟ୍ ସହିତ ପଡ଼ିଆ ବାହାରକୁ ଚାଲିଆସିଥିଲେ। କିନ୍ତୁ ଏପରି ବର୍ଷା ଦେଖି ଅଷ୍ଟ୍ରେଲୀୟ ଖେଳାଳି ଟିମ୍ ଡେଭିଡ୍ ନିଜକୁ ରୋକିପାରି ନଥିଲେ। ସେ ପଡ଼ିଆ ମଝିରେ ଛୋଟ ପିଲାପରି ବର୍ଷା ପାଣିର ମଜା ନେଉଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି।

## ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ବାସନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ



ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା। ମୁରିବାହାଲ ବ୍ଲକ ହଲଦୀ ପଞ୍ଚାୟତ ଡୁଙ୍ଗର ପଡା ଗ୍ରାମର ଅଙ୍ଗଦ ନାଙ୍କ ଝିଅ ବାସନ୍ତୀ ନାଗ ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡିଶା ବାଳିକା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବାସନ୍ତୀ ତାଙ୍କର ପ୍ରତିଭା ଓ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ ଦ୍ୱାରା ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ମୁରିବାହାଲ ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିବା ବେଳେ ଅଞ୍ଚଳ ବାସୀଙ୍କ ହୃଦୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡା ବିହାରଠାରେ ଅନୁଷ୍ଠିତ ହୋଇଥିଲା।

## ଲା ଲିଗା ଟାଇଟଲ ହାତେଇଲା ବାର୍ସିଲୋନା




ବାର୍ସିଲୋନା: ସ୍ପେନର ଫୁଟବଲ ଜଗତରେ ଆଉ ଏକ ପାଦ ଅଗ୍ରସର ହୋଇଛି। ବାର୍ସିଲୋନା ଏକ ରୋମାଞ୍ଚକର ମ୍ୟାଚରେ ଏସ୍ପାନିଓଲକୁ ପରାସ୍ତ କରି ୨୮ତମ ଲା ଲିଗା ଟାଇଟଲ ହାସଲ କରିଛି। ଏହି ବିଜୟ ସହିତ ବାର୍ସିଲୋନା ସ୍ପେନିସ ଫୁଟବଲରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି। ବାର୍ସିଲୋନାର ଘରୋଇ ମୈଦାନ କ୍ୟାମ୍ପ ନୌରେ ଅନୁଷ୍ଠିତ ଏହି ମ୍ୟାଚରେ ବାର୍ସିଲୋନା ପ୍ରଥମ ମିନିଟ୍‌ରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ଅଧିନାୟକ ଓ ଷ୍ଟାର ଖେଳାଳିଙ୍କ ନେତୃତ୍ୱରେ ବାର୍ସିଲୋନା ପ୍ରଥମ ଅର୍ଦ୍ଧରେ ଏକ ଦୃଢ଼ ଆଧିପତ୍ୟ ବଜାୟ ରଖିଥିଲା। ମ୍ୟାଚର ୨୩ତମ ମିନିଟ୍‌ରେ ବାର୍ସିଲୋନାର ଏକ ଚମତ୍କାର ଟିମ୍ ୱାର୍କର ଫଳସ୍ୱରୂପ ପ୍ରଥମ ଗୋଲ ଆସିଥିଲା, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା। ଏସ୍ପାନିଓଲ ମଧ୍ୟ ଜୋରଦାର ପ୍ରତିଆକ୍ରମଣ କରି କିଛି ସୁଯୋଗ ସୃଷ୍ଟି କରିଥିଲା, କିନ୍ତୁ ବାର୍ସିଲୋନାର ଡିଫେନ୍ସ ଏବଂ ଗୋଲକିପରଙ୍କ ଦକ୍ଷତା ସେମାନଙ୍କୁ ଗୋଲ ସ୍କୋର କରିବାରୁ ରୋକିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ସିଲୋନା ଆହୁରି ଆକ୍ରମଣ ଜାରି ରଖିଥିଲା। ୬୭ତମ ମିନିଟ୍‌ରେ ଏକ ଫ୍ରି-କିକ ମାଧ୍ୟମରେ ବାର୍ସିଲୋନା ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚରେ ୨-୦ରେ ଆଗୁଆ ରହିଥିଲା। ମ୍ୟାଚର ଶେଷ ମିନିଟ୍‌ରେ ସ୍ପାନିଓଲ ଗୋଟିଏ ଗୋଲ ଫେରାଇବାକୁ ସଫଳ ହୋଇଥିଲା, ଯାହା ଖେଳକୁ ରୋମାଞ୍ଚକର କରି ଦେଇଥିଲା। କିନ୍ତୁ, ବାର୍ସିଲୋନାର ଡିଫେନ୍ସିଭ ରଣନୀତି ଏବଂ କୋଚ୍‌ଙ୍କ ସଠିକ ଖେଳାଳି ପରିବର୍ତ୍ତନ ଦଳକୁ ବିଜୟ ମାର୍ଗରେ ନେଇଯାଇଥିଲା। ଶେଷରେ, ୨-୧ ସ୍କୋର ସହିତ ବାର୍ସିଲୋନା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଜିତି ଲା ଲିଗା ଟାଇଟଲ ନିଜ ନାମରେ କରିଥିଲା।

## ରାଜ୍ୟସ୍ତରୀୟ ବାଦି କୁସ୍ତି ପ୍ରତିଯୋଗିତା: ଢେଙ୍କାନାଳରୁ ୧୩ ଖେଳାଳି



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ କୁସ୍ତି ପ୍ରତିଯୋଗୀମାନେ ପୁରୀ ଜିଲ୍ଲାର ଭାରତ ସେବାଶ୍ରମ ସଂଘଠାରେ ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ ବାଦୀ କୁସ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଗସ୍ତ କରିଛନ୍ତି । ଏହି ପ୍ରତିଯୋଗିତରେ ଢେଙ୍କାନାଳ ଜିଲ୍ଲାରୁ ମୋଟ ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ତା' ସହ କୁସ୍ତି କୋଚ୍ ଆର୍ଯ୍ୟ ପଟ୍ଟନାୟକ, ସପନି ନାୟକ, ମ୍ୟାନେଜର ଭାବେ ଅଭୟ ଦେହୁରୀ, ଅମିତା ନାଏକ ଗସ୍ତ କରିଛନ୍ତି । କୁସ୍ତି ଖେଳାଳୀ ଜିଲ୍ଲାରୁ ବିଗତ ଦିନରେ ରାଜ୍ୟ, ଅନ୍ତଃ ରାଜ୍ୟ ପ୍ରତିଯୋଗିତାରେ ଯାଇ ଅନେକ ପଦକ ହାସଲ କରିଛନ୍ତି, କିନ୍ତୁ ବିଡ଼ମ୍ବନାର ବିଷୟ ଜିଲ୍ଲା କୁସ୍ତି ସଂଘ କୌଣସୀ ସାହାଯ୍ୟ ଖେଳାଳୀମାନଙ୍କୁ କରୁନାହାନ୍ତି, ଜିଲ୍ଲାର ଖେଳାଳୀ ବିଭିନ୍ନ ପ୍ରତିଯୋଗିତାର ହାତରୁ ଖର୍ଚ୍ଚ କରି ଯାଉଛନ୍ତି । ଜିଲ୍ଲା ସଂଘକୁ ବାରମ୍ବାର ଅବଗତ କରିଲେ କିଛି ସୁଫଳ ମିଳୁନି । ବିଗତ ଦିନରେ ପୁରୁଣା ଖେଳାଳୀ ଏକାଠି ହୋଇ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା କ୍ରୀଡା ଅଧିକାରିଙ୍କୁ ଜଣାଇଥିଲେ ମଧ୍ୟ କିଛି ଏପର୍ଯ୍ୟନ୍ତ କିଛି ସୁଫଳ ମିଳିନାହିଁ । ଖେଳାଳୀଙ୍କୁ ଭଲ ଖେଳ ଖେଳିବା ପାଇଁ ଆବଶ୍ୟକ ଉପକରଣ ଯଦି ମିଳନ୍ତା ଖେଳାଳୀ ଆହୁରି ଆଗକୁ ଯାଇ ଦେଶ, ବିଦେଶରେ ଜିଲ୍ଲାର ନାଁ ରଖନ୍ତି ବୋଲି କୁସ୍ତି କୋଚ୍ କହିଛନ୍ତି । ଆଜକୁ ୩୦ ବର୍ଷ ଜଣେ ବ୍ୟକ୍ତି ଜିଲ୍ଲା ସଂଘ ପରିଚାଳନା କରୁଛନ୍ତି, ନିୟମ ମୁତାବକ ୪ ବର୍ଷ ରେ ଥରେ ଇଲେକ୍ସନ ହୋଇ ସଂଘ ପରିଚାଳନା ହେବା କଥା, କିନ୍ତୁ ଆମ ଜିଲ୍ଲାରେ କାହା ମସୁଧାରେ ଜଣେ ବ୍ୟକ୍ତି ଗାଦି ମାଡ଼ି ବସି ଖେଳାଳୀମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଉଛନ୍ତି । ପୂର୍ବତନ ଖେଳାଳୀ କହିଛନ୍ତି ପ୍ରଶାସନ ଏହା ପ୍ରତି ଦୃଷ୍ଟି ଆକର୍ଷଣ କଲେ ଜିଲ୍ଲାର ଖେଳାଳୀମାନେ ଆଗକୁ ଉନ୍ନତ ଖେଳ ପରିବେଷଣ କରନ୍ତେ।

## ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ସ୍ନିଗ୍ଧାଙ୍କୁ କାଂଶ୍ୟ ପଦକ



ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍) : ଓଡ଼ିଶା ଆଥେଲେଟକ୍ ସପ୍ତମ ଖେଲୋ ଇଣ୍ଡିଆ ଯୁବ କ୍ରୀଡା ୨୦୦୦ ମିଟର ଷ୍ଟିପଲଚେକ୍ ବର୍ଗରେ କାଂସ୍ୟ ପଦକ ଜିତି ରାଜ୍ୟ ତଥା ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ସ୍ନିଗ୍ଧା। ସ୍ନିଗ୍ଧା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଚରାମୂଳା ଗ୍ରାମର ଏଲ ସନ୍ତୋଷ ରାଓ ଓ ଏଲ ସ୍ନେହା ଙ୍କ ଝିଅ। ଏଲ ସ୍ନିଗ୍ଧା ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଛାତ୍ରୀବାସରେ ରହି ନବମ ଶ୍ରେଣରେ ଅଧ୍ୟୟନ କରିବା ସହ କ୍ରୀଡା ଅଭ୍ୟାସ ରଖିଛନ୍ତି। ବିହାର ରାଜ୍ୟରେ ଚାଲିଥିବା ୨୦୦୦ ମିଟର ଷ୍ଟିପଲଚେକ ବର୍ଗରେ କୃତିତ୍ୱ ହାସଲ କରିଛନ୍ତି। ଏହି ଖବର ପାଇ ସନ୍ତୋଷଙ୍କ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ସ୍ନିଗ୍ଧା ପିଲାଟି ଦିନରୁ ଖେଳ ପ୍ରତି ରୁଚି ରଖିଥିଲେ। ଏହାଦେଖି ଖାତିଗୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟୁଲୁ ଗୁରୁଜୀ ସ୍ନିଗ୍ଧାଙ୍କୁ ଖେଳ ବିଷୟରେ ବୁଝାଇଥିଲେ। ପରେ ତେନ୍ତୁଳିଖୁଣ୍ଟି ଆଦର୍ଶ ବିଦ୍ୟାଳୟର ଖେଳ ଶିକ୍ଷକ ଉମେଶ ମଲ୍ଲିକ, ଜିଲ୍ଲା ଖେଳ ଶିକ୍ଷକ ପ୍ରଭାତ ପଟ୍ଟନାୟକ, ଓଡିଶା କୋଚ ତଥା ଉମରକୋଟ କ୍ରୀଡା ଶିକ୍ଷକ ସପନ ବୈରାଗୀ, ଭାସ୍କର ରାଓଙ୍କ ପ୍ରେରଣାରେ ଜିଲ୍ଲା ଠାରୁ ରାଜ୍ୟ ତଥା ରାଜ୍ୟ ବାହାରେ ଖେଳି ବହୁ କୃତିତ୍ୱ ହାସଲ କରି ବିଭିନ୍ନ ସ୍ଥାନରେ ସମ୍ମାନିତ ହୋଇଛନ୍ତି ସ୍ନିଗ୍ଧା। ସ୍ନିଗ୍ଧାଙ୍କ ଏଭଳି କୃତିତ୍ୱ ନବରଙ୍ଗପୁର ମାଟିର ଗୌରବ ବୋଲି ଗୁରୁଜୀ, କ୍ରୀଡା ଶିକ୍ଷକ ଓ କୋଚ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉତ୍ତରୋତ୍ତର କାମନା କରିଛନ୍ତି । ସେହିପରି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏହି ପ୍ରରିପ୍ରେକ୍ଷୀରେ ଓଡିଶା କୋଚ ରିତା, ଲିପିକା, ସପନ ବୈରାଗୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ, ନାରାୟଣ ପାତ୍ର, ପ୍ରହ୍ଲାଦ ତ୍ରିପାଠୀ, ଅଞ୍ଚଳର ବୁଦ୍ଧିଜୀବୀ ସହ ଜନସାଧାରଣ ସ୍ନିଗ୍ଧାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରୋହିତ ଶର୍ମା ଷ୍ଟାଣ୍ଡ୍ ଉଦ୍‌ଘାଟିତ

ମୁମ୍ବାଇ : ରୋହିତ ଶର୍ମାଙ୍କ ନାମରେ ନାମିତ ଷ୍ଟାଣ୍ଡଟି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ତାଙ୍କ ପିତାମାତାଙ୍କ ଦ୍ୱାରା ଷ୍ଟାଣ୍ଡଟି ଉଦଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ)ର ଅଧିକାରୀ ଏବଂ ରୋହିତ ଶର୍ମା ନିଜେ ଉପସ୍ଥିତ ଥିଲେ। ନିକଟରେ ରୋହିତ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ରୋହିତ ଟି-୨୦ରୁ ଅବସର ନେଇସାରିଛନ୍ତି ଏବଂ ଏବେ ସେ କେବଳ ଏକଦିବସୀୟ ଫର୍ମାଟରେ ଭାରତ ପାଇଁ ଖେଳିବେ। କ୍ରିକେଟ ଜଗତରେ ଅଭୂତପୂର୍ବ ଅବଦାନ ପାଇଁ ରୋହିତଙ୍କୁ ଏମସିଏ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଉଛି।

**वरीय पुलिस अधीक्षक का कार्यालय, राँची।**

**सर्वसाधारण के लिए सूचना।**



नाम– नेहा कुमारी, उम्र करीब–25 वर्ष, रंग–गोरा, ऊँचाई– 5 फीट 3 ईंच, पहनावा–कॉलेज ड्रेस, निला पजामा, गुलाबी शूट, काला बैग टांगी हुई है। पहचान चिन्ह–गाल पर जला हुआ का पुराना निशान।

उपरोक्त लापता महिला नेहा कुमारी, उम्र करीब–25 वर्ष, पिता–कामेश्वर यादव, सा0–बचरा, थाना–पीपरवार, जिला–चतरा जो दिनांक–07.05.25 को समय करीब 09 से 10:30 बजे अपने घर बसंत बिहार कॉलोनी से माण्डर कॉलेज में परिक्षा देन गई थी, जो आजतक अपने घर वापस नहीं आई है। जिसके संबंध में माण्डर थाना सनहा संख्या–28/2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।


**Email ID(rnc-dcb@jhpolice.gov.in)**
पुलिस उपाधीक्षक, खलारी, रॉची। –9431742777
थाना प्रभारी माण्डर रॉची। –9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 352659 (Police) 25-26 (D)

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



नाम– भीसेन्ट कुजूर, उम्र करीब–80 वर्ष, रंग–सांवला, ऊँचाई– 5 फीट 5 ईंच, पहनावा– सफेद शर्ट, खाखी पैंट।

उपरोक्त लापता पुरूष भीसेन्ट कुजूर, उम्र करीब–80 वर्श, पिता–पिजरा उरॉव, सा0–टांगर, थाना–चान्हों, जिला–राँची जो दिनांक–09.05.25 को अपने घर टांगर शादी समारोह में शामिल होने आये थे। शादी समारोह से शामिल होकर वापस अपने घर जाने के लिए निकले थे परन्तु कोकर स्थित घर नही पहॅचे। जो आजतक अपने घर वापस नहीं आये है। जिसके संबंध में चान्हों थाना सनहा संख्या–11/2025, दिनांक– 12.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID (rnc-dcb@jhpolice.gov.in)
पुलिस उपाधीक्षक, खलारी, रॉची। – 9431742777
थाना प्रभारी चान्हों रॉची। – 9431706189

पुलिस उप–महानिरीक्षक–सह–
वरीय पुलिस अधीक्षक, राँची

PR 352666 Police (25-26)_D

**झारखण्ड सरकार**
**आदिवासी कल्याण आयुक्त का कार्यालय,**
**झारखण्ड मंत्रालय, कल्याण कॉम्प्लेक्स, मोराबादी, राँची।**

**सूचना**

**मरङ गोमके जयपाल सिंह मुण्डा पारदेशीय छात्रवृत्ति योजना**

अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग के छात्र–छात्राओं के लिए वित्तीय वर्ष–2025–26 हेतु मरङ गोमके जयपाल सिंह मुण्डा पारदेशीय छात्रवृत्ति योजना, 2020 (संशोधित, 2022) अन्तर्गत दिनांक–06.06.2025 तक आवेदन प्राप्त करने की अंतिम तिथि निर्धारित है।

उक्त छात्रवृत्ति योजनान्तर्गत **इच्छुक छात्र–छात्राओं के लिए दिनांक–20.05.2025 को 01:00 बजे से 02:00 बजे अपराह्न तक Webinar का आयोजन किया जा रहा है।** जिसका लिंक निम्नवत् है :–

**Video call link: https:// meet.google.com/cvu-fonp-npb**

PR 352643 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

(अजय नाथ झा, भा.प्र.से.)
आदिवासी कल्याण आयुक्त।

**झारखण्ड सरकार,ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

**ई–अति अल्पकालिन पुनर्निविदा आमंत्रण सूचना**

**ई–अति अल्पकालिन पुनर्निविदा संख्या:- 06/2024-25/RIII/STPKG/RWD/EE/JSR**

**दिनांक :- 16.05.2025**

**कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।**

| क्र. सं. | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/JSR/STPKG/04/2024-25 | L068-T01 से बालीडीह तक पथ का सुदृढ़ीकरण कार्य। (लम्बाई–11.250 कि0मी0) | 7,95,67,100.00 | सात करोड़ पन्चानवे लाख सड़सठ हजार एक सौ रू0 मात्र | 15 माह | चतुर्थ |
| | | L071 कालीमाटी रोड से दिगरी तक पथ का सुदृढ़ीकरण कार्य। (लम्बाई–2.800 कि0मी0) | 1,38,90,100.00 | एक करोड़ अड़तीस लाख नब्बे हजार एक सौ रू0 मात्र | | |
| | | L025 नरसिंहपुर रोड से कालाझोर टोला तक पथ का सुदृढ़ीकरण कार्य। (लम्बाई–5.550 कि0मी0) | 2,61,65,000.00 | दो करोड़ एकसठ लाख पैंसठ हजार रू0 मात्र | | |
| | | कुल | 11,96,22,200.00 | ग्यारह करोड़ छियानवे लाख बाईस हजार दो सौ रू0 मात्र | | |

2. वेबसाईट में निविदा प्रकाशन की तिथि:– **19.05.2025**
3. ई–निविदा प्राप्ति की अंतिम तिथि एवं समय:– **25.05.2025** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **26.05.2025** अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,जमशेदपुर

**PR 352700 REO(25-26).D**

**झारखण्ड सरकार**
**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, धनबाद**
मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांक:–397 धनबाद/दिनांक– 15.05.2025

**अति अल्पकालीन निविदा आमंत्रण सूचना**

ई– निविदा सूचना संख्या – **09/2025-26/RDSD/EE/Dhanbad/2nd Call**

1. कार्य की विस्तृत विवरणी:–

| क्र0 सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | बाधमारा प्रखण्ड अन्तर्गत लोहपिट्टी पंचायत के एन0एच0–32 हरि मंदिर से दोमोहानी तक पी0सी0सी0 पथ का निर्माण। | 196.89600 | परिमाण विपत्र की राशि 2% | 10000.00 | 6 महीना |

2. वेबसाइट में निविदा प्रकाशन की तिथि –22.05.2025
3. ई–निविदा प्राप्ति की तिथि एवं समय–दिनांक 22.05.2025 से दिनांक 29.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 31.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं0 – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, धनबाद

**PR 352641 Rural Development(25-26)#D**

**GOVT. OF JHARKHAND**
**CABINET SECRETARIAT AND VIGILANCE DEPARTMENT, (CIVIL AVIATION DIVISION) STATE HANGAR, AIRPORT ROAD, HINOO, RANCHI-834002**
email:- civilaviation.jhr@gmail.com; govtflyops@gmail.com
Telefax:- 0651-2250319, 2251090

**Ref. No. -321,** **CORRIGENDUM-II** **Date:-16.05.2025**

**TENDER CANCELLATION NOTICE**

Please Refer to Tender reference no.-CADsec1/01-PLAN-18/2022Cabinet/232, Dtd.-11.04.2025 and Ref. PR no.-350137, regarding Hiring One Air Ambulance on Wet Lease.

The committee has taken decision to cancel the tender.

Sd/-
(Capt. S. P. Sinha), Director (Ops)

**PR 352596 Civil Aviation(25-26)#D**

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art-Culture, Sports & Youth Affairs)**
**Gate No. - 28, Birsa Munda Football Stadium, Morhabadi, Ranchi**
**E-mail Id - directorsportsjharkhand@gmail.com**

**INVITATION FOR BID (IFB) (2nd Call)**

NIT No.- 12/2025-26 Dated: 22.04.2025

The Directorate of Sports & Youth Affairs, Jharkhand, Ranchi hereby invites Tender **(2nd Call)** for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. **(2nd Call)** | ₹8,00,000/- (Eight Lakhs Rupees) Only | within 30 days from the date of award of Work Order | Jharkhand |

| | |
|---|---|
| Availability of tender documents on website of this Directorate - sports.jharkhand.gov.in | From 17th May to 26th May, 2025 |
| Last date of submission of queries from bidders | From 17th May to 21st May, 2025 till 11:00 a.m |
| Pre bid query meeting | At 12:00 p.m. on 21st May, 2025 |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | Up to 11:00 a.m. on26th May, 2025 |
| Date and time for opening of Tender Part-I (Technical Bid) | At 12:00 p.m. on 26th May, 2025 |
| Date and time for opening of tender Part-II (Price Bid) | Immediately after finalizing the technical part of tender (Part-I) |
| Tendering Officer and address for communication | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi |
| Contact/E-mail Id | directorsportsjharkhand@gmail.comdir_sportsjh@jharkhandmail.gov.in |

1. The detailed tender document can be downloaded from the website of this Directorate - sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:00 a.m. on 26th May, 2025. The bidders who participated in the 1st call of bid bearing NIT No. - 12/2025-26 Dt. 22.04.2025 need not to submit Earnest Money deposit (EMD).
3. Any corrigendum regarding this short tender will be published in the newspapers & will be available in the website of this Directorate - sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

**Sd/- Director,**
**Directorate of Sports & Youth Affairs,**
**Jharkhand, Ranchi**

PR 352697 Art Culture Sports and Youth Affairs (25-26)_D



ଆପଣ ସବୁବେଳେ ଦେଖିଥିବେ କି ଯେତେବେଳେ କେହି ମଦ ନିଶାରେ ଥାନ୍ତି ସେତେବେଳେ ତାଙ୍କୁ ନିଶାରୁ ବାହାର କରିବା ପାଇଁ ଲେମ୍ବୁ ପାଣି ପିଇବାକୁ ଦିଆଯାଇଥାଏ। କଣ ସତରେ ଲେମ୍ବୁ ପାଣି ପିଇବା ଦ୍ୱାରା ନିଶାରୁ ମୁକ୍ତି ମିଳିଥାଏ ? ଆସନ୍ତୁ ଜାଣିବା ଏସବୁ କେତେ ସତ କେତେ ମିଛ..। ଯେତେବେଳେ କିଛି ପାର୍ଟି କିମ୍ବା ଫଙ୍କସନ ହୋଇଥାଏ ସେତେବେଳେ ଜରୁରୀ ଠାରୁ ଅଧିକ ମଦ ଲୋକମାନେ ପିଇଦେଇଥାନ୍ତି। ଯାହାଦ୍ୱାରା ସେମାନଙ୍କର ବାନ୍ତି ହୋଇଥାଏ । ଠିଆ ହେବା କିମ୍ବା ବସିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇନଥାଏ। ତେଣୁ ଏମାନଙ୍କୁ ନିଶାରୁ ଠିକ ଅବସ୍ଥାକୁ ଆଣିବାକୁ ଲେମ୍ବୁ ପାଣି ପିଇବାକୁ ଦିଆଯାଇଥାଏ । କୁହାଯାଏ କି ଏହାକୁ ପିଇବା ଦ୍ୱାରା ମଦ ନିଶାରୁ ତୁରନ୍ତ ଆରାମ ମିଳିଥାଏ ଏବଂ ପୂର୍ବ ପରି ସେମାନେ ଠିକ ହୋଇଯାଇଥାନ୍ତି ।ନିଶାରୁ ମୁକ୍ତ ହେବାପାଇଁ ଲେମ୍ବୁପାଣି ପିଇବା କଥା ସମ୍ପୂର୍ଣ୍ଣ ସତ ଅଟେ । ଆମେରିକା ସରକାରଙ୍କ ୱେବସାଇଟ ନ୍ୟାସନାଲ ଲାଇବ୍ରେରୀ ଅଫ ମେଡ଼ିସିନରେ ଏହାଦ୍ୱାରା ସମ୍ପୃକ୍ତ ଥିବା ଏକ ବିଷୟ ମଧ୍ୟ ଉପଲବ୍ଧ ଅଛି । ଏଥିରେ ମଦ ପିଇବା ଦ୍ୱାରା ଲିଭରକୁ ହେଉଥିବା କ୍ଷତି ଏବଂ ଏଥିରେ ଲେମ୍ବୁ ପାଣି ଦ୍ୱାରା ପଡୁଥିବା ପ୍ରଭାବ ଉପରେ ଲେଖାଯାଇଛି । ମୂଷା ଉପରେ କରାଯାଇଥିବା ପରୀକ୍ଷାରୁ ଜଣାପଡିଛି ଯେ ଆଲକୋହଲ ଦ୍ୱାରା ଲିଭର ଉପରେ ପଡୁଥିବା ପ୍ରଭାବକୁ ଦୂର କରିବା ପାଇଁ ଲେମ୍ବୁ ପାଣି ହେଉଛି ସହଜ ଏବଂ ସରଳ ଉପାୟ । ଗବେଷଣାରୁ ଜଣାପଡିଛି ଯେ ଲିଭରକୁ ସୁରକ୍ଷିତ ରଖିବା ପାଇଁ ଲେମ୍ବୁରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣର ବହୁତ ବଡ ଭୂମିକା ରହିଛି ।

## ଟ୍ରେଣ୍ଡରେ ଆଇସ୍ୟାଡୋ ଟାଟୁ ଷ୍ଟିକର୍



*ବର୍ତ୍ତମାନ ସମୟରେ ଅଧିକାଂଶ ଯୁବପିଢ଼ି ଟାଟୁ କରିବାକୁ ପସନ୍ଦ କରୁଛନ୍ତି। ବିଭିନ୍ନ ସମୟରେ ଏହାକୁ ନେଇ ବହୁ ପରୀକ୍ଷା ନିରୀକ୍ଷା ମଧ୍ୟ କରିଥାନ୍ତି । ସେହିପରି ମେକ୍ଅପ୍କୁ ଆଉ ଟିକେ ସହଜ କରିବା ପାଇଁ ବଜାରରେ ଟାଟୁ ଷ୍ଟିକର୍ ମଧ୍ୟ ମିଳିଲାଣି । ସାଧାରଣତଃ ଆଖି ମେକ୍ଅପ୍ କରିବା ପାଇଁ ବେଶୀ ସମୟ ଲାଗିଥାଏ । ତେଣୁ ଆଖିକୁ ସହଜ ଉପାୟରେ ମେକ୍ଅପ୍ କରିବା ପାଇଁ ବିଭିନ୍ନ ପ୍ରକାର ଆଇସ୍ୟାଡୋ ଷ୍ଟିକର ଟ୍ରେଣ୍ଡରେ ରହିଛି। ଏହା ଲଗାଇବା ସହଜ ହୋଇଥିବା ବେଳେ ଦେଖିବାକୁ ବି ସୁନ୍ଦର।*

- ସାଧାରଣ ଟାଟୁ ତୁଳନାରେ ଆଇସ୍ୟାଡୋ ଟାଟୁ ଭିନ୍ନ ହୋଇଥାଏ ଓ ବିଶେଷକରି କଳା ଓ ନାଲି ରଙ୍ଗ ମିଶ୍ରଣରେ ଏହା ତିଆରି ହୋଇଥାଏ। ଯାହା ସୁନ୍ଦର ଲାଗିବା ସହ ଏକ ନାଚୁରାଲ ଲୁକ୍ ଦେଇଥାଏ।
- ବୋଲଡ୍ ଲୁକ୍ ଚାହୁଁଥିଲେ ବିଭିନ୍ନ ରଙ୍ଗଥିବା ଆଇ ସ୍ୟାଡୋ ଷ୍ଟିକର ଲଗାଇ ପାରିବେ ।
- ଏଥିରୁ ଆକର୍ଷଣୀୟ ଲୁକ୍ ମିଳିଥାଏ ।
- ସାଙ୍ଗମାନଙ୍କ ସହ ଆଉଟିଙ୍ଗରେ ଯାଉଥିଲେ ରଙ୍ଗୀନ ଫୁଲ କିମ୍ବା ତାରକା ଆକୃତିର ଷ୍ଟିକର ଲଗାଇପାରିବେ ।
- ଟାଟୁ ଷ୍ଟିକର ବ୍ୟବହାର କରୁଥିଲେ ଆଖି ପ୍ରତି ଧ୍ୟାନ ଦିଅନ୍ତୁ। କୌଣସି ଶସ୍ତା କିମ୍ବା ଦୀର୍ଘ ସମୟ ଧରି ପଡ଼ି ରହିଥିବା ଷ୍ଟିକର ଲଗାନ୍ତୁ ନାହିଁ ଓ ଚକ୍ଷୁ ସଂକ୍ରମଣ ସମସ୍ୟା ଥିଲେ ଏହି ଷ୍ଟିକରରୁ ଦୂରେଇ ରହିବା ଭଲ ।



## ଏମିତି ମନ୍ଦିର
## ଯିଏ ଯାଏ ଜୀବିତ ଫେରେନି

ତୁର୍କିର ପ୍ରାଚୀନ ସହର ହିରାପୋଲିସରେ ଏକ ମନ୍ଦିର ଅଛି। ସେଠାକୁ ଯିଏ ବି ଯାଏ, ତାଙ୍କର ମୃତ୍ୟୁ ନିଶ୍ଚିତ, ସେଥିପାଇଁ ଏହି ମନ୍ଦିରକୁ ନର୍କ ଦ୍ୱାର ମଧ୍ୟ କୁହାଯାଏ। ଯଦି କେହି ସେଠାକୁ ଯାଆନ୍ତି, ସେ ଜୀବିତ ଫେରି ପାରନ୍ତି ନାହିଁ। କୁହାଯାଏ ଯେ, ସେଠାକାର ଦେବତାମାନଙ୍କ କ୍ରୋଧ ଯୋଗୁ ଏହା ଘଟେ।

୨୦୧୮ରେ ଏହି ମନ୍ଦିରର ରହସ୍ୟ ଉନ୍ମୋଚିତ ହୋଇଥିଲେ। ତୁର୍କୀର ପ୍ରାଚୀନ ସହର ହିରାପୋଲିସ ଭାରତ ଏବଂ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଥିଲା। ପ୍ରତ୍ନତତ୍ତ୍ୱରେ ଆଗ୍ରହୀ ଲୋକମାନେ ସେଠାକୁ ଯାଉଥିଲେ କିନ୍ତୁ ସେଠାରୁ କେହି ଫେରି ଆସିଥିବାର କୌଣସି ଚିହ୍ନ ମିଳିଲା ନାହିଁ। କୁହାଯାଏ ଯେ, ଯିଏ ସେଠାକୁ ଯାଏ ସେ ମରିଯାଏ। କେବଳ ମଣିଷ ନୁହଁନ୍ତି ବରଂ ମନ୍ଦିର ପାଖକୁ ଯାଉଥିବା ପଶୁ ଏବଂ ପକ୍ଷୀ ମଧ୍ୟ ମରିଯାଆନ୍ତି। ଏହି କାରଣରୁ ଏହି ମନ୍ଦିର ରହସ୍ୟମୟ ହୋଇଯାଇଛି।

ଧୀରେ ଧୀରେ ଏହି ସ୍ଥାନର ରହସ୍ୟ ବଢ଼ିଲା, ଘାତକ ମନ୍ଦିର ଅର୍ଥାତ୍ ଏହି ପ୍ଲୁଟୋ ମନ୍ଦିର ଲୋକଙ୍କ ପାଇଁ ବିପଦ ପାଲଟିଗଲା। ରୋମୀୟ ପୌରାଣିକ କାହାଣୀରେ କେବଳ ବିଶ୍ୱାସ କରାଯାଏ ଯେ, ପ୍ଲୁଟୋ ପୃଥିବୀ ତଳେ ଜଣେ ଦେବତା ଥିଲେ। କିଛି ଲୋକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି ତ କିଛି ଲୋକ ଏହାକୁ ନର୍କର ଦ୍ୱାର ବୋଲି କୁହନ୍ତି ଏବଂ ଏହି ମନ୍ଦିରରେ ପ୍ରବେଶ କରିବାକୁ ଭୟ କରନ୍ତି।

୨୦୧୮ରେ ଏହି ମନ୍ଦିରର ରହସ୍ୟ ଉନ୍ମୋଚିତ ହୋଇଥିଲା ପ୍ରାଚୀନ ଗ୍ରୀକ ଭୂଗୋଳବିତ୍ ଷ୍ଟ୍ରାବୋ ମଧ୍ୟ ତାଙ୍କ ଗବେଷଣାରେ ସ୍ୱୀକାର କରିଥିଲେ ଯେ, ଯିଏ ଏହା ଭିତରକୁ ଯାଏ ସେ ଜୀବିତ ଫେରି ଆସିପାରିବ ନାହିଁ। ଷ୍ଟ୍ରାବୋ ମନ୍ଦିରକୁ ଏକ ପକ୍ଷୀ ପଠାଇଥିଲେ ଯାହା ଅଳ୍ପ ସମୟ ମଧ୍ୟରେ ମରିଯାଇଥିଲା କିନ୍ତୁ ସେ ଏହା ପାଇଁ ଗୁମ୍ଫାରେ ଥିବା କାର୍ବନ ଡାଇଅକ୍ସାଇଡକୁ ଦାୟୀ କରିଥିଲେ, ଯାହାର ସ୍ତର ସେଠାରେ ୯୧ ପ୍ରତିଶତ ଥିଲା।

ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ସ୍ଥାନରେ ବଳି ଦିଆଯାଉଥିଲା ଏବଂ ସେଥିପାଇଁ ଏହାର ଖନନ ସମୟରେ ପଶୁ ଏବଂ ପକ୍ଷୀଙ୍କ କଙ୍କାଳ ମିଳିଥିଲା ଏବଂ ଏହା ନର୍କର ଦ୍ୱାର। ଏବେ ଏହି ଲଢ଼େଇ ବିଜ୍ଞାନ ଏବଂ ବିଶ୍ୱାସ ମଧ୍ୟରେ ହୋଇଯାଇଛି, କାରଣ ଯାହା ହେଉନା କାହିଁକି, କିନ୍ତୁ ଏହା ସତ୍ୟ ଯେ ଯିଏ ଏଠାକୁ ଯାଇଛି ସେ ଆଜି ପର୍ଯ୍ୟନ୍ତ ଫେରି ନାହିଁ।




## କାନ୍ସରେ 'ଲାପାତା ଲେଡିଜ' ଫେମ୍ଙ୍କ ଚମତ୍କାର ପ୍ରଦର୍ଶନ

ଭାରତୀୟ ସିନେମାର ଉଦୀୟମାନ ତାରକା ତଥା 'ଲାପାତା ଲେଡିଜ' ଫେମ୍ ନିତାଂଶୀ ଗୋଏଲ କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୫ରେ ଚମକଦାର ଡେବ୍ୟୁ କରି ଇତିହାସ ରଚିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ସେ କାନ୍ସର ରେଡ୍ କାର୍ପେଟରେ ଏଲ'ଓରିଆଲ ପ୍ୟାରିସର ପ୍ରତିନିଧି ଭାବେ ଭାରତର ସଂସ୍କୃତି ଓ ସୌନ୍ଦର୍ଯ୍ୟକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିଛନ୍ତି। ତାଙ୍କର ପୋଷାକ ଏବଂ ଅନନ୍ୟ ଶୈଳୀ ଭାରତୀୟ କାରୁଶିଳ୍ପ ଓ ସିନେମାର ଐତିହ୍ୟକୁ ଏକ ସୁନ୍ଦର ମିଶ୍ରଣରେ ଉପସ୍ଥାପନ କରିଛି। କାନ୍ସର ଇଣ୍ଡିଆ ପାଭିଲିୟନ ଉଦ୍ଘାଟନ ସମୟରେ ନିତାଂଶୀ ଏକ ଅସାଧାରଣ ଆଇଭରୀ ରଙ୍ଗର ପ୍ରି-ଡ୍ରେପ୍ଡ ଶାଢ଼ୀରେ ନଜର ଆସିଥିଲେ, ଯାହା ଜେଡ୍ ବାଇ ମୋନିକା ଏଣ୍ଡ କରିଶ୍ମା ଦ୍ୱାରା ଡିଜାଇନ କରାଯାଇଥିଲା। ଏହି ଶାଢ଼ୀରେ ସୂକ୍ଷ୍ମ ବୋ ଏମ୍ବ୍ରୋଇଡେରୀ, ୩ଡି ଫୁଲ ଡିଜାଇନ ଏବଂ ପେସ୍ଲୀ ମୋଟିଫ୍ସ ସହିତ ପାରମ୍ପରିକ ରେସିଷ୍ଟ-ଡାଇଂ ଟେକ୍ନିକ ବ୍ୟବହାର କରାଯାଇଥିଲା। ତାଙ୍କ ବ୍ଲାଉଜ୍ରେ ମୁକ୍ତା ଏବଂ ବିଡ୍ସର ଜଟିଳ ହାତଗଢ଼ା କାମ ଥିଲା। ଏହି ଲୁକ୍ର ସବୁଠାରୁ ଆକର୍ଷଣୀୟ ଅଂଶ ଥିଲା ତାଙ୍କ ଚୁଟିରେ ବି ଆଭିକା ଦ୍ୱାରା ଡିଜାଇନ କରାଯାଇଥିବା ଏକ ମୁକ୍ତାର ହେୟାର ଆକ୍ସେସୋରୀ। ଏହି ମୁକ୍ତାର ସୂତାରେ ମଧୁବାଲା, ରେଖା, ଶ୍ରୀଦେବୀ, ବୈଜୟନ୍ତୀମାଳା, ହେମା ମାଲିନୀ, ୱାହିଦା ରେହମାନ, ନର୍ଗିସ, ନୁତନ ଏବଂ ଆଶା ପରେଖ ଭଳି ବଲିଉଡର ଦିଗଜ ଅଭିନେତ୍ରୀଙ୍କ ଛୋଟ ଛୋଟ ଫଟୋ ଫ୍ରେମ ଲଗାଯାଇଥିଲା। ଏହା ଭାରତୀୟ ସିନେମାର ମହାନାୟିକାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ଏକ ଅନନ୍ୟ ଉପାୟ ଥିଲା। ଆକ୍ସେସୋରୀଜ୍ ମଧ୍ୟରେ ମୁକ୍ତାର ଡ୍ରପ୍ ସହିତ ବୋ-ଆକୃତିର କାନଫୁଲ ଏବଂ ଏକ ଏକକ ମୁକ୍ତାର ବ୍ରେସଲେଟ ତାଙ୍କ ଲୁକ୍କୁ ସମ୍ପୂର୍ଣ୍ଣ କରିଥିଲା। ଏହି ଲୁକ୍ ନିତାଂଶୀଙ୍କ ସୌନ୍ଦର୍ଯ୍ୟକୁ ଉଜ୍ଜ୍ୱଳ କରିବା ସହ ଭାରତୀୟ ସିନେମାର ସୁବର୍ଣ୍ଣ ଯୁଗକୁ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଦେଇଥିଲା। କାନ୍ସର ତୃତୀୟ ଦିନରେ 'ଡୋସିୟର ୧୩୭' ଫ୍ରେଞ୍ଚ କ୍ରାଇମ ଡ୍ରାମାର ସ୍କ୍ରିନିଂ ପାଇଁ ନିତାଂଶୀ ରେଡ୍ କାର୍ପେଟରେ ଏକ ଚମକଦାର କଳା ଏବଂ ସୁନେଲି ଏମ୍ବ୍ରୋଇଡେରୀ ଗାଉନରେ ନଜର ଆସିଥିଲେ। ଏହି କାଷ୍ଟମ ଗାଉନ, ଜେଡ୍ ବାଇ ମୋନିକା ଏଣ୍ଡ କରିଶ୍ମା ଦ୍ୱାରା ଡିଜାଇନ, କସବ ଏମ୍ବ୍ରୋଇଡେରୀ ଏବଂ ସୂକ୍ଷ୍ମ ମାକ୍ରାମେ କାମ ସହିତ ତିଆରି ହୋଇଥିଲା। କଳା ଟୁଲେ ବେସ୍ରେ ସୁନେଲି ଫୁଲ ଏମ୍ବ୍ରୋଇଡେରୀ ଏହାକୁ ଏକ ରାଜକୀୟ ଓ ନାଟକୀୟ ଚେହେରା ପ୍ରଦାନ କରିଥିଲା। ଗାଉନର ଅତିରଞ୍ଜିତ ହିପ୍ ଷ୍ଟ୍ରକଚର ୧୮ଶ ଶତାବ୍ଦୀର ଶିଳ୍ପକୃତିକୁ ମନେ ପଡ଼ାଇଥିଲା, କିନ୍ତୁ ଆଧୁନିକ ସୌନ୍ଦର୍ଯ୍ୟର ସ୍ପର୍ଶ ରହିଥିଲା। ଆଲିଆ ଭଟ୍ଟ, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଜାକଲିନ ଫର୍ନାଣ୍ଡେଜ ଏବଂ ଜାନଭୀ କପୁର ଭଳି ଅନ୍ୟ ଭାରତୀୟ ସେଲିବ୍ରିଟିଙ୍କ ସହ ନିତାଂଶୀଙ୍କ ଡେବ୍ୟୁ କାନ୍ସ ୨୦୨୫କୁ ଭାରତୀୟ ସିନେମା ଓ ଫ୍ୟାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟରେ ପରିଣତ କରିଛି।

# କେମିତି ରୋକିବେ ଉଚ୍ଚ ରକ୍ତଚାପ ?

*ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିଙ୍କୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ। ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କ ଠାରେ ଦେଖାଯାଉଛି। ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ। ଆସନ୍ତୁ ଏହାର କାରଣ ସମ୍ପର୍କରେ....*



**ଅସ୍ୱାସ୍ଥ୍ୟକର ଖାଦ୍ୟ :** ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ୍ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି। ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ। ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି। ଫଳରେ ଉଚ୍ଚରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି।

### ଶାରୀରିକ ପରିଶ୍ରମର ଅଭାବ

ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି। ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି। ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି। ଏହାଦ୍ୱାରା ଶରୀରରେ ମେଦଜମା ହେଉଛି। ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ।

### ଅଧିକ ଲୁଣ ଖାଇବା

ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ। ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ। ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର।

### ଦୁଃଚିନ୍ତା କରିବା

ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ। ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି। ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ।

### ନିଶାସେବନ କରିବା

ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍କୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶୀରା ପ୍ରଶୀରା ଦୁର୍ବଳ ହୋଇଯାଉଛି। ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି।

## ଉଚ୍ଚ ରକ୍ତଚାପ ଜନିତ ପ୍ରଭାବ

ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ। ବ୍ରେନ୍, ହୃତପିଣ୍ଡ, କିଡ଼୍ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ। ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ।

ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍ଘାତ, କିଡ଼୍ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ। ଏହି ଅଙ୍ଗ ଗୁଡ଼ିକ କିପରି ପ୍ରଭାବିତ ହୁଏ।



**ମସ୍ତିଷ୍କ :** ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍ଷ୍ଟ୍ରୋକ ହୋଇଥାଏ। ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ। ବ୍ରେନ୍କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ। ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ। ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ।

**ଚକ୍ଷୁ :** ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ। ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ। ବ୍ୟକ୍ତିକୁ ଝାପ୍ସା ଝାପ୍ସା ଦେଖାଯାଏ।

### କିଡ଼୍ନୀ

ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼୍ନୀ ପ୍ରଭାବିତ ହୋଇଥାଏ। କିଡ଼୍ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ। ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ। ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼୍ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ଼୍ନୀ ଉପରେ ଚାପ ପଡ଼େ। ଯାହାଦ୍ୱାରା କିଡ଼୍ନୀ ଦୁର୍ବଳ ହୋଇଯାଏ। ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼୍ନୀ ଅକାମୀ ହୋଇଥାଏ।

### ହୃତ୍ପିଣ୍ଡ

ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍ପିଣ୍ଡ ଉପରେ ପଡ଼େ। ରକ୍ତଚାପ ଉଚ୍ଚ ହେଲେ ହୃଦ୍ସ୍ପନ୍ଦନ ବୃଦ୍ଧି ପାଏ। ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ। ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଯାଏ। ଫଳରେ ହୃତ୍ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଏହାଦ୍ୱାରା ହୃଦ୍ଘାତ ହୁଏ।

### ହର୍ମୋନ ନିର୍ଗତରେ ଅନିୟମିତତା

ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ। ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନ ଅନିୟମିତତା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ।

### ଗାଢ଼ ନିଦ୍ରା ନଯିବା

ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ। ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ।

### ଗର୍ଭନିରୋଧକ ବଟିକା ଖାଇବା

ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ।

## ଉଚ୍ଚ ରକ୍ତଚାପରୁ କିପରି ନିଜକୁ ରକ୍ଷା କରିବେ ଆସନ୍ତୁ ଜାଣିବା....

ଉଚ୍ଚ ରକ୍ତଚାପରୁ ରକ୍ଷା ପାଇବା ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟ ଖାଆନ୍ତୁ। ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହେ। ଏହାଦ୍ୱାରା ମେଦବୃଦ୍ଧି ହୁଏ ନାହିଁ କି ଉଚ୍ଚ ରକ୍ତଚାପ ମଧ୍ୟ ହୁଏ ନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶୀରାପ୍ରଶୀରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ଦିନେ ବି ବନ୍ଦ କରିବା ଉଚିତ ନୁହେଁ। ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍ଘାତ ହେବାର ଆଶଙ୍କା ବଢ଼ିଯାଏ। ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ। ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ।

*ଡାକ୍ତର ରାମ ପ୍ରସାଦ ରାୟ*
*ମୋ- ୮୨୬୦୪୦୮୮୩୬*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏମ୍ସ ଭୁବନେଶ୍ୱରରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ। ଏନେଇ ଏମ୍ସ ପକ୍ଷରୁ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଜନସାଧାରଣଙ୍କୁ ଉଭୟ ଓଡ଼ିଆ ଓ ଇଂରାଜୀରେ ସଚେତନତାଧର୍ମୀ ପ୍ରଚାରପତ୍ର ବଂଟନ କରାଯାଇଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ଣ୍ଣ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ ଡେଙ୍ଗୁ ମାମଲା ଏବଂ ୬ଜଣଙ୍କ ମୃତ୍ୟୁ ରିପୋର୍ଟ ହୋଇଛି, ଯେଉଁଥିରେ ତାମିଲନାଡୁରୁ ସର୍ବାଧିକ ମାମଲା ରହିଛି। ଡେଙ୍ଗୁ ଓ ଭୂତାଣୁବାହୀ ରୋଗ କ୍ଷେତ୍ରରେ ଅନ୍ତର୍ଜାତୀୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା ଏବଂ ପାଣି ନଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗ ପକ୍ଷରୁ ଓପିଡି ପରିସରରେ ଆୟୋଜିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଭେଷଜ ବିଭାଗ ମୁଖ୍ୟ ଡ. ଅନୁପମ ଦେ, ଡ. ଦେବାନନ୍ଦ ସାହୁ, ଡ. ଅନୁପମା ବେହେରା, ଡ. ଧୃତି ସୁନ୍ଦର ଦାସ, ଶିଶୁ ବିଭାଗର ଡ. ରଶ୍ମୀ ରଂଜନ ଦାସ, ସିଏମ୍ଏଫଏମ୍ ବିଭାଗର ଡ. ବିନୋଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଫେଲ୍ ମାରିଲା ବସୁଧା ପାନୀୟ ଜଳ ଯୋଜନା

# ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ଫେଲ୍ ମାରିଲା ବସୁଧା ପାନୀୟ ଜଳ ଯୋଜନା। ପାଣି ନ ପାଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ସରପଞ୍ଚଙ୍କୁ ଗୁହାରୀ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟ କୁ ଯାଇ ସରପଞ୍ଚ ଙ୍କୁ ନ ପାଇ କାର୍ଯ୍ୟାଳୟ ରେ ତାଲା ପକାଇଲେ ଗ୍ରାମ ମହିଳା। ଏପରି ଏକ ଘଟଣା ଘଟି ଯାଇଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଗ୍ରାମରେ। ସୂଚନା ମୁତାବକ ଦୀର୍ଘ ଏକ ମାସ ରୁ ଉର୍ଦ୍ଧ୍ୱ ସମୟ ହେବ ସରକାର ବସୁଧା ପାନୀୟ ଜଳ ପ୍ରକଳ୍ପ ଯୋଜନା ଅନୁସାରେ ପ୍ରତି ଗାଁ କୁ ପାଇପ ଯୋଗେ ଯୋଗାଇ ଦେଇ ଆସୁଥିବା ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ରିମୁଳି ଗ୍ରାମର ୱାର୍ଡ ନମ୍ବର ୧୨ ର ମହିଳା ମାନେ ପାନୀୟ ଜଳ ପାଇଁ ଘୋର ଅସୁବିଧା ର ସମ୍ମୁଖିନ ହେଉଛନ୍ତି । ନିକଟରେ ଥିବା ସମସ୍ତ ନଳକୂପରୁ ପାଣି ବାହାରୁ ନ ଥିବାରୁ ସେମାନେ ୧ କିଲୋମିଟର ଦୂରରେ ଥିବା ଏକ ନାଳ କୂଳରେ ଚୁଆ ଖୋଳି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଚୁଆ ରୁ ଆଣୁଥିବା ପାଣି ଦୂଷିତ ରହୁଥିବା ଯୋଗୁଁ ସେମାନେ ସେହି ପାଣି ପିଇବା ଦ୍ୱାରା ରୋଗରେ ପଡ଼ିବାର ସମ୍ଭାବନା ରହିଛି। ପିଇବା ପାଣି ଏତେ ହିନସ୍ତା ହେବା ପରେ ମହିଳା ମାନେ ସରପଞ୍ଚ ଙ୍କୁ ଗୁହାରୀ କରିବା ପାଇଁ ଅନେକ ଥର ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ କୁ ଯାଇଥିଲେ । ତେବେ ସରପଞ୍ଚ କାର୍ଯ୍ୟାଳୟ ରେ ଅନୁପସ୍ଥିତ ରହୁଥିବାରୁ ସେମାନେ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ କୁ ଗୁହାରୀ କରିବା ପାଇଁ ଧାଇଁ ଯାଇଥିଲେ। ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁ ତାଙ୍କ ଗୁହାରୀ ଶୁଣିବା ପରେ ସେମାନେ ତାଙ୍କ ପଞ୍ଚାୟତର ସରପଞ୍ଚଙ୍କୁ ଏ ବିଷୟରେ ଜାଣନ୍ତୁ ସେ ତାଙ୍କ ୱାର୍ଡ ରେ ନଳ କୂପ ସ୍ଥାପନ କରିଦେବେ ବୋଲି କହିବା ସହିତ ଯେ ପର୍ଯ୍ୟନ୍ତ ନଳ କୂପ ସ୍ଥାପନ ହୋଇ ପାରି ନାହିଁ ସେ ପର୍ଯ୍ୟନ୍ତ ପଞ୍ଚାୟତ ତରଫରୁ ସେମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଆଶ୍ୱସନା ମଧ୍ୟ ଦେଇଥିଲେ। ତେଣୁ ଆଜି ରିମୁଳି ୧୨ ନମ୍ବର ୱାର୍ଡ ର ମହିଳା ମାନେ ପୁନର୍ବାର ସରପଞ୍ଚ ଙ୍କୁ ଦେଖା କରିବା ପାଇଁ ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ କୁ ଯାଇଥିଲେ। ତେବେ ସେହି ସମୟରେ ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ ରେ ସରପଞ୍ଚ ଅନୁପସ୍ଥିତ ଥିବା ସହିତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଏଡିଓ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ କୁ ଯାଇଥିଲେ। ବାରମ୍ବାର ଗୁହାରୀ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ କୁ ଆସିବା ସତ୍ତ୍ୱେ ସରପଞ୍ଚ ଙ୍କ ସହିତ ଦେଖା ନ ହୋଇ ପାରିବାରୁ ଗ୍ରାମ୍ୟ ମହିଳା ମାନେ ଉତ୍ୟକ୍ତ ହୋଇ ରିମୁଳି ପଞ୍ଚାୟତ କାର୍ଯ୍ୟାଳୟ ରେ ତାଲା ପକାଇ ଦେବା ସହିତ ତାଙ୍କ ପାଣି ସମସ୍ୟା ସମାଧାନ ହେବା ପରେ ହିଁ ସେମାନେ ତାଲା ଖୋଲିବେ ବୋଲି କହିଥିଲେ। ତେବେ ଏ ନେଇ ରିମୁଳି ପଞ୍ଚାୟତର ସରପଞ୍ଚ ଅମୃତି ମୁଣ୍ଡାଙ୍କୁ ଆମ ପ୍ରତିନିଧି ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ଆସନ୍ତା ୫/୬ ଦିନ ମଧ୍ୟରେ ୧୨ ନମ୍ବର ୱାର୍ଡ ରେ ଏକ ନୂତନ ନଳ କୂପ ଖୋଳା ଯିବ ବୋଲି ସୂଚନା ଦେଇଛନ୍ତି।

## ଡେଙ୍ଗୁ ବିରୋଧରେ ସାମୂହିକ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଡେଙ୍ଗୁ ବିରୁଦ୍ଧରେ ଏକଜୁଟ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟକୁ ସୁସ୍ଥ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତଙ୍କ ସକ୍ରିୟ ଭାଗିଦାରିତାର ଆବଶ୍ୟକତା ରହିଛି । ସୋସିଆଲ ମିଡିଆର ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ମାଝୀ ପ୍ରତିଟି ଜୀବନର ଗୁରୁତ୍ୱକୁ ରେଖାଙ୍କିତ କରି ଡେଙ୍ଗୁରୁ ରକ୍ଷା ପାଇବା ପାଇଁ କିଛି ସରଳ କିନ୍ତୁ ଜରୁରୀ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଛନ୍ତି ।

## ଯିଏ ଲୁଟିଛି ବନ୍ଧା ହେବେ: ଖଣି ମନ୍ତ୍ରୀ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ରେ ଖଣି ଲୁଟ୍ ମାମଲାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ସବୁ ଅଭିଯୁକ୍ତଙ୍କ ତାଲିକା ପ୍ରସ୍ତୁତ ହୋଇସାରିଛି। ଆମ ହାତରୁ କେହି ବି ଫିଟି ପାରିବେ ନାହିଁ। କାହାକୁ ସରକାର ଛାଡ଼ିବେ ନାହିଁ ଏବଂ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଧିକାରୀ ହୁଅନ୍ତୁ ବା ନେତା କି ମାଫିଆ ହୁଅନ୍ତୁ, ଯିଏ ଲୁଟିଛି ବନ୍ଧା ହେବେ ବୋଲି କହିଛନ୍ତି ଖଣି ମନ୍ତ୍ରୀ।

## ପଦାରେ ପଡିଲା ପ୍ରଶାସନର ପାରିବା ପଣିଆ, ଜବର ଦଖଲ ଜମି ଚିହ୍ନଟ ନୋହିଲା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ତହସିଲର ପ୍ରକୃତ ପାରିବା ପଣିଆ ପୁଣି ଥରେ ପଦାରେ ପଡ଼ିଛି। ଜବର ଦଖଲ ଜମି ଚିହ୍ନଟ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ କୁଳିଆ ଠାରୁ କଟିକଟା ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତାର ଉଭୟ ପାର୍ଶ୍ୱକୁ ଦୀର୍ଘ ଦିନ ହେଲା କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରି ରଖିଛନ୍ତି। ଏପରିକି ଏହି ଜବରଦଖଲକାରୀମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ମାସିକିଆ ମୋଟା ଅଙ୍କର ହାତଗୁଞ୍ଜା ଦେଇ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାୟୀ ଗୃହ ନିର୍ମାଣ କରି ବ୍ୟବସାୟ କରିଆସୁଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ନିକଟ ଅତିତରେ କଟକ-ଚାନ୍ଦବାଲି ରାସ୍ତା ସମ୍ପ୍ରସାରଣ ଓ ଉନ୍ନତି କରଣ ବେଳେ ଏହି ଜବରଦଖଲକାରୀମାନେ ବିଶ୍ୱବ୍ୟାଙ୍କ ଠାରୁ ଆର୍ଥୀକ ସହାୟତା ନେଇଥିଲେ। ମାତ୍ର ଆର୍ଥୀ କ ସହାୟତା ନେବାର ଅଳ୍ପ କିଛି ଦିନ ପରେ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଯାଇଥିଲା। ତେବେ ଏହି ରାସ୍ତାର ଉଭୟ ପାର୍ଶ୍ୱ ଜବର ଦଖଲ ହେତୁ ରାସ୍ତା ସଂକୀର୍ଣ୍ଣ ହୋଇପଡିଛି। ରାସ୍ତା ଉପରେ ବ୍ୟବସାୟୀମାନେ ବିକ୍ରୟ ସାମଗ୍ରୀ ରଖି ଅବାଧରେ ବିକ୍ରୟ କରିଆସୁଛନ୍ତି। ସେହିପରି ଭାବେ ଗାଁ ଗହଳିରୁ ଆସୁଥିବା ବାଧ୍ୟ ହୋଇ ରାସ୍ତା ଉପରେ ନିଜର ୪ଚକିଆ ଯାନ ଠାରୁ ଆରମ୍ଭ କରି ୨ଚକିଆ ଯାନ ରଖୁଥିବାର ଅଭିଯୋଗ ହୋଇଛି। ଫଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଅଣାୟତ ହୋଇପଡୁଛି। ଏପରିକି ବହୁ ସମୟରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ହେତୁ ଦମକଳ ଗାଡି ଓ ଆମ୍ବୁଲାନ୍ସକୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ବହୁ ସମୟରେ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ହେଉଥିବାର କାହାରିକୁ ଅଛପା ନାହିଁ। ଏପରିସ୍ଥଳେ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଜିଲ୍ଲାପ୍ରଶାସନ ତରଫରୁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପ୍ରଶାସନର ନିର୍ଦ୍ଦେଶ ମୁତାବକ ଆଜି ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ସ୍ଥାନୀୟ ବଜାରରେ ଜବରଦଖଲ ଜମି ଚିହ୍ନଟ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବା ନେଇ ନୋଟିସ ଜାରି କରାଯାଇଥିଲା। ଏଥିନିମନ୍ତେ ସାଲେପୁର ପୂର୍ତ୍ତ ବିଭାଗ ଓ ନିଶ୍ଚିନ୍ତକୋଇଲି ଥାନା ଆଇଆଇସିଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବିଭାଗୀୟ ଅଧିକାରୀ ଜମି ଚିହ୍ନଟ ପ୍ରକ୍ରିୟା ନିମନ୍ତେ ଉପସ୍ଥିତ ହୋଇନଥିଲେ। ତେବେ ପ୍ରଶାସନର ଏଭଳି ଦୋମୁହାଁ ନୀତି ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। କଟକ ଜିଲ୍ଲାପାଳ ଏହାର ତଦନ୍ତ କରି କର୍ତବ୍ୟରେ ଅବହେଳା କରିଥିବା ବିଭାଗୀୟ ଅଧିକାରୀଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ପଛୁଆବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେଇ ସରକାର ଭଣ୍ଡେଇଛନ୍ତି: ରଣେନ୍ଦ୍ର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଓବିସି,ଏସ୍ଇବିସିଙ୍କ ପାଇଁ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଆ ଯାଇଥିବା ନିଷ୍ପତ୍ତି ଭଣ୍ଡେଇବା ଭଳି । ୫୪ ପ୍ରତିଶତ ଓବିସି ଏସଇବିସି ଥିବା ବେଳେ ସାଧରଣ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ମାତ୍ର ୧୧ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି କହି ବର୍ଷିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ମେଡିକାଲ୍ ଇଞ୍ଜିନିରିଂ ଓ ବୃତ୍ତିଗତ ଶିକ୍ଷାରେ ୨୭ ପ୍ରତିଶତ ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଯେଉଁମାନେ କହୁଥିଲେ ଜାତି ଭିତ୍ତିକ ଜନ ଗଣନା କରିବାକୁ ଚାହୁଁନଥିଲେ, ଏବେ ସେହି ସରକାର ଜାତି ଭିତ୍ତିକ ଜନଗଣନା କରିବେ । ସାମାଜିକ ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ ଜାରୀ ରହିବ । ବିଧାନସଭା ଠାରୁ ରାଜରାସ୍ତାରେ ଲଢ଼େଇ ଜାରୀ ରହିବ । ଓବିସି ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ହକ ଦେବାରୁ ବଞ୍ଚିତ ନକରନ୍ତୁ । ଜାତି ନାଁ ରେ ହେଉଥିବା ବାଛ ବିଚାରକୁ ଆମେ ନିନ୍ଦା କରୁଛି କ୍ଷ ରାଜ୍ୟ ସରକାର ଠିକଣା ଭାବେରେ ଏ ବ୍ୟବସ୍ଥା କରନ୍ତୁ । ଭଣ୍ଡେଇବା ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ତେଣୁ ଯେଉଁ ଦିନ ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ସଂରକ୍ଷଣ ବ୍ୟବସ୍ଥା କରିବେ ସେ ଦିନ ଆମେ ତାଙ୍କୁ ଧନ୍ୟବାଦ୍ ଦେବୁ । ମେଡିକାଲ ଓ ଇଞ୍ଜିନିରିଂ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା କରାଯାଉ । ଆମ ରାଜ୍ୟରେ ଶୁନ ପ୍ରତିଶତ ସଂରକ୍ଷଣ ଥିବା ବେଳେ ସବୁ ରାଜ୍ୟରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଆନ୍ଧ୍ରପ୍ରଦେଶ ସରକାର ଓବିସିଙ୍କୁ ୨୭ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ବୋଲି ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

## ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର। ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ସରକାର। ୨୧ ନିର୍ବାଚନ ପ୍ରତିଶ୍ରୁତି ବର୍ତ୍ତମାନ୍ ସୁଦ୍ଧା ୧୧ ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଆଗାମୀ ଦିନରେ ଅବଶିଷ୍ଟ ପ୍ରତିଶ୍ରୁତି ପାଳନ କରାଯିବ। ୮୦୦ ଟଙ୍କା ଇନପୁଟ ସବସିଡି, ଆୟୁଷ୍ମାନ ଭାରତ ଲାଗୁ, ସୁଭଦ୍ରା ଭଳି ପ୍ରମୁଖ ଯୋଜନା କାର୍ଯକାରୀ କରାଯାଇଛି। ଏହି ସଫଳତା ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ କରି ସରକାର ଲୋକଙ୍କୁ ବୁଝାଇବେ। ବର୍ଷେପୂର୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀ ଯୋଗାଯୋଗରେ ଅଛି। କେନ୍ଦ୍ର ଗୃହମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବି ଯୋଗ ଦେଇ ପାରନ୍ତି। ସରକାରକୁ ଜୁନ ୧୨ ରେ ବର୍ଷେ ପୁରୁଥିବା ବେଳେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ବର୍ଷ ପୂର୍ତ୍ତିକୁ ଉତ୍ସବ ଭାବେ ନୁହେଁ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରାଯିବ । ଲୋକଙ୍କ ପାଖକୁ ପ୍ରଦର୍ଶନ କାର୍ଡ ଧରିକି ଯିବୁ । ରାଜ୍ୟର ୧ କୋଟି ପରିବାର ପାଖରେ ଆମେ ଆମ ରିପୋର୍ଟ କାର୍ଡ ଧରି ପହଁଚିବୁ। ଏହା ସହ ଆଗାମୀ ଦିନ ଲାଗି ଲୋକଙ୍କ ପରାମର୍ଶ ଲୋଡ଼ିବେ ରାଜ୍ୟ ସରକାର । ରାଜ୍ୟ, ଜିଲ୍ଲାଠୁ ନେଇ ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥା ଗୁଡ଼ିକରେ କାର୍ଯ୍ୟକ୍ରମ କରାଯିବ । ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ ।

## ସଂରକ୍ଷଣ ପ୍ରସଙ୍ଗ: ବିଜେଡି ଅଯଥା ରାଜନୀତି ନକରୁ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଛୁଆ ବର୍ଗଙ୍କୁ ସଂରକ୍ଷଣ ନେଇ ବିଜେଡିର ଧାରଣାକୁ ଢୋଙ୍ଗୀଙ୍କ ପ୍ରବଚନ ବୋଲି କହି କଟାକ୍ଷ କରିଛି ବିଜେପି। ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ସେମାନେ ୨୪ ବର୍ଷ ସରକାରରେ ଥିଲେ ସଂରକ୍ଷଣ କରି ପାରିଲେ ନାହିଁ। ସେଥିପାଇଁ ପଛୁଆ ବର୍ଗ ସେମାନଙ୍କୁ ବର୍ଜନ କଲେ। ଆଜି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ନିଷ୍ପତି ନେଇଛନ୍ତି ଆଗକୁ ଅନ୍ୟ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଲାଗୁ ହେବ। ବିଜେଡି ଅଯଥା ରାଜନୀତି ନକରୁ।

## ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଅଧିକ କୋଚ୍ ସଂଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହାଓଡ଼ା ଏବଂ ପୁରୀ ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/୨୨୮୯୬ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ୨୫% କୋଚ୍ ବୃଦ୍ଧି ଘୋଷଣା କରିଛି। ଆଜିଠାରୁ, ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବ ଗଠନ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ କରୁଛି ଯେଉଁଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି । ଏହି କୋଚ ସଂଯୋଗ ବୃଦ୍ଧିରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି ଯାହାର ଲକ୍ଷ୍ୟ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି । ଅପଗ୍ରେଡ୍ ରେକ୍ କମ୍ପୋଜିସନ୍ ରେ ଏବେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ ।

### ଅଏଲ ଇଣ୍ଡିଆ ଗାଡି ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

## ସରାବରହ ବନ୍ଦ, ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ



ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକ ଅଧିନ ମହଲପଡା ପଂଚାୟତ ଚିତ୍ରାରେ ଅଏଲ ଇଣ୍ଡିଆ କଂପାନୀ ପକ୍ଷରୁ ଅନୁସନ୍ଧାନ ଚାଲିଥିବା ପ୍ରେଟୋଲ ଏବଂ ପ୍ରାକୃତିକ ଗ୍ୟାସ ଖନନ କାର୍ଯ୍ୟ କ୍ଷତ୍ରକୁ ଗୁରୁବାର ବିଳମ୍ବିତ ରାତ୍ରିରେ ଅଏଲ କଂପାନୀ ପକ୍ଷରୁ ଅତ୍ୟାବଶ୍ୟକ କେତକ ବଡବଡ ମେସିନ ନେଇ ଯାଉଥିବା ଏକ ପରିବହନ ଗାଡି ବେପାରୁଆ ଭାବେ ଗାଡିଚାଳନା କରି ଗୋପ ବଜାରରୁ ବ୍ଲକ ଛକ ପର୍ଯ୍ୟନ୍ତ କେତକ ବିଦ୍ୟୁତ ଖୁଣ୍ଟକୁ ଭାଙ୍ଗିବା ସହ ବିଦ୍ୟୁତ ଖୁଣ୍ଟରୁ ସର୍ଭିସି ତାର ଗୁଡିକୁ ଛିଣ୍ଡାଇ ଦେବାରୁ ଗତ କାଲି ବିଳମ୍ବିତ ରାତ୍ରିରୁ ଗୋପ ବଜାର ସମେତ ଆଖପାଖରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ପ୍ରାୟ ୫୦ରୁ ଉର୍ଦ୍ଧ ଗ୍ରାହକଙ୍କ ସର୍ଭିସି ତାର ଛିଣ୍ଡି ଥିବା ଦେଖିବାକୁ ମିଳିଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ରାସ୍ତାରେ ପଡିଥିବା ଗଛଗୁଡିକୁ କାଟିବା ସହ ରାସ୍ତାରୁ ବିଦ୍ୟୁତ ଖୁଣ୍ଟଗୁଡିକୁ ସାଇଟ୍ କରି ରାସ୍ତା ସଫା କରିବାରୁ ସାଧାରଣ ଗାଡିଗୁଡିକ ସ୍ୱାଭାବିକ ଭାବେ ଚଳାଚଳ ହୋଇଥିଲା। ଖବରପାଇ ସକାଳୁ ସକାଳୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଭାଙ୍ଗିଯାଇଥିବା ଖୁଣ୍ଟ ଗୁଡିକୁ ବାହାର କରି ନୂତନ ଖୁଣ୍ଟ ପକାଇବା ସହ ଗ୍ରାହକଙ୍କ ନୂଆ ସର୍ଭିସ ତାର ଲଗାଇଥିଲେ । ୧୫ରୁ ଉର୍ଦ୍ଧ କର୍ମଚାରୀ ଯୁଦ୍ଧକାଳିନ ଭିତ୍ତିରେ କାର୍ଯ୍ୟ କରି ନାକେଦମ୍ ହୋଇଥିଲେ ମଧ୍ୟ ଆଜି ଦିନତମାମ ବିତିଯାଇଥିଲା। ହେଲେ ପ୍ରବଳ ଖରାସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଇଥିଲା । ବିଦ୍ୟୁତ ସରବରାହ ବନ୍ଦ ଯୋଗୁଁ ଗୋପ ବ୍ଲକ, ସବ୍-ରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ଥାନା ଆଦି ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏପରିକି ଏହି ଗାଡି ରାସ୍ତା ପାର୍ଶ୍ୱରେ ଥିବା କେତକ ବଡବଡ ଗଛକୁ ମଧ୍ୟ ଭାଙ୍ଗି ଦେଇଛି । କେବଳ ଗୁରୁବାର ନୁହେଁ ବୁଧବାର ବିଳମ୍ବିତ ରାତ୍ରିରେ ମଧ୍ୟ କଂପାନୀର ଏହି ପରିବହନ ଗାଡି କେତେକ ଗ୍ରାହକଙ୍କ ତାର ଛିଣ୍ଡାଇ ଦେଇଥିଲା। ଏଥିପ୍ରତି ଗୋପ ପୋଲିସ ଦୃଷ୍ଟି ଦେବା ସହ ଏପରି ବେପାରୁଆ ଗାଡିଚାଳନା ବନ୍ଦ କରିବା ପାଇଁ ଗୋପବାସୀ ଦାବି କରିଛନ୍ତି ।

## ରତ୍ନ ଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପୁଲ୍ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସମଗ୍ର ବିଶ୍ୱରେ ଉତ୍କଳର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ, ଯାନିଯାତ୍ରା, ଶ୍ରୀମନ୍ଦିରର ନିର୍ମାଣ, କଳାଭାସ୍କର୍ଯ୍ୟ, ଇତିହାସ, ବିବିଧ ବେଶ, ଭୋଗ, ନୀତି, ଦିନଚର୍ଯ୍ୟା ସମ୍ବନ୍ଧରେ ଅଦ୍ୟାବଧି ସର୍ବାଧିକ ଗ୍ରନ୍ଥ ରଚନା ହୋଇପାରିଛି । ଶ୍ରୀଜଗନ୍ନାଥ ଉପାସନାର ବିଭିନ୍ନ ଦିଗ ଉପରେ ଶତାଧିକ ଗବେଷଣା ନିବନ୍ଧ ପ୍ରସ୍ତୁତ ହୋଇ ଭାରତ ସମେତ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ପାଇଥିବା ବିଷୟରେ ଗ୍ରନ୍ଥ ଉନ୍ମୋଚନ ସମାରୋହରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି । ଭୁବନେଶ୍ୱରରେ ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର ଓ ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ଦ୍ୱାରା ରଚିତ 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପଲ' ଇଂରାଜୀ ପୁସ୍ତକର ଲୋକାର୍ପଣ ଉତ୍ସବରେ ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଇନ୍ଦ୍ରମଣି ତ୍ରିପାଠୀ, ରାଜ୍ୟ ଶ୍ରମ କମିଶନର, ଓଡ଼ିଶା ଓ ମୁଖ୍ୟବକ୍ତା ରୂପେ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଗ୍ରନ୍ଥ ରଚୟିତା ଡକ୍ଟର ଭାସ୍କର ମିଶ୍ର ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସମେତ ଗ୍ରନ୍ଥ ସମ୍ପର୍କରେ ସମ୍ୟକ୍ ବିବରଣୀ ଉପସ୍ଥାପନ କରିଥିଲେ । ଲୋକାର୍ପଣ ଉତ୍ସବର ପ୍ରାରମ୍ଭରେ ବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହି ଦିବ୍ୟ ଗ୍ରନ୍ଥର ଅନ୍ୟତମ ଯୁଗ୍ମ ରଚୟିତା ସୁଶାନ୍ତ କୁମାର ଦାଶ ଗ୍ରନ୍ଥରେ ଉଲ୍ଲିଖିତ ଅନେକ ତଥ୍ୟ ଓ ରତ୍ନଭଣ୍ଡାରର ବାସ୍ତବ ସ୍ଥିତି ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ପ୍ରବକ୍ତା ଦେବେନ୍ଦ୍ର ଦାସ ଧ୍ୟାନମନ୍ତ୍ର ଆବୃତ୍ତି କରିଥିବାବେଳେ ଗ୍ରନ୍ଥ ଲୋକାର୍ପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦୀୟମାନ୍ ପ୍ରବକ୍ତା ଡ଼କ୍ଟର ମୃତ୍ୟୁଞ୍ଜୟ ରଥ ।

## ଭୁବନେଶ୍ୱରରେ କୁକୁର ବନ୍ଧ୍ୟାକରଣ ଆରମ୍ଭ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଆରମ୍ଭ ହୋଇଛି କୁକୁର ବନ୍ଧ୍ୟାକରଣ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କୁକୁର ବନ୍ଧ୍ୟାକରଣ ଆରମ୍ଭ କରାଯାଇଛି। ଶୁକ୍ରବାର ବି ଏମ୍ ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସ ଶ୍ୱାନ ଉଦ୍ଧାର ଗାଡି କୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି ।ସେମାନଙ୍କୁ ବନ୍ଧ୍ୟା କରଣ କରିବା ପାଇଁ ହାଇଦ୍ରାବାଦ ସ୍ଥିତ ଭେଟ୍ସ ସୋସାଇଟ୍ ଫର ଆନିମଲ ୱେଲଫେୟାର ଆଣ୍ଡ ରୁରାଲ ଡେଭଲପମେଣ୍ଟକୁ କାର୍ଯ୍ୟାଦେଶ ଦିଆଯାଇଛି । ପ୍ରତି ମାସରେ ପ୍ରାୟ ୨ ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସ୍ୱାସ୍ଥ୍ୟ ଓ ପରିମଳ ବିରଞ୍ଚି ନାରାୟଣ ମହାସୁପକାର, ଅଭିଯୋଗ ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟିର ଅଧକ୍ଷକ୍ଷ ବିନୟିନୀ ଜେନାଙ୍କ ସମେତ କର୍ପୋରେଟର, ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।



# ବିଜୁପଟ୍ଟନାୟକ ପାର୍କ ନିର୍ମାଣରେ ଅନିୟମିତତା

ସୋରଡା(ଭାସ୍କର ନ୍ୟୁଜ): ପୁଣି ଉଠିଲା ସୋରଡା ଏନଏସିରେ ମୁକ୍ତା ଯୋଜୋନାରେ ୫ କୋଟି ୩୦ ଲକ୍ଷ୍ୟରୁ ଉର୍ଦ୍ଧ ଯୋଜୋନା ମଧ୍ୟରେ ୱାର୍ଡ ନମ୍ବର ୧ ରେ ଜଳସେଚନ ବିଭାଗର ଜଳାଶୟ ଜମିରେ ନିର୍ମାଣ କରାଯାଇଥିବା ଆମୋଦ ପ୍ରୋମୋଦ କରିବା ନିମନ୍ତେ ପାର୍କ, ବିଭିନ୍ନ ଖାଲିଥିବା ସ୍ଥାନର ଉନ୍ନତି କରଣ ନିମନ୍ତେ ରଙ୍ଗୀନ ଲାଇଟ ସଜାଇବା, କୋଠଘର ନିର୍ମାଣ, ୱାର୍ଡ ନଂ ୨ରେ ଖାଲି ଅଞ୍ଚଳରେ ରାସ୍ତା ନିର୍ମାଣ, ନାଳ ନିର୍ମାଣ, ବିଭିନ୍ନ ନଦୀ ରାସ୍ତା ନିର୍ମାଣ, କଲ୍ୟାଣ ମଣ୍ଡପ, ୱାର୍ଡ ନଂ ୧୧ ରେ ବିଜୁପଟ୍ଟନାୟକ ପାର୍କ, ପିକନିକ ସ୍ପଟ୍, ଖୁଣ୍ଟେଶ୍ୱରୀ ପାହାଡ ଉପରେ ବିଭିନ୍ନ ଯୋଜନାର ଘରଗୁଡିକ ନିର୍ମାଣ, ସାଭାଗୃହ ନିର୍ମାଣ, ବିଭିନ୍ନ ଦୋକାନ ବଜାର ପାଇଁ ଗୃହ ନିର୍ମାଣ, ସୁଲଭ ଶୌଚାଳୟ ନିର୍ମାଣ ଏବଂ ଅତିଥିଗୃହ, ରାତ୍ରି ଯାପନ ଗୃହ, ୱାଚ ଟାୱାର ବିଭିନ୍ନ ରଙ୍ଗୀନ ଆଲୋକ ସଜା ବ୍ୟବସ୍ଥା ପାଇକ ସାହି ନିକଟ ଜାତୀୟ ରାଜପଥ ରାସ୍ତା ସୌନ୍ଦର୍ଯ୍ୟ କରଣ, ଥାନା ସାମ୍ନାରେ ରଙ୍ଗୀନ ଆଲୋକସଜା ଏବଂ ସହରର ସୌନ୍ଦର୍ଯ୍ୟ କରଣ ନିମନ୍ତେ ଖୁଣ୍ଟେଶ୍ୱରୀ ପାହାଡକୁ ଯିବା ରାସ୍ତାରେ ସୌନ୍ଦର୍ଯ୍ୟ କରଣ ନିମନ୍ତେ ବିଭିନ୍ନ ମୂର୍ତ୍ତି ଓ ଗେଟ ନିର୍ମାଣ, ଜାତୀୟ ରାଜପଥ ଉପରେ ସୌନ୍ଦର୍ଯ୍ୟ ଗେଟ ନିର୍ମାଣ ତା ନିକଟରେ ବ୍ୟାୟାମ କେନ୍ଦ୍ର, କାଳି ମନ୍ଦିର ରାସ୍ତାରେ ଓ ଶଙ୍ଖ ହରିଜନ ସାହି ନିକଟରେ ମିଶନଶକ୍ତି ଯୋଜନାରେ ପ୍ରାୟ ୧୫ଟି ଦୋକାନ ଗୃହ ନିର୍ମାଣ କରଯାଇଛି । ସିସିଟିଭି କ୍ୟାମେରା ମାନ ଲଗାଯାଇଛି, ଚର୍ଚ୍ଚ ଛକରେ ଜାତୀୟ ରାଜପଥ ତଟରେ ଯାତ୍ରୀ ଅପେକ୍ଷା ଗୃହ, ବିଜୁପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥାପନ ବିଭିନ୍ନ ୱାର୍ଡର ଗଳିକନ୍ଦୀରେ ପରିସ୍ରାଗାର ଗୃହ ନିର୍ମାଣ, ଚର୍ଚ୍ଚ ଛକରେ ବିଭିନ୍ନ ରଙ୍ଗିନ ଲାଇଟରେ ସଜା ଯାଇଥିବା ଆଇ ଲଭ ସୋରଡା ଓ ଏପରି ବିଭିନ୍ନ ଯୋଜନାର ରକାର୍ଯ୍ୟ ମାନ କରାଯାଇ ସୋରଡା ସହରର ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ବିଭିନ୍ନ କାର୍ଯ୍ୟ ମାନ ଏନଏସି ହାତକୁ ନେଇଥିବା ବେଳେ ମାତ୍ର ଏନଏସିର କେତେକ ପ୍ରକଳ୍ପ ନିମ୍ନମାନର କରାଯାଇ ଥିବାରୁ ଉକ୍ତ ପ୍ରକଳ୍ପ ଗୁଡିକ ସୌନ୍ଦର୍ଯ ହରାଇ ଅସୌନ୍ଦର୍ଯ୍ୟ ହେବାରେ ଲାଗିଛି ଓ କିଛି ଚୋରୀ ହେଇଛି ଅସୌନ୍ଦର୍ଯ୍ୟ କୁ ସୌନ୍ଦର୍ଯ୍ୟ କରିବା ପାଇଁ । ଚୋରୀ ଯାଇଥିବା ଲାଇଟ ଗୁଡକୁ ଲଗାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହି କି ସେଗୁଡିକର ରକ୍ଷଣା ବେକ୍ଷଣ କରିବା ପାଇଁ କୌଣସି ଦୃଷ୍ଟି ,ଗୁରୁତ୍ୱ ଦିଆ ଯାଉନାହି। ଏପରି ସହରରେ କୋଟି କୋଟି ଟଙ୍କା ର ପ୍ରକଳ୍ପ ମାନ ଏପରି ସ୍ଥିତି ରେ ଥିବା ବେଳେ ଆମ ପ୍ରତି ନିଧି ମୁକ୍ତା ଯୋଜୋନ। ଖର୍ଚ୍ଚ ଅଟକଳ ସମ୍ପର୍କେ, ଇ .ଓ ,ବରିଷ୍ଟ ଜେ.ଇ ମାନକ ମୁଖ୍ୟ ବୋଲାଉ ଥିବା ବରିଷ୍ଟ ଜେ.ଇ ତଥା ନୋଡାଲ ଅଫିସର ଙ୍କୁ ପ୍ରକଳ୍ପ ଗୁଡିକର ଅଟକଳମାନ, ପଚାରିଥିଲେ ମଧ କୌଣସି ସୂଚନା ଦେବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି ଯାହାରି ଫଳରେ ମୁକ୍ତା ଯୋଜୋନାରେ ଗୃହ ନିର୍ମାଣ ଓ ନଗର ଉର୍ନୟନ ବିଭାଗ ପକ୍ଷରୁ ଖର୍ଚ୍ଛପାଇଁ ମଞ୍ଜୁର ହୋଇ ଥିବା କୋଟି କୋଟି ଟଙ୍କାର ଆଦେଶ ନାମା ର ନକଲ ଓ ଖର୍ଚ୍ଛ ସମ୍ପର୍କେ ସମସ୍ତ ସୂଚନା , ତଥ୍ୟ ପ୍ରଦାନ ପାଇଁ ଏନ.ଏ.ସି କୁ ବିଭାଗ ପଠାଇ ଥିଲେ ମଧ୍ୟ ଆବେଦନ କାରୀଙ୍କୁ ସୂଚନା ଦଉନାହାନ୍ତି କାରଣ ୯୦ ପ୍ରତିଶତ ରୁ ଉର୍ଦ୍ଧ ମହିଳା ଏସ . ଏଚ .ଜି ଗୋଷ୍ଠି ଦଲାଲ ମାନଙ୍କ କବଜାରେ ରହିଥିବାରୁ ପ୍ରାୟ ଅଧିକାଂଶ ପ୍ରକଳ୍ପ ନିମ୍ନମାନର କାମ ହୋଇଥିବାରୁ କେତେକ ସାମଗ୍ରୀ ଭାଙ୍ଗି ଗଲାଣି ତ କେତେକ ସାମଗ୍ରୀ ଚୋରୀ ହୋଇ ଗଲାଣି ଓ କେତେକ ପ୍ରକଳ୍ପ ଅଧ ପାନ୍ତୁରିଆ ଅବସ୍ଥାରେ ରହିଛି ,କମ ଟଙ୍କର ସାମଗ୍ରୀ କିଣି ଚଢା ଦରରେ ବିଲ କରି ମହିଳା ଏସ . ଏଚ ଜି ମାନଙ୍କ ପାସ ବହିକୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ସେମାନଙ୍କ ସଭା ନେତ୍ରୀ ଙ୍କ ସମେତ କିଛି ସଭ୍ୟାଙ୍କୁ ମାତ୍ର କମିଶନ ଭାବେ ଦଶ ରୁ ପନ୍ଦର ହଜାର ମଧ୍ୟରେ ଦେଇ ସେମାଙ୍କୁ ସନ୍ତୁଷ୍ଟ କରାଇ ଲକ୍ଷାଧିକ ଟଙ୍କା ବିଲ କରି ହଡପ କରାଯାଇଥିବା କିଛି ଏସ ଚ ଜି ଗୃପ ମାନଙ୍କ କିଛି ସଭ୍ୟା ମାନଙ୍କୁ ଠାରୁ ପ୍ରକାଶ । ଏହାର ପ୍ରମାଣ କିଛି ମହିଳା ଏସ ଏଚ ଜି ମାନଙ୍କ ଗୃପ ର ରିଜୁଲୋଶନ ଖାତା , ବ୍ୟାଙ୍କ ଷ୍ଟେଟମେଣ୍ଟ ,କ୍ୟାସ୍ବୁକ ଓ ଲାଭ କ୍ଷତି ର ହିସାବ ମଗାଯାଏ କିମ୍ବା ମିଶନ ଶକ୍ତି ବିଭାଗ ଦ୍ୱାରା ତଦନ୍ତ କରାଯାଏ ଓ ମଞ୍ଜୁର କରାଯାଇଥିବା କାର୍ଯ୍ୟାଦେଶ ଗୁଡିକ ଉପରେ ଅଚାନକ ତଦନ୍ତ କଲେ ଏହି ସମସ୍ତ ଗୋଷ୍ଠୀର ଅନିୟମିତତା କାରବାର ଓ ଲକ୍ଷ ଲକ୍ଷ ଟଙ୍କାର ଘୋଟାଲାର କୌଣସି ହିସାବ ମିଳିପାରିବ ନାହି ଯାହାରି ଫଳରେ ବିନା ଦୋଷରେ ଗୋଷ୍ଟିର ସଦସ୍ୟା ମାନେ ବଦ୍ନାମ ହେବା ସହିତ ଆଇନାନୁଯାଇ ଦଣ୍ଡିତ ହେବେ, ହଡପ କରିଥିବା ଦଲାଲ ମାନେ ଏ ସବୁର ପ୍ରକଳ୍ପର ସମ୍ପୂର୍ଣ ଲାଭ ନେଇଥିବା ସେମାନେ ଅନାୟାସରେ ଓ ଏଥିରେ ସମ୍ପୃକ୍ତ ଥିବା ଏନ ଏ ସି ର କିଛି କନିଷ୍ଠ ଯନ୍ତ୍ରୀ , ବରିଷ୍ଠ ଯନ୍ତ୍ରୀମାନେ ମଧ ଫସଜିବାର ବହୁତ ସମ୍ଭାବନା ଅଛି ଏବଂ ଇତିମଧ୍ୟରେ କିଛି ଜେ ଇ ମାନଙ୍କ ଫାଇଲ ମିଳିନାହି ଗାଏବ ହୋଇଯାଇଛି ଏ ସମ୍ପର୍କରେ ଆମ ପ୍ରତିନିଧି ସମସ୍ତ ବିଷୟରେ କିଛି ସୂଚନା ଜାଣିବା ପାଇଁ ଏ ଓ ,ନୋଡାଲ ଅଫିସର ଙ୍କୁ ପଚାରିଥିଲେ ମଧ କୌଣସି ଉତ୍ତର ଦେଇପାରୁନାହାନ୍ତି କେବଳ ସେତିକି ନୁହଁ ପ୍ରକଳ୍ପ ଗୁଡିକର ନିର୍ମାଣ ସମ୍ପର୍କେ ଏବଂ ଖର୍ଚ୍ଚର ଅଟକଳ ସମ୍ପର୍କେ ପ୍ରକଳ୍ପ ନିର୍ଦ୍ଦେଶକ,ଡୃ ଡା, ଗଞ୍ଜାମ ଙ୍କୁ ଯୋଗାଯଗକରିଥିଲେ ମଧ ଉକ୍ତ ଅଫିସ ଏ ଓ ଏନ ଏ ସି ,ସୋରଡା ଙ୍କୁ ପଠାଇଦେଇଥିବା ଜଣାଇଛନ୍ତି ପ୍ରକଳ୍ପ କାର୍ଯ୍ୟ ସମାପନ କରି ମାର୍ବଲ ସୂଚନା ଫଳକ ରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ , ଡୃଡା,ଇ.ଓ ,ଯନ୍ତ୍ରୀ(ବାରିଷ୍ଟ ,କନିଷ୍ଟ) କିଛି ଲୋକପ୍ରତିନିଧି ମାନକ ନାମ ରଖିଥାନ୍ତି କିନ୍ତୁ ପ୍ରକଳ୍ପମାନ ଉଦଘାଟନ ପରେ ସୂଚନା ଫଳକରେ ଦେଖିବାକୁ ମିଳୁଛି ଆର୍ଥିକ ଅଟକଳ ସମ୍ପର୍କିତ କୌଣସି ସୂଚନା ନାହି, ତଥ୍ୟ ନଥିବା ଯୋଗୁ ସହରର ଜନସାଧାରଣରେ ଲୋକଙ୍କ ଆଢୁଆଳରେ ରଖା ଯାଇଛି ଏଣୁ ଅଞ୍ଚଳର ଜଣସାଧାରଣ ରେ ଅଲୋଚନା ର ବିଷୟ ହୋଇଛି ତେଣୁ ଏପରି ମହିଳା ଏସ .ଏଚ .ଜି ମାନକ ଦ୍ୱାରା ନିର୍ମାଣ କରାଯାଇଥିବା ପ୍ରକଳ୍ପଗୁଡିକର ଅଟକଳ ସ୍ୱତନ୍ତ୍ର ଅଡିଟ ଦ୍ୱାରା ଯାଞ୍ଚ କଲେ କୋଟି କୋଟି ଟଙ୍କାର ଦୁର୍ନୀତି ପଦାକୁ ଆସିବ ବୋଲି ସୋରଡା ପ୍ରେସକ୍ଲବର ଆଡଭାଇଜର ଆରପାଲୀ ସାରଥି ଦାବିକରିଛନ୍ତି ।

## ବଦଳୁନି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ

# ବିଶେଷଜ୍ଞ ଅଭାବ, ରେଫର ହିଁ ଏକମାତ୍ର ବିକଳ୍ପ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ବ୍ଲକ ଭାବେ ରାଜ୍ୟରେ ପରିଚିତ ହୋଇଆସୁଛି। ସରକାର ବଦଳୁଛି, ପ୍ରଶାସନିକ ଅଧିକାରୀ ବଦଳୁଛନ୍ତି, ସର୍ବୋପରି ରାଜନେତା ଓ ନିର୍ବାଚିତ ପ୍ରତିନିଧି ମଧ୍ୟ ବଦଳୁଛନ୍ତି ହେଲେ ଗୋଲାମୁଣ୍ଡା ବ୍ଲକର ଭାଗ୍ୟ ବଦଳିପାରୁନାହିଁ। ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ଏବେବି ଗରିବ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନା ଅଛି ହେଲେ ଡାକ୍ତର ନାହାନ୍ତି। କେବଳ ରେଫର ହିଁ ଏକମାତ୍ର ବିକଳ୍ପ ପାଲଟିଛି। ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବରୁ ଏହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ ପରିଚାଳିତ ହେଉଥିଲା। ୨୦୨୦-୨୧ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୂପେ ଘୋଷିତ ହେବା ପରେ ନୂତନ ଡାକ୍ତରଖାନା ପାଇଁ ୫ କୋଟି ଟଙ୍କାର ଅଟକଳ ପରିମାଣରେ କୋଠା ନିର୍ମାଣ ମଧ୍ୟ ଶେଷ ହୋଇଯାଇଛି। ଚଳିତବର୍ଷ ଜାନୁୟାରୀ ମାସ ଠାରୁ ୧୦ ଶଯ୍ୟା ବିଶିଷ୍ଟ ନୂତନ କୋଠାରେ ରୋଗୀମାନଙ୍କ ଚିକିତ୍ସା ଚାଲୁରହିଛି । ଏହି ଡାକ୍ତରଖାନାରେ ୪ ଜଣ ଏମ୍‌ବିବିଏସ୍, ଜଣେ ଆୟୁର୍ବେଦ ଡାକ୍ତର ଓ ଦୁଇ ଜଣ ଅସ୍ଥାୟୀ ଡ଼ାକ୍ତରଙ୍କ ଦ୍ୱାରା ରୋଗୀ ସେବା ଚାଲିଛି। ହେଲେ ଗୋଟିଏ ବି ବିଶେଷଜ୍ଞ ଡାକ୍ତର ନଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଧର୍ମଗଡ଼ ଉପଖଣ୍ଡ ଓ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନ ଥିବାରୁ ଅନେକ ଗରିବ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁ ଥାଇ ବି ବେଶେଷଜ୍ଞ ଡାକ୍ତର ନଥିବାରୁ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଯେତିକି ଡାକ୍ତର ଅଛନ୍ତି ସେଥିମଧ୍ୟରୁ ମଝିରେ ମଝିରେ ଡାକ୍ତର ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେସନରେ ପଠାଯାଉ ଥିବାରୁ ରୋଗୀ ସେବାରେ ବାଧା ଉପୁଜୁଛି। ଡାକ୍ତରଙ୍କ ବ୍ୟତୀତ ଜଣେ କମ୍ପାଉଣ୍ଡର, ଜଣେ ଷ୍ଟାଫ୍ ନର୍ସ ଓ ଜଣେ ଏଏନ୍‌ଏମ୍ ଅଛନ୍ତି। ଏପଟେ ଡାକ୍ତର ମାନଙ୍କ ପାଇଁ ରହିବା କାଠରୀ ନଥିବା ନେଇ ଡାକ୍ତରମାନେ ଅଭିଯୋଗ କରିଛନ୍ତି। ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ନମୁନା ଠିକ ଭାବେ କରାଯାଉ ନଥିବା ଲୋକେ ଅଭିଯୋଗ କରୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଯେହେତୁ ପାଇଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯେଉଁ ସବୁ ସୁବିଧା ସୁଯୋଗ ମିଳିବା କଥା ସବୁ ନମିଳିଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲେଇ ବାକୁ ପଛଘୁଞ୍ଚା ଦେବୁନାହିଁ ବୋଲି ଜନ ସଂଗ୍ରାମ ସମିତିର ସଭାପତି ସାଉଲ ମଙ୍ଗରାଜ ଓ ସମାଜ ସେବୀ ଶ୍ୟାମ ସୁନ୍ଦର ଆଗ୍ରୱାଲ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ହତ୍ୟା ଘଟଣାରେ ଆଉ ଜଣେ କୋର୍ଟଚାଲାଣ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧୀନରେ ଥିବା ଚିଚିଆ ଗ୍ରାମର ମକରଧ୍ୱଜ ନାଏକଙ୍କୁ ନିର୍ମମ ଭାବରେ ହତ୍ୟା କରି ଏକ ଘର ସମ୍ମୁଖରେ ଫିଙ୍ଗି ଦେଇଥିବା ଘଟଣାକୁ କେନ୍ଦ୍ର କରି ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ମୁନା ହଂସଙ୍କୁ ଗତ ୧୪ ମଇ ବୁଧବାର ଦିନ କୋର୍ଟ ଚାଲାଣ କରିଥିବା ବେଳେ ଆଜି ଗୋବିନ୍ଦ ଅଘରିଆଙ୍କୁ କୋର୍ଟଚାଲାଣ କରିଥିବାର ଦେଖିବାକୁ ମିଳିଛି। ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ଗୋବିନ୍ଦ ଅଘରିଆଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଜଣଙ୍କୁ ଛାଡ଼ି ଦେଇଥିବା ଜଣାପଡିଛି। ଗୋବିନ୍ଦ ଅଘରିଆ ମଧ୍ୟ ହତ୍ୟା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ ବୋଲି ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ବଦଳିବ ଯକ୍ଷ୍ମା ପୀଡିତଙ୍କ ଭାଗ୍ୟ

# ବେଦାନ୍ତ ଆଲୁମିନା ଲାଞ୍ଜିଗଡ ସହ ସ୍ୱାସ୍ଥ୍ୟ ପ୍ରଶାସନର ଏମ୍‌ଓୟୁ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀମାନଙ୍କୁ ପୌଷ୍ଟିକ ଆହାର ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ, କଳାହାଣ୍ଡି ଏବଂ ବେଦାନ୍ତ ଆଲୁମିନା, ଲାଞ୍ଜିଗଡଙ୍କ ମଧ୍ୟରେ ୧୫ ତାରିଖ ବୁଧବାର ଦିନ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ୪ ବ୍ଲକ ଯଥା ଭବାନୀପାଟଣା, କେସିଙ୍ଗା, ଲାଞ୍ଜିଗଡ ଏବଂ ନର୍ଲାରେ ଥିବା ୩୦୦ ରୁ ୩୫୦ ଯକ୍ଷ୍ମା ରୋଗୀ ପ୍ରତ୍ୟେକ ମାସ ଏହି ବିରଳ କାର୍ଯ୍ୟକ୍ରମରୁ ଉପକୃତ ହେବେ। ବେଦାନ୍ତ ଆଲୁମିନା ବିଗତ ୨୦୨୩ ମସିହାରୁ ପ୍ରତ୍ୟେକ ମାସ କେସିଙ୍ଗା, ଲାଞ୍ଜିଗଡ ଏବଂ ନର୍ଲା ବ୍ଲକର ପାଖାପାଖି ୨୦୦ ରୁ ୨୨୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୌଷ୍ଟିକ ଆହାର ଯୋଗାଇ ଦେଇ ଆସୁଛି। ଚଳିତବର୍ଷରୁ ଭବାନୀପାଟଣାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଏବଂ ପାଖାପାଖି ଲାଞ୍ଜିଗଡ ବ୍ଲକରେ ମଧ୍ୟ ଏହି ପୌଷ୍ଟିକ ଆହାର ଦେବା ପାଇଁ ସ୍ଥିର କରାଗଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ, କଳାହାଣ୍ଡିଙ୍କ ତରଫରୁ, ଡ଼ା ନିହାରେନ୍ଦ୍ର କୁମାର ପଣ୍ଡା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା), ଦିଲୀପ କୁମାର କୁମାର ଦୁବେ (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ(ଜାତୀୟ ସ୍ୱାସ୍ଥ୍ୟ ମିଶନ), ପ୍ରବୀଣ କୁମାର ସେନାପତି (ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ - ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ) ବେଦାନ୍ତ ଆଲୁମିନା ଲାଞ୍ଜିଗଡ ତରଫରୁ ଶିଶିର ତରଫଦାର ସିଏସଆର୍ ମୁଖ୍ୟ), ବର୍ଣ୍ଣିରାଣୀ ପଟଗୀସ (ଉପ ପ୍ରବନ୍ଧକ ସିଏସଆର), ଡ଼ା. ପ୍ରଶାନ୍ତ କୁମାର ପ୍ରମଣିକ (ମେଡ଼ିକାଲ ଅଫିସର, ଏମଏଚୟୁ ବେଦାନ୍ତ), ଅଶୋକ ଖୋରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ, ମାଗଣା ଔଷଧ ବିତରଣ ତଥା ଚିକିତ୍ସା ପରବର୍ତ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲେ ମଧ୍ୟ ବେଦାନ୍ତ ଆଲୁମିନା ଏତେ ସଂଖ୍ୟାରେ କିଭଳି ଯକ୍ଷ୍ମାରୋଗୀ ମାନଙ୍କୁ ଚିହ୍ନଟ କରି ସାହାଯ୍ୟର ହାତ ବଢେଇବାର ପ୍ରୟାସ କରିଛନ୍ତି। ସେଥିପାଇଁ ବୁଦ୍ଧିଜୀବୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ମାଗଣାରେ ପୁଷ୍ଟିକର ଖାଦ୍ୟ ମିଳିବାର ଖୁସିରେ ଯକ୍ଷ୍ମାରୋଗ ଗ୍ରସ୍ତ ଲୋକମାନେ ଆନନ୍ଦ ପ୍ରକଟ କରିଛନ୍ତି।

## କର୍ଣ୍ଣାଟକରେ ଚମକିଲେ ଓଡ଼ିଆ ପୁଅ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଗତ କିଛି ଦିନ ତଳେ ସିବିଏସ୍‌ଇ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଓଡ଼ିଆ ପୁଅ ପଦ୍ମନାଭ ଖମାରୀ କମାଲ ଦେଖାଇଛନ୍ତି। କର୍ଣ୍ଣାଟକ ପ୍ରଶାନ୍ତିନୀଳୟମ ଶ୍ରୀ ସତ୍ୟ ସାଇ ଏଚ୍‌ଆର୍ ସେକେଣ୍ଡୟାରି ବିଦ୍ୟାଳୟ



ସିବିଏସ୍‌ଇ ପରୀକ୍ଷାରେ ୯୫ପ୍ରତିଶତ ମାର୍କ ରଖି ଯୁକ୍ତ ୨-ରେ ଟପ୍ପର ହୋଇଛନ୍ତି। ଯାହା ଅଞ୍ଚଳ ରାଜ୍ୟ ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି। ସେ ଜଣେ ଡାକ୍ତର ହେବାକୁ ଆଶା ରଖିଥିବା ପ୍ରକାଶ କରିଛନ୍ତି। ଏହି ସଫଳତା ପଛରେ ତାଙ୍କର ଦୈନିକ ୧୭ଘଣ୍ଟାର ପରିଶ୍ରମ ତଥା ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ଗାଇଡ଼ ଓ ପିତାମାତାଙ୍କ ଆଶୀର୍ବାଦ ଥିବା କହିଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁମୁରା ଗ୍ରାମର ବ୍ୟବସାୟୀ ମାର୍କଣ୍ଡ ସ୍ୱର ଖମାରି ଓ ବିଜୟଲକ୍ଷ୍ମୀ ଖମାରିଙ୍କ ସୁପୁତ୍ର ପଦ୍ମନାଭ ଖମାରି। ତାଙ୍କର ଏହି ସଫଳତାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ଖୁସିର ଲହରୀ ଖେଳି ଯାଉଥିବା ବେଳେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।

# ମାଝୀ ଦେବତାଙ୍କ ଜମି ଚିହ୍ନଟ ଦାବି

କୋକସରା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଗ୍ରାମର ମାଟି ଦେବାତା ଓ ଅନ୍ୟ ଦେବଦେବୀଙ୍କ ଜମି ଚିହ୍ନଟ ପାଇଁ ଶୁକ୍ରବାର କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆମପାଣି ମୌଜାର ଖାତା ନଂ ୩୦୪ ନମ୍ବର ପ୍ଲଟ ନଂ ୪୫୮ ମାଟି ଦେବତାଙ୍କ ବିଜେସ୍ଥଳୀ ଭାବେ କେଉଁ ଏକ ଆବାହମାନ କାଳରୁ ୨୦ ଡି.



ରେକର୍ଡ ଦାୟର ରହିଛି। କିନ୍ତୁ ଉକ୍ତ ଜାଗାର ସଠିକ୍ ସୀମା ଜଣାପଡୁନାହିଁ। ଫଳରେ ଦେବାଦେବୀଙ୍କ ପୂଜାପାଠରେ ଅସୁବିଧା ହେଉଛି। ଏବଂ ପାର୍ଶ୍ୱବର୍ତ୍ତୀ ରୟଦ ଅକ୍ତିଆର କରିଥିବା ଭଳି ଜଣାପଡିଛି। ତେଣୁ ଜନ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଆଜି ଆମପାଣି ଗ୍ରାମବାସୀ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଉକ୍ତ ଦେବାଦେବୀଙ୍କ ଜମି ଚିହ୍ନଟ କରିବା ପାଇଁ ନିବେଦନ କରିଛନ୍ତି।

# ଜିଲ୍ଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭାରତର ଏକତା, ଅଖଣ୍ଡତା ଓ ଶାନ୍ତି ପ୍ରତିଷ୍ଠାକୁ ବଜାୟ ରଖିବା ପାଇଁ ଭାରତୀୟ ସେନାଙ୍କର ଅକ୍ଳାନ୍ତ ପରିଶ୍ରମ, ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟ ନିଷ୍ଠା ଅତୁଳନୀୟ। ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତର ବୀର ସୈନିକ ମାନଙ୍କ ସଫଳତା ଓ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ





ତରଫରୁ ଅପରେସନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଥିଲା। ଏହି ଐତିହାସିକ ଶୋଭାଯାତ୍ରା ଜିଲ୍ଲା କାରାଗାର ଛକ, ନୂଆ ବସ୍ ଷ୍ଟାଣ୍ଡ, ଘୋଡ଼ଘାଟ ଛକ,ସତ୍ୟମ୍ ସିନେମା ହଲ, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଦେଇ ପୁରୁଣା ବସ ଷ୍ଟାଣ୍ଡ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ,ସିଆରପିଏଫ ୬୪ ବାଟାଲିୟନ କମାଣ୍ଡେଣ୍ଟ୍ ପଙ୍କଜ ଚୌଧୁରୀ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା,ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ସିଆରପିଏଫ ୬୪ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ପି.କେ.ମିଶ୍ର, ଡେପୁଟି କମାଣ୍ଡେଣ୍ଟ ସଚ୍ଚିଦାନଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ବେସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ପୋଲିସ ବାହିନୀ, ଏନ୍‌ସିସି ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି, ଜନସାଧାରଣ ପ୍ରମୁଖ ଯୋଗଦେଇ ଭାରତୀୟ ସେନାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହାତରେ ତ୍ରିରଙ୍ଗା ଧରି ଭାରତର ସୁରକ୍ଷା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ଦେଶଭକ୍ତି ନାରା ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ ଜୟ କିଷାନ ସ୍ଲୋଗାନ୍‌ରେ ସହର ପ୍ରକମ୍ପିତ କରିଥିଲାବେଳେ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାତଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

## ସିକେରକୁପା-କଦମ୍ବଗୁଡା ରାସ୍ତା ବିପର୍ଯ୍ୟସ୍ତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ସୀମାନ୍ତ ତଥା ଲାଞ୍ଜିଗଡ଼ ବ୍ଲକରୁ ନର୍ଲା ବ୍ଲକକୁ ସିଧାସଳଖ ଯୋଡୁଥିବା ସିକେରକୁପା- କଦମ୍ବଗୁଡା ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ନର୍ଲା ବ୍ଲକ ସମେତ ବ୍ଲକର ଦୁର୍ଗମ ଭୁର୍ଟିଗଡ଼ ପଞ୍ଚାୟତ ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରୁଥିବାବେଳେ ରାସ୍ତା ସାରା ହଜାର ହଜାର ଖାଲଖମା ଭରି ରହିଛି। ୬ କିମି ବିଶିଷ୍ଟ ଏହି ରାସ୍ତାରେ ଦିନ ପ୍ରତିଦିନ ଦୁର୍ଘଟଣା ସଂଖ୍ୟା ବଢ଼ି ଚାଲିଥିବାବେଳେ ଅତ୍ୟନ୍ତ ସଂକୀର୍ଣ୍ଣ ଓ ବୁଲାଣି ରାସ୍ତା ଯୋଗୁଁ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଦୀର୍ଘ ଦିନ ଏହି ରାସ୍ତା ଉଜୁଡି ଯାଇଥିବାବେଳେ ଅନେକ ଦାବି ଓ ଅଭିଯୋଗ ପରେ ବି ରାସ୍ତାର ଅବସ୍ଥା ସୁଧୁରୁନାହିଁ। ଏପରିକି ଉପାନ୍ତ ଅଞ୍ଚଳ ବୋଲି ରାସ୍ତାର ଏହି ଦୁରାବସ୍ଥା ପ୍ରତି ଆଖି ବୁଜିଦେଇଛି କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ। ତେବେ ଏହି ରାସ୍ତାର ଆଉ ଏକ ଅଂଶ କଦମ୍ବଗୁଡାରୁ ନର୍ଲା ରୋଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଥିବାବେଳେ ବର୍ଷେରୁ ଅଧିକ ସମୟ ହେଲା ଏହା ସରିବାର ନାଁ ନେଉନାହିଁ। ଅପରପକ୍ଷରେ, ନିର୍ମାଣ ଓ ମରାମତି ଅଭାବରୁ ସିକେରକୁପା ଓ କଦମ୍ବଗୁଡ଼ା ରାସ୍ତା ଏବେ ବିପଦକୁ ହାତଠାରି ଡାକୁଛି। ଏଣୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନନେଲେ ପରିସ୍ଥିତି ଭୟାବହ ହେବ ଏବଂ ଲୋକେ ଯେ କୌଣସି ମୁହୂର୍ତ୍ତରେ ଆନ୍ଦୋଳନ ମୁହାଁ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

# ଅଚଳାବସ୍ଥାରେ ସୌର ନଳକୂପ, ମିଳୁନି ବିଶୁଦ୍ଧ ପାଣି

ଜୁନାଗଡ଼, ( ଭାସ୍କର ନ୍ୟୁଜ୍) : ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଣିଜରା ଗ୍ରାମ ପଞ୍ଚାୟତର କୁଟେନ ଗ୍ରାମରେ ଲୋକଙ୍କୁ ବିଶୁଦ୍ଧ ପାଣି ପିଇବା ପାଇଁ ଦୁଇଟି ସ୍ଥାନରେ ସୌରଚଳିତ ନଳକୂପ ନିର୍ମାଣ କରାଯାଇଥିଲା। ନିର୍ମାଣର କିଛି ମାସ ଠିକ ଠାକ୍ ଚାଲିଥିଲା। ଲୋକେ ବିଶୁଦ୍ଧ ପିଇବା ପାଣି ପିଉଥିଲେ। ବର୍ତ୍ତମାନ ପ୍ରବଳ ଟାଣ ଖରାରେ ଏବେ ମିଳିପାରୁନି ବିଶୁଦ୍ଧ ପିଇବା ପାଣି। ଦୀର୍ଘ ମାସ ହେଲା ଅଚଳ ଅବସ୍ଥାରେ ପଡି ରହିଥିବା ବେଳେ ଆଉ ଗୋଟିଏ ମଧ୍ୟ ଠିକ୍ ସମାନ ଅବସ୍ଥା। ଲୋକଙ୍କ ସୁବିଧା ପାଇ ଲକ୍ଷ ଲକ୍ଷ ଟଙ୍କାରେ ଏହି ସୌର ଚାଳିତ ନଳକୂପ ନିର୍ମାଣ କରାଯାଇଥିଲା ମାତ୍ର ତାହା ଏବେ ଲୋକଙ୍କ କାମରେ ଆସିପାରୁନାହିଁ। ଗ୍ରାମରେ ଥିବା ଦୁଇଟି ସୌରଚାଳିତ ନଳକୂପ ଅଚଳ ହୋଇଥିବାରୁ ଲୋକେ ବିଶୁଦ୍ଧ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ଗ୍ରାମର ୱାର୍ଡ ମେମ୍ବର ଏହି ଅଚଳ ହୋଇ ପଡି ଥିବା ସୌରଚାଳିତ ନଳକୂପକୁ ମରାମତି କରିବା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ଆଜି କରି ଦେବା କାଲି କରି ଦେବା କହି ଦିନ ଗଡାଇ ନେଉଥିବା ସେ କହିଛନ୍ତି।



# ନିର୍ମାଣ କାର୍ଯ୍ୟ ଓ ସାମଗ୍ରୀ କ୍ରୟରେ ଦୁର୍ନୀତି ଅଭିଯୋଗ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : କୃଷି ଓ କୃଷକ ସଶକ୍ତିକରଣ ପାଇଁ ରହିଛି ଅନେକ ବ୍ୟବସ୍ଥା ଓ ଯୋଜନା। ଧାନ ଫସଲ ଠାରୁ ଆରମ୍ଭ କରି ମଣ୍ଡିରେ ଧାନ ବିକ୍ରି କରିବା ପର୍ଯ୍ୟନ୍ତ ସରକାରୀ ସ୍ତରରେ ମଣ୍ଡି ଗୁଡିକର ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଡିପିଆର ପ୍ରସ୍ତୁତ ହେବା ସହ ମଣ୍ଡି ନିର୍ମାଣ ଓ ବିଭିନ୍ନ ପ୍ରକାର ମେସିନ କିଣାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ନିମ୍ନମାନର ମଣ୍ଡି ନିର୍ମାଣ ତଥା ସାମଗ୍ରୀ କିଣାରେ ବହୁ ଅନିୟମିତତା ଦେଖାଯାଉଥିବା ଅଭିଯୋଗ ହୋଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି କୋକସରା, ଜୟପାଟଣା ଓ କଳମପୁର ବ୍ଲକର ସମସ୍ତ ମଣ୍ଡି ପରିଚାଳନା ତଥା ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟ କରୁଛି। ବର୍ତ୍ତମାନ ପୁରୁଣା ମଣ୍ଡିରେ ମରାମତି, ରକ୍ଷଣାବେକ୍ଷଣ, ନୂତନ ନିର୍ମାଣ ସହ ନୂଆ ମଣ୍ଡି ମାନଙ୍କର ନିର୍ମାଣ କାର୍ଯ୍ୟ ହେଉଛି। କିନ୍ତୁ କୋଟି କୋଟି ଟଙ୍କାରେ





ନିର୍ମାଣ କାର୍ଯ୍ୟ ହେଉଥିବା ମଣ୍ଡି ଅତି ନିମ୍ନ ମାନର କାର୍ଯ୍ୟ ସମ୍ପାଦନ ହେଉଥିବା ଅଭିଯୋଗ ହେଉଛି। କଳମପୁର ବ୍ଲକ ପଣ୍ଡି ଗାଁ ନୂତନ ମଣ୍ଡି ପ୍ରାୟ ଦୁଇ ଏକର ଜାଗାରେ ଦୁଇ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଛି। କିନ୍ତୁ ଠିକାଦାର ବାଲି ବଦଳରେ ମାଟି ବ୍ୟବହାର କରୁଥିବା ବେଳେ ନିର୍ମାଣ କାର୍ଯ୍ୟ ଲେଭଲିଂ ଭଳି କିଛି ନ ଥିବା ଚର୍ଚ୍ଚା ହେଉଛି। ସେ ମଣ୍ଡି କଥା ହେଉ ଅବା ପାଚେରୀ କଥା ସବୁଠି ମନଇଚ୍ଛା କାମ କରାଯାଉଥିବା ଆଲୋଚନା ହେଉଛି। ସେଇଭଳି ଜୟପାଟଣା ବ୍ଲକ ମଙ୍ଗଳପୁର ମଣ୍ଡିରେ ମଧ୍ୟ ଅଳ୍ପ ଗାତ ଖୋଳି ପାଚେରୀ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ହେଲେ ବିଭାଗୀୟ ଅଧିକାରୀ ସବୁ ଜାଣି ଶୁଣି ନିରବ ସାଜିଥିବା ନେଇ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଉଛି। ଏପଟେ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ସମସ୍ତଙ୍କୁ ଚକିତ କରୁଛି। କନିଷ୍ଠ ଯନ୍ତ୍ରୀ ସାରା କଳାହାଣ୍ଡି ଜିଲ୍ଲାର ଦାଇତ୍ୱ ଥିବା ବେଳେ ସେ ଭୁବନେଶ୍ୱରରେ ରହୁଥିବା ନେଇ ଚର୍ଚ୍ଚା ହେଉଛି। କେବଳ ବିଲ କରିବା ପାଇଁ ଆସୁଥିବା କୁହାଯାଏ। ତାଙ୍କ ଅନୁପସ୍ଥିତକୁ ନେଇ କାର୍ଯ୍ୟ ତଦାରଖ ଆଉ ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଯାହା କାର୍ଯ୍ୟାଳୟ କିପରି ଚାଲିଛି ତାହା ସହଜରେ ଅନୁମେୟ। କଳମପୁର ବ୍ଲକ ବିଜମରା ଓ ଦୁଲକୀବନ୍ଧ ମଣ୍ଡି କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବର୍ତ୍ତମାନ ମଣ୍ଡିରେ କୃତ୍ରିମ ପୋଖରୀ ସୃଷ୍ଟି କରିଛି। ଏହା ଗୋଟିଏ କିମ୍ବା ଦୁଇଟି ମଣ୍ଡିର କଥା ନୁହେଁ ପ୍ରାୟ ମଣ୍ଡିରେ ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ବହୁ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଚାଷୀଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉନ୍ନତମାନର ମଣ୍ଡି ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ସତ କିନ୍ତୁ ତୃଣମୂଳରେ ତାହାର ସଫଳ ରୂପାୟନ ହେଉନାହିଁ। ଏକ ପ୍ରକାର ନିୟନ୍ତ୍ରିତ ବଜାର କମିଟି ଦୁର୍ନୀତିର ଗନ୍ତାଘର ପାଲଟି ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ମଣ୍ଡି ପରିଚାଳନା ପାଇଁ ତାରପୋଲିଂ, ଲାଇଟ, ସିସିଟିଭି, ଓଜନ ମେସିନ, ଧାନ ଆଦ୍ରତା ପରୀକ୍ଷାଣ ଯନ୍ତ୍ରାଂଶ, ଲୋଡିଙ୍ଗ ମେସିନ ଭଳି ଅନେକ ସାମଗ୍ରୀ କ୍ରୟ ରେ ନିମ୍ନ ମାନର ସାମଗ୍ରୀ କ୍ରୟ ତଥା ସରକାରୀ ନିୟମକୁ ଉଲଂଘନ କରିଥିବା ଅଭିଯୋଗ କରିଛନ୍ତି ଚାଷୀ। ମେସିନ ଗୁଡିକ ଧାନ କ୍ରୟରେ ବ୍ୟବହାର ହେଉନଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ତାରପୋଲିଂ ଗୁଡିକୁ ମଧ୍ୟ ଯତ୍ନ ରେ ନରଖୁବା ସହ ମଣ୍ଡି ସରିଗଲେ କଳବଜାରୀ ହେଉଥିବା ନଜିର ରହିଛି। ତେବେ ଏ ଦିଗରେ ତଦନ୍ତ ହେଲେ ନିୟନ୍ତ୍ରିତ ବଜାର କମିଟିର ଦୁର୍ନୀତିର ପେଡି ଖୋଲିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ଦାବି ହେଉଛି।

## ରାଶିଫଳ

**ଶନିବାର, ୧୭ ମଇ ୨୦୨୫**



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ, ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ, ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ୍ୟ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ।



**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ୍ୟ ଅଛି।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟମ ହେବ।



**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ୍ୟ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ, ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ୍ୟ ହୋଇପାରେ, ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ।



**ତୁଳା:** ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ। ବିପଜ୍ଜନକ ଚିନ୍ତାଧାରା, ଗତିବିଧି ଏବଂ ସଂଗଠିତ ଠାରୁ ଦୂରରେ ରୁହନ୍ତୁ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।



**ଧନୁ:** ଆଜି, ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଳ୍ପ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ୍ୟ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ୍ୟ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରୀ କରନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଉପସ୍ଥାପନା


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯